Split by PDF Splitter



ବଙ୍ଗଳା ଅଞ୍ଚଳରେ ଏବର୍ଷ କମଳାଲେମ୍ବୁର ଫସଲ ଭଲ ହୋଇ ନ ଥିବାର ଜଣାଯାଉଅଛି ।

ଗୁଜୁରାଟ ଅଞ୍ଚଳରେ ଜ୍ୱରରୋଗର ଦୌରାତ୍ମ୍ୟ ଅତ୍ୟନ୍ତ ଅଧିକ ହୋଇଥିବାର ସମ୍ବାଦ ମିଳଇ । ଅନେକ ଲୋକ ଏ ଯୋଗୁଁ କାଳକବଳରେ ପଡ଼ି ନଷ୍ଟ ହେଉ ଅଛନ୍ତି ।— ଏବର୍ଷ ଜ୍ୱରରୋଗ ଅନେକଲୋକଙ୍କୁ ଭକ୍ଷଣ କରିବ ।

ଶାନ୍ତିପୁର ନଗର ବାବୁ ରାଜେନ୍ଦ୍ରନାଥ ରାୟଙ୍କ ବାଟୀରେ ଗତ ଦୁର୍ଗାପୂଜା ଉପଲକ୍ଷରେ ନବମୀ ରାତ୍ରି ହେଉ ମେଣ୍ଢା ବଳି ପଡ଼ି ସାରିବାରୁ ଲକ୍ଷ୍ମୀନାରାୟଣ ରାୟ ନାମକ ଜଣେ ଲୋକ ହଠାତ୍ ସାରୁଙ୍କ ହାତରୁ ତରବାରି ଛଡ଼ାଇ ନେଇ ରଙ୍ଗ ମିଉନିସିପାଲଟିର ଚେୟାରମେନ ବାବୁଙ୍କ ପୁତ୍ର ଅଡ଼ିକୁ ଧାଇଁ ହୋଇ 'ମା, ଛୋଟ ମେଣ୍ଢା ଲାଗିବ ନାହିଁ ନରବଳି ନିଅ' ବୋଲି କହି ବୁଢ଼ ଜନରେଷ୍ଟ ମାର ପିଲାକୁ ସାଂସାରିକ ଅଘାତ କରିଅଛି । ଚତୁର୍ଥ ପ୍ରହାର ଉଠାଇବା ବେଳକୁ ପଛରୁ ଜଣେ ଲୋକ ତାକୁ ଧରି ପକାଇଲା । ବର୍ତ୍ତମାନ ସେ ବନ୍ଦୀଧୀନରେ ଅଛି । ଲୋକଟା କେଡ଼େ ନୃଶଂସ । ଚେୟାରମେନ ବାବୁଙ୍କ ପୁତ୍ର ଏହାର ଅବାଳତ ଥିଲା ।

ଅମେରିକାର ଷିକାଗୋ ନଗରରେ ଯେଉଁ ପ୍ରକାଣ୍ଡ ପ୍ରଦର୍ଶନୀ ହେଉଅଛି ସେଠାରୁ ନଇୟର୍କ ନଗରକୁ ଟେଲିଫୋନ ତାର ବସିଅଛି । କଥିତ ଅଛି ଏ ପୃଥିବୀମଧ୍ୟରେ ଏତେଦୂର ବାଟ ଟେଲିଫୋନ ଏପର୍ଯ୍ୟନ୍ତ ବସି ନାହିଁ । ଏ ଟେଲିଫୋନଯୋଗେ କଥା ଅତି ସ୍ପଷ୍ଟରୂପେ ଶୁଣାଯାଉ ଅଛି ।

## ପୁରୀ-ସମ୍ବାଦ ।

ଶ୍ୱେତଗଙ୍ଗା ଏଠାର ଗୋଟିଏ ପ୍ରଧାନ ତୀର୍ଥ ଏବଂ ଶାସ୍ତ୍ରବିଦିତ ଅଟେ । ଏହେତୁ ଏଠାର ଲୋକେ ଏବଂ ଯାତ୍ରୀମାନେ ଏ ଠାରେ ସ୍ନାନ କେହୁ ବା ଜଳ ସେଚନ କରନ୍ତି ଏକୁ ଗତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଉକ୍ତ ତୀର୍ଥର ଚତୁଃପାର୍ଶ୍ୱ ବାଡ଼ଦ୍ୱାର ବନ୍ଦ ହୋଇ, କେହି ଏଠାରେ ଜଳ ସ୍ପର୍ଶ ସୁଦ୍ଧା କରିପାରିବେ ନାହିଁ, ଏପରି ପୁରୁନ ମିଉନିସିପାଲଟୀ ଦ୍ୱାର ପ୍ରଚାରିତ ହୋଇଥିବାରୁ ଏବଂ ପୁଲିସ ଜଗି ଥିବାରୁ ଲୋକମାନେ ତୀର୍ଥସ୍ଥଳକୁ ଯାଇ ହତାଶବଦନରେ ଫେରି ଯାଇଥିଲେ ।

ଗତମାସ ତା ୧୭ ରିଖରେ ଏଠା ସଂସ୍କୃତ ବିଦ୍ୟାଳୟର ଦ୍ୱିତୀୟ ପଣ୍ଡିତ ଗୋବିନ୍ଦମିଶ୍ର ଇହଲୋକ ପରିତ୍ୟାଗ କରିଅଛନ୍ତି । ତାଙ୍କ ଦଣ୍ଡବତ ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରି ଆସି ଗୃହଦ୍ୱାରରେ ବସିବା ସମୟରେ ଏ ମହାତ୍ମାଙ୍କର ପ୍ରାଣବାୟୁ ବହିର୍ଗତ ହୋଇ ଯାଏ ।

ଗତ ତା ୨୮ ରିଖରେ ଶ୍ୱେତଗଙ୍ଗାର ଜୀର୍ଣ୍ଣୋଦ୍ଧାରାର୍ଥେ ସୁଦାକ୍ଷିଣ୍ୟ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କ ଦ୍ୱାରା ମିଉନିସିପାଲଟୀ ଗୃହରେ ଗୋଟିଏ କମିଟୀ ହୋଇଥିଲା । ଗଡ଼ଜାତ, ମହନ୍ତ, ପଣ୍ଡା, ପଢ଼ିଆରି ପ୍ରଭୃତି ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସଭାସ୍ଥଳରେ ଉପସ୍ଥିତ ଥିଲେ ।

ଅଦ୍ୟାବଧି ଏଠାରେ ଉତ୍ତାପ ମୋଟାମୋଟି ସେ ୫୫ ର ଏବଂ ଶୀତଳ ସେ ୭ ର ତଳରେ ବର୍ଣ୍ଣିତହେଉଅଛି । ଇତି ।

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

ମହାଶୟ !

ବାଲେଶ୍ୱରଜିଲ୍ଲାର ସ୍କୁଲ ସବଇନସ୍ପେକ୍ଟର ବାବୁ ରମାନାଥ ଦାସ ଯେତେବେଳେ ଉକ୍ତ ଜିଲ୍ଲାର ଉତ୍ତରାଞ୍ଚଳରେ କାର୍ଯ୍ୟ କରୁଥିଲେ ସେତେବେଳେ ସ୍ୱୀୟ ଅଧୀନସ୍ଥ ବିଦ୍ୟାଳୟମାନଙ୍କରେ ସ୍ୱରଚିତ ଗୀତମାଳା ଓ ସରଳକ୍ଷେତ୍ରପରିମାଣ ପୁସ୍ତକ ଦ୍ୱୟକୁ ସମଶ୍ରେଣୀର ଅନ୍ୟ ପୁସ୍ତକ ପରିବର୍ତ୍ତରେ ପ୍ରଚଳିତ କରାଇଥିଲେ । ପ୍ରାୟ ଏକବର୍ଷ ହେବ ସେ ଉକ୍ତ ଜିଲ୍ଲାର ଦକ୍ଷିଣାଂଶକୁ ଅର୍ଥାତ୍ ଭଦ୍ରକ ସବଡିଭିଜନକୁ ସ୍ଥାନାନ୍ତରିତ ହୋଇ ଆସିଅଛନ୍ତି । ପୂର୍ବେ ଭଦ୍ରକର ଅନେକ ବିଦ୍ୟାଳୟରେ ଛନ୍ଦମାଳା ପଠିତ ହେଉଥିଲା । ବର୍ତ୍ତମାନ ଦେଖିଲୁଁ ଉକ୍ତ ସ୍ଥାନ ଗୀତମାଳ ଅଧିକାର କରିଅଛି । ଏହିପରି ପରିବର୍ତ୍ତନର କାରଣ ଶିକ୍ଷକଙ୍କୁ ପଚାରିବାରେ ସେ କହିଲେ ରମାନାଥ ବାବୁଙ୍କ ଆଦେଶରେ ଏହିପରି ହୋଇଅଛି । ଶିକ୍ଷାବିଭାଗୀୟ ଡାଇରେକ୍ଟରଙ୍କ ଆଦେଶ ଅଛି—ନିର୍ଦ୍ଧାରିତ ପୁସ୍ତକଲିଷ୍ଟରୁ ସମଶ୍ରେଣୀର ପୁସ୍ତକମାନଙ୍କ ମଧ୍ୟରୁ, ଡିଷ୍ଟ୍ରିକ୍ଟବୋର୍ଡ ଜମା ସ୍କୁଲର ସମ୍ପାଦକମାନେ ଯେ କୌଣସି ପୁସ୍ତକ ବ୍ୟବହାର କରିଇ ପାରିବେ । ପୂର୍ବେ ଯେଉଁ ସ୍ଥାନରେ ଛନ୍ଦମାଳା ବ୍ୟବହୃତ ହେଉଥିଲା ତାହା ପରିବର୍ତ୍ତରେ ରମାନାଥ ବାବୁ ସ୍ୱୀୟ ପୁସ୍ତକ ଗୀତମାଳା ସ୍ୱତଃପ୍ରବୃତ୍ତ ହୋଇ ଚଳାଉଅଛନ୍ତି । କୋଇଲସ୍ୱର ସଙ୍ଗେ ତାମସ କାଉସ୍ୱରର ଯେଉଁ ପ୍ରଭେଦ, ଛନ୍ଦମାଳା ସଙ୍ଗେ ଗୀତମାଳାର ସେହିପରି ପ୍ରଭେଦ । ଅଥଚ ଗୀତମାଳାର ମୂଲ୍ୟ ଛନ୍ଦମାଳାର ମୂଲ୍ୟଠାରୁ ଦେଢ଼ଗୁଣରୁ ଅଧିକ । ରାଜା ବୈକୁଣ୍ଠନାଥ ଦେ ବାହାଦୂରଙ୍କ ତୁଲ୍ୟ ବିଚକ୍ଷଣ ବ୍ୟକ୍ତି ବାଲେଶ୍ୱରଡିଷ୍ଟ୍ରିକ୍ଟବୋର୍ଡର ଭାଇସଚେୟାରମେନ ଥାଉଁ ଏପରି ସ୍ୱେଚ୍ଛାଚାର କିପରି ପ୍ରଶ୍ରୟ ପାଉଅଛି ବୁଝା ଯାଉ ନାହିଁ । ପୂର୍ବେ ରମାନାଥ ବାବୁଙ୍କ ସରଳ କ୍ଷେତ୍ରପରିମାଣ ସମଶ୍ରେଣୀର ପୁସ୍ତକ ସଙ୍ଗେ ସମମୂଲ୍ୟ ଥିଲା । ପୂର୍ବେ କଟକଜିଲ୍ଲାରେ ଏହି ପୁସ୍ତକର ସେପରି ପ୍ରଚଳନ ନ ଥିଲା । କଟକର ବର୍ତ୍ତମାନ ଡେପୁଟୀ ଇନସ୍ପେକ୍ଟରଙ୍କ ସମୟରୁ ଏହାର ପ୍ରଚଳନ ବିସ୍ତୃତି ଲାଭ କରୁଅଛି । ଉକ୍ତ ଡେପୁଟୀ ଇନସ୍ପେକ୍ଟର ମହାଶୟ ରଓ୍ୟାର୍ଡଫଣ୍ଡରୁ ସମଶ୍ରେଣୀର ଅନ୍ୟ ପୁସ୍ତକ ପରିବର୍ତ୍ତରେ କେବଳ ଉକ୍ତ ପୁସ୍ତକ କ୍ରୟ କରିଅଛନ୍ତି । କଟକ ଏବଂ ବାଲେଶ୍ୱର ଜିଲ୍ଲାରେ ଉକ୍ତ ପୁସ୍ତକର ଅଧିକ ପ୍ରଚଳନ ହେବାର ଦେଖି ରମାନାଥ ବାବୁ ନୂତନ ସଂସ୍କରଣରେ ସ୍ୱୀୟ ପୁସ୍ତକର ମୂଲ୍ୟ ବୃଦ୍ଧି କରିଅଛନ୍ତି । ସୁଲଭ ଅଥଚ ଉତ୍କୃଷ୍ଟ ପୁସ୍ତକ ଛନ୍ଦମାଳା ଓ ସୀତାନାଥଙ୍କ ସରଳପରିମିତି ଏବଂ ଚକ୍ରଧରଙ୍କ ସରଳ କ୍ଷେତ୍ରପରିମାଣ ପରିବର୍ତ୍ତରେ ନିମ୍ନଶ୍ରେଣୀର ଅଧିକ ମୂଲ୍ୟର ଗୀତମାଳା ଓ ସରଳ କ୍ଷେତ୍ରପରିମାଣର ପ୍ରଚଳନ ବିଷୟରେ ବାଲେଶ୍ୱର ଡିଷ୍ଟ୍ରିକ୍ଟବୋର୍ଡ ଏବଂ କଟକର ଡେପୁଟୀ ଇନସ୍ପେକ୍ଟର ମହାଶୟ କାହିଁକି ସାହାଯ୍ୟ କରୁଅଛନ୍ତି ବୁଝା ଯାଉ ନାହିଁ । ଯଦ୍ୟପି ଭ୍ରମବଶତଃ ତାହା କରିଥାନ୍ତି ପ୍ରାର୍ଥନା କରୁଅଛୁଁ ତାହା ସଂଶୋଧନ କରି ରମାନାଥ ବାବୁଙ୍କ ସ୍ୱେଚ୍ଛାଚାର ସୀମାବଦ୍ଧ କରନ୍ତୁ ।

ଶ୍ରୀ କଣ୍ଟକ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ମାଣିକଲାଲ ଓ ବାବୁ ନୀଳମଣି ଲାଲ କଟକ | | ଟ ୧ ୯ |
| " ହରିହର ମହାପାତ୍ର | " | ଟ ୨ ୯ |
| " ବୃନ୍ଦାବନ ଦାସ | " | ଟ ୨ ୯ |
| " ସୁଦର୍ଶନ ମହାପାତ୍ର | ଲକ୍ଷଣପୁର | ଟ ୨ ୯ |
| ରାଜା କଳେଶ୍ୱରସିଂ | | ଟ ୬୯ |
| ବାବୁ କୃପାସିନ୍ଧୁ ମହାନ୍ତି ଘୁଷୁ | | ଟ ୩ |
| ଭାଗବତ ଦାସ ମୋକ୍ତାର କଟକ | | ଟ ୧ ୯ |

# ବିଜ୍ଞାପନ ।

**ପୁରୀଧାମର ଶ୍ରୀ ଶ୍ରୀ ଜଗନ୍ନାଥଜୀଉଙ୍କ ମନ୍ଦିରର ସଂସ୍କରଣବିଷୟକ ସୂଚନା ।**

| | | | |
|---|---|---|---|
| ରାୟ ସୁରେନ୍ଦ୍ରଚନ୍ଦ୍ର ଦାସ ବାହାଦୂର ମେଦିନୀପୁର | | ଟ | ୧୫ |
| ବାବୁ ନୀଳମଣି ବିଦ୍ୟାରତ୍ନ, ଦେଓଗଡ଼ବାମଣ୍ଡା | | ଟ | ୫୦ |
| ସୁବାଦାର ରଘୁବରମ୍ | କାନପୁର | ଟ | ୫ |
| ହଓ୍ୟାଲଦାର ଲଚ୍ଛୁରାମ ଶାସ୍ତ୍ରୀ | " | ଟ | ୫ |
| ବାବୁ ପ୍ରତାପଚନ୍ଦ୍ର ବୈଶାଖ ବମ୍ବେ | | ଟ | [illegible] |
| " କୃଷ୍ଣନାଥ ଗୋସ୍ୱାମୀ ମାଲଦା | | ଟ | ୨। |
| " ଯଶୋଦାଲାଲ ରାୟ ଚୌଧୁରୀ ଢାକା | | ଟ | ୧୧୩ |
| " ରୋହିଣୀକୁମାର ନାଥ ଜଙ୍ଗିପୁର | | ଟ | ୧୭ |
| " ଶ୍ରୀମତୀ ତ୍ରୈଲୋକ୍ୟମୋହିନୀ ଦେବୀ କଲିକତା | | ଟ | ୧୦ |
| ବାବୁ ଗିରୀଶଚନ୍ଦ୍ର ବକ୍ସି ଭଡ଼କପୁର | | ଟ | ୧୧ |
| " ମନମୋହନ ବୈଶାଖ୍ ଢାକା | | ଟ | ୧୬ |
| " ଗୌରହରି ବୈଶାଖ | " | ଟ | ୩ |
| " ଭବାନୀପ୍ରସାଦ ଦାସ ବାଲେଶ୍ୱର | | ଟ | ୨ |
| ମୁନ୍ସି କାଳୀପ୍ରସାଦ ଗୁଆଲିଅର | | ଟ | ୧୦ |
| ବାବୁ ରାମଶଙ୍କର ଶାର ରାଇଗଞ୍ଜ | | ଟ | ୧ |
| " ଏ, ସି, ପାଲ ପିଅବୋର | | ଟ | ୨ |
| ଶ୍ରୀମତୀ ଭବରେଖା ଦାସୀ ସିଲେଟ | | ଟ | ୪ |
| ବାବୁ ରାମଲାଲ ଘୋଷ ବି, ଏଲ, ହୁସଙ୍ଗାବାଦକାଣ୍ଡାଇ | | ଟ | ୫୦ |
| " କୈଲାଶଚନ୍ଦ୍ର ଶୀଲ | ହୁଗଲି | ଟ | ୨ |
| " ମଧୁସୂଦନ ମଲ୍ଲିକ | " | ଟ | ୨ |
| " ଭୋଲାନାଥ ମଲ୍ଲିକ | " | ଟ | ୫ |

Digitized by srujanika@gmail.com

| | | | |
|---|---|---|---|
| „ ରତନଲାଲ ସିଲ | „ | ଟ | ୧୧ |
| „ କାଳୀକୁମାର ଦତ୍ତ | „ | ଟ | ୨ |
| „ ସନାତନ ଶୀଲ | „ | ଟ | ୨ |
| „ ବୈକୁଣ୍ଠନାଥ ମଲ୍ଲିକ | „ | ଟ | ୧ |
| „ ବ୍ରଜବଲ୍ଲଭ ଅଢ୍ୟ | „ | ଟ | ୫ |
| „ କହ୍ନାଇଲାଲ ଶୀଲ | „ | ଟ | ୫ |
| „ ହେଲାଥ ଚକ୍ରବର୍ତ୍ତୀ | „ | ଟ | ୧ |
| „ ସନାଥ ପାଲ | „ | ଟ | ୧ |
| „ କପିଳବହାଦ୍ଦ ପାଇନ୍ | „ | ଟ | ୧ |
| „ ନନ୍ଦଲାଲ ମଲ୍ଲିକ | „ | ଟ | ୧ |
| „ ଜଶୋଦାଲାଲ ଦେ | „ | ଟ | ୧ |
| „ ଶ୍ରୀନାଥ ପାଲ ବି, ଏଲ୍ | „ | ଟ | ୫ |
| „ ରାମନାଥ ଶୀଲ | „ | ଟ | ୧ |
| „ ଅଭୟଚରଣ ମଣ୍ଡଳ | „ | ଟ | ୧ |
| „ ସଲ୍ବବହାଦ୍ଦ ଦେ | „ | ଟ | ୨୫ |
| „ ବନ୍ଧୁଲାଲ ନନ୍ଦୀ | „ | ଟ | ୨ |
| „ ହିରାଲାଲ ମଲ୍ଲିକ | „ | ଟ | ୧ |
| „ ବିପ୍ରଚରଣ ମଲ୍ଲିକ | „ | ଟ | ୨ |
| „ ଅପୂର୍ବଚରଣ ମଲ୍ଲିକ | „ | ଟ | ୧ |
| „ ଦେବେନ୍ଦ୍ରନାଥ ଦେ | „ | ଟ | ୨ |
| „ ଶାରଦାପ୍ରସାଦ ଦାସ | „ | ଟ | ୧ |
| „ କଳେଶ୍ୱର ମଲ୍ଲିକଙ୍କ ବାସ | | | |
| ସମ୍ମୁଖ ଅବତାର ବାଳକମାନେ | „ | ଟ | ୭୷୵୨ |
| ଶ୍ରୀମତୀ ରଣୀ ଦାସୀ | „ | ଟ | ୨୫ |
| „ ଅଭୟମଣୀ ଦାସୀ | „ | ଟ | ୧ |
| „ ଇନ୍ଦୁମଣୀ ଦାସୀ | „ | ଟ | ୨ |
| „ ନୃତ୍ୟମଣୀ ଦାସୀ | ହୁଗୁଲି | ଟ | ୬। |
| „ ଶରତକୁମାରୀ ଦାସୀ | „ | ଟ | ୧ |
| „ ଫୁଲକୁମାରୀ ଦାସୀ | „ | ଟ | ୧ |
| ବାବୁ ଯାଦବଚନ୍ଦ୍ର ଦାସଙ୍କ ସ୍ତ୍ରୀ | „ | ଟ | ୧ |
| ଡାକ୍ତର ଅକ୍ଷୟକୁମାର ଦୁଗୀଙ୍କ ମାତା | „ | ଟ | ୫ |
| ବାବୁ କାଳୀକୁମାର ଦତ୍ତଙ୍କ ଗୃହିଣୀ | „ | ଟ | ୧ |
| „ ଅନନ୍ତପ୍ରସାଦ ମଲ୍ଲିକଙ୍କ ସ୍ତ୍ରୀ | „ | ଟ | ୧ |
| „ ସିଦ୍ଧେଶ୍ୱର ବାନର୍ଜ୍ଜୀ | „ | ଟ | ୨ |
| „ ସିଦ୍ଧେଶ୍ୱର ମଲ୍ଲିକଙ୍କ ସ୍ତ୍ରୀ | „ | ଟ | ୨ |
| ଏକଟଲାକ୍ସ ନୂତନ ଭଣ୍ଡା | „ | ଟ | ୪ |
| ମେଠ ପ୍ରଭୃତି | ହୁଗୋବାଦ | ଟ | ୫୦ |
| „ ବହାଦଲାଲ | „ | ଟ | ୫୦ |
| „ ପାନାଲାଲ | „ | ଟ | ୨୫ |
| ପଣ୍ଡିତ ଶୁକ ଦେବ ପ୍ରସାଦ | „ | ଟ | ୨୫ |
| ବାବୁ ଜଗବନ୍ଧୁ ଦେବ | କାନ୍ଥି | ଟ | ୨ |
| „ ପ୍ରାଣହାରୀ ମିତ୍ର | „ | ଟ | ୧ |
| „ ଚଣ୍ଡୀଚରଣ ବାନର୍ଜ୍ଜୀ | „ | ଟ | ୧ |
| „ ଶ୍ରୀ କୃଷ୍ଣଚନ୍ଦ୍ର ଚୌଧୁରି | „ | ଟ | ୫ |
| „ ରମଲାଲ ବାବୁ | „ | ଟ | ୨ |
| „ ରାମଚନ୍ଦ୍ର ଦତ୍ତ | „ | ଟ | ୫ |
| „ ଯୋଗେନ୍ଦ୍ରଚନ୍ଦ୍ର ବାନର୍ଜ୍ଜୀ | „ | ଟ | ୪ |
| „ କୃଷ୍ଣ ବାନର୍ଜ୍ଜୀ | „ | ଟ | ୪ |
| „ ମଧୁସୂଦନ ବସୁ | „ | ଟ | ୪ |
| „ ପୂର୍ଣ୍ଣଚନ୍ଦ୍ର ବାନର୍ଜ୍ଜୀ | „ | ଟ | ୧ |
| „ ହରମୋହନ ମଲ୍ଲିକ | „ | ଟ | ୫ |
| „ ଚନ୍ଦ୍ରକାନ୍ତ ଦାସ | „ | ଟ | ୧ |

କ୍ରମଶଃ ।

| | | | |
|---|---|---|---|
| „ ହରନାରାୟଣ ମୁଖର୍ଜ୍ଜୀ | „ | ଟ | ୪ |
| „ ଶଚୀନନ୍ଦନ ଦତ୍ତ | „ | ଟ | ୨ |
| „ ଅତୁଲ କୃଷ୍ଣ ପାଇନ୍ | „ | ଟ | ୨ |
| „ ରଘୁନାଥ ବସୁ | „ | ଟ | ୧ |
| „ ରାମଲାଲ ମୁଖର୍ଜ୍ଜୀ | „ | ଟ | ୨ |
| „ ଉମେଶଚନ୍ଦ୍ର ମିତ୍ର | „ | ଟ | ୧୫ |
| „ ଶିବରାମ ବାନର୍ଜ୍ଜୀ | „ | ଟ | ୧ |
| „ ସତେନ୍ଦ୍ର ଚନ୍ଦ୍ର ଚାଟର୍ଜ୍ଜୀ | „ | ଟ | ୧ |
| „ ଗୋପୀକୃଷ୍ଣ ସିଂହ | କାନ୍ଥି | ଟ | ୧ |
| „ ତାରକନାଥ ଚକ୍ରବର୍ତ୍ତୀ | „ | ଟ | ୧ |
| „ କୃଷ୍ଣଲାଲ ଦତ୍ତ | „ | ଟ | ୧ |
| „ ଗୌରକିଶୋର ଚନ୍ଦ୍ର | „ | ଟ | ୨ |
| „ ଶମ୍ଭୁଚନ୍ଦ୍ର ବସୁ | „ | ଟ | ୨ |
| „ କମଲକୃଷ୍ଣ ଦାସ | „ | ଟ | ୨ |
| „ ରାମ ରାମ ଚନ୍ଦ୍ର | „ | ଟ | ୨ |
| „ ଲକ୍ଷ୍ମୀନାରାୟଣ ଦାସ | „ | ଟ | ୨ |
| „ ଚନ୍ଦ୍ରକୁମାର ବସୁ | „ | ଟ | ୨ |
| „ ପ୍ରାଣବଲ୍ଲଭ ଦାସ | „ | ଟ | ୧ |
| „ ମନମୋହନ ସିଂହ | „ | ଟ | ୧ |
| „ ପ୍ରାଣକୃଷ୍ଣ ଦାସ | „ | ଟ | ୧ |
| „ କାଳୀଦାସ ମିତ୍ର | „ | ଟ | ୧ |
| „ ରାମଗୋପାଳ ପାଇନ୍ | „ | ଟ | ୧ |
| „ ଗୌରକୃଷ୍ଣାନନ୍ଦ ଠାକୁର | „ | ଟ | ୫ |
| „ ସର୍ବ୍ବାନନ୍ଦ ଠାକୁର | „ | ଟ | ୫ |
| „ ରାଧିକାନନ୍ଦ ଠାକୁର | „ | ଟ | ୧୦ |
| ଶ୍ରୀମତୀ ହରମଣୀ ଦାସୀ | „ | ଟ | ୨ |
| ବାବୁ ଲକ୍ଷ୍ମୀ ନାରାୟଣ ଚନ୍ଦ୍ର | „ | ଟ | ୧ |
| „ ସୀତାନାଥରାମ ମୁଖର୍ଜ୍ଜୀ | „ | ଟ | ୧ |
| „ କ୍ଷେତ୍ରନାଥ ପ୍ରସାଦ ସିଂହ | „ | ଟ | ୧ |
| „ ସାନନ୍ଦଲାଲ ବାନର୍ଜ୍ଜୀ | „ | ଟ | ୨ |
| „ ସୁରେଶଚନ୍ଦ୍ର ବାନର୍ଜ୍ଜୀ | „ | ଟ | ୧ |

# ନୂତନ ପୁସ୍ତକ

## ବୁଢ଼ାବର

କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଦୁଇ-ଅଣା । ମୋଫସଲକୁ ଡାକମାସୁଲ ଖଣ୍ଡକୁ ଦୁଇପଇସା ।

*Extract from a letter of Babu Radhanath Roy dated 14th October 1892 addressed to the author.*

( Need I repeat that as a comedy I consider it quite a finished piece. )

୧୮୯୩ ଓ ସନ ୧୮୯୪ ସାଲର ଅପର-ପ୍ରାଇମେରୀ ପରୀକ୍ଷାର ପାଠ୍ୟ କବିତାକୁସୁମର ସଂଶୋଧିତ ଚତୁର୍ଥସଂସ୍କରଣ ପ୍ରକାଶିତ ହୋଇ-ଅଛି । ମୂଲ୍ୟ ଦୁଇଅଣା । ଏହି ସଂସ୍କରଣରେ ଦୁରୂହମାନ ସଂଶୋଧିତ ଓ ସ୍ଥଳବିଶେଷ ଆବଶ୍ୟକ-ବୋଧରେ ପରିବର୍ତ୍ତିତ ଏବଂ ଶେଷାଂଶରେ ବାହୁଲ୍ୟଭାବରେ ଅର୍ଥ, ଛନ୍ଦପାଠ ଓ ଅନ୍ୱୟ-କରଣ କରି ପ୍ରଦତ୍ତ ହୋଇଅଛି ।

ଛାତ୍ର ପରୀକ୍ଷାର ପାଠ୍ୟ ଚିତ୍ତାଯୁପାଠ ଏବଂ ବର୍ଣ୍ଣନପ୍ରବେଶର ସଂଶୋଧିତ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି । ଚିତ୍ତାଯୁପାଠର ମୂଲ୍ୟ ଟ ୦ ।୵ ଏବଂ ବର୍ଣ୍ଣନପ୍ରବେଶର ମୂଲ୍ୟ ଟ ୦୵୬ ।

୧୮୯୩ ଓ ୧୮୯୪ ସାଲର ଛାତ୍ରବୃତ୍ତି ଓ ମାଇନର ପରୀକ୍ଷାର ପାଠ୍ୟ ସଂଶୋଧିତ ଓ ପରି-ବର୍ଦ୍ଧିତ ପ୍ରାକୃତିକଭୂଗୋଳପାଠ ଓ ସୁଲଭ-ପଦାର୍ଥବିଦ୍ୟାର ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି । ପ୍ରାକୃତିକଭୂଗୋଳପାଠର ମୂଲ୍ୟ ଟ ୦ ।୵ ଏବଂ ସୁଲଭପଦାର୍ଥବିଦ୍ୟାର ମୂଲ୍ୟ ଟ ୦ ।୵ ।

ସୀତାନାଥବସୁଙ୍କ ପ୍ରଣୀତ ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ପ୍ରକାଶିତ ହୋଇଅଛି । ମୂଲ୍ୟ ଏକଅଣା ମାତ୍ର । ଏହି ପୁସ୍ତକ କଣ୍ଟିକ ବାଳକ-ମାନଙ୍କ ସୁଖପାଠ୍ୟ ହେବାରୁ ଅଳ୍ପଦିନ ମଧ୍ୟରେ ପ୍ରଥମ ସଂସ୍କରଣ ନିଃଶେଷ ପ୍ରାୟ ହୋଇଅଛି । ଏହା ଏପରି ଉପଯୋଗୀ ହୋଇଅଛି ଯେ ଅନେକ ଶିକ୍ଷକ ସ୍ୱାସ୍ଥ୍ୟସାଧନ ପରିବର୍ତ୍ତେ କେବଳ ଏହି ପ୍ରଶ୍ନୋତ୍ତର ବାଳକମାନଙ୍କୁ ପଢ଼ାଇ ଅଭୀଷ୍ଟ ସିଦ୍ଧ କରୁଅଛନ୍ତି ।

ସଂକ୍ଷିପ୍ତ ଭାରତଇତିହାସର ସମ୍ପ୍ରତି ୪ ର୍ଥ ସଂସ୍କରଣ ଯନ୍ତ୍ରସ୍ଥ ହୋଇଅଛି ଶୀଘ୍ର ପ୍ରକାଶିତ ହେବ । ମୂଲ୍ୟ ଟ ୦ ୵୩ ଅଣା ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।


ଡବାଏ ପ୍ରାଏଭ ଏକମାତ୍ର ଅଣା ।

ଟି, ରାଏଲେଟ ଏଣ୍ଡ କୋମ୍ପାନୀଙ୍କର

ଧାତୁ ଦୌର୍ବଲ୍ୟ ଓ ମେହ ପ୍ରମେହର ଏକମାତ୍ର ମହୌଷଧ ।

ଟିବିଲିଟି ଡ୍ରପ ।

ସ

ଡାକ୍ତର, କବିରାଜ ପ୍ରଭୃତି ଯେଉଁ ମେହରୋଗକୁ ଅସାଧ୍ୟ ବୋଲି ସ୍ଥିର କରିଥିଲେ । ଅନେକ ଆଉ ରୋଗ ସହିବ ଲରସେନ ଓ ଅସେପତା ରୋଗ ପ୍ରଭୃତି ଶିକାଗୁରୁମାନଙ୍କର ମହାଲୋକମାନରେ ଆଦୃତ ପାଇ୍ର ପ୍ରକୃତ ଔଷଧ ଯାହା ସ୍ଥିର ହୋଇଅଛି ସେ ସକଳ ସାହାଯ୍ୟରେ ଏହି ମହୌଷଧ ଅବସ୍ଥିତ । ଯେଉଁମାନେ ଧାତୁଦୌର୍ବଲ୍ୟ ପୀଡ଼ାରେ କଷ୍ଟ ପାଉଅଛନ୍ତି ଏବଂ ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହ ଅବଶ୍ୟ ହୁଏ ନାହିଁ ବୋଲି ଯାହାଙ୍କର ହୃଦୟରେ ଦୃଢ଼ବିଶ୍ୱାସ ଜନ୍ମିଅଛି ସେମାନେ ଥରେ ଏ ଔଷଧ ପରୀକ୍ଷାକରି ଦେଖନ୍ତୁ ଏହା କେବଳ ଧାତୁ ଦୌର୍ବଲ୍ୟ ( ଅପରିପକ୍ୱ ପରସ୍ପର କା ଅବିଲେଷ୍ୟା ଇତ୍ୟାଦି ) ରୋଗରେ ନାନାବିଧ


Digitized by srujanika@gmail.com

ଲଡ଼ାଙ୍କୁ କମ୍ବା ହସ୍ତମୈଥୁନାଦ୍ଦ କଷ୍ଟଦ୍ଦ ନାନା ପୀଡ଼ା, ମେହ ପ୍ରମେହାଦ ୨୦ ପ୍ରକାର ମେହ, କଷ୍ଟମୂତ୍ର ଧାତୁଂ ପୀଡ଼, ଧ୍ୱଜଭଙ୍ଗ ଇନ୍ଦ୍ରିୟ ଶୈଥିଲ୍ୟ, ସ୍ତ୍ରୀସହବାସରେ ଅକ୍ଷମତା ଶୁକ୍ର ତରଳତା, ଅଳ୍ପ ବା ବିନା ଉତ୍ତେଜନାରେ ରେତଃପାତ, ଲଜ୍ଜା କଲେ ଅନୁଦ୍ଦମନ, ସ୍ୱପ୍ନଦୋଷ, ପ୍ରସ୍ରାବର ପୂର୍ବ ବା ପରରେ ବାନ୍ଧିଲେ ୨ ମୂତ୍ରକଣ୍ଡୁବନ୍ତ ବା ସପୂଜଧାତୁ ନିର୍ଗତ, ଲଇଲେ କ୍ଷତ, ପ୍ରସ୍ରାବରେ ଜ୍ୱାଳାକର, ମୂତ୍ରମୂର୍ଚ୍ଛା ପ୍ରସ୍ରାବ ଓ ତହିଁର ବର୍ଣ୍ଣ ଲାଲ ବା ଗୋଲିଆ । ତଳପେଟରେ ବେଦନା, ସର୍ବଦା ଆଳସ୍ୟ, କ୍ଷୁଧାମାନ୍ଦ୍ୟ, କୋଷ୍ଠବଦ୍ଧ ଶିରଃପୀଡ଼ା, ମସ୍ତକଘୂର୍ଣ୍ଣନ, ଚକ୍ଷୁଦାହ, ମୃଗିରୋଗ, ଦୃଷ୍ଟିମ୍ଳାନତା, କମ୍ପନ, ହାତଗୋଡ଼ ଜ୍ୱାଳା ଇତ୍ୟାଦି ( ସ୍ତ୍ରୀ ଓ ପୁରୁଷଙ୍କ ) ବହୁତଧାତୁ ମୂତ୍ରସମ୍ବନ୍ଧୀୟ ଯାବତୀୟ କଠିନ ବ୍ୟାଧି, ସେବୋନ୍ମତର ନୂତନ ଓ ଇନ୍ଫ୍ଲେନ୍ଜ ଏକମାସ ସେବନ କଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ଭକ୍ତ. ମାଂସ, ଶୁକ୍ର, ଇନ୍ଦ୍ରିୟ ବାର୍ଯ୍ୟ ବୃଦ୍ଧି ହେବ । ଅଯଥା ଅତ୍ୟାସକ୍ତରେ ଧାତୁଗତ ରୋଗ ଥିବ ହେବ ନାହିଁ । ଏକମାସ ସେବନୋପଯୋଗୀ ଔଷଧ ଶିଶି ଟ ୨ ଦୁଇଟଙ୍କା । ପ୍ୟାକିଂ ଟ ୦ । ଚାରିଅଣା । ଔଷଧପ୍ରାପ୍ତି ଠିକଣା, ।—

ଚ, ପାଲେଟ ଏଣ୍ଡ କୋ

୧୧ ନମ୍ବର କଲେଜଷ୍ଟ୍ରିଟ, କଲିକତା ।

---

# ବିଶୁଦ୍ଧ

## ମଧ୍ୟନାରାୟଣତୈଳ

ଅଳ୍ପପରିମାଣ ଆମ୍ଭ ନିକଟରେ ବିକ୍ରୟାର୍ଥେ ଅଛି ।

ମୂଲ୍ୟ ଏକଛଟାଙ୍କିକୁ ଟ ୧୧ ଙ୍କା

ଏକତ୍ରେ ଏକସେର ନେଲେ ଟ ୧୬ ଙ୍କା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ମିଳିଯାଇବ ।

୧୭।୧୧।୯୬

---

ଅଗ୍ରବଣିଜ୍ୟ ବ୍ୟାପାର, ଅଦ୍ଭୁତ ଉପହାରକାଣ୍ଡ ।

## ଘଡ଼ି ପୁରସ୍କାର ।



ଜମ୍ନୋଷ୍ଟପର୍ଯ୍ୟନ୍ତ କେହି ଏକତ୍ରରେ ଏକନାମରେ ଏକପ୍ୟାକେଟରେ ୨ ଡଜନ ଅର୍ଥାତ ୨୪ ଗୋଟା ବହି କ୍ରୟ କରିଲେ ତାଙ୍କୁ ଗୋଟିଏ ଉତ୍କୃଷ୍ଟ ଜେନିଭ ରେଗୁଲେଟର ଓ୍ୱାଚ ବଡ଼ ଉପହାର ଦିଆଯିବ ଏବଂ ଅର୍ଦ୍ଧ ଡଜନ ଅର୍ଥାତ ୬ ଗୋଟା କ୍ରୟ କରିଲେ ଗୋଟିଏ ଟାଇମ୍‌ପିସ୍ ସେଡ଼ ଉପହାର ଦିଆଯିବ । ମୂଲ୍ୟ ଅଗ୍ରିମ ପଠାଇଲେ, ଅଥବା ଷ୍ଟାମ୍ପରେ ନାମଧାମ ସହ ପତ୍ର ଲେଖିଲେ ମଫସଲକୁ ଭିଃ ପିଃ ଡାକରେ ଦ୍ରବ୍ୟ ଓ ଉପହାର ପ୍ରେରଣ କରି ମୂଲ୍ୟ ଆଦାୟ କରାଯିବ ।

### ଭାରତରେ ଅଦ୍ୱିତୀୟ ଓ ଅତ୍ୟାଶ୍ଚର୍ଯ୍ୟ

## "ମ୍ୟାଜିକ ଲେମ୍ପ ।"

ଏହି ଲେମ୍ପ ଆମେରିକାରୁ କଲିକତାକୁ ସମ୍ପ୍ରତି ନୂତନ ଆସିଅଛି । ଏଥିପୂର୍ବେ ଏପରି ଦ୍ରବ୍ୟ ଏଦେଶକୁ କେବେହେଁ ଆମଦାନି ହୋଇ ନ ଥିଲା । ଏହା ନିକେଲ ରୌପ୍ୟରେ ନିର୍ମିତ, ଦେଖିବାକୁ ଅବିକଳରେ ଠିକ ନେଭ ଘଡ଼ିପରି ଥିବାରୁ ପକେଟରେ ରଖାଯାଇ ପାରେ । ଏହା ଦେଖିବାକୁ ଅତି ସୁନ୍ଦର । ଆଶ୍ଚର୍ଯ୍ୟର କଥା ଏହି ଯେ, ଏ ଲେମ୍ପ ଜାଳିବା-ନିମନ୍ତେ ଦିଆସିଲିର କିମ୍ବା ଅନ୍ୟ କୌଣସି ପ୍ରକାର ଅଗ୍ନିର ଦରକାର ନାହିଁ । ଲେମ୍ପର ପଛପାଖେ ଥିବା ପେଚ ଟିପିଲେ ହଠାତ ଜଳିଉଠେ ଏବଂ ଛାଡ଼ିଦେଲେ ଲିଭିଯାଏ । ପ୍ରତ୍ୟେକ ଗୃହରେ ଏ ଲେମ୍ପକୁ ଗୋଟିଏ ଲେଖାଏଁ ରଖିବା ଉଚିତ । ପ୍ରତି ଲେମ୍ପର ମୂଲ୍ୟ ଟ ୩୧ ଙ୍କା । ଗୋ ୭ ଟାକୁ ଟ ୨୫ ଙ୍କା ଗୋ ୧୨ ଟାକୁ ଟ ୫୦ ଙ୍କା ।

### ପକେଟ ଷ୍ଟିକ ( ବାଡ଼ି )

ଏହି ବାଡ଼ି ଜର୍ମାନଦେଶୀୟ ରୂପାରେ ପ୍ରସ୍ତୁତ ହୋଇ କଲିକତାକୁ ନୂତନ ଆମଦାନି ହୋଇଅଛି । ଏହା ଦେଖିବାକୁ ସୁନ୍ଦର ଏବଂ ଧାରଣର ଉପଯୋଗୀ । ଏହି ବାଡ଼ି ଏପରି କୌଶଳରେ ନିର୍ମିତ ଯେ, ଏହା ପକେଟରେ ରଖାଯାଇ ପାରିବ । ପ୍ରୟୋଜନ ବେଳେ ପେଚ ଘୁରାଇଲେ ବାଡ଼ି ପ୍ରସ୍ତୁତ ହେବ । ପ୍ରତ୍ୟେକ ବାଡ଼ିର ମୂଲ୍ୟ ଟ ୩୧, ଛଅଖଣ୍ଡକୁ ଟ ୨୪୧ ଙ୍କା ୧୨ ଖଣ୍ଡକୁ ଟ ୪୮୧ ଙ୍କା ।

### "ମ୍ୟାଗ୍ନେଟ ଅଙ୍ଗୁରୀ ।"

ଏହି ଅଙ୍ଗୁରୀ ( ମୁଦି ) ଜର୍ମାନଦେଶରୁ ଆଗତ, କେଲେଡୋନିଅନ ସ୍ୱର୍ଣ୍ଣରେ ଗଠିତ, ଗୋଲ୍‌ମିଶ୍ରିତାଳ ନିର୍ମିତ, ଦେଖିବାକୁ ମନୋହର, ଉଜ୍ଜ୍ୱଳ ଚକଚକିଆ, ବ୍ୟବହାରରେ ଉଜ୍ଜ୍ୱଳତା ସର୍ବଦା ଥାଏ, କଷିଲେ ୧୬।୧୮ ଟଙ୍କା ଭରିର ସୁନା ସହିତ ଐକ୍ୟ ହେବ । ଏହା ଦେଖିଲେ କେହିଙ୍କା ସର୍ଣ୍ଣ ନୁହେଁ ଅସଲ ସୁନାର ମୁଦି ବ୍ୟବହାର କରିବାକୁ ମନ କରିବ ନାହିଁ, ଏହି ମନମୋହନ ଅଙ୍ଗୁରୀର ସୁଲଭ ମୂଲ୍ୟ ଟ ୧୩ ଙ୍କା ଅର୍ଦ୍ଧ ଡଜନକୁ ଟ ୮୧ ଙ୍କା ଏକ ଡଜନକୁ ଟ ୧୫୧ ଙ୍କା ମାତ୍ର ।

ଉପରୋକ୍ତ ସମସ୍ତ ଦ୍ରବ୍ୟ ପ୍ରାପ୍ତିର ଏକମାତ୍ର ଠିକଣା ।

ପି, ଲେଜାର୍ସ ଏଣ୍ଡ କୋମ୍ପାନୀ

୪୧—୧ ନମ୍ବର ଭବାନୀଚରଣ ଦତ୍ତସ୍ ଲେନ

କଲିକତା।

P. LEZARS & Co.

41—1 Bhawani Ch. Dattas Lane

Calcutta.

---

## ନୂତନ ନାମାବଳୀ ।

ହିନ୍ଦୁମାନଙ୍କର ପ୍ରାତ୍ୟହିକ ପୂଜାସମୟରେ ଅଙ୍ଗରେ ଧାରଣକରିବାର ମନୋହରଚିତ୍ରକଷ୍ଟ ପରମାରାଧ୍ୟ ଶ୍ରୀକୃଷ୍ଣଙ୍କର ପାଦପଦ୍ମ ଏବଂ ଓଡ଼ିଆ ଓ ବଙ୍ଗଳା ଅକ୍ଷରରେ ଅନେକ ନାମ ଓ ମହାମନ୍ତ୍ର ମୁଦ୍ରିତ ପଟ୍ଟା ନାମାବଳୀ ଲାଲରଙ୍ଗରେ ଛପାହୋଇ ଏଠାରେ ବିକ୍ରୟ ହେଉଅଛି ଓଡ଼ିଆରେ ଏହା ପ୍ରଥମପ୍ରକାଶିତ । ବୃନ୍ଦାବନରୁ ଆସୁଥିବା ନାମା-ବଳୀଠାରୁ ଉତ୍କୃଷ୍ଟ, ଦେଖିବା ମାତ୍ରକେ ଜଣାଯିବ । ଏଥିପୂର୍ବେ ଯେ କଳା ଓ ମାଟିଆରଙ୍ଗରେ ଛପା ହେଉଥିଲା ଗ୍ରାହକେ ଏହାକୁ ସେରୂପ ଥିବାର ମନେ କରିବେ ନାହିଁ । ଲମ୍ବ ଗଜ୍ୟକ ଓସାର ଦୁଇହାତ, ମୂଲ୍ୟ ଗ ୧ ଖଣ୍ଡ ଟ ୧୧ ମୋଫସଲ ଗ୍ରାହକମାନଙ୍କୁ ଖଣ୍ଡପ୍ରତି ଟ ୦ । ଲେଖାଏଁ ଡାକଖର୍ଚ୍ଚା ପଡ଼ିବ । ଭେଲ୍ୟୁପେବଲ୍ ଡାକରେ ପଠାଯାଇପାରେ ।

କଟକପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟ କଟକ } ଶ୍ରୀ ଭଗୀରଥୀ ଷାଠିୟା

---

## ଘଡ଼ିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ନାନାପ୍ରକାର ପକେଟ ବଡ଼ ଘଡ଼ି ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଇପାରିବାର ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

---

## ବିଚମସାହେବଙ୍କ ବଟିକା

## ( BEECHAM'S PILL. )

ଫଳ ବିବେଚନାରେ ଏକ୨ ବଟିକାର ମୂଲ୍ୟ ଏକ୨ ମୋହରକୁ ଶସ୍ତା ବୋଲାଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରଦ ଦର୍ପ ଇତ୍ୟାଦି ବିଷାକ୍ତ ବା ଧର୍ମହାନିକର ଦ୍ରବ୍ୟ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରି-ପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପେ

Digitized by srujanika@gmail.com

Split by PDF Splitter



ଦ୍ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବହୁଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟୁବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି-କରେ ଅତ୍ୟନ୍ତ ହିତକାରୀ ।

ହୋମିଓପ୍ୟାଥିର ସକଳଜଗତର ଇଂରାଜୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫାଇଲ ଆକାର ଅନୁସାରେ ଟ ୦ ୧ ଟ ୦ ୷ ଓ ଟ ୦ ୷୶ ଅଟଇ । ଡାକଖର୍ଚ୍ଚା ପୃଥକ୍ ଦେବା-କୁ ହେବ ।

---

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିଶୀଘ୍ର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ସେହିର ଚିକିତ୍ସା ଓ ଔଷଧ ପ୍ରେରଣ କରିବାସକାଶେ ସମ୍ବାଦ ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁ-ମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୁଲକି କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଅବସ୍ଥା ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ସ୍ୱୀକାର କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କଣେ ପଠାଇବାର ପରି-ଶ୍ରମନିମନ୍ତେ ଶତକଡ଼ା ଟ ୬। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରଂ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ଟଙ୍କା, କଉଡ଼ି ଓ ପତ୍ରାଦି ନିମ୍ନ ଠିକଣା ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

## ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ପାଚକାଲ ତୈଳ—ଏହା ବ୍ୟବହାର କଲେ ମସ୍ତକର କେଶ ଓ ଲଲାଟ [illegible] ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶି ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁକୁଠାରନ—ଜାନ କୁଠାରର ସଦୃଶ ଦଦ୍ରୁ ପ୍ର-ୟୋଗ କାଲେ ଜ୍ୱାଳା ଯନ୍ତ୍ରଣା ଦହମାତ୍ର ଜଣା ଯାଏ ନାହିଁ । ପ୍ରତି ଡିବିଆର ମୂଲ୍ୟ ଚାରିଅଣା ମାତ୍ର ।

୩ । ଶୂଳସଂହାରଣୀ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁ ଶୂଳ ( ଅମାବାତ ) ଓ ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ଦୂର ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ତୃତ ଟଙ୍କା ଅଠ ଅଣା ।

୪ । କୋଷ୍ଠଶୋଧକ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧ ଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତତ୍ସଜାତ ଶିରଃପୀଡ଼ା ଓ ସ୍ନାୟବିକ ଦୁର୍ବଳତା ଦୂର ହୁଏ ।

ଏହା ଅମୋଘ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏବଂ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ପୂର୍ବେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଚ୍ୟବନପ୍ରାଶ ଅବଲେହ—ଏହା ସେବନ କଲେ ନିଶ୍ଚୟ ଲେହପା ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପ୍ଲୀହା ଓ ଯକୃତ ଓ ପାକସ୍ଥଳୀ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅମ୍ଳରକ୍ତ, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ଉକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଅଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଅନିୟମିତ ଅତି-ର, କଦାଚାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାର କ୍ଷତ, କଣ୍ଡୁଆ, ଗାତ୍ର ଗଣ୍ଡିବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦିରୋଗ ଓ ଲକ୍ଷଣମାନ ଏହା ବ୍ୟବହାର କଲେ ଅନ୍ତର୍ହିତ ହୋଇ ମାନବଦେହ ନବ-ଜୀବନ ସ୍ୱାସ୍ଥ୍ୟ ଓ ଶୋଭାଯୁକ୍ତ ହୁଏ । ସୁସ୍ଥଶରୀରରେ ମଧ୍ୟ ବଳା-ଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବ୍ୟାଧି ଓ ଜରାର ଏହା ସେବନେ ଆରୋଗ୍ୟ ହୁଏ । ମାସ ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଅଠଅଣା ।

ବାଲୁବଜାର, କଟକ ଔଷଧାଳୟ । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

---

# ବାଲିକାଗଜ ।

ଉତ୍କୃଷ୍ଟ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋବିନ୍ଦଙ୍କର ଗୁଦାମ ଦୋକାନରେ ତାର ଅନ୍ତର୍ଗତ କର ଦେଖାଯିବ ହୋଇପାରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୬ | ପଟି | ଖାଲି | ୦ ୧୷ | ୦୧୷ [illegible] |
| [illegible] | ପଟି | „ | „ ୧ [illegible] | „ ୧ [illegible] |
| ୧୨ | ପଟି | „ | „ ୧ [illegible] | „ ୧ [illegible] |
| ୨୨ | ପଟି ଉଇଜଫୁଲସ୍କେପ | „ ୧ [illegible] | | „ ୧ [illegible] |

---

ଶ୍ରୀଯୁକ୍ତ ବାବୁ ଗୋବିନ୍ଦଚନ୍ଦ୍ର ରାୟଙ୍କର ଉପଯୁକ୍ତବନ୍ଦୋବସ୍ତ କରି ନିଜେ ହିଁ ଅମ୍ଭମାନଙ୍କ ଦୋକାନରେ ଚଟକଟୋଣା ଓ ଭଲ ଓ ଲେସମାଂଟେସର ଜୁଗା ଓ ଷ୍ଟେସନେରୀ ଓ କାଳି କଲମ ଇତ୍ୟାଦି ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ଏଥିରେ ସୂଚିତ ଅଛି । ତଦଭିନ୍ନ ଅନେକପ୍ରକାର ଯେଉଁ ଦ୍ରବ୍ୟ ଭଲଥାଉ ଭଲଦ୍ର ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ପାଇଁ ଅବଶ୍ୟକ କରି ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ ।

# ବିଜ୍ଞାପନ ।

ଏ ଜାତିରୁ କେତେଜଣ ପାଟରେ ଜର୍ମ୍ମାନଙ୍କ ଜିନିଷ ଦୋକାନର ପାଟରେ ବେକେ ପାଣିଗଲା ବଡ ହେବ ଦେଖିବ [illegible] ଅଛି ଲେପିଦେଲେ ମଳିବ ହେବ ଓ [illegible] ଧରିବ ନାହିଁ ।

ଚଉଲ ଚନ୍ଦନ ଓ ସାଳରେ ଲଗାଇବାର ଅଟୁଟ ମଧ୍ୟ ଅଛି ।

[illegible]

---

ଓଡ଼ିଶାପତ୍ରିକାରେ [illegible] ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଆଗୁଆ | ଟ ୦୷ |
| ଅଗ୍ରିମ | ଟ ୧୲ |
| ବର୍ଷ ଏକ ଗ୍ରାମରୁ | ୨ ୷ |

ମାତ୍ର ନୋଟିସ ଛପାଇ ଯେତେ ଛୋଟ ହେଲେ ହେଁ ତହିଁର ଦର ଟ ୦୷ ରୁ ଊଣା ହେବ ନାହିଁ ।

ଦୂରସ୍ଥ ଓ ଉତ୍ତମରୂପେ ସଂଶୋଧିତ ଥର ପ୍ରଥମ ଅଧିକ ଦେଲେ ଓ ଦୁଇଥର ଦେଲେ କମ ହେବ ।

ଅଧିକ ଦେବା ସକାଶେ [illegible] ବନ୍ଦୋବସ୍ତ ହୋଇପାରେ ।

ଉକ୍ତ ପତ୍ରର ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ [illegible] ପ୍ରିଣ୍ଟିଂକମ୍ପାନିର ଯନ୍ତ୍ରାଳୟରେ [illegible] ଓ [illegible]

Digitized by srujanika@gmail.com

Split by PDF Splitter

ISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୭ ଶ
ସଂ ୪୬ ଖ୍ୟା

ତା ୨୭ ଶେ ମାହେ ନବେମ୍ବର ସନ ୧୮୯୨ ମସିହା । ମୁ । ମାର୍ଗଶିର ବ ୧୩ ହି ସନ ୧୩୦୦ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦ୍ଦେୟ ଟ ୪

ବ୍ରହ୍ମଦେଶରେ ଏବର୍ଷ ଭଲ ବୃଷ୍ଟି ହେବାର ଶୁଣାଯାଉଥିଲା । ବର୍ତ୍ତମାନ ଦୁଃଖର ସହିତ ଅବଗତ ହେଲୁଁ ଯେ ଉତ୍ତର ବ୍ରହ୍ମର ଡେ-ଭେଡ଼ ଜିଲ୍ଲାରେ ଅନ୍ନକଷ୍ଟ ଉପସ୍ଥିତ ହେବାରୁ ସାହାଯ୍ୟ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବାର ସ୍ଥିର ହୋଇଅଛି ।

---

ସଞ୍ଜୀବନୀରେ ପାଠକଲୁଁ କି ପଞ୍ଜାବର ଜଣେ ଧନୀ ଶାଲବ୍ୟବସାୟୀ ଆପଣା କନ୍ୟା ଭଗବତୀ ଦେବୀଙ୍କ ସ୍ୱୟମ୍ବରର ଆୟୋଜନ କରିବାରୁ କୁନ୍ତୁର ଅସିଷ୍ଟାଣ୍ଟ ଇଞ୍ଜିନୀୟର ଲାଲ ଗଙ୍ଗାରାମ କନ୍ୟାକର୍ତ୍ତୃକ ବର ନିର୍ବାଚିତ ହୋଇଅଛନ୍ତି । ଶୀଘ୍ର ବିବାହ ହେବ । ପଞ୍ଜାବରେ ସ୍ୱୟମ୍ବର-ପ୍ରଥା ଅଦ୍ୟାବଧି ପ୍ରଚଳିତ ଅଛି ।

---

ଚଳିତମାସ ତା ୧୫ ରିଖଠାରୁ ଅନୁଗୁଳ ଏବଂ ସମ୍ବଲପୁରର ଡାକ ସନ୍ଧ୍ୟା ଘ ୭ ଘଣ୍ଟା ସମୟରେ ଏଠାରୁ ପଠାଯିବାର ଏବଂ ସେସବୁ ସ୍ଥାନରୁ ଆସିବା ଡାକ ସକାଳବେଳେ ବଣ୍ଟାଯିବାର ନିୟମ ହୋଇଅଛି । ଏଥି ପୂର୍ବେ ଉକ୍ତ ଦୁଇ ସ୍ଥାନର ଡାକ ସକାଳେ ଯାଉଥିଲା ଏବଂ ଅପରାହ୍ଣରେ ଆସୁଥିଲା ।

---

ଗତବର୍ଷ ହିଂସ୍ରକ ବନ୍ୟଜନ୍ତୁ ଭାରତବର୍ଷରେ ନ ୨୯୧୧ ଣ ମନୁଷ୍ୟର ପ୍ରାଣ ନେଇଅଛନ୍ତି । ତହିଁ ପୂର୍ବବର୍ଷ ନ ୨୪୪୦ ଣ ପ୍ରାଣ ହରାଇଥିଲେ । ବର୍ଷକୁବର୍ଷ ହିଂସ୍ରକ ଜନ୍ତୁଙ୍କ ଉତ୍ପାତ ବୃଦ୍ଧିର ଏକମାତ୍ର କାରଣ ଅସ୍ତ୍ର ଆଇନ ଅଟଇ । ଗବର୍ଣ୍ଣମେଣ୍ଟ ଏଥିର ପ୍ରମାଣ ପାଇ ସୁଦ୍ଧା ଆଇନର କଠୋରତା ଟିକିଏ ଊଣା କରୁ ନାହାନ୍ତି ।

---

ଆମ୍ଭମାନଙ୍କର ଜଜ ଶ୍ରୀଯୁକ୍ତ ଗୁପ୍ତ ସାହେବ ଛୁଟୀ ଭୋଗ କରି ଗତ ସୋମବାର ଏ ନଗରକୁ ପ୍ରତ୍ୟାଗମନ ଏବଂ ବୁଧବାର କାର୍ଯ୍ୟଭାର ଗ୍ରହଣ କଲେ । ଏକ୍‌ଟିଂ ଜଜ ଷ୍ଟିନବର୍ଗ ସାହେବ ଆଜି କଲିକତାକୁ ଫେରି ଯିବେ । ସେ ଲୋହାରଡଗାର ଜଏଣ୍ଟମାଜିଷ୍ଟ୍ରେଟ ହୋଇଅଛନ୍ତି । ସାହେବଙ୍କ ମିଜାଜ ଟିକିଏ ଖର ହେଲେହେଁ ବିଚାରଶକ୍ତି ବେଶ ଅଛି ଏବଂ ଭବିଷ୍ୟତକୁ ଜଣେ ଭଲ ଜଜ ହେବାର ଜଣା ଯାଉଅଛି ।

---

ବାଲେଶ୍ୱର ମିଉନିସିପାଲିଟୀର କରଦାତାମାନେ ସଂଖ୍ୟାଟିକସ ବେଆଇନ ମତେ ବନ୍ଦୋବସ୍ତ ହୋଇଥିବା ବିଷୟରେ ସେଠା ମାଜିଷ୍ଟ୍ରେଟ ସାହେବଙ୍କ ଆଦେଶ ବିରୁଦ୍ଧରେ ଅପିଲ କରିବେବୋଲି ଅନେକ ଦିନରୁ ଶୁଣା ଯାଉଥିଲା । ବର୍ତ୍ତମାନ ଅବଗତ ହେଲୁଁ ଯେ ଗତ ସୋମବାର ସେହି ଅପିଲ ଦରଖାସ୍ତ ଏଠାରେ ନୂତନ କମିଶନରଙ୍କ ନିକଟରେ ଦାଖଲ ହେବାରୁ ସାହେବ ମହୋଦୟ ଆପଣା ସଙ୍ଗେ ବାଲେଶ୍ୱର ନେଇ ଯାଇଅଛନ୍ତି ସେଠାରେ ନିଷ୍ପତ୍ତି କରିବେ ।

---

ଓଡ଼ିଶାର ନୂତନ କମିଶ୍ନର ଶ୍ରୀଯୁକ୍ତ କୁକ୍ ସାହେବ ଗତ ସୋମବାର ବାଉ ଜାହାଜରେ ବାଲେଶ୍ୱରକୁ ଯାତ୍ରା କଲେ । ସେଠାର ଏବଂ ମୟୂରଭଞ୍ଜ ଓ ନୀଳଗିରିର ପରିଦର୍ଶନ କାର୍ଯ୍ୟ ଶେଷ କରି ଉଦ୍‌ଘାଟନେ ଆଗାମୀମାସ ତା ୧୫ ରିଖ କେନ୍ଦୁଝରକୁ ଯାତ୍ରା କରିବେ । ଚଳିତମାସ ଶେଷପର୍ଯ୍ୟନ୍ତ ଘୋଷଣାପତ୍ରଦ୍ୱାରା ଭୂୟାଁଙ୍କୁ ସମୟ ଦିଆଯାଇଅଛି । ଯେବେ ଏଥିମଧ୍ୟରେ ସେମାନେ ବଶତା ସ୍ୱୀକାର କରିବେ ତେବେ ଉତ୍ତମ, ନୋହିଲେ ସୈନ୍ୟକାର୍ଯ୍ୟ ଆରମ୍ଭ ହେବ ଏବଂ ସାହେବ ମହୋଦୟ ବିଦ୍ରୋହୀମାନଙ୍କ ବିଚାର ଶେଷକରି ଆସିବେ ।

---

ଜୁରି ପ୍ରଥା ସମ୍ବନ୍ଧରେ ଭାରତ ଗବର୍ଣ୍ଣମେଣ୍ଟ ସକଳପ୍ରଦେଶୀୟ ଶାସନକର୍ତ୍ତାଙ୍କର ମତ ପ୍ରାର୍ଥନା କରିଥିଲେ । ଏଥିରୁ ବଙ୍ଗଳା ଏବଂ ଆସାମର ଶାସନକର୍ତ୍ତାମାନେ ଉକ୍ତ ପ୍ରଥା ଏକପ୍ରକାର ଉଠାଇଦେଲେ । ମାତ୍ର ଉତ୍ତର-ପଶ୍ଚିମ ଗବର୍ଣ୍ଣମେଣ୍ଟ ତହିଁରେ ଆଦୌ ହସ୍ତକ୍ଷେପ କଲେ ନାହିଁ ଏବଂ ପଞ୍ଜାବର ଶାସନକର୍ତ୍ତା କେବଳ ଜୁରିର ସଭ୍ୟଙ୍କ ସଂଖ୍ୟା ନ ୫ ଣରୁ ଅଧିକ ନ ହେବାର ନିୟମ କଲେ । ଅର୍ଥାତ୍ ଉତ୍ତର-ପଶ୍ଚିମ ଓ ପଞ୍ଜାବର ଲୋକମାନେ ଜୁରିର ଯୋଗ୍ୟ ହେଲେ ମାତ୍ର ତଦପେକ୍ଷା ଅଧିକଶିକ୍ଷିତ ବଙ୍ଗବାସିମାନେ ଅଯୋଗ୍ୟ ହେଲେ ।

---

Digitized by srujanika@gmail.com

Split by PDF Splitter



ବାଲେଶ୍ୱରର ଦର୍ପଣ ବାଙ୍ଗରସ୍ଥ ଫାଣ୍ଡ୍‌ଏଣ୍ଡକାର ଲୁଇପଟ୍ଟଣ ଗ୍ରାମରେ କେହି ଦୁଷ୍ଟଲୋକ ଇନକମ୍ ଟିକସର ଛଦ୍ମ ଦେଖାଇ ଗ୍ରାମବାସିଙ୍କଠାରୁ କତ୍ରି ୮ଙ୍କ ନେବା କଥା ଗତସେପ୍ଟରମାସ ତା ୧୫ ରିଖର ସମ୍ବାଦବାହିକାରେ ପ୍ରକାଶିତ ହୋଇଥିଲା ଏକଥିପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅନୁସନ୍ଧାନରେ ସେହି ଧୂର୍ତ୍ତ ଧରାପଡି ପୁଲିସ୍‌ହାଗ ଚାଲାନ ହୋଇଅଛି । ତାହାର ନାମ ଶିବ ଘ ଦାସ ଫୁଲଡ଼ି, ସେ ପୁଲିସର ଜଣେ ପାଏକ । ବାସ ବର୍ତ୍ତମାନ ଜାମିନରେ ଅଛି । ମୋକଦ୍ଦମା ନିଷ୍ପତ୍ତି ହୋଇ ନାହିଁ । ପୁଲିସରେ ଏପରି ଅନେକ ବାଘ ଅଛନ୍ତି ଯେସ୍ଥାରୁ କେହି ଧରାପଡ଼େ ।

---

ତାହାର ନିବାରଣ ଅଭିପ୍ରାୟରେ ଗାଞ୍ଜାମର ମାଜିଷ୍ଟ୍ରେଟ୍ ଲ୍ୟାମସାହେବ ନିୟମ କରିଅଛନ୍ତି କି କୌଣସି କାଗଜର ନକଲ ସକାଶେ କେହି ପ୍ରାର୍ଥନା କଲେ ସେ ଉକ୍ତ ନକଲ ତାହା ଘରଠାକୁ ଡାକରେ ପଠାଇଦେବେ । ଡାକମାସୁଲ ବିଶେଷ ନ ପଡ଼ିଲେ ସୁଦ୍ଧା ବିନା ରେଜିଷ୍ଟରୀ ପୁଲିନ୍ଦା ହଜି ଯିବାର ଭୟ ଅଛି ଏବଂ ବିଳମ୍ବ ହୋଇ ପାରେ । ପ୍ରକୃତ କଥା ସିରସ୍ତା ପ୍ରତି ହାକିମଙ୍କ ତୀକ୍ଷ୍ଣ ଦୃଷ୍ଟି ରଖିବା ବିନା ଉତ୍କୋଚ ନିବାରଣର ଅନ୍ୟ ଉପାୟ ନାହିଁ । ମାତ୍ର କାର୍ଯ୍ୟ ଅଧିକ ହେତୁ ହାକିମମାନେ ତାହା କରି ପାରୁ ନାହାନ୍ତି । ସୁତରାଂ ଉତ୍କୋଚ ନ ଦେଲେ ଲୋକେ କାର୍ଯ୍ୟ ପାଉ ନାହାନ୍ତି ।

---

ଯେ ସମସ୍ତ ନାବାଳଗି ହୋରକୀ ଇତ୍ୟାଦି ମହାଲ ସରକାରଙ୍କ ତତ୍ତ୍ୱାବଧାନରେ ଅଛି ତହିଁ ମଧ୍ୟରୁ ଯେଉଁ ମହାଲମାନଙ୍କର ଦେଣା ନାହିଁ ସେ ସବୁ ମହାଲର ଉଦ୍‌ବର୍ତ୍ତ ଟଙ୍କା ଯଥୋଚିତ ପରିମାଣରେ ମହାଲର ଉନ୍ନତିସାଧନରେ ବ୍ୟୟ କରିବା ସକାଶେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ତାଗିଦ ଅଛି । ଗତବର୍ଷ ଉନ୍ନତିସାଧନରେ ଅତି ଅଳ୍ପ ଟଙ୍କା ବ୍ୟୟ ହୋଇଥିବାରୁ ମାନ୍ୟବର ଲେଫ୍‌ଟେନାଣ୍ଟ ଦୁଃଖିତ ହୋଇ ଅଛନ୍ତି । ମାତ୍ର ରେଭେନ୍ୟୁବୋର୍ଡ କହୁଅଛନ୍ତି ଯେ ଚଳିତ ବର୍ଷରେ ଅନେକ ଟଙ୍କା ଖରଚ ହେବ । ଅମ୍ଭେମାନେ ଆଶା କରୁଁ ଏତେକରୁ ଅନିଷ୍ଟକ ଉନ୍ନତିକାର୍ଯ୍ୟରେ ନାବାଳଗମାନଙ୍କର ଟଙ୍କା ବ୍ୟୟ ନ ହେବ ।

---

ବ୍ରହ୍ମରାଜ୍ୟ ମନ୍ଦଲେ ନଗରରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଗତମାସ ତା ୧୦ ରିଖରେ ଜଣେ ଇଂରାଜ ବ୍ୟୋମଯାନରେ ପ୍ରାୟ ୮୦୦ ଫୁଟ ଉଚ୍ଚକୁ ଉଠିଥିଲେ । ବ୍ୟୋମଯାନଟି ଉଚ୍ଚ ଆକାଶରେ ଗୋଟିଏ କ୍ଷୁଦ୍ର ପକ୍ଷୀ ଉଡ଼ିଲା ପ୍ରାୟ ଦର୍ଶକମାନଙ୍କୁ ଦିଶୁଥିଲା । ପ୍ରାୟ ଦୁଇଘଣ୍ଟା କାଳ ଶୂନ୍ୟରେ ଭ୍ରମଣ କରି ଛତ୍ରଦଣ୍ଡ ସାହାଯ୍ୟରେ ନିରାପଦରେ ତଳକୁ ଓହ୍ଲାଇଆସିଲେ । ଅବତରଣ ସମୟରେ ଗୋଟିଏ ଟେଲିଗ୍ରାଫ ତାରରେ ଲାଗି ଅଳ୍ପ ଭଗ୍ନ ହେଲା । ନତୁବା ଆଉ କିଛି ଦୁର୍ଘଟଣା ହୋଇ ନାହିଁ । ପତ୍ରପ୍ରେରକ ଜଣେ ଓଡ଼ିଆ ସେ ବ୍ରହ୍ମରାଜ୍ୟରେ ଡାକ୍ତରି କାର୍ଯ୍ୟ କରନ୍ତି । ଏ ବ୍ୟାପାର ଦେଖି ତାହାଙ୍କର ବଡ଼ଆନନ୍ଦ ହେବାରୁ ସ୍ୱଦେଶୀୟଙ୍କୁ ତାହା ଉପହାର ଦେବାର ଆଗ୍ରହ ଦେଖି ଅମ୍ଭେମାନେ ବଡ଼ ପ୍ରୀତ ହେଲୁଁ ।

---

ପାଠ୍ୟପୁସ୍ତକ ନିର୍ବାଚନସମ୍ବନ୍ଧରେ ଏଥିପୂର୍ବେ ବହୁତ ଆନ୍ଦୋଳନ ହୋଇଥିଲା ଏବଂ ଅଦ୍ୟାପି ବଙ୍ଗଳାରେ ଲାଗିଅଛି ମାତ୍ର ମାନ୍ୟବର ଲେଫ୍‌ଟେନାଣ୍ଟ ଗତ ବାର୍ଷିକ ରିପୋର୍ଟର ସମାଲୋଚନାରେ ନିର୍ବାଚନ କମିଟୀର କାର୍ଯ୍ୟ ସନ୍ତୋଷଜନକ ଥିବାର କହିଅଛନ୍ତି ଏବଂ ଭବିଷ୍ୟତ ସକାଶେ ନିୟମ କରିଅଛନ୍ତି କି ପାଠ୍ୟପୁସ୍ତକ ନିର୍ବାଚନକମିଟୀର କୌଣସି ସଭ୍ୟର କେହି ଆତ୍ମୀୟ ବ୍ୟକ୍ତି ଯେବେ କୌଣସି ପାଠ୍ୟପୁସ୍ତକର ପ୍ରକାଶକ ବା ପ୍ରଣେତା ହେବ ତେବେ ସେହି ପୁସ୍ତକର ବିଚାର ସମୟରେ ଉକ୍ତ ସଭ୍ୟ କମିଟୀ-ଅଧିବେଶନରେ ଉପସ୍ଥିତ ରହି ପାରିବେ ନାହିଁ ଅର୍ଥାତ୍ ତାହାଙ୍କ ଅସାକ୍ଷାତରେ ଅନ୍ୟ ସଭ୍ୟମାନେ ସେ ପୁସ୍ତକର ବିଚାର କରିବେ । ଏ ନିୟମ ବଡ଼ ଭଲ ହୋଇଅଛି ଏବଂ ଏହାଦ୍ୱାରା ଅନେକ ଭ୍ରମ ଓ ସନ୍ଦେହ ଦୂର ହେବ ।

---

ବଙ୍ଗୀୟ କୃଷିବିଭାଗର ଅଧୀନରେ ଗତବର୍ଷ ଆଖୁ ଝୋଟ ଧାନ ଗହମ ଇତ୍ୟାଦି ଫସଲର ପରୀକ୍ଷା ହୋଇଥିଲା । ମାତ୍ର ଫଳ ତାଦୃଶ ଭଲ ହେବାର ଜଣା ଯାଉ ନାହିଁ । ସାରବିଧାନସମ୍ବନ୍ଧରେ ଲେଖାଅଛି କି ଅସ୍ଥିଚୂର୍ଣ୍ଣ ଏବଂ ଯବକ୍ଷାରର ଖତ ବ୍ୟବହାର କରିବାରେ ମାଣପ୍ରତି ମ ୨୪ ଣ ଧାନ ଫଳିଥିଲା ଏବଂ ଟ ୬୧ଙ୍କା ନିଟ୍‌ଲାଭ ହୋଇଥିଲା । କେବଳ ଅସ୍ଥିଚୂର୍ଣ୍ଣ ଅଥବା ଗୋବର ଖତ ଦ୍ୱାରା ମ ୪୭ ମଣ ଏବଂ ପିଣ୍ଡିଆ ଖତରେ ମ ୪୬ ମଣ ଫଳିଥିଲା ଏବଂ ନିଟ୍‌ଲାଭ ଯଥାକ୍ରମେ ଟ ୪୨ ଓ ଟ ୫୦ ଙ୍କା ହୋଇଥିଲା । ମାଟି ଖତର ମୂଲ୍ୟ ଲେଖା ନ ଥିବାରୁ ଖତଯୋଗେ ଅଧିକା କେତେ ଲାଭ ହେଲା ଜଣାଯାଉ ନାହିଁ । ବଳଦଅନ୍ତୁ ଖେତକୁ କେବଳ ଗୋବର ଏବଂ କଡ଼ାପିଣ୍ଡିଆ ଖତ ସର୍ବାପେକ୍ଷା ଉପଯୋଗୀ ଥିଲା । ଏହି ଖତପଡ଼ିବା କ୍ଷେତ୍ରର ଲାଭ ଖତ ପଡ଼ି ନ ଥିବା କ୍ଷେତ୍ର ଅପେକ୍ଷା ଟ ୨୦୦ ଙ୍କା ହୋଇଥିଲା ।

---

୧୮୯୩ ମସିହାର ଡେପୁଟୀକଲେକ୍ଟରୀ ଓ ଡେପୁଟୀମାଜିଷ୍ଟ୍ରେଟୀ ଓ ସବ୍‌ଡେପୁଟୀକଲେକ୍ଟରୀ ପରୀକ୍ଷା ଆଗାମୀ ମାର୍ଚ୍ଚମାସରେ କଲିକତାରେ ଗୃହୀତ ହେବ ପରୀକ୍ଷାର ତାରିଖ ପଶ୍ଚାତ୍ ଦିଆଯିବ । ପରୀକ୍ଷାର ନିୟମସବୁ ପୂର୍ବ ପ୍ରାୟ ନୂତନ ଏତିକି ଯେ ପରୀକ୍ଷାର୍ଥୀଙ୍କ ମଧ୍ୟରେ କେହି ସରକାରୀ କର୍ମଚାରୀ ହେଲେ ତାହାଙ୍କ ବୟସର ସୀମା ଉଠିଯାଇଅଛି ଓ ପରୀକ୍ଷାର୍ଥୀ କଲିକତା ବିଶ୍ୱବିଦ୍ୟାଳୟର ବି, ଏ, ପରୀକ୍ଷାର ପରିମାଣ ତୁଲ୍ୟ ଶିକ୍ଷାପ୍ରାପ୍ତ ହୋଇଥିଲେ ମଧ୍ୟ ଚଳିବ । ପୂର୍ବୋଲ୍ଲିଖିତ ନିୟମରୁ ବୋଧ ହେଉଅଛି ଯେ କେହି ବି, ଏ, ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ ଅଥବା ବିଏ ପରୀକ୍ଷାରେ ଅନୁତ୍ତୀର୍ଣ୍ଣ ହୋଇଥିଲେ ସୁଦ୍ଧା ପରୀକ୍ଷାସ୍ଥଳରେ ଉପସ୍ଥିତ ହୋଇ ପାରିବେ ।

ଡେପୁଟୀକଲେକ୍ଟରୀ ନିମନ୍ତେ ୭ ଜଣ ଓ ସବ୍‌ଡେପୁଟୀକଲେକ୍ଟରୀ ନିମନ୍ତେ ୭ ଜଣ ପରୀକ୍ଷାର୍ଥୀ ବଛା ହେବେ । ପରୀକ୍ଷୋତ୍ତୀର୍ଣ୍ଣ ମଧ୍ୟରୁ ପ୍ରଥମ ଚାରିଜଣ ଡେପୁଟୀକଲେକ୍ଟରୀ ନିମନ୍ତେ ନିଯୁକ୍ତ ହେବେ ଅବଶିଷ୍ଟ ଲେଫ୍‌ଟେନାଣ୍ଟ ବାହାଦୁର ମନୋନୀତ କରିବେ ।

---

ବାଲେଶ୍ୱରନଗରର ଅନ୍ତଃପାତି ଫସିଡେଙ୍ଗା ନାମକ ଫସି ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ କ୍ଷୁଦ୍ର ଏଲକା ଅଛି । ବହୁକାଳରୁ ବାବୁ ଉପେନ୍ଦ୍ରନାଥ ମହାପାତ୍ର ଜମିଦାର ବାର୍ଷିକ ଏକଶତ ଟଙ୍କାରେ ଇଜାରା ନେଇ ଭୋଗ ଦଖଲ କରି ଆସୁଥିଲେ । ଏ ବର୍ଷ ରାଜା ବୈକୁଣ୍ଠନାଥ ଦେ ବାହାଦୁରଙ୍କ ପକ୍ଷରୁ ବାବୁ କାଳୀପ୍ରସାଦ ଦାସ ବାର୍ଷିକ ଟ ୫୦୦ଙ୍କା ଜମାରେ ସେହି ଫସିଡେଙ୍ଗାକୁ ଇଜାରା ନେଇଅଛନ୍ତି । ପ୍ରାୟ ଅଠ ଦଖଲ ହେବ ସେଠାରେ ବ ଗୋଳମାଳ ଉପସ୍ଥିତ ହେବାରୁ ରାଜା ବାହାଦୁର ପୁଲିସ-

Digitized by srujanika@gmail.com

Split by PDF Splitter



ସୁପ୍ରିଣ୍ଟଙ୍କ ସାହାଯ୍ୟରେ ସାବକ ତହସିଲଦାର ମହାପାତ୍ର ମହାଶୟଙ୍କ ଗିରଫ୍ତାର କରାଇ ଗୁରୁତର ପୀଡ଼ା ଓ ଦଣ୍ଡ ଦେବାରୁ ତାହାଙ୍କ ପୁତ୍ର ଓ ସ୍ତ୍ରୀ ରାଜା ବାହାଦୁରଙ୍କ ନାମରେ ଦଣ୍ଡବିଧିର ଧା ୩୨୩ ଓ ୩୨୫ ସ୍ତ ଅନୁସାରେ ନାଲିସ କରିଅଛନ୍ତି ଓ ବାବୁ କମଳଚନ୍ଦ୍ର ଦାସ ଡେପୁଟୀମାଜିଷ୍ଟ୍ରେଟ ତହିଁର ବିଚାର କରୁଅଛନ୍ତି । ବାଲେଶ୍ୱରରୁ ଆସିଥିବା ଖଣ୍ଡିଏ ପାର୍ଶ୍ୱ ପ୍ରେରିତପତ୍ରରୁ ଏ ବିଷୟ ଆମ୍ଭେମାନେ ଅବଗତ ହେଲୁଁ । ମାତ୍ର ପତ୍ରପ୍ରେରକ ମୁଦେଇର ଇଜାହାରର ନକଲ ବା ସଠିକ ବିବରଣ ନ ଲେଖି ଅନ୍ୟାନ୍ୟ ଅନେକ କଥା ଲେଖି ଥିବାରୁ ତାହା ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଏ ପକ୍ଷେ ବିସ୍ତାରିତ ବିବରଣ ପ୍ରକାଶ କରିବୁଁ ।

---

ଜଣେ ଦେଶୀୟ ଡାକ୍ତର ତୋକମରିଯ୍ୟାସୀତର ଅନେକ ଗୁଣ ଦୈନିକ ସମ୍ବାଦପତ୍ରରେ ପ୍ରକାଶ କରିଅଛନ୍ତି । ତୋକମରିଯ୍ୟା ମଞ୍ଜି ବଜାରରେ ବଣିଆଙ୍କ ଦୋକାନରେ ବିକ୍ରୟ ହୁଅଇ । ଏହି ପ୍ରଦେଶରେ ଏହାକୁ ଲଣ୍ଡାକଗୁଲି ମଞ୍ଜି କହନ୍ତି । ମୁସଲମାନଚିକିତ୍ସକ ଅର୍ଥାତ ହକିମମାନେ ଏଥିର ଅଧିକ ବ୍ୟବହାର କରନ୍ତି ସମ୍ଭବତଃ ପାର୍ଶ୍ୟରେ ଏଦ୍ରବ୍ୟ ଅଧିକ ମିଳଇ ଓ ପାରସିଭାଷାରେ ଏହାର ନାମ ତୋଖମ କଲଙ୍ଗ ବା ତୋଖମରେହା । ତହିଁର ଅପଭ୍ରଂଶରେ ତୋକମରିଯ୍ୟା ନାମ ହୋଇଅଛି । ପାଣିରେ ଭିଜାଇ ମିଶ୍ରି ସଙ୍ଗେ ସଣାକରି ଖାଇଲେ ଦେହ ଶୀତଳ କରଇ । ପ୍ରମେହରୋଗର ଯନ୍ତ୍ରଣା ଏହାଦ୍ୱାରା ଶାନ୍ତ ହୁଅଇ । ଅତିସାର ଉଦରାମୟ ଏବଂ ମୂତ୍ରାଶୟର ନାନା ପୀଡ଼ାରେ ଦେଶୀୟ ଚିକିତ୍ସକମାନେ ଏହା ପ୍ରୟୋଗ କରି ସୁଫଳ ପାଉଅଛନ୍ତି । ଏହା ଉତ୍ତେଜକ ଏବଂ ମୂତ୍ରବର୍ଦ୍ଧକ ଅଟଇ । କିନ୍ତୁ ସର୍ବାପେକ୍ଷା ଏହିମଞ୍ଜିର ପୋଲଟିସ ବିଶେଷ ଉପକାରୀ । ଏହାକୁ ବାଟି ଫେଣି ବା ଅଟାର ପୋଲଟିସ ପରି ପୋଲଟିସ ତିଆରି କରି ଝରପା ବିଷାଣୀଆ ଘାଆଭିତରେ ଲଗାଇଲେ ଅଳ୍ପକ୍ଷଣରେ ଜ୍ୱଳା ପୋଡ଼ା କମ ହୁଅଇ ଏବଂ ଅଳ୍ପ ଦିନରେ ଘା ଶୁଖିଯାଏ । ଘା ଶୁଖିବାପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ଓ ସନ୍ଧ୍ୟା ଦୁଇଥର ପୋଲଟିସପଟି ଦେଲେ ଅର୍ଥାତ ପୋଲଟିସକୁ କନାରେ ବହଳକରି ଲେପି ଘା ଉପରେ ଲଗାଇ ବାନ୍ଧିଦେଲେ ଯଥେଷ୍ଟ ହେବ । କାରଣ ଏହା ଅନ୍ୟାନ୍ୟ ପୋଲଟିସ ପରି ଶୀଘ୍ର ନଷ୍ଟ ହୁଅଇ ନାହିଁ । କଥ ଓ ଚୂଣ ଘାକୁ ମଧ୍ୟ ଏହି ପୋଲଟିସ ପଚାଇ ଫଟାଇ ଦିଏ ।

---

ରାଜସାହିବିଭାଗର ଗତ ବାର୍ଷିକ ସାଧାରଣଶାସନ ବିବରଣର ସମାଲୋଚନାରେ ସେ ଅଞ୍ଚଳର ଜମିଦାରଙ୍କ ଚରିତ୍ରସମ୍ବନ୍ଧରେ ମାନ୍ୟବର ଲେପ୍ଟେନାଣ୍ଟ ଲେଖିଅଛନ୍ତି କି ଜମିଦାରମାନେ ଏକ ଦିଗରେ ସରକାରଙ୍କପ୍ରତି ରାଜଭକ୍ତି ପ୍ରଦର୍ଶନ ଏବଂ ଅନ୍ୟଦିଗରେ ସମାଜର ହିତକାମନାରେ ବଦାନ୍ୟତା ପ୍ରକାଶ କରିବାର ତାହାଙ୍କ ଜ୍ଞାତସାରରେ ଆସିଅଛି । ମାତ୍ର ରଏତଙ୍କସହିତ ସେମାନଙ୍କ ସମ୍ବନ୍ଧ ତେମନ୍ତ ସୁପ୍ରସନ୍ନ ନୁହଇ । ପାବନାଜିଲ୍ଲାପ୍ରତି ଏକଥା ବିଶେଷରୂପେ ସତ୍ୟ କାରଣ ସେଠା ଜମିଦାରମାନେ ଅବଶ୍ୟ ଲଠିଆଲଦଳ ନିଯୁକ୍ତ କରି ଜମିସମ୍ବନ୍ଧରେ ପରସ୍ପରସହିତ ଲଢ଼ାଇ କରନ୍ତି । କମିଶ୍ନର ସାହେବଙ୍କ ମତରେ ପ୍ରଜାସତ୍ୱ ଆଇନର ୧୪୦ ଧାରା ପ୍ରବଳରୂପେ ଜାରି କରିବାଦ୍ୱାରା ଏ ଅନିଷ୍ଟ ନିବାରଣ ହୋଇପାରେ । ଗବର୍ଣ୍ଣମେଣ୍ଟ ଏ ବିଷୟରେ ସତର୍କ ହେବା କାରଣ କଲେକ୍ଟରଙ୍କୁ ଅନୁରୋଧ କରିଅଛନ୍ତି । ଲଠିଆଲ ବା ବାଡ଼ିଖେଳିବାରେ ନିପୁଣ ଆଖଡ଼ାବାଲାମାନଙ୍କୁ ନିଯୁକ୍ତ କରି ଯେଉଁ ଜମିଦାରମାନେ ଦଙ୍ଗା ହଙ୍ଗାମା କରନ୍ତି ସେମାନଙ୍କୁ କଠିନରୂପେ ଦମନ କରିବା ନିତାନ୍ତ ପ୍ରୟୋଜନ ସନ୍ଦେହ ନାହିଁ କିନ୍ତୁ ଯେଉଁ ଜମିଦାରମାନେ ସ୍ୱାର୍ଥସନ୍ତୋଷେ ସରକାରୀ ଉଚ୍ଚକର୍ମଚାରୀଙ୍କ ମନକୁ ଯୋଗାଇ ଓ ଅଭିନନ୍ଦନ, ଭୋଜ ବା ଉତ୍ସର୍ଗର ଅନୁଷ୍ଠାନ କରି ରାଜଭକ୍ତିର ଏବଂ ବିଦ୍ୟାଳୟ ଚିକିତ୍ସାଳୟ ପ୍ରଭୃତି ସ୍ଥାପନ କରି ସ୍ୱଦେଶହିତୈଷିତାର ଧୂଳି ସରକାରଙ୍କ ଅକ୍ଷିରେ ପକାଇ ଆପଣା ରଏତମାନଙ୍କପ୍ରତି ଅତ୍ୟାଚାର କରନ୍ତି ସେମାନଙ୍କୁ ମଧ୍ୟ ଦମନ କରିବାର ଉଚିତ । କଲେକ୍ଟରମାନେ ଗସ୍ତ ସମୟରେ ପ୍ରଜାଙ୍କ ଅବସ୍ଥା ଅନୁସନ୍ଧାନକଲେ କେଉଁ ଜମିଦାର ରଏତଙ୍କପ୍ରତି କିପରି ବ୍ୟବହାର କରଇ ତାହା ଗୋପନ ରହିବ ନାହିଁ । ଦୁଃଖର ବିଷୟ ଯେ ଏହି କର୍ତ୍ତବ୍ୟ କାର୍ଯ୍ୟ ପ୍ରତି ଅନେକ ହାକିମମାନେ ମନୋଯୋଗୀ ହେଉ ନାହାନ୍ତି ।

---

### ସୁନାହାରର ମାମଲା ।

ଅଠଗଡ଼ ରାଜାଙ୍କ ସୁନାହାରଘଟିତ ମୋକଦ୍ଦମାର ବିବରଣ ପାଠକମାନଙ୍କୁ ଜଣାଇଅଛୁଁ । ସରଦାରବେହେରା ଯେମନ୍ତ ହାରଟି ଠକିନେବାକୁ ବସିଥିଲା ତେମନ୍ତ ଦଣ୍ଡ ପାଇଲା । ମାତ୍ର ହାରଟି କିପରି ବେହେରାର ହସ୍ତଗତ ହେଲା ସେ ବିଷୟ ଠିକ ପ୍ରକାଶ ନ ହେବାରୁ ଶ୍ରୀଯୁକ୍ତ ଟୈଏନବିସାହେବଙ୍କ ମନ ସ୍ଥିର ହୋଇ ନାହିଁ । ତାହାଙ୍କର ପ୍ରଥମରୁ ଏହି ଧାରଣା ହୋଇଅଛି ଯେ ଅଠଗଡ଼ ରାଜାଙ୍କ କାର୍ଯ୍ୟରେ ସେ ପୁନଃ ୨ ଅସନ୍ତୋଷ ପ୍ରକାଶ କରିଥିବାରୁ ତାହାଙ୍କ ଅନୁଗ୍ରହ ଲାଭ ଅଭିପ୍ରାୟରେ ରାଜା ଏହି ହାରକୁ ଉତ୍କୋଚସ୍ୱରୂପ ପଠାଇଥିଲେ ଏବଂ ଏଥି ପୂର୍ବର ଗୋଟିଏ ଘଟନା ସଙ୍ଗେ ଏହାକୁ ମିଶାଇ ବିଚାର କରିବାରେ ତାହାଙ୍କର ସେହି ବିଶ୍ୱାସ ଦୃଢ଼ ହୋଇଅଛି । ବେହେରାର ଜବାବ ମଧ୍ୟ ସାହେବଙ୍କ ବିଶ୍ୱାସର ପୋଷକତା କରୁଅଛି ଏବଂ ଏହି ହାରସମ୍ବନ୍ଧରେ ସରଦାରକୁ କଇଫେସ୍ ଦେବା କଥା ସ୍ୱୟଂ ରାଜା ବାବୁ ସୁଦାମଚରଣ ନାୟକ ଅଶିଷ୍ଟାଣ୍ଟ ସୁପ୍ରିଣ୍ଟଙ୍କଠାରେ ପ୍ରକାଶ କରିବା ମଧ୍ୟ ତହିଁର ଅନୁକୂଳ ଅଟଇ । ଫଳତଃ ବାସ୍ତବରେ ଉତ୍କୋଚ ଦେବା ଅଭିପ୍ରାୟରେ ରାଜା ସେହି ହାର ସରଦାରବେହେରାକୁ ଦେଇଥିଲେ ଅଥବା ସରଳ ଚିତ୍ତରେ ମେମସାହେବଙ୍କୁ ଦେଖାଇବାକୁ ପଠାଇଥିଲେ ଏହା ନିଶ୍ଚୟରୂପେ ସିଦ୍ଧାନ୍ତ କରିଇ ନେବା ଶ୍ରୀଯୁକ୍ତ ଟୈଏନବିସାହେବଙ୍କର ଏକାନ୍ତ ଇଚ୍ଛା । ତାହାଙ୍କୁ ଉତ୍କୋଚଦ୍ୱାରା ବଶ କରିବାର ଚେଷ୍ଟା ହୋଇଥିଲା ଏହା ଶୁଣି ଅବା ଘଟନାଦ୍ୱାରା ବୁଝିପାରି ସ୍ୱଭାବତଃ ତାହାଙ୍କର ମନଃକ୍ଷୋଭ ହୋଇଅଛି ଏବଂ ଯେବେ ଏହା ସତ୍ୟ ହେବ ତେବେ ରାଜା ଇଂରାଜଶାସନାଧୀନ ରାଜ୍ୟରେ ଥାଇ ଏ କାର୍ଯ୍ୟ କରିବାରେ ଦଣ୍ଡବିଧି ଆଇନାନୁସାରେ ଅପରାଧୀ ହେବେ ସନ୍ଦେହ ନାହିଁ । ଏଣୁକରି ଶ୍ରୀଯୁକ୍ତ ଟୈଏନବିସାହେବ ଏହି ଘଟନାର ସମସ୍ତ ବିବରଣ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଅଠଗଡ଼ରାଜାଙ୍କୁ ବିଚାରାଧୀନରେ ଆଣିବା କାରଣ ପ୍ରାର୍ଥନା କରିଅଛନ୍ତି । ଅପରଲୋକ ହୋଇଥିଲେ ଫଉଜଦାରୀ ଅଦାଲତର ବିଚାରାଧୀନରେ ତତ୍କ୍ଷଣାତ ଆସିଥାନ୍ତା । କିନ୍ତୁ ରାଜାଙ୍କ ମର୍ଯ୍ୟାଦା ଦୃଷ୍ଟିରେ ତାହା ହୋଇ ନ ପାରିବାରୁ ଗବର୍ଣ୍ଣମେଣ୍ଟଙ୍କ ବିଶେଷ ଆଦେଶନିମନ୍ତେ ରିପୋର୍ଟ ହୋଇଅଛି ଗବର୍ଣ୍ଣମେଣ୍ଟ ଏଥିର କି ନିଷ୍ପତ୍ତି କରିବେ ଅବିଳମ୍ବେ ଜଣାଯିବ । ଆମ୍ଭେମାନେ ଏପର୍ଯ୍ୟନ୍ତ କେବଳ ଶ୍ରୀଯୁକ୍ତ ଟୈଏନବିସାହେବଙ୍କ ଧାରଣାର କଥା କହୁଅଛୁଁ ।

Digitized by srujanika@gmail.com

Split by PDF Splitter



ଅସମ୍ଭବ ନୁହେ ଯେ ତାହାଙ୍କ ଧାରଣା ଭ୍ରମାତ୍ମକ ହୋଇଥିବ ଏବଂ ରାଜା ସରଳଭାବରେ ମେମସାହେବଙ୍କୁ ଦେଖାଇବା କାରଣ ତାର ପଠାଇ ଥିବେ । ବିଚାର ହେଲେ ଯୋଗ୍ୟ ଅଦାଲତ ଏହାର ସିଦ୍ଧାନ୍ତ କରିବେ । ରାଜା ଯେବେ ସାବଧାନ ହୋଇ କାର୍ଯ୍ୟ କରିଥାନ୍ତେ ତାହା ହେଲେ ଏସବୁ ଘଟି ନ ଥାନ୍ତା । ଭରସା କରୁଁ ଏ ଘଟନାରୁ ଅନେକ ଲୋକ ଉଚିତ ଶିକ୍ଷା ଲାଭ କରିବେ ।

---

## ବ୍ରାହ୍ମଧର୍ମ ପ୍ରଚାର ।

କଲିକତା ସାଧାରଣ ବ୍ରାହ୍ମସମାଜର ଜଣେ ପ୍ରଚାରକ ବାବୁ ଶଶିଭୂଷଣ ବସୁ ପ୍ରଚାରକାର୍ଯ୍ୟ ଉପଲକ୍ଷରେ ଏ ନଗରକୁ ଆସି ଗତ ରବିବାର ଏବଂ ତହିଁ ଉତ୍ତାରୁ ମଙ୍ଗଳବାର ଏହି କୁଲଟନ ପ୍ରିଣ୍ଟିଂକମ୍ପାନୀଙ୍କ ହତାରେ ବକ୍ତୃତା ପ୍ରଦାନ କରିଥିଲେ । ଉଭୟଦିନ ଶ୍ରୋତାଙ୍କ ସଂଖ୍ୟା ଅଳ୍ପ ଏବଂ ପ୍ରଥମ ଦିନଠାରୁ ଦ୍ୱିତୀୟଦିନରେ ଅଳ୍ପତର ଜଣା ହୋଇଥିଲା । ଦର୍ଶକଙ୍କ ମଧ୍ୟରେ ନବ୍ୟଯୁବାଙ୍କ ଭାଗ ଅଧିକ ଦେଖାଗଲା । ପ୍ରବୀଣ କୃତବିଦ୍ୟଦଳର ଲୋକ ଅତିଅଳ୍ପ ଥିଲେ । ଫଳତଃ ମୋଟରେ ଜ ୫୦।୬୦ ଣ ବକ୍ତୃତା ଶୁଣିବାକୁ ଆସିବାରୁ ସ୍ପଷ୍ଟ ଜଣାଗଲା ଯେମନ୍ତ ବ୍ରାହ୍ମଧର୍ମ ପ୍ରତି ଏ ନଗରବାସିଙ୍କର ଏପରି ଅବହେଳା ଯେ ଅନେକ ତହିଁର ପ୍ରସଙ୍ଗ ଶୁଣିବାକୁ କାହାର ମନ ହୁଅଇ ନାହିଁ ।

ପ୍ରଥମଦିନ ବକ୍ତା ଏହି କଥା ବୁଝାଇଦେଇଥିଲେ ଯେ ବର୍ତ୍ତମାନକାଳରେ ଇଂରାଜଙ୍କ ପ୍ରସାଦରୁ ବିଦ୍ୟା, ସଭ୍ୟତା ଏବଂ ବୈଷୟିକ ବ୍ୟାପାରର କ୍ରମାଗତ ଉନ୍ନତି ହେବାରୁ ଅମ୍ଭେମାନେ ମହା ଆନନ୍ଦିତ ହୋଇ ମନେ କରୁଅଛୁଁ ଯେ ଭାରତର ଶୁଭଦିନ ଉପସ୍ଥିତ ହୋଇଅଛି ଏବଂ ଅଚିରେ ଏହା ଗୋଟିଏ ଖାସ ଉନ୍ନତରାଜ୍ୟ ହେବ । ମାତ୍ର ଏ ସବୁ ଉନ୍ନତି କେବଳ ବାହ୍ୟିକ ଅଟଇ । ଲୋକଙ୍କ ଅନ୍ତରରେ ଧର୍ମଭାବ ଜାଗ୍ରତ ନ ହେଲେ ଦେଶର ଶ୍ରୀବୃଦ୍ଧି କଦାଚ ହେବ ନାହିଁ । ଅନେକ ଐତିହାସିକ ପ୍ରମାଣଦ୍ୱାରା ବକ୍ତା ଏଥିର ପୋଷକତା କରିଥିଲେ । ବର୍ତ୍ତମାନର ଶିକ୍ଷିତ ସମ୍ପ୍ରଦାୟର ଧର୍ମ ପ୍ରତି ଅତ୍ୟନ୍ତ ଅନାସ୍ଥା ଦେଖି ସେମାନଙ୍କ ପ୍ରତି ସେଉଁ କଟୁ ଉକ୍ତି ପ୍ରୟୋଗ କରିଥିଲେ ସମ୍ଭବତଃ କାହାରିକୁ ତାହା ଭଲ ନ ଲାଗିବାରୁ ଅଥବା ବିଶେଷ ରସ ନ ପାଇବାରୁ ଦ୍ୱିତୀୟଦିନର ଶ୍ରୋତା ଊଣା ହୋଇଥିଲେ । ଦ୍ୱିତୀୟଦିନରେ ବକ୍ତା ଧର୍ମର ଉତ୍କୃଷ୍ଟ ପ୍ରଧାନ ଅଙ୍ଗ—ଜ୍ଞାନ ପ୍ରୀତି ଏବଂ ବିଶ୍ୱାସର ବ୍ୟାଖ୍ୟା କରି କହିଥିଲେ ଯେ ବ୍ରାହ୍ମଧର୍ମ ବିଜ୍ଞାନର ଭିତ୍ତିରେ ସ୍ଥାପିତ । ବିଜ୍ଞାନର ବୃଦ୍ଧି ସଙ୍ଗେ ଏହାର ବୃଦ୍ଧି, ସୁତରାଂ ଏହା କେବେ କ୍ଷୟ ହେବାର ନୁହଇ । କାଳେ ଏହା ପୃଥିବୀର ଏକମାତ୍ର ସନାତନଧର୍ମ ହେବ ।

ଶଶୀବାବୁ ଉଚ୍ଚଦରର ବକ୍ତା ନ ହେଲେହେଁ ତାହାଙ୍କ ମୁଖରୁ ଅନେକ ସାରକଥା ନିର୍ଗତ ହୋଇଥିଲା ଏବଂ ତାହା ଯେଉଁମାନେ ଶୁଣିଅଛନ୍ତି ହୃଦୟଙ୍ଗମ କଲେ ଫଳ ପାଇବେ ସନ୍ଦେହ ନାହିଁ ।

ଅମ୍ଭେମାନେ ଅବଗତ ହେଲୁଁ ଯେ ଶଶୀବାବୁ ଅଳ୍ପଦିନରେ ଏଠାରୁ ଚାଲିଯିବେ । ପ୍ରଚାର କାର୍ଯ୍ୟରେ ଏପରି ଚଞ୍ଚଳତା ଅମ୍ଭମାନଙ୍କୁ ଭଲ ଲାଗୁ ନାହିଁ । ବିଶେଷତଃ ଯେ ସ୍ଥଳେ ବ୍ରାହ୍ମଧର୍ମ ପ୍ରଚାର କରିବା ତାହାଙ୍କର କାର୍ଯ୍ୟ ଏବଂ ସେ ପ୍ରତ୍ୟକ୍ଷ ଦେଖିଲେ ଯେ ଏ ନଗରରେ ବ୍ରାହ୍ମଧର୍ମର ଅତ୍ୟନ୍ତ ଅନାଦର ସେସ୍ଥଳେ ଏହି ସ୍ଥାନ ଯେ ତାହାଙ୍କର ଅଧିକ ମନୋଯୋଗ ଓ ପରିଶ୍ରମ ଲୋଡ଼ୁଅଛି ଏଥିରେ ଦ୍ୱିରୁକ୍ତି ନାହିଁ । ଏଠାରେ ବ୍ରାହ୍ମଙ୍କ ସଂଖ୍ୟା ଅତ୍ୟନ୍ତ ଊଣା ଏବଂ ସେମାନେ ଯେ ଜଣେ ପ୍ରଚାରକ ରଖିପାରିବେ ଏମନ୍ତ ଆଶା କରାଯାଇ ନ ପାରେ । କଲିକତାର ପ୍ରଚାରକ କେହି ଅଧିକ ଦିନ ଏଠାରେ ରହି କାର୍ଯ୍ୟ କରିବା ନିତାନ୍ତ ଆବଶ୍ୟକ ହେଉଅଛି ।

---

## କୁଲିପ୍ରଥାର ଖବର

ଅମ୍ଭେମାନେ ଗତସପ୍ତାହରେ ଏ ବିଷୟରେ ଯାହା ଲେଖିଥିଲୁ ତହିଁରୁ ପାଠକମାନେ ବୁଝିଥିବେ ଯେ କୁଲିବିଷୟରେ ହସ୍ତକ୍ଷେପ କରିବାର ମୂଳ କାରଣ ଆମ୍ଭମାନଙ୍କ ଲେଫଟେଣ୍ଟ ସାର୍, ଇଲିୟଟ ବାହାଦୁର ଅଟନ୍ତି । ମାତ୍ର ମାନ୍ୟବର ଲେଫଟେଣ୍ଟ ଅବିଲମ୍ବେ ଏ ସମ୍ବନ୍ଧୀୟ କାଗଜପତ୍ରମାନ କଲିକତାଗେଜେଟରେ ପ୍ରକାଶ କରି ସେ ଭ୍ରମ ଘୁଞ୍ଚାଇ ଦେଇଅଛନ୍ତି । ସେ ସବୁ କାଗଜପତ୍ରରୁ ଜଣାଯାଏ ଯେ ସନ ୧୮୯୦ ସାଲରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ କୁଲିପ୍ରଥାର ଫଳାଫଳ ଜଣାଇବା କାରଣ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବାରୁ ବଙ୍ଗୀୟଗବର୍ଣ୍ଣମେଣ୍ଟ ବଙ୍ଗଳାର ହାଇକୋର୍ଟ ଏବଂ ଆପଣା ଅଧୀନସ୍ଥ ଜ ୪ ଣ କମିଶ୍ନର ଜ ୯ ଣ ସେସନ ଜଜ ଓ କୁଲିପ୍ରଥା ପ୍ରଚଳିତ ଥିବା ମାଜିଷ୍ଟ୍ରେଟ ଏବଂ ପୁଲିସ-ଇନସ୍ପେକ୍ଟର ଜେନେରାଲଙ୍କ ରିପୋର୍ଟ ତଲବ କଲେ ଏବଂ ସେମାନଙ୍କ ରିପୋର୍ଟ ପାଇ ଆପଣା-ମନ୍ତବ୍ୟ ସହିତ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ଉତ୍ତର ଦେଲେ ତହିଁରେ ଲେଖିଲେ କି ଅଧିକାଂଶ କର୍ମଚାରୀଙ୍କ ମତରେ କୁଲିକାର୍ଯ୍ୟ ଯେପରି ବର୍ତ୍ତମାନ ବଙ୍ଗଦେଶରେ ହେଉଅଛି ତାହା ଦୂଷଣୀୟ ଅଟଇ ଏବଂ ସମସ୍ତଙ୍କ ମତରେ ଏଥିର ସଂଶୋଧନ ଆବଶ୍ୟକ । ଏହିସବୁ ମନ୍ତବ୍ୟର ବାହୁଲ୍ୟ ସମାଲୋଚନା କରି ମାନ୍ୟବର ଲେଫଟେଣ୍ଟ ଆପଣାର ପ୍ରକାଶିତ ବିଜ୍ଞାପନ ଅନୁସାରେ କୁଲିପ୍ରଥାର ସଂକୋଚ ନିମନ୍ତେ ପ୍ରସ୍ତାବ କଲେ । ତହିଁ ଉତ୍ତରରେ ଇଣ୍ଡିଆଗବର୍ଣ୍ଣମେଣ୍ଟ ଆପଣାର ଅଭିପ୍ରାୟ ପ୍ରକାଶ ପୂର୍ବକ ଲେଫଟେଣ୍ଟଙ୍କୁ ଲେଖିଲେ କି ଫୌଜଦାରୀ କାର୍ଯ୍ୟବିଧି ଆଇନର ଧା ୨୬୯ ସ୍ଥ ଅନୁସାରେ ସେ ଯାହା କରିବାକୁ ଉଚିତ ବୋଧ କରିବେ ତାହା କରିବେ ଏବଂ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କୁ ତହିଁର ସମ୍ବାଦ ଦେବେ ।

ଉପରଲିଖିତ ବିବରଣରୁ ପ୍ରକାଶ ଯେ ମାନ୍ୟବର ଲେଫଟେଣ୍ଟ ସ୍ୱତଃପ୍ରବୃତ୍ତ ହୋଇ କୁଲିପ୍ରଥାରେ ହସ୍ତକ୍ଷେପ କରି ନାହାନ୍ତି । ଇଣ୍ଡିଆଗବର୍ଣ୍ଣମେଣ୍ଟରୁ ଏ ପ୍ରସଙ୍ଗର ଉତ୍ପତ୍ତି ହେଲା ଏବଂ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କୁ ସକଳ ବିଷୟ ଜଣାଇ ବଙ୍ଗୀୟଗବର୍ଣ୍ଣମେଣ୍ଟ ଏ ବିଷୟର ଘୋଷଣାପତ୍ର ପ୍ରଚାର କଲେ । ମାତ୍ର ଏହା ବୋଲି ଅମ୍ଭମାନଙ୍କ ଲେଫଟେଣ୍ଟ ଆପଣା ଦାୟିତ୍ୱରୁ ମୁକ୍ତ ପାଉ ନାହାନ୍ତି । କାରଣ ହାଇକୋର୍ଟର ଅଧିକାଂଶ ବିଚାରପତିମାନେ ଏବଂ ଅଧିକାଂଶ ସେସନ ଜଜ କୁଲିପ୍ରଥାର ସଙ୍କୋଚନ ସପକ୍ଷେ ପ୍ରସ୍ତାବ କରିଥିଲେ ଏବଂ କେବଳ ଦୁଇଏକଜଣ ଏ ପ୍ରଥା ଉଠାଇଦେବାକୁ ଲେଖିଥିଲେ । ପରନ୍ତୁ ଯେଉଁମାନେ ସଂଶୋଧନ କରିବାକୁ ଲେଖିଥିଲେ ସେମାନେ କିପରି ସଂଶୋଧନ କେବା ଉଚିତ ତାହା ମଧ୍ୟ ନିର୍ଦ୍ଦେଶ କରିଥିଲେ । ଏପରିସ୍ଥଳେ ଯେଉଁରୂ ମୋକଦ୍ଦମାରେ କୁଲିକର୍ତ୍ତାର ଦୋଷ ଅବଶ୍ୟକ ସେପରି ମୋକଦ୍ଦମା ସମ୍ବନ୍ଧରେ ସେ ପ୍ରଥା ରହିତ କରିବା ମତବାଦୀ କର୍ମଚାରୀଙ୍କ ମତାନୁସାରେ ହେବାର ବୋଲାଯାଇ ନ ପାରେ । ସଂଶୋଧନ କରିବା ଏ କଥା ଏବଂ ମୂଳରୁ ଉଠାଇଦେବା ଅନ୍ୟକଥା ଅଟଇ । ମାନ୍ୟବର ଲେଫଟେଣ୍ଟ ସଂଶୋଧନର ପ୍ରସ୍ତାବ ଉପରେ ନିର୍ଭର

Digitized by srujanika@gmail.com

ପ୍ରଥା ବିଶେଷ ପରିମାଣରେ ଉଠାଇ ... ଆପଣାର ବିବେଚନାମତରେ କାର୍ଯ୍ୟ ... ନ୍ତି । ଇଣ୍ଡିଆଗବର୍ଣ୍ଣମେଣ୍ଟ ମଧ୍ୟ ପ୍ରସ୍ତାବ- ... ତାହାଙ୍କ ପ୍ରସ୍ତାବ ମଞ୍ଜୁର ନ କରି ... ନାମତରେ କାର୍ଯ୍ୟ କରିବାକୁ କହିଥିଲେ । ... ସରୁ ଦାୟ ଇଣ୍ଡିଆଗବର୍ଣ୍ଣମେଣ୍ଟ ଉପରେ ... ଯାଇ ନ ପାରେ ।

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ବାବୁ ରଜନୀକିଶୋର ଦାସ ବି, ଏଲ ଡେପୁଟୀମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହୋଇ କଟକର ସଦର ମହକୁମାରେ ଅବସ୍ଥାପିତ ହେଲେ ଓ ୩ ଯ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ଓଡ଼ିଶାର ବନ୍ଦୋବସ୍ତ କର୍ମଚାରୀ ମି, ଡବଲିଉ ମଡ ନରମ୍ୟାନ ତା ୧୦ ଦିନରୁ ଏସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟରପଦରେ ବନ୍ଦୋବସ୍ତ ନିମନ୍ତେ ନିଯୁକ୍ତ ହେଲେ ।

କଟକର ଚାପଲେନ୍ ରେଭରେଣ୍ଡ ଷ୍ଟାଣ୍ଡବର୍ଗ କଲିକତା ସେଣ୍ଟଟୋମାସ୍ ଚର୍ଚ୍ଚର ଚାପଲେନ୍‌ପଦରେ ନିଯୁକ୍ତ ହେଲେ ।

କଟକ ବାପଟିଷ୍ଟ ମିଶନଗାର୍ଲ୍ସ ରେଃ ଯଦୁ ଗ୍ରିଫିଥନ୍ସ ବିବାହକାର୍ଯ୍ୟ ସମ୍ପାଦନ କରିବାର କ୍ଷମତାପ୍ରାପ୍ତ ହେଲେ ।

ମିଃ ଏଚ୍, ଏଲ୍, ମେକ୍‌ଫର୍ସନ ଓଡ଼ିଶାର ସଦରକାର୍ଯ୍ୟ ବନ୍ଦୋବସ୍ତ କର୍ମଚାରୀ ପଦରେ ରହିବାର ଅଫିସିଆଲ ସୁପରିଣ୍ଟେଣ୍ଡେଣ୍ଟର କ୍ଷମତା ପ୍ରାପ୍ତ ହେଲେ ।

କଟକର ଜଏଣ୍ଟମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ମି: ଇ, ଏମ୍ ଡି, ଉଡ଼ଲି ପ୍ରଥମଶ୍ରେଣୀର ମାଜିଷ୍ଟ୍ରେଟ ଓ ଫୌଜଦାରୀ ମୋକଦ୍ଦମାର ସରସରି ବିଚାରର କ୍ଷମତାପ୍ରାପ୍ତ ହେଲେ ।

---

ସମ୍ବାଦ ଏରୂପ ଯେ ମର୍ଦ୍ଦବଠାରେ ଏକସହସ୍ର ଚୀନସେନା ଲୁଷିଆପକ୍ଷର ଜ ୧୬୫ ଣ ସେନାଙ୍କୁ ଆକ୍ରମଣ କରିବାର ଜନରବ ।—ଲୁଷିଆ ଓ ଚୀନ ମଧ୍ୟରେ ଏପରି ଗୋଳମାଳ ହେବାର କାରଣ ଅଦ୍ୟାପି ଜଣାଯାଇ ନାହିଁ ।

ମୟୂରଭଞ୍ଜଠାରେ କଲବତ୍ତ ମହୋଦୟଙ୍କ ଅଭ୍ୟର୍ଥନା ଅତି ସମାରୋହ ସହିତ ସମ୍ପନ୍ନ ହୋଇଥିବାର ସମ୍ବାଦ ମିଳଇ । ସେଠାରେ ଛୋଟଲାଟ ମହୋଦୟ ସାର୍ବଜନିକ ... ମହାରାଜାଙ୍କ ପ୍ରଶଂସା କରି କହିଅଛନ୍ତି ଯେ ... ଶାସନ ଅନ୍ୟ କୌଣସି ରାଜ୍ୟରେ ସେ ଦେଖି ନାହାନ୍ତି ଏବଂ ଅନ୍ୟ କୌଣସି ରାଜ୍ୟରେ ରାଜା ପ୍ରଜାଙ୍କ ମଧ୍ୟରେ ଏହାଦୃଶ ମେଳ ସେ ଦେଖି ନାହାନ୍ତି । ପୂର୍ବେ ମୟୂରଭଞ୍ଜରେ କେବଳ ମା ୫୦ ମାଇଲ ରେଲବାଟ ଥିଲା ମାତ୍ର ବର୍ତ୍ତମାନ ମା ୩୭୪ ମାଇଲ ରେଲବାଟ ସେ ରାଜ୍ୟରେ ବିଦ୍ୟମାନ ଅଛି । ଏହା ଅବଶ୍ୟ ମହାରାଜାଙ୍କ ପ୍ରତି ଅତ୍ୟନ୍ତ ପ୍ରଶଂସାର ବିଷୟ ।

ବାଲେଠାରେ ନନ୍ଦ ଓଡ଼ିଆ ଏକ ବାଳକ ... ଅଛି । ସେ ଅଙ୍କକୁ ମା ୭ ସ ହେବ ୫୬୦୦ ଲା ମୂଲ୍ୟର ୨ ଖଣ୍ଡ ନୋଟ ପାଇ ଲଭିଥିଲା । ମାଲିକର କୌଣସି ସନ୍ଧାନ ନ ମିଳିବାରୁ ସେ ନୋଟମାନ ପୁଲିସଠାରେ ଅର୍ପଣ କଲା । ନାନା ମାଲିକକୁ ଠିକଣା ନ ପାଇବାରୁ ହାକିମମାନେ ଉକ୍ତ ନୋଟ-ନାନ ମାଲିକ ସାଧୁତାର ପୁରସ୍କାର ସ୍ୱରୂପ ପ୍ରଦାନ କଲେ । ଗରିବ ଓଡ଼ିଆଙ୍କ ମଧ୍ୟରେ ଏପରି ସାଧୁଲୋକ ଅଛନ୍ତି ସାମାନ୍ୟ ଗୌରବ ନୁହଇ ।

ଛୁଦ୍ୟେଷ୍ଟ ଲେଖିଅଛନ୍ତି ଯେ ବାହାକଲପୁରରେ ମିଶାଘିଅ ବିକ୍ରୟ କଲେ ତାହାକୁ ସଜାଦେବାର ନିୟମ ହୋଇଅଛି । ସବୁଠାରେ ଏହିନିୟମ ପ୍ରଚଳିତ ହେବା ଉଚିତ । କଟକରେ ଏଣିକି ମିଶାଘିଅ ଅଧିକ ପରିମାଣରେ ବିକ୍ରୟ ହେବାର ଦେଖାଯାଏ ।

ମୟମନସିଂହରେ ଚାଉଳର ଦର ବାଲେଶ୍ୱର ଏକମଣକୁ ୧୨ ଟଙ୍କା ହୋଇଅଛି । ଏପରି ଅଲ୍ପବୃଷ୍ଟି ସମୟରେ ଗୌରିପୁରର ଜମିଦାର ବାବୁ ବ୍ରଜେନ୍ଦ୍ରକିଶୋର ରାୟ ମା ୫୦୦ ମଣ ଚାଉଳ ଦୁଃଖିଙ୍କୁ ବାଣ୍ଟିବା ଏବଂ ସୁଲଭଦରରେ ବିକ୍ରୟନିମନ୍ତେ ପଠାଇ ବଡ଼ ପ୍ରଶଂସାଭାଜନ ହୋଇଅଛନ୍ତି ।

ଜର୍ମାନ ସମ୍ରାଟ ଷ୍ଟ୍ରୀସ୍ କନ୍ୟାର ବିବାହ ଉପଲକ୍ଷରେ ଶତାଧିକ ସ୍ତ୍ରୀ କଏଦୀଙ୍କି ଜେଲଖାନାରୁ ମୁକ୍ତି ଦେଇଅଛନ୍ତି ।

ବମ୍ବେର ମାଷ୍ଟର ଫ୍ରେମଜୀ କାମା ନାମକ ଜଣେ ଧନାଢ୍ୟ ପାରସୀ ସ୍ୱଜାତୀୟ ବନ୍ଧୁଙ୍କ ସାହାଯ୍ୟାର୍ଥେ ତେରଲକ୍ଷ ଟଙ୍କା ଦାନ କରିଅଛନ୍ତି । ଏହାଙ୍କର ଧନଅର୍ଜ୍ଜନ ସାର୍ଥକ ।

ହାମବର୍ଗଠାରୁ ଓଲଉଠା ରୋଗ ଏକାବେଳକେ ବିଦାୟ ହୋଇଯାଇଥିବାର ସମ୍ବାଦ ମିଳଇ । ଏହିରୋଗରେ ସେଠାରେ ସବୁଶୁଦ୍ଧା ୮୦୦୦ ଣ କାଳଗ୍ରାସରେ ପତିତ ହୋଇଅଛନ୍ତି ।

ହଜାର ରାଜ୍ୟରୁ କାବୁଲ ଅମୀରଙ୍କ ସେନାପତି ଗୁଲମହମ୍ମଦ ଉକ୍ତ ରାଜ୍ୟ ଜୟ ହେଲା ଉତ୍ତାରୁ ଅମୀରଙ୍କ ସମୀପକୁ ଫେରି ଯାଇ ଥିବା ସମୟରେ ହଜାର ନାଗରମାନେ ତାଙ୍କର ଖାଦ୍ୟଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ଲୁଟି ନେଲେ । ସୁତରାଂ ହଜାର ରାଜ୍ୟରେ ଅମୀରଙ୍କର ଜୟଲାଭ ସ୍ଥିର ହୋଇ କୋହି ଯାଇ ନ ପାରେ ।

ସିକାଗୋଠାରେ ଯେଉଁ ପ୍ରକାଣ୍ଡ ପ୍ରଦର୍ଶନୀ ହେବାର ଉଦ୍ୟୋଗ ଲାଗିଅଛି ତହିଁ ନିମିତ୍ତ ଏକ ପ୍ରକାଣ୍ଡ ଗୃହ ନିର୍ମିତ ହୋଇଥିବାର ସମ୍ବାଦ ମିଳଇ । ଉକ୍ତ ଗୃହ ଗତମାସ ତା ୨୧ ଦିନରେ ଉତ୍ସର୍ଗୀକୃତ ହେଲା । ଏ ସମୟରେ ଅନେକ ଲୋକ ଉକ୍ତ ସ୍ଥାନରେ ଉପସ୍ଥିତ ଥିଲେ । କଥିତ ଅଛି ଯେ ଆମେରିକାରେ ଏ ପର୍ଯ୍ୟନ୍ତ ଏପରି ବୃହତ୍ ଘର ନିର୍ମିତ ହୋଇ ନ ଥିଲା ! ପୃଥିବୀର ପ୍ରାୟ ସମସ୍ତ ରାଜ୍ୟର ପ୍ରତିନିଧିଙ୍କ ସମକ୍ଷରେ ଏ କ୍ରିୟା ସମାଧିତ ହୋଇ ଈଶ୍ୱରଙ୍କଠାରେ ପ୍ରାର୍ଥନା କରାଇଥିଲା ।

### ପୁରୀ-ସମ୍ବାଦ ।

ସହରମଧ୍ୟସ୍ଥ କୌଣସି ସ୍ଥାନର କୂପମାନଙ୍କର ଜଳ ଅବ୍ୟବହାର୍ଯ୍ୟ ବୋଧେ ମିଉନିସିପାଲିଟୀ ଉକ୍ତ କୂପମାନଙ୍କ ପଥ ଓ ପଥରକାଠ ଆବୃତ କରି ଉପରେ ମାଟି ଦେଇ ପୋତିପକାଇଅଛନ୍ତି । ଉକ୍ତ ପଲ୍ଲୀବାସୀ ବାସିନ୍ଦାମାନେ ବଡ଼ କ୍ଲେଶ ପାଉଅଛନ୍ତି ।

ଅଡ଼ବାର ଚାଉଳ ଦାସହାର ସେର ହୁଇଅଣା ଦରରେ ବିକ୍ରୀ ହେଉଅଛି । ମହାଜନମାନେ ଗ୍ରାମ୍ୟ ବୃଦ୍ଧ ଚାଉଳର ଦର କ୍ରମଶଃ ବୃଦ୍ଧି କରୁଅଛନ୍ତି ।

ନଦୀଜଳ ଉତ୍ତରଦିଗର ନଣାମଣ୍ଡଳପର୍ଯ୍ୟନ୍ତ ଜୀର୍ଣ୍ଣବିଗିଡ଼ା ହୋଇ ଅଛି । ବଡ଼ବୃଷ୍ଟିର ଦେଖାଯାଉ ଅଛି ।

ଅଦ୍ୟାପି ଲୁଣାଭୂଇଁର କାର୍ଯ୍ୟ ନାହିଁ । ଗତସପ୍ତାହରେ ଉତ୍କଳ ... ମହାଶୟଙ୍କ ... ୨୦ ଟଙ୍କାର ... ସଙ୍ଗ ଉନ୍ମୁକ୍ତହୋଇ ଅଛି ।

ଓଲଉଠା ଶାନ୍ତ ଅଛି । ବହୁ ଲୁଣ ଉଦରଗ୍ରାମୀ ହୋଇ ଅଛି ।

---

### ଯାଜପୁର-ସମ୍ବାଦ ।

ଏଠାକୁ ଯେଉଁ ଦ୍ୱିତୀୟ ମୁନସଫ ଆସିବାର କଥା ଥିଲା ସେ ଆସି ପ୍ରଥମ ମୁନସଫଙ୍କର ସୋପର୍ଦ୍ଦି ମୋକଦ୍ଦମାମାନ ବିଚାର କରୁଅଛନ୍ତି । କଚେରୀ ଗୃହ ନିତାନ୍ତ ସଙ୍କୀର୍ଣ୍ଣ ଥିବାରୁ ବଡ଼ ଅସୁବିଧା ହେଉଅଛି ।

ଏଠାରେ ଡିଷ୍ଟ୍ରିକ୍ଟଇନସ୍ପେକ୍ଟର ବାବୁ କାମିନୀକାନ୍ତ ରାୟଙ୍କ ବସାରେ କେତେକ ଜମାଏତ ବୈଷ୍ଣବ ପଢ଼ିବାକୁ ... ସେମାନଙ୍କୁ ଘୃତ ଓ ନଇବେଦ୍ୟ ଦେଇ ... ଗୋଟିଏ ଗୃହରେ ସେମାନଙ୍କର ସ୍ଥାନ କରିଦେଲେ । ସେମାନେ ପୂଜା ପ୍ରସ୍ତୁତ କରୁ ହଠାତ୍ ଘୃତକପାଳରେ ନିଆଁ ଲାଗି ... ବାବୁଙ୍କର ... ଭସ୍ମ କରିଦେଲା । ସୌଭାଗ୍ୟକ୍ରମେ ରାତ୍ରି ୨ ଟା ୨୫ ଘଣ୍ଟା ସମୟରେ ଏହା ଘଟିବାରୁ ଚତୁର୍ଦ୍ଦିଗରୁ ମନୁଷ୍ୟ ଜମା ହୋଇ ଅଗ୍ନି ନିଭାଇ ଦେଲେ ଅତ୍ୟନ୍ତର ବିଷୟ ଏହି ଯେ ଗୃହର କୌଣସିଅଂଶରେ ନିଆଁ ନ ଲାଗି ନାହିଁ କେହି କହନ୍ତି କି ଉକ୍ତସ୍ଥଳେ ପୂର୍ବରେ ମୁସଲମାନ ... ଥିଲେ ଏଥିନିମନ୍ତେ ବୈଷ୍ଣବ ସେବାରେ ଏପରି ବାଧା ଘଟିଲା ।

ସେଟଲମେଣ୍ଟ ଅଲକାର ଏନାଏତଉଲ୍ଲା ନାମକ ଯେଉଁ ହେଡ଼ ମିଃ ଯଦୁମୋହନ ପଟ୍ଟନାୟକ ଜମିଦାରଙ୍କ କଚେରୀଘରେ ଗୃହ ଭଙ୍ଗୀ ଉପଦ୍ରବ କରିବାର ଯେଉଁ ମୋକଦ୍ଦମା ହୋଇଥିଲା ଗତ ତା ୧୯ ରିଖରେ ତହିଁର ବିଚାର ହୋଇ ହେଡ଼ ଇନସ୍ପେକ୍ଟରଙ୍କ ଦଣ୍ଡବିଧିଆଇନର ଧ ୩୫୨ ଧାରାନୁସାରେ ଟ ୫ ଙ୍କା ଅର୍ଥଦଣ୍ଡ ହୋଇଅଛି । ଏ ଦଣ୍ଡ ଅତି ସାମାନ୍ୟ ଏଥିରେ ଅତ୍ୟାଚାର ବନ୍ଦ ହେବାର ଆଶା ନାହିଁ ।

ଏଠାରେ ଜଂଶନ ଅଫିସରେ ଯେଉଁ ଜାଲ ରେକର୍ଡ ହେବାର ପୂର୍ବେ ଲେଖିଥିଲୁଁ ତହିଁରେ ପଦ୍ମ ଦୋବାଇ ଓ ମଧୁସୂଦନ ଦାସ ଫୌଜଦାରୀ ସୋପର୍ଦ୍ଦ ହୋଇଅଛନ୍ତି ।

ଖରସ୍ରୋତା ବୈତରଣୀ ଓ ବୁଢ଼ାଙ୍ଗର ତୀରବର୍ତ୍ତୀ ସ୍ଥାନମାନଙ୍କରେ ଯେଉଁ ରବିଫସଲ ହୋଇଥିଲା ଗତ ବନ୍ୟାରେ ଅଧିକାଂଶ ଗ୍ରାମ ସୋଇସ ଏକାବେଳକେ ନଷ୍ଟ ହୋଇଅଛି ।

ଅଦ୍ୟାବଧି ମାର୍ଗଶିରମାସ ଥାଇ ଚାଉଳର ଅମଦାନୀ ସମୟ ହେଲେ ମଧ୍ୟ ଟଙ୍କାକେ ମୋଟଚାଉଳ ସେ ୯ ର ୫ ସରୁ ଚାଉଳ ସେ ୭ ର ହିସାବରେ ବିକ୍ରୟ ହେଉଅଛି ।

---

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ଗତ ଶନିବାର ଓ ମଙ୍ଗଳବାର ସନ୍ଧ୍ୟାରେ ଏଠା ପ୍ରିଣ୍ଟିଂକୋମ୍ପାନୀଙ୍କ ହଲଗୃହରେ ଜଣେ ବ୍ରାହ୍ମଧର୍ମପ୍ରଚାରକ ବାବୁ ଶଶିଭୂଷଣ ବସୁ ବ୍ରାହ୍ମଧର୍ମ ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ । ବକ୍ତୃତା କେବଳ ପୁନରୁକ୍ତିରେ ପରିପୂର୍ଣ୍ଣ ଥିଲା ସାର କେବଳ ଅନ୍ୟଧର୍ମପ୍ରତି ଆକ୍ରମଣ । ହିନ୍ଦୁଧର୍ମରେ ଅନେକ ପାଷଣ୍ଡ ଅଛନ୍ତି ଏବଂ ବ୍ରାହ୍ମ-

Split by PDF Splitter
Digitized by srujanika@gmail.com

Split by PDF Splitter



ଧର୍ମରେ କେହି ନାହିଁ । ଏକଧର୍ମ ପ୍ରଚାର କରିବାକୁ ଯାଇ ଅନ୍ୟ ଧର୍ମକୁ ଆକ୍ରମଣ କରିବା କେଉଁ ନୀତିସଙ୍ଗତ ବୁଝି ପାରିଲୁଁ ନାହିଁ । ଗତବାର କଲିକତାରେ ଶିକ୍ଷିତ ଯୁବକଙ୍କପ୍ରତି ଆକ୍ରମଣ ମଧ୍ୟ ଥିଲା । କେତେକ ଯୁବକ ଅଦାଲତ ସାକ୍ଷ୍ୟ ପ୍ରଦାନ କରିବାକୁ ଯାଇ ମିଥ୍ୟା କଥା କହି ଆସିବାରୁ ପ୍ରଚାରକ " ଅବାକ୍ " ହୋଇଥିଲେ । ଅବଶ୍ୟ ମିଥ୍ୟାକଥା କହିବା ନିତାନ୍ତ ଅମାନୁଷିକ କଥା । କିନ୍ତୁ ପ୍ରଚାରକ ମହାଶୟ ମଙ୍ଗଳବାର କଲିକତାରେ ଉପମାସ୍ଥଳରେ କହିଥିଲେ କଲିକତା ବଡ଼ବଜାରରେ କେହି ନୂତନବ୍ୟକ୍ତି କିଛି କ୍ରୟ କରିବାକୁ ଗଲେ ଏକାଥରକେ ପାଞ୍ଚଶତ ଦୋକାନିଦାରଙ୍କର ଡାକିବା ଦେଖି ସେ " ଅବାକ୍ " ହୋଇଯାଏ । ଏକାଥରକେ ପାଞ୍ଚଶତ ଦୋକାନଦାର ଡାକିବା ଅସମ୍ଭବ ସୁତରାଂ ମିଥ୍ୟା ନୁହେ କି ?

କଟକ }   । ନ ।<br>
୨୬।୧୧।୯୨ }   ଶ୍ରୀ ଅ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବନମାଳି ସିଂହ | ଢେଙ୍କାନାଳ | ୨ ୮ |
| ଶ୍ରୀ ମହାରଜା ସଚ୍ଚିଦାନନ୍ଦ ଦେବ ଗଡ଼ | | ଟ ୩ ୮ |
| ବାବୁ ଗୋପିନାଥ ମହାନ୍ତି ନାଗଣପୁର | | ଟ ୩ ୮ |

# ବିଜ୍ଞାପନ ।

ପୁରୁଷୋତ୍ତମଧାମର ଶ୍ରୀ ଶ୍ରୀ ଜଗନ୍ନାଥଜୀଉଙ୍କ ମନ୍ଦିରର ସଂସ୍କରଣାର୍ଥ ପ୍ରାପ୍ତ ଚାନ୍ଦା ।

| | | | |
|---|---|---|---|
| ,, କୃଷ୍ଣଚନ୍ଦ୍ର ଚାଟୁର୍ଯ୍ୟା | ,, | ଟ | ୧ |
| ,, ତ୍ରୈଲୋକ୍ୟନାଥ ଘୋଷ | ,, | ଟ | ୧ |
| ,, ରଜନୀକାନ୍ତ ଚାଟୁର୍ଯ୍ୟା | ,, | ଟ | ୧ |
| ,, ରାଧିକାପ୍ରସାଦ ସିଂହ | ,, | ଟ | ୧ |
| ,, କ୍ଷୁଦିରାମ ମୁଖର୍ଯ୍ୟା | ,, | ଟ | ୧ |
| ,, ତ୍ରିପୁରାନାଥ ଚୌଧୁରୀ | ,, | ଟ | ୧ |
| ,, ରାମଚନ୍ଦ୍ର ମୁଖର୍ଯ୍ୟା | ,, | ଟ | ୧ |
| ,, ଦ୍ୱାରକାନାଥ ବସୁ | ,, | ଟ | ୨ |
| ,, ଶାରଦାପ୍ରସାଦ ବସୁ | ,, | ଟ | ୧ |
| ,, ମନମୋହନ ଘୋଷାଲ | ,, | ଟ | ୧ |
| ,, କାଳୀପ୍ରସନ୍ନ ଚାଟୁର୍ଯ୍ୟା | ,, | ଟ | ୧ |
| ,, ବିଷ୍ଣୁଚନ୍ଦ୍ର ଅଧିକାରୀ | ,, | ଟ | ୧ |
| ,, ରଘୁନାଥପ୍ରସାଦ ସିଂହ | ,, | ଟ | ୧ |
| ,, ଗୋବିନ୍ଦପ୍ରସାଦ ଅଧିକାରୀ | ,, | ଟ | ୧ |
| ,, କୃଷ୍ଣଦାସ ଦେ | ,, | ଟ | ୧ |
| ,, ଶଙ୍କର ସିଂହ | ,, | ଟ | ୧ |
| ,, ଜୟଗୋପାଳ ଘୋଷ ଚୌଧୁରୀ | ,, | ଟ | ୪ |
| ,, ପ୍ରାଣକୃଷ୍ଣ ଦତ୍ତ | ,, | ଟ | ୧ |
| ,, ଯୋଗେଶଚନ୍ଦ୍ର ବାନର୍ଯ୍ୟା | ,, | ଟ | ୧ |
| ,, ସତ୍ୟେନ୍ଦ୍ରଚନ୍ଦ୍ର ମୁଖର୍ଯ୍ୟା | ,, | ଟ | ୧ |
| ,, କାଳୀଚରଣ ଦତ୍ତ | ,, | ଟ | ୧ |
| ,, ଭୁବନେଶ୍ୱର ଭଟ୍ଟାଚାର୍ଯ୍ୟ | ,, | ଟ | ୧ |
| ଶ୍ରୀମତୀ ମନମୋହିନୀ ଦାସୀ | ,, | ଟ | ୪ |
| ବାବୁ ନିତ୍ୟଗୋପାଳ ବାନର୍ଯ୍ୟା | ,, | ଟ | ୧ |
| ,, ଯୋଗେନ୍ଦ୍ରଚନ୍ଦ୍ର ମୁଖର୍ଯ୍ୟା | ,, | ଟ | ୩ |
| ,, ହରଲାଲ ସାହୁ | ,, | ଟ | ୨ |
| ,, ଯଦୁନାଥ ମୁଖର୍ଯ୍ୟା | ,, | ଟ | ୧ |
| ,, ଶ୍ୟାମସୁନ୍ଦର ମିତ୍ର | ,, | ଟ | ୪ |
| ,, ଗଙ୍ଗାନାଥ ଚାଟୁର୍ଯ୍ୟା | ,, | ଟ | ୪ |
| ଡାକ୍ତର ରାଧାଚରଣ ପଣ୍ଡା | | ଟ | ୧୬ |
| ବାବୁ ପ୍ରାଣକୃଷ୍ଣ ବାନର୍ଯ୍ୟା | ,, | ଟ | ୪ |
| ,, ଅମୃତଲାଲ ଚୌଧୁରୀ | ,, | ଟ | ୪ |
| ,, ହୀରାଲାଲ ବସୁ | ,, | ଟ | ୨ |
| ,, ଶିବଚନ୍ଦ୍ର ଚାଟୁର୍ଯ୍ୟା | ,, | ଟ | ୧ |
| ,, କପିଳଦେବ ଚୌଧୁରୀ | ,, | ଟ | ୧ |
| ,, ଇଂରାଜୀ ସ୍କୁଲ ଶିକ୍ଷକ | ,, | ଟ | ୭ |
| ଜଣେ ଭକ୍ତ | ,, | ଟ | ୧ |
| ଶ୍ରୀମତୀ ରାଧାରାଣୀ ଦାସୀ | ,, | ଟ | ୧୦ |
| ଏକଟଙ୍କାରୁ ନ୍ୟୂନ ଚାନ୍ଦା | ,, | ଟ | ୧ |
| ବାବୁ ଗଜମଣି ଚଉଧୁରୀ | ଜାମିରା | ଟ | ୫୦ |
| ପୁରୀ ବାଜାରରୁ ଚାନ୍ଦା ଅଦାୟ | | ଟ | ୫୦ |
| ଶ୍ରୀମତୀ ରାଧାରାଣୀ ଦାସୀ | ପୁରୀ | ଟ | ୧୦ |
| ଉଦୟ ସଂଯୋଗ ବନ୍ଧୁ ସାହେବ | | | |
| | କନାଡ଼ପୁର | ଟ | ୨୦୦ |
| ବାବୁ ଗୋବିନ୍ଦଚନ୍ଦ୍ର ମହନ୍ତି କଟକ | | ଟ | ୨ |
| କଟକସହର ଛାତ୍ରମାନଙ୍କର ଉଦ୍ୟୋଗ | | ଟ | ୫। |
| ମୋଟ | | | ଟ ୮୫୩୦୬୨୶୬ |

ଜଗନ୍ନାଥ ମହିନ୍ତି<br>
ଚନ୍ଦ୍ରକାନ୍ତ ଘୋଷ<br>
ଅବୈତନିକ ସେକ୍ରେଟେରି

ତା ୭ ରିଖ ମାହେ ନବମ୍ବର ସନ ୧୮୯୨ ମସିହା ।

# ନୂତନ ପୁସ୍ତକ

## ବୁଢ଼ାବର ।

କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଚାରିଅଣା । ମୋଫସଲକୁ ଡାକମାସୁଲ ଖଣ୍ଡକୁ ଦୁଇପଇସା ।

***Extract from a letter of Babu Radhanath Roy dated 14th October 1892 addressed to the author.***

( Need I repeat that as a comedy I consider it quite a finished piece. )

୧୮୯୩ ଓ ସନ ୧୮୯୪ ସାଲର ଅପର-ପ୍ରାଇମେରି ପରୀକ୍ଷାର ପାଠ୍ୟ କବିତାପୁସ୍ତକର ସଂଶୋଧିତ ଚତୁର୍ଥସଂସ୍କରଣ ପ୍ରକାଶିତ ହୋଇଅଛି । ମୂଲ୍ୟ ଚାରିଅଣା । ଏହି ସଂସ୍କରଣରେ ଭୁମମାନ ସଂଶୋଧିତ ଓ ସ୍ଥଳବିଶେଷ ଅ... ବୋଧରେ ପରିବର୍ତ୍ତିତ ଏବଂ ଶେ... କାଠିନ୍ୟଶବ୍ଦରେ ଅର୍ଥ, କବିତାପାଠ ଓ... କରଣ ବିଧି ପ୍ରଦତ୍ତ ହୋଇଅଛି ।

ଉକ୍ତ ପରୀକ୍ଷାର ପାଠ୍ୟ ଚୁଣିସୁପା... ବିଜ୍ଞାନପ୍ରବେଶର ସଂଶୋଧିତ ନୂତନ... ପ୍ରକାଶିତ ହୋଇଅଛି । ଚୁଣିସୁପାଠର ମୂଲ୍ୟ ଟ ୦।୵ ଏବଂ ବିଜ୍ଞାନପ୍ରବେଶର ମୂଲ୍ୟ ଟ ୦୵୬ ।

ସନ ୧୮୯୩ ଓ ୧୮୯୪ ସାଲର ଛାତ୍ରବୃତ୍ତି ଓ ମାଇନର ପରୀକ୍ଷାର ପାଠ୍ୟ ସଂଶୋଧିତ ଓ ପରିବର୍ଦ୍ଧିତ ପ୍ରାକୃତିକଭୂଗୋଳପାଠ ଓ ସ୍ୱଳ୍ପପରିମିତର ନୂତନସଂସ୍କରଣ ପ୍ରକାଶିତ ହୋଇଅଛି । ପ୍ରାକୃତିକଭୂଗୋଳପାଠର ମୂଲ୍ୟ ଟ ୦।୵ ଏବଂ ସ୍ୱଳ୍ପପରିମିତର ମୂଲ୍ୟ ଟ ୦।୵ ।

ସୀତାନାଥବାବୁଙ୍କ ପ୍ରଣୀତ ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ପ୍ରକାଶିତ ହୋଇଅଛି । ମୂଲ୍ୟ ଏକଅଣା ମାତ୍ର । ଏହି ପୁସ୍ତକ ଉକ୍ତିର ବାଳକମାନଙ୍କ ସୁଖପାଠ୍ୟ ହେବାରୁ ଅଳ୍ପଦିନ ମଧ୍ୟରେ ପ୍ରଥମ ସଂସ୍କରଣ ନିଃଶେଷ ପ୍ରାୟ ହୋଇଅଛି । ଏହା ଏପରି ଉପଯୋଗୀ ହୋଇଅଛି ଯେ ଅନେକ ଶିକ୍ଷକ ସ୍ୱାସ୍ଥ୍ୟସାଧନ ପରିବର୍ତ୍ତରେ କେବଳ ଏହି ପ୍ରଶ୍ନୋତ୍ତର ବାଳକମାନଙ୍କୁ ପଢ଼ାଇ ଅଭୀଷ୍ଟ ସିଦ୍ଧ କରୁଅଛନ୍ତି ।

ସଂକ୍ଷିପ୍ତ ଭାରତବର୍ଷର ସମ୍ପୂର୍ଣ୍ଣ ୪ର୍ଥ-ସଂସ୍କରଣ ଯନ୍ତ୍ରସ୍ଥ ହୋଇଅଛି ଶୀଘ୍ର ପ୍ରକାଶିତ ହେବ । ମୂଲ୍ୟ ଟ ୦୵୴ ଅଣା ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

ଡାକ ମାସୁଲ ଏକମାତ୍ର ଅଣା ।<br>
କ, ସାଲେଟ ୟସ୍ତ କୋମ୍ପାନୀଙ୍କର<br>
ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହର ଏକମାତ୍ର ମହୌଷଧ ।

# ଟିବିଲିଟ ଟପ୍

ସ୍

ଡାକ୍ତର, କବିରାଜ ପ୍ରଭୃତି ଯେଉଁ ମେହରୋଗର ଅସାଧ୍ୟ ବୋଲି ସ୍ଥିର କରିଥିଲେ । ଅନେକ ୨।୩ ଟିକ ବର୍ଷ ହେଲା ଚିକିତ୍ସିତ ଓ ଅନେକ ଦୂରଦେଶ ପ୍ରସିଦ୍ଧ ଚିକିତ୍ସକମାନଙ୍କର ମହାମୂଲ୍ୟଜନକ ଔଷଧ ସେବନ କରି ଯେଉଁ ପୀଡ଼ାର ପ୍ରକୃତ ଔଷଧ ଯାହା ସ୍ଥିର ହୋଇନଥିଲା ସେ ସବୁର ସାହାଯ୍ୟରେ ଏହି ମହୌଷଧ ଅଦ୍ଭୁତ । ଯେଉଁମାନେ ଧାତୁଘଟିତ ପୀଡ଼ାରେ କଷ୍ଟ ପାଉଅଛନ୍ତି ଏବଂ ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହ ଆରୋଗ୍ୟ ହୁଏ ନାହିଁ ବୋଲି ଯାହାଙ୍କର ଭରସାରେ ବୁଢ଼ାଦଶାର ଜନ୍ମିଅଛି ସେମାନେ ଥରେ ଏ ଔଷଧ ପରୀକ୍ଷାକରି ଦେଖନ୍ତୁ ଏହା ସେବନକଲେ ଧାତୁ ଦୌର୍ବଲ୍ୟ ( ଅତିରିକ୍ତ ପରିଶ୍ରମ ବା ଅଧ୍ୟୟନ ଜନିତ ) ଶୀଘ୍ରରେ ନାହିଁ ...

Digitized by srujanika@gmail.com

Split by PDF Splitter



ଯୁବାମାନଙ୍କ ଜନ୍ମ ଦୁର୍ଦ୍ଦମ୍ୟ ଥିବାର କଥାଟି ନାନା ପୀଡ଼ା, ମେହ ପ୍ରମେହ ଅବ ୨୦ ପ୍ରକାର ମେହ, ବହୁମୂତ୍ର ଧାତୁ ପୀଡ଼ା, ଧ୍ୱଜଭଙ୍ଗ ଇନ୍ଦ୍ରିୟ ଶୈଥିଲ୍ୟ, ସ୍ତ୍ରୀ ସହବାସରେ ଅକ୍ଷମତା ଶୁକ୍ର ତରଳତା, ଅଳ୍ପ ବା ବନା ଉତ୍ତେଜନାରେ ରେତଃପାତ, ଇଚ୍ଛା କଲେ ଅନୁଦ୍ଗମନ, ସ୍ୱପ୍ନଦୋଷ, ପ୍ରସ୍ରାବର ଅଗ୍ର ବା ପଶ୍ଚରେ ଶୁକ୍ରର ବା ମୂତ୍ରକଣ୍ଡରେ ବା ସପୂରଧାତୁ ନିର୍ଗତ, ଜଳରେ କ୍ଷତ, ପ୍ରସ୍ରାବରେ ଜ୍ୱାଳାଜଳ, ମୁହୁର୍ମୁହୁ ପ୍ରସ୍ରାବ ଓ ତହିଁର ବର୍ଣ୍ଣ ଲାଲ ବା ଘୋଳିଆ । ତଦପେକ୍ଷରେ ବେଦନା, ସର୍ବଦା ଆଳସ୍ୟ, କ୍ଷୁଧାମାନ୍ଦ୍ୟ, କୋଷ୍ଠବଦ୍ଧ ଉଦର ପୀଡ଼ା, ମସ୍ତକଘୂର୍ଣ୍ଣନ, ରକ୍ତପାତ, ମୁଖଦଗ୍ଧ, ଦୃଷ୍ଟି କ୍ଷୀଣତା, ଦୁର୍ବଳ, ଧ୍ୱଜଭଙ୍ଗ ଜ୍ୱାଳା ଇତ୍ୟାଦି ( ସ୍ତ୍ରୀ ଓ ପୁରୁଷଙ୍କ ) ପ୍ରକୃତଧାତୁ ମୂତ୍ରସମ୍ବନ୍ଧୀୟ ଯାବତୀୟ କଠିନ ବ୍ୟାଧି, ଏତେଦ୍ୱାରା ନୂତନ ଓ ପୁରାତନ ଏକମାସ ସେବନ କଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ରକ୍ତ, ମାଂସ, ଶୁକ୍ର, ଓ ସାମର୍ଥ୍ୟ ବୃଦ୍ଧି ହେବ । ଅଯଥା ଅତ୍ୟାଚାରରେ ଧାତୁଗତ ଭୟ ଆଉ ହେବ ନାହିଁ । ଏକମାସ ସେବନୋପଯୋଗୀ ଶିଶି ଟ ୨ ଦୁଇଟଙ୍କା । ଡାକବ୍ୟୟ ୫ ଅଣା । ବିଜ୍ଞାପନ ଔଷଧପ୍ରାପ୍ତି ଠିକଣା, —

ଜ, ଗାଙ୍ଗୁଲି ଏଣ୍ଡ କୋ
୧୧ ନମ୍ବର କଲେଜଷ୍ଟ୍ରିଟ, କଲିକତା ।


## ବିଶୁଦ୍ଧ
## ମଧ୍ୟନାରାୟଣତୈଳ

ପରିମାଣ ଅମ୍ଭ ନିକଟରେ ବିକ୍ରୟାର୍ଥେ ଅଛି ।
ମୂଲ୍ୟ ଏକଛଟାଙ୍କକୁ ଟ ୧୧ ଙ୍କା
ନିଲେ ଏକସେର ନେଲେ ଟ ୧୬ ଙ୍କା ।
କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଉକ୍ତ ମିଳିପାରିବ !
୭।୧୨।୯୬

ଆଶ୍ଚର୍ଯ୍ୟ ବ୍ୟାପାର, ଅପୂର୍ବ ଉପହାରକାଣ୍ଡ ।
## ଘଡ଼ି ପୁରସ୍କାର ।



...ର୍ଥ ...ଅଛୁ କେବଳ ଏତଦ୍ଦ୍ୱାରା ଏକନାମରେ ...ର ଏକ...ତନ ଅର୍ଥାତ ୧୨ ଗୋଟା କସ୍ତୁ ...ତାହାକୁ ଗୋଟି...ଏ ଦେଇବଚ ଲେଣ୍ଟ... ଘଡ଼ି ଉପହାର ଦିଅଯିବ ଏବ ଅର୍ଦ୍ଧ ଉଚନ

ଅର୍ଥାତ୍ ୬ ଗୋଟା କ୍ରୟ କଲେ ଗୋଟିଏ ଷ୍ଟାଇଣ୍ଡିପ୍ ଘଡ଼ି ଉପହାର ଦିଆଯିବ । ମୂଲ୍ୟ ଅଗ୍ରୀମ ପଠାଇଲେ, ଅଥବା ଇଂରାଜୀରେ ନାମଧାମ ସହ ପତ୍ର ଲେଖିଲେ ମଫସଲକୁ ଭି: ପି: ଡାକରେ ଦ୍ରବ୍ୟ ଓ ଉପହାର ପ୍ରେରଣ କରି ମୂଲ୍ୟ ଆଦାୟ କରାଯିବ ।

### ଭାରତରେ ଅଦ୍ୱିତୀୟ ଓ ଅତ୍ୟାଶ୍ଚର୍ଯ୍ୟ
## "ମ୍ୟାଜିକ ଲେମ୍ପ ।"

ଏହି ଲେମ୍ପ ଆମେରିକାରୁ କଲିକତାକୁ ସଦ୍ୟତ ନୂତନ ଆସିଅଛି । ଏଥିପୂର୍ବେ ଏପରି ଦ୍ରବ୍ୟ ଏଦେଶକୁ କେବେହେଁ ଆମଦାନି ହୋଇ ନ ଥିଲା । ଏହା ନିକେଲ ଷ୍ଟିଲରେ ନିର୍ମିତ, ଦେଖିବାକୁ ଆକାରରେ ଠିକ ନେକ ଘଡ଼ିପରି ଥିବାରୁ ପକେଟରେ ରଖାଯାଇ ପାରେ । ଏହା ଦେଖିବାକୁ ଅତି ସୁନ୍ଦର । ଆଶ୍ଚର୍ଯ୍ୟର କଥା ଏହି ଯେ, ଏ ଲେମ୍ପ ଜାଳିବାନିମନ୍ତେ ଦିଆସିଲିର କିମ୍ବା ଅନ୍ୟ କୌଣସି ପ୍ରକାର ଅଗ୍ନିର ଦରକାର ନାହିଁ । ଲେମ୍ପର ପଛପାଖେ ଥିବା ପେଞ୍ଚ ଟିପିଲେ ହଠାତ୍ ଜଳିଉଠେ ଏବ ଛାଡ଼ିଦେଲେ ଲିଭିଯାଏ । ପ୍ରତ୍ୟେକ ଗୃହରେ ଏ ଲେମ୍ପକୁ ଗୋଟିଏ ଲେଖାଏଁ ରଖିବା ଉଚିତ । ପ୍ରତି ଲେମ୍ପର ମୂଲ୍ୟ ଟ ୬୲ ଙ୍କା । ଗୋ ୬ ଟାକୁ ଟ ୨୪ ଙ୍କା ଗୋ ୧୨ ଟାକୁ ଟ ୬୦ ଙ୍କା ।

### ପକେଟ ଷ୍ଟିକ ( ବାଡ଼ି )

ଏହି ବାଡ଼ି ଜର୍ମନଦେଶୀୟ ରୂପାରେ ପ୍ରସ୍ତୁତ ହୋଇ ବିଲାତରୁ ନୂତନ ଆମଦାନି ହୋଇଅଛି । ଏହା ଦେଖିବାକୁ ସୁନ୍ଦର ଏବଂ ଧାରଣର ଉପଯୋଗୀ । ଏହି ବାଡ଼ି ଏପରି କୌଶଳରେ ନିର୍ମିତ ଯେ, ଏହା ପକେଟରେ ରଖାଯାଇ ପାରିବ । ପ୍ରୟୋଜନ ବେଳେ ପେଞ୍ଚ ଘୁରାଇଲେ ବାଡ଼ି ପ୍ରସ୍ତୁତ ହେବ । ପ୍ରତ୍ୟେକ ବାଡ଼ିର ମୂଲ୍ୟ ଟ ୬୲, ଦ୍ୱାଦଶଖଣ୍ଡକୁ ଟ ୬୮ ଙ୍କା ୧୨ ଖଣ୍ଡକୁ ଟ ୬୮ ଙ୍କା ।

### "ମ୍ୟାସପ୍ରଞ୍ଚ ଅଙ୍ଗୁଷ୍ଟ ।"

ଏହି ଅଙ୍ଗୁଷ୍ଟ (ମୁଦି) ଜର୍ମନିଦେଶରୁ ଆଗତ, କେତେଡ଼ିଆନ ସ୍ୱର୍ଣ୍ଣରେ ଗଠିତ, ଗୋଲ୍ଡମିଷ୍ଟୀଙ୍କ ନିର୍ମିତ, ଦେଖିବାକୁ ମନୋହର, ରଙ୍ଗ ଚିରସ୍ଥାୟୀ, ବ୍ୟବହାରରେ ଉଜ୍ଜ୍ୱଳତା ବୃଦ୍ଧି ହୁଏ, କଷିଲେ ୧୬।୧୮ ଟଙ୍କା ଭରିର ସୁନା ସଦୃଶ ଶିଳ୍ପ ହେବ । ଏହା ଦେଖିଲେ କେହିଟଙ୍କା ଖର୍ଚ୍ଚ କରି ଅସଲ ସୁନାର ମୁଦି ବ୍ୟବହାର କରିବାକୁ ମନ କରିବ ନାହିଁ, ଏହି ଜନମନୋହର ଅଙ୍ଗୁଷ୍ଟର ମୂଲର ମୂଲ୍ୟ ଟ ୧୨ ଙ୍କା ଅର୍ଦ୍ଧ ଡଜନକୁ ଟ ୮ ଙ୍କା ଏକ ଡଜନକୁ ଟ ୧୬ ଙ୍କା ମାତ୍ର ।

ଉପରୋକ୍ତ ସମସ୍ତ ଦ୍ରବ୍ୟ ପ୍ରାପ୍ତିର ଏକମାତ୍ର ଠିକଣା ।

ପି, ଲେଜାର୍ସ ଏଣ୍ଡ କୋମ୍ପାନି
୪୧—୧ ନମ୍ବର ଭବାନୀଚରଣ ଦତ୍ତସ୍ ଲେନ
କଲିକତା ।

P. LEZARS & Co.
41—1 Bhawani Ch. Dattas Lane
Calcutta.


## ନୂତନ ନାମାବଳୀ ।

ହିନ୍ଦୁ ମାନଙ୍କର ଆହ୍ନିକ ପୂଜାସମୟରେ ଅଙ୍ଗରେ ଧାରଣକରିବାର ମନୋହରଚନ୍ଦ୍ରବସ୍ତ୍ର ପରମାରାଧ୍ୟ ଶ୍ରୀକୃଷ୍ଣଙ୍କର ପାଦପଦ୍ମ ଏବଂ ଓଡ଼ିଆ ଓ ବଙ୍ଗଳା ଅକ୍ଷରରେ ଅନେକନାମ ଓ ମହାମନ୍ତ୍ର ଲିପିବଦ୍ଧ ପକ୍କା ନୀଳରଙ୍ଗରେ ଛପାହୋଇ ଏଠାରେ ବିକ୍ରୟ ହେଉଅଛି ଓଡ଼ିଶାରେ ଏହା ୧ମପ୍ରକାଶିତ । ବୃନ୍ଦାବନରୁ ଆସୁଥିବା ନାମାବଳୀଠାରୁ ଉତ୍କୃଷ୍ଟ, ଦେଖିବା ମାତ୍ରକେ ଜଣାଯିବ ଏଥିପୂର୍ବେ ଯେ କଳା ଓ ମାଟିଆରଙ୍ଗରେ ଛପା ହେଉଥିଲା ଗ୍ରାହକେ ଏହାକୁ ସେରୂପ ଥିବାର ମନେ କରିବେ ନାହିଁ । ଲମ୍ବ ଗଜ ଓସାର ଦୁଇହାତ, ମୂଲ୍ୟ ଗ ୧ ଖଣ୍ଡ ଟ ୮୲ ମୋଫସଲ ଗ୍ରାହକମାନଙ୍କୁ ଖଣ୍ଡପ୍ରତି ଟ ୦ । ଲେଖାଏଁ ଡାକଖର୍ଚ୍ଚ। ପଡ଼ିବ । ଭେଲ୍ୟୁପେବଲ୍ ଡାକରେ ପଠାଯାଇପାରେ ।

କଟକପ୍ରିଣ୍ଟିଂ କମ୍ପାନୀ
ଯନ୍ତ୍ରାଳୟ
କଟକ
} ଶ୍ରୀ ଭଗୀରଥୀସାଠିଆ


## ଘଡ଼ିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ଭାଲାଘଡ଼ିକାର ନୋଟ ଭଙ୍ଗ ଶୂନ୍ୟଘଡ଼ି ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଇଯିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

## ବିଚ୍ମସାହେବଙ୍କ ବଟିକା
## ( BEECHAM'S PILL. )

ଫଳ ବିବେଚନାରେ ଏକ୬ ଗିନିଆର ମୂଲ୍ୟ ଏକ୬ ମୋହରକୁ ଶସ୍ତା ବୋଲାଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାସ୍ର ଚର୍ବି ଇତ୍ୟାଦି ବିଷାକ୍ତ ବା ଧର୍ମହାନିକର ଦ୍ରବ୍ୟ ନାହିଁ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ;

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ଗାତ୍ରେ


Digitized by srujanika@gmail.com

Split by PDF Splitter



ଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ; କୋଷ୍ଠବଦ୍ଧତା, ବହୁବିଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସାୟୁବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି-ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫରୁଆ ଆକାର ଅନୁସାରେ ଟ ୦ ୫ ଟ ୦ ୮ ଓ ଟ ୦ ୧୦ ଅଟଇ । ଡାକଖର୍ଚ୍ଚା ପୃଥକ୍ ଦେବାକୁ ହେବ ।

---

ସହର ଓ ମଫସଲବାସି ମାନଙ୍କ ସୁବିଧାର୍ଥ ଅନେକ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସହର-ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତି ମାନଙ୍କଠାରୁ ସର୍ବଦା ରୋଗର ଅବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ସମ୍ବାଦ ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗୀର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ସ୍ଥିର କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ଟ ୨। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରିଂ ବା ଇନସଫିସିଏନ୍ଟ ପତ୍ର ଗ୍ରାହ୍ୟ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଜବାବସହିତ ଟିକଟ ଅଗ୍ରେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ଟଙ୍କା, କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାରୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

### ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ପାରିଜାତ ତୈଳ—ଏହା ବ୍ୟବହାର କଲେ ମସ୍ତକର କଣ୍ଡୁ ଓ ଲଖାଦିକ ଦୋଷ ଦୂର ଓ ମସ୍ତିଷ୍କ ଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ବାର ଅଣା ମାତ୍ର ।

୨ । ଦନ୍ତରୋଗାନ୍ତକ—ନାମ ଶୁଣାଣ ପଢ଼ି କରି ପ୍ରୟୋଗ କାଳେ ଦାନ୍ତ ଯନ୍ତ୍ରଣା କହିମାତ୍ରେ ଜଣା ଯାଏ ନାହିଁ । ପ୍ରତିକୌଟାର ମୂଲ୍ୟ ଚାରିଅଣା ମାତ୍ର ।

୩ । ଅଜୀର୍ଣ୍ଣହାରଣୀ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅଜୀର୍ଣ୍ଣ, ପିତ୍ତଶୂଳ, ବାୟୁଶୂଳ (ଅମ୍ଳବାତ) ଓ କମଳା ଆଦି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଶୂଳ, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଅରୁଚି, ପାଣ୍ଡୁ ଓ ଚକ୍ଷୁର ଶିରଃପୀଡ଼ା ଓ ଦୁର୍ବଳତା ନିବାରିତ ହୁଏ ।

ଏହା ନିର୍ଦ୍ଦୋଷ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସଂହାରକ ଅର୍କ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ ଓ ଜଙ୍ଗଲ ଓ ପାର୍ବତ୍ୟ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ନିବୃତ୍ତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ବଳ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଅତିମୂତ୍ର ଅଧିକ, ଅପରିମିତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାର କ୍ଷତ, କଣ୍ଡୁ, ଗାତ୍ର ଗଣ୍ଠିବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଓ ଲକ୍ଷଣମାନ ଯୁକ୍ତ ବ୍ୟବହାର କଲେ ଉପଶମ ହୋଇ ମାନବଦେହ ନୂତନ ଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ସୂତିକାରୋଗରେ ମଧ୍ୟ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବୃଦ୍ଧି ଓ ଖଡ଼ାଦି ଏହା ସେବନେ ଆରୋଗ୍ୟ ହୁଏ । ଏକପକ୍ଷ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ଚାନ୍ଦନୀଚକ, କଟକ ଔଷଧାଳୟ । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

---

## ବାଲିଯାତ୍ରା ।

ଉଲ୍ଲିଖିତ ଯାତ୍ରା ଉପଲକ୍ଷେ ସହର କଟକ ଚୌଧୁରୀ ବଜାର ବାବୁ ଗୋପାଳଙ୍କର ସୁବିଖ୍ୟାତ

କଟକ ଓ ମଫସଲର ବାବୁ ଗୋପାଳଙ୍କର [illegible] ଦୋକାନରେ ବିକ୍ରୟ ହେଉ ଅଛି ଯଥା—

୧୦ ରଙ୍ଗ ... ୨ ୮୦ ୧୭୮ [illegible]

୧୧ ରଙ୍ଗ ... ... ୧ ୭୮ [illegible]

୧୨ ରଙ୍ଗ ... ... ୧ ୭୧ [illegible]

୧୩ ରଙ୍ଗ କଲେକ୍ଟର ... ୧ ୭୧ [illegible]

---

ଶ୍ରୀଯୁକ୍ତ ବାବୁ ଗୋପାଳଙ୍କର [illegible] ଉତ୍କୃଷ୍ଟ କଳାର କଥା ଜଣାଉଛୁ ଆମ୍ଭମାନଙ୍କ ଦୋକାନରେ ନବଜିକୋଣ ଓ ନଇଁଷ [illegible] ଜେଷ୍ଟ୍ରୀଟରେ ଲୁଗା ଓ ଷ୍ଟେସନେରୀ ଓ [illegible] ଜଳ ଜମାଙ୍କୁ ଅଦ୍ୟାବଧି ବିକ୍ରୟ ହେଉ [illegible] ତାହା ସମସ୍ତ ଗ୍ରାହକବର୍ଗଙ୍କ ନିକଟରେ [illegible] ଅଛି । ତଦ୍ଭିନ୍ନ ଅନେକପ୍ରକାର [illegible] କଳିକତାରୁ ଆଣି ବିକ୍ରୟ କରାଯାଏ ପ୍ରସ୍ତୁତ ଅଛି [illegible] ଯାହା ଆବଶ୍ୟକ ଉକ୍ତ ଦୋକାନରେ [illegible] କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ [illegible] ପାରିବେ ।

## ବିଜ୍ଞାପନ ।

ଏ ଜାନୁଆରି ଦେଢ଼ିଶହି ଖଣ୍ଡରେ [illegible] ଉଅଁରେ ଛାପାଗଲା ବୋଷାରଣ [illegible] ହେଲେ ଯାହାକାର କଢ଼ େହେବ [illegible] ଅନ୍ୟେ ଲେଖିଦେଲେ ମଞ୍ଜୁରି ହେବ [illegible] ଥିବ ନାହିଁ ।

କଟକ ତମଙ୍ଗା ଓ ସାଲେପୁର [illegible] ସ୍ଥାନ ମଧ୍ୟ ଅଛି ।

[illegible]

---

[illegible] ଉତ୍କଳ ଦୀପିକାର [illegible] ଉପସ୍ଥିତ ହୋଇଅଛି [illegible]

ପ୍ରଥମଥର ସହିତେ

ଅତିଯତ୍ନ ଟ ୨୮

ଅନ୍ୟତ୍ର ମୂଲ୍ୟ ଟ ୩୧

ଦୁଇ ଏକ ଗ୍ରାମକୁ ୧ ୩୧

ମାତ୍ର ଟୋକେ ଏ ମଞ୍ଜୁରି [illegible] ହେଲେ ତହିଁର ଖର୍ଚ୍ଚ ଟ ୧୮ ର ଅଧିକ ନାହିଁ ।

ବିଜ୍ଞାପନ ଓ ଶୋକପ୍ରକାଶ ମାନଙ୍କ ଶଣି [illegible] ଅଧିକ ଦେବା ଓ ସୂଚନା ସମ୍ବାଦ [illegible]

ଅଧିକ ଦେବା ଶହକେ ମୂଲ୍ୟ [illegible] ହୋଇଥାଏ ।

ଉକ୍ତପତ୍ରର ମୂଲ୍ୟ ଉକ୍ତମାନଙ୍କ [illegible] ଜଣାଇବେ ।

---

ଏହି ପତ୍ର ଉତ୍କଳଦୀପିକା ଯନ୍ତ୍ର ଓ ଏକ ଅବସ୍ଥା [illegible] ଦ୍ୱିତୀୟଭାଗର ସମ୍ପାଦିତ ୧୫ ଓ [illegible]

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


ଭା ୨୭ ଶ
ସଂ ୩୭ ଖ୍ୟା

ତା ୮ ଦଶ ମାହେ ଡିସେମ୍ବର ସନ ୧୮୯୨ ମସିହା । ହିଂ । ମାର୍ଗଶିର ୨ ୨୦ ନ ସନ ୧୩୦୦ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦ୍ଦେୟ ଟ ୬୯


ଜୁଆପ୍ରଥାସମ୍ବନ୍ଧୀୟ ବଙ୍ଗୀୟ ଗବର୍ଣ୍ଣମେଣ୍ଟ-ଘୋଷଣାବିରୁଦ୍ଧରେ ବଙ୍ଗଳାର ନାନାସ୍ଥାନରେ ଭାଷା ଆନ୍ଦୋଳନ ଲାଗିଅଛି । ଏଥିମଧ୍ୟରେ ଅନେକ ସ୍ଥାନରେ ପ୍ରତିବାଦସଭା ହେବାର ସମ୍ବାଦ ଆସିଅଛି । ଶୀଘ୍ର ଏବିଷୟରେ ଲୋକଙ୍କ ... ବାଇ ... ଭାରତର ପାର୍ଲିମେଣ୍ଟସଭାରେ ଉପସ୍ଥିତ ... ହବ ।

---

... ଜାତୀୟ ମହାସମିତିର ଅଧିବେଶନ ଆଉ ... ଦିନ ଉତ୍ତାରୁ ଆରମ୍ଭ ହେବ । ଏଲାହାବାଦ ... ଅଧିବେଶନର ସ୍ଥାନ । ସେଠାରେ ପ୍ରାୟ ... ଆୟୋଜନ ଶେଷ ହୋଇ ଆସି ଅଛି । ... ଏଥିମଧ୍ୟରେ ପ୍ରତିନିଧି ନିର୍ବାଚନକାର୍ଯ୍ୟ ଭାରତ-... ନାନାସ୍ଥାନରେ ଲାଗିଯାଇ ଅଛି । ଓଡ଼ିଶାର ... ସମ୍ବାଦ ଆଜି ପର୍ଯ୍ୟନ୍ତ ନାହିଁ ସୁତରାଂ ଏଠାରେ ... ଡ଼ଣା ପଡ଼ୁ ନାହିଁ । ଉଚ୍ଚଶିକ୍ଷା ବିସ୍ତାରର ... ନ ଏହାଇ ହେଲା ? ।

---

ବଙ୍ଗଳାର ପୋଷ୍ଟମାଷ୍ଟର ଜେନେରଲ ବାଙ୍ଗା-... ଦେଇ ଅଛନ୍ତି କି ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ... ବାବସ୍ଥାରେ ମୋଫସଲର ସମସ୍ତ ଡାକଘର-... ଙ୍କରେ ସରକାରୀ କୁଇନାଇନ ବିକ୍ରୟ ... ହବ । ପ୍ରତ୍ୟେକ ପୁଡ଼ିଆର ମୂଲ୍ୟ ଏକପ-... ଏକପୁଡ଼ିଆ ବୟସ୍କ ଲୋକର ଏକପାକ ... ଲ । କୁଇନାଇନ ଜ୍ୱର ରୋଗର ମହୌଷଧ ... ସାଧାରଣତଃ ୩।୪ ପଇସାରେ ଜଣେ ରୋଗୀ ଆରୋଗ୍ୟ ହୋଇ ପାରିବ । ଭରସା କରୁଁ ପ୍ରତ୍ୟେକ ପୁଡ଼ିଆ ସଙ୍ଗେ ବ୍ୟବସ୍ଥାପତ୍ର ଥିବ ।

---

କୁଜଙ୍ଗର ପ୍ରଜାମାନେ ସବ୍‌ମାନେଜର ଓ ରାମକୃଷ୍ଣ ଚଳନ୍ତିସ୍ ତହସିଲଦାର ସେମାନଙ୍କ-ପ୍ରତି ଅତ୍ୟାଚାର କରି ନାନାଦ ପ୍ରକାର ଅପହରଣ କରୁଥିବାର ଅନେକ ଆବେଦନପତ୍ର କମିଶନରୀ ଓ କଲେକ୍‌ଟରୀରେ ଦେବାରୁ କଲେକ୍ଟରସାହେବଙ୍କ ଆଦେଶମତେ ବାବୁ ବ୍ରଜେନ୍ଦ୍ରନାଥ ସ୍ୱପ୍ନ ଡେପୁଟୀ କଲେକ୍ଟର ତଦନ୍ତ କରିବା ସକାଶେ କୁଜଙ୍ଗ ଯାଇଥିଲେ । ଫଳ ପ୍ରକାଶ ପାଇ ନାହିଁ । ପ୍ରଜାଙ୍କ କଥା ସତ୍ୟ ଥିଲେ ସବ୍‌ମାନେଜର ସାବଧାନ ହେବାର ଉଚିତ ଚଳନ୍ତିସ୍ ତହସିଲଦାରଙ୍କୁ ବଶ ହୋଇ ତାଙ୍କୁ ବଶ କ-ରିବାର ଉଚିତ ।

---

କଲିକତାର ଆଫିମବିରୋଧୀ ସଭାର ଏକଦଳ ପ୍ରତିନିଧି ଗତମାସ ତା ୧୦ ରିଖରେ ବିଲାତସ୍ଥ ଭାରତୀୟ ସେକ୍ରେଟେରୀ କମ୍ବରଲ ସାହେବଙ୍କ-ଠାରେ ଭାରତବର୍ଷରୁ ସରକାରୀ ଆଫିମ ବ୍ୟବସାୟ ଉଠାଇଦେବାର ପ୍ରସ୍ତାବ କରନ୍ତେ ସେ-କ୍ରେଟେରୀ ମହୋଦୟ ଉତ୍ତର ଦେଲେ କି ଆଫିମ ବ୍ୟବସାୟ ଅବଶ୍ୟ ଅହିତକର ଏବଂ ଏହା ଜାଣି ଭାରତଗବର୍ଣ୍ଣମେଣ୍ଟ ସେ ବ୍ୟବସାୟ ଯଥା-ସାଧ୍ୟ ଊଣା କରିବାକୁ ଚେଷ୍ଟା କରୁଅଛନ୍ତି । ମାତ୍ର ଆର୍ଥିକ ଅବସ୍ଥା ଦୃଷ୍ଟିରେ ତାହାକୁ ଏକାବେଳକେ ତ୍ୟାଗ କରିପାରିବେ ନାହିଁ । ପରନ୍ତୁ ବିଲାତରେ ମଦର ବ୍ୟବସାୟ ଯେପରି ଅନିଷ୍ଟକର ଭାରତର ଆଫିମ ସେପରି ନୁହଇ ।

---

ମହାମାନ୍ୟ ବୋର୍ଡ ଆଦେଶ କରିଅଛନ୍ତି ଯେ ବନ୍ଦୋବସ୍ତସଂକ୍ରାନ୍ତ ଖେୱାଟ, ଖତିଆନ ଓ ଜମାବନ୍ଦି କାଗଜାତର ନକଲମାନ ବିନା ଖର୍ଚ୍ଚରେ ପକ୍ଷମାନଙ୍କୁ ଦିଆଯିବ । ପ୍ରଜାସ୍ୱତ୍ୱ ଆଇନ ଓ ପ୍ରଚଳିତ ଆଇନ ଉଭୟ ଅନୁ-ଯାୟୀ ବନ୍ଦୋବସ୍ତ ପ୍ରତି ଏ ଆଜ୍ଞା ଖଟିବ । ବୋର୍ଡ ଅଧିକ ବୋଲନ୍ତି ଯେ ଚିଠା ଅର୍ଥାତ୍ ଆଧୁନିକ ଖସଡ଼ା ଓ ନକ୍ସାର ନକଲମାନ ବନ୍ଦୋବସ୍ତ ସମ୍ପର୍କୀୟ ବ୍ୟକ୍ତିମାନେ ନ ନେଲେ ଜମି ଚିହ୍ନି ନ ପାରିବେ ଓ କେଉଁ ଜମିରେ ରଇତ ଲାଗି ନାହାନ୍ତି ଓ ଲାଗି ପାରନ୍ତି ତାହା ଜାଣି ନ ପାରିବେ କିନ୍ତୁ ଏଥିର ନକଲ ବିନା ଖର୍ଚ୍ଚରେ ଦିଆ ନ ଯିବ । ଏଥିପାଇଁ ଆବଶ୍ୟକୀୟ ନକଲଫିସ ପଡ଼ିବ ।

---

ଅଳ୍ପଦିନତଳେ କଲିକତାରେ ଓଲାଉଠା ରୋଗ ସାମାନ୍ୟରେ ଦେଖା ଦେଇଥିବାରୁ ସେହି ରୋ-ଗର ନିଦାନ ନିର୍ଣ୍ଣୟ କରିବା କାରଣ କୁଇନ୍‌ଙ୍କ ସର୍ବପ୍ରଧାନ ଡାକ୍ତର ଗବର୍ଣ୍ଣମେଣ୍ଟଦ୍ୱାରା ନିଯୁକ୍ତ ହୋଇଥିଲେ । ସେମାନେ କହୁଅଛନ୍ତି କି ଓଲା-ଉଠା ବସନ୍ତ ଇତ୍ୟାଦି ରୋଗପରି ସଂକ୍ରାମକ ନହଇ ଏହା ଗୋଟିଏ ସାଧାରଣ ରୋଗ ।


Split by PDF Splitter

Digitized by srujanika@gmail.com

ଅହାର ବିଶ୍ରାମ ଓ ବାସସ୍ଥାନ ସଙ୍ଗେ ଏଥିର ସମ୍ପର୍କ ଅଛି । ତାହା ହେଲେ ଯାହିଙ୍କ ଉତ୍ତସମୟରେ ଏ ରୋଗ ହୁଅଇ ବୋଲି ଆମ୍ଭମାନଙ୍କ ଗବର୍ଣ୍ମେଣ୍ଟ ଯାହା ଭାଙ୍ଗିଦେବାର ଯେ ଯନ୍ତ୍ରା ବାହାର କରିଅଛନ୍ତି ଏହା ବିଜ୍ଞାନସମ୍ମତ ହେଉ ନାହିଁ ସୁତରାଂ ଏଥିରୁ ଷାନ୍ତ ହେବା ଛୁଚଇ ।

---

ଏଠା ଗବର୍ଣ୍ମେଣ୍ଟ ଓକିଲଙ୍କ ସରକାରୀ ଭଗ୍ନୀ ବାବୁ ହରିଶଙ୍କର ଗୁପ୍ତ ଗତ ଶନିବାର ଦିନ ସନ୍ଧ୍ୟାରେ ଭୋଜନ କରିବାକୁ ଯିବା ସମୟରେ ହଠାତ୍ ଘରର ଦ୍ୱାରଦେଶରେ ବସିଯାଇ ପ୍ରାଣ ହରାଇ ଅଛନ୍ତି । ତାହାଙ୍କର ଶରୀର ଯେପରି ସବଳ ଥିଲା ସେହିପରି ବିଶେଷ କୌଣସି ରୋଗର ଚିହ୍ନ ଦେଖା ଦେଇ ନ ଥିଲା । ଡାକ୍ତରମାନେ କହୁଅଛନ୍ତି ଯେ ହୃଦ୍ରୋଗରୁ ଏପରି ଆକସ୍ମିକ ମୃତ୍ୟୁ ହୋଇଅଛି । ଏହି ଆକସ୍ମିକ ଘଟନାରେ ଏଠାର ଭାବଗ୍ରାହୀ ଲୋକେ ବ୍ୟସ୍ତ ଓ ଦୁଃଖିତ ହୋଇଅଛନ୍ତି । ତାଙ୍କ ବୃଦ୍ଧ ମାତା ଏବଂ ଯୁବତୀ ଭାର୍ଯ୍ୟାର ଶୋକ କଥା ଅବା କ ବୋଲିବୁଁ । ମଙ୍ଗଳମୟ ପରମେଶ୍ୱର ଏହାଙ୍କ ଆତ୍ମାର ମଙ୍ଗଳ ବିଧାନ କରି ଏ ଦାରୁଣ ଶୋକ ସହ୍ୟ କରିବା କାରଣ ତାଙ୍କର ମାତା ପ୍ରଭୃତିଙ୍କି ବଳପ୍ରଦାନ କରନ୍ତୁ ଏତିକ ପ୍ରାର୍ଥନା ।

---

ମନିଅର୍ଡରଦ୍ୱାରା ଟଙ୍କା ଦାଖଲ କରିବାର ସୁବିଧାକୁ ଲୋକେ କ୍ରମାଗତ ଆଦର କରିବାର ଦେଖା ଯାଉଥିଲେହେଁ ଟଙ୍କାବିଭାଗର ଗତ ବାର୍ଷିକ ବିବରଣରେ ଲେଖା ହୋଇଥିଲା ଯେ ଲାଟବନ୍ଦବନ ମନିଅର୍ଡର ଖଜଣାଖାନାରେ ନ ପହୁଞ୍ଚିଲେ ମାହାଲ ନିଲାମରୁ ମୁକ୍ତ ନ ପାଇବାର ନିୟମ ହୋଇ ନ ଥିଲେ ସେ ସୁବିଧାପ୍ରିୟ ଲୋକଙ୍କର ଅଧିକ ଆଗ୍ରହ ହୁଅନ୍ତା । ଏଥିରୁ ଆମ୍ଭମାନଙ୍କ ଗେଜେଟ କହୁଅଛନ୍ତି ଯେ ଉକ୍ତ ନିୟମ ଯଥାର୍ଥ ଅଟଇ । ଏବଂ ତାହା କୌଣସି ରୂପେ ଶିଥିଳ ହୋଇ ନ ପାରେ । ଯେବେ ଯେଉଁସ୍ଥଳେ ଡାକଘରର ଅଯଥା ବିଳମ୍ବ ହେତୁ ଲାଟବନ୍ଦବନ ମନିଅର୍ଡର ପହୁଞ୍ଚି ନ ଥିବ ସେଠାରେ କଲେକ୍ଟର ସାହେବ ଆପଣା ବିବେଚନାମତେ ସେ ମାହାଲକୁ ନିଲାମରୁ ମୁକ୍ତ କରିବେ ଏବଂ ଦେଉଅଛନ୍ତି । ଏପରି ଯେଉଁମାନଙ୍କ ମନିଅର୍ଡର ଅଟେ ଅଟେ ପହୁଞ୍ଚିବାରେ ବିଳମ୍ବ ହେବ ସେଠାରେ ମଧ୍ୟ କଲେକ୍ଟର ସାହେବ ବିବେଚନା କରିବେ ।

---

ସ୍ଥାନାନ୍ତରେ ପ୍ରକାଶିତ ଉରମଜବାସୀ କେତେକଜଣ ପ୍ରଜାଙ୍କ ପକ୍ଷରୁ ଜଣାଯାଏ ଯେ ଗରିବ ପ୍ରଜାମାନଙ୍କୁ ସାମାନ୍ୟ ଲୁଣ ରଖିବା ସକାଶେ ଗ୍ରହଣ କରିବା ଗବର୍ଣ୍ମେଣ୍ଟଙ୍କ ଅଭିପ୍ରାୟ ନ ଥିବାର ଗତବର୍ଷରୁ ପ୍ରକାଶିତ ହୋଇଥିଲେ ସୁଦ୍ଧା ଅଦ୍ୟ ବାଲେଶ୍ୱରର ପୁଲିସ କର୍ମ୍ମ ମାଜିଷ୍ଟ୍ରେଟ ତହିଁପ୍ରତି ଆସ୍ଥା କରି ନାହାନ୍ତି ଏବଂ ଅଧିକର ଆଶ୍ଚର୍ଯ୍ୟର ବିଷୟ ଯେ ପୁଲିସକୁ ପୁରସ୍କାର ପ୍ରଦାନଦ୍ୱାରା ଏପରି କଢ଼ାଇବାକୁ ସ୍ଥାନୀୟ କଲେକ୍ଟର ମାଜିଷ୍ଟ୍ରେଟ ଉତ୍ସାହ ଦେଉଅଛନ୍ତି । ଆମ୍ଭମାନଙ୍କ ଗେଜେଟ ବ୍ୟୟସଙ୍କୋଚର ନାନା ଚେଷ୍ଟା କରୁଥିବା ପ୍ରତ୍ୟକ୍ଷେ ଲବଣ ଓ ଅବକାରୀ ମୋକଦ୍ଦମାରେ ପୁଲିସ ପ୍ରଭୃତି କର୍ମ୍ମଚାରୀଙ୍କୁ ପୁରସ୍କାର ଦାନରେ ଯେଉଁ ଅପବ୍ୟୟ ହେଉଅଛି ତହିଁରେ ଦୃଷ୍ଟି ପଡ଼ୁ ନାହିଁ ବଡ଼ ଚମତ୍କାର ଅଟଇ । ଏପରି ପୁରସ୍କାର ଦାନଦ୍ୱାରା ପ୍ରକୃତରେ ରାଜସ୍ୱ ରକ୍ଷା ପାଉ ନାହିଁ ଅଥଚ ପ୍ରଜାମାନେ ବିଶେଷରେ ପ୍ରପୀଡିତ ହେଉଅଛନ୍ତି । ସମୟରେ ଏପ୍ରକାର ମୋକଦ୍ଦମାର ବିବରଣ ପ୍ରକାଶିତ ହେଉଥିଲେ ଅନେକ ଉପକାର ହେଉଥାନ୍ତା ମାତ୍ର ସେ ଦଶାକୁ ଏଠା ଲୋକଙ୍କ ମନ ଯାଉ ନାହିଁ ।

---

ବାଲେଶ୍ୱର ନଗର ଅନ୍ତର୍ଗତ ଫରାସିଡେଙ୍ଗାର ଗୋଲମାଲସମ୍ବନ୍ଧରେ ନିମ୍ନଲିଖିତ ବିବରଣ ପ୍ରାପ୍ତ ହୋଇଅଛୁଁ ।

ଗତମାସ ତା ୧୨ ରଖରେ ରାଜା ବୈକୁଣ୍ଠନାଥ ଦେ ବାହାଦୁର ବାଲେଶ୍ୱରସ୍ଥ ପୋଲିସ ସାହେବ ମିଃ ଗାଇସଙ୍କୁ ଫରାସି ବାଲେଶ୍ୱରରେ ଭୟାନକ ଗୋଲମାଲ ହୋଇଥିବା ଓ ଅଧିକାଂଶ ଲୋକ କ୍ଷତବିକ୍ଷତ ହୋଇଥିବା ସମ୍ବାଦ ଦେବାରୁ ଓ ପୁନରପି ଗୋଲମାଲ ହେବା ସମ୍ଭାବନାରେ ଇଂରେଜଗବର୍ଣ୍ମେଣ୍ଟଙ୍କ ସାହାଯ୍ୟ ପ୍ରାର୍ଥନା କରିଥିଲେ । ସାହେବ ମହୋଦୟ ଘୋଡ଼ାରୋହୀ ହୋଇ ରାଜାଙ୍କ ସହିତ ଗବର୍ଣ୍ମେଣ୍ଟକାରଖାନା ନିକଟରେ ଦେଖାଦେଲେ ଓ ତାଙ୍କ ସହିତ ଜଣେ ହେଡ଼କନଷ୍ଟବଲ ଓ ୩ ଜଣ କନେଷ୍ଟବଲ ଥିଲେ । ଅଳ୍ପକ୍ଷଣ ପରେ ସାବେକ ଇଜାରାଦାର ରଘୁନାଥ ମହାପାତ୍ର ଗୋଟିଏ ପିଲାକୁ କାନ୍ଧେଇ କ୍ଲିଷ୍ଟ ସ୍ଥାନରେ ପହୁଞ୍ଚିଲେ ପହୁଞ୍ଚିବା ମାତ୍ରେ ରାଜାବାହାଦୁର ଗ୍ରେପ୍ତାର କରିବାର ହୁକୁମ ପ୍ରଦାନ କଲେ । ଜଣେ କନେଷ୍ଟବଲ ଓ ଅନ୍ୟ ଏକଜଣ ହାତକଡ଼ି ଦେଇ ତାହା ବାହାଦୁରଙ୍କ ଅଦେଶମତେ ସାହେବ ଓ ରାଜାଙ୍କ ସଙ୍ଗେ ତାଙ୍କୁ ଫରାସିଡେଙ୍ଗାକୁ ନେଇ ଆସିଲେ ଓ ରାଜା ଫରାସିଡେଙ୍ଗାର ନ ? ଣ ଅସାମୀଙ୍କୁ ଧରିଆଣିଲେ ତାଙ୍କ ଅଦେଶକ୍ରମେ ସେମାନଙ୍କୁ ଭୂଇଁରେ ବସାଗଲା ଓ ରଘୁନାଥଙ୍କୁ ମଧ୍ୟ ଭୂଇଁରେ ବସାଗଲା । ରାତ୍ରି ଗୋଟାକ ବେଳପର୍ଯ୍ୟନ୍ତ ସେମାନେ ସକାଳୁ ଏକପହରା ଶୂଦର ଦେହରେ ହେଲ ରହିଥିଲେ ଓ ମଧ୍ୟ ଅନାହାରରେ ଥିଲେ । ତହିଁ ଆରଦିନ ରଘୁନାଥଙ୍କ ବିରୁଦ୍ଧ ହେଲା ବିଗ୍ରହରେ ରାଜା ରଘୁନାଥଙ୍କୁ ୫୦ ଙ୍କା ଜରିମାନା କଲେ ରାଜା ଇଜାରାଦାର ନୁହନ୍ତି ଅଥଚ ମୋକଦ୍ଦମା ବିଚାର କରିଥିଲେ ଓ ବେନାମି ଇଜାରାଦାର ହୋଇଥିଲେ ସୁଦ୍ଧା ତାଙ୍କର ବିଚାର କରିବାର କ୍ଷମତା ଅଛି କି ନାହିଁ ଏ ବିଷୟରେ ଚନ୍ଦନନଗରର ଫରାସିଗବର୍ଣ୍ମେଣ୍ଟ ଟ୍ରେନିଙ୍ଗାମରେ ହୁକୁମ ଦେଇଅଛନ୍ତି ଯେ ଇଜାରଦାରଙ୍କର ବିଚାର କରିବାର କୌଣସି କ୍ଷମତା ନାହିଁ ସେ କେବଳ ଖଜଣା ଉସୁଲକାରୀ । ରାଜା ଯେଉଁସ୍ଥାନରେ ଗ୍ରେପ୍ତାର କଲେ ତାହା ଇଂରେଜରାଜ୍ୟରୁ ଅବା ଫରାସିରାଜ୍ୟରୁ ସେ ଥିର ଅନୁସନ୍ଧାନ ଲାଗିଅଛି । ରଘୁନାଥଙ୍କ ପୁତ୍ର ତାଙ୍କ ଗ୍ରେପ୍ତାରସମ୍ବାଦ ପ୍ରାପ୍ତ ହୋଇ ବହୁକାଳ ମି ଗାଇସଙ୍କ ନିକଟରେ ଯାଇ ଜାମିନର ପ୍ରାର୍ଥନା କରିଥିଲେ କିନ୍ତୁ ସାହେବ ମହୋଦୟ ତାଙ୍କ କୌଣସି ହାତ ନାହିଁ ବୋଲି କହିଲେ ଓ ରାଜା କହିବାପାଇଁ ପରାମର୍ଶ ଦେଲେ । ରାଜାଙ୍କ ନିକଟରେ ଉପସ୍ଥିତ ହେବାରେ ରାଜା ପ୍ରଥମେ ଜାମିନ ନେବାକୁ ଅସ୍ୱୀକାର କରି ପଛକୁ ସେହି ସ୍ଥଳରେ ଏକସହସ୍ର ଟଙ୍କା ନଗଦ ଦେଲେ ଜାମିନରେ ଖଲାସ ପାଇବାର କହିଲେ । ସ୍ଥଳରେ ନଗଦଟଙ୍କା ପାଇବା ଅସମ୍ଭବ ହେବାରୁ ରଘୁନାଥ ଉକ୍ତ ସ୍ଥଳରେ ମୁକ୍ତ ହୋଇ ପାରିଲେ ନାହିଁ । ମୋକଦ୍ଦମା ବର୍ତ୍ତମାନ ଡେପୁଟି ମାଜିଷ୍ଟ୍ରେଟ ବାବୁ ନବୀନଚନ୍ଦ୍ର ଦାସଙ୍କ ନିକଟରେ ଅଛି । ସେ ଇତିମଧ୍ୟରେ ଦୁଇଥର ସରଜମିନ ତଦାରଖ କରିଅଛନ୍ତି । ଫରାସିଡେଙ୍ଗା ୨୦।୨୯ ବର୍ଷ ହେବ ରଘୁନାଥଙ୍କ ଦଖଲରେ ଥିଲା ଗତବର୍ଷ ରାଜା ବାହାଦୁରଙ୍କ ତରଫରୁ ଲୋକ ଇଜାରା ନେଇଅଛନ୍ତି ।

---

Split by PDF Splitter

Digitized by srujanika@gmail.com

## ଓଡ଼ିଶାର ବାର୍ଷିକ ବିବରଣ ।

ଯଦ୍ୟପି ଚାଉଳର ଦୁର୍ମୂଲ୍ୟ ଜଳର ଅଭାବ ଏବଂ ପୀଡ଼ାର ଆଧିକ୍ୟ ହେତୁ ଗତବର୍ଷ ଅର୍ଥାତ୍ ସନ ୧୮୯୫।୯୬ ସାଲରେ ଓଡ଼ିଶାବାସିଙ୍କର ଭାଗ୍ୟ ମନ୍ଦ ହୋଇଥିଲା ତଥାଚ ଷ୍ଟେଟମାନଙ୍କର କୌଣସି କ୍ଷତି ନ ହୋଇ ବରଂ ଏହା ବର୍ଷରେ ଲାଭ ହୋଇଅଛି । ଯଥା ଷ୍ଟାମ୍ପ, ଏଥି ଓ ପ୍ରଦେଶୀୟକର ସନ୍ତୋଷଜନକରୂପେ ଆଦାୟ ହୋଇଅଛି । କେବଳ ଜଙ୍ଗଲ ଓ ଲୁଣଙ୍କର ଠିକ ଫାନ୍ଦ ବଡ଼ ବାନ୍ଧିଥିବାରୁ ଏହି ଦୁଇସ୍ଥାନର ଖଜଣା ଅନେକ ବାକି ପଡ଼ିଅଛି । ଅବକାରୀ କର ଗତବର୍ଷଠାରୁ ପ୍ରାୟ ଅଧଲକ୍ଷ ଟଙ୍କା ବୃଦ୍ଧି ହୋଇଅଛି ଏବଂ ଇନ୍‌କମ ଟିକସ ଯେତେ ଧାର୍ଯ୍ୟ ହୋଇଥିଲା ସମସ୍ତ ଆଦାୟ ହୋଇଅଛି ।

ଇଷ୍ଟକୋଷ୍ଟ ରେଲୱାଇନିର୍ମାଣ କାର୍ଯ୍ୟ ହଠାତ୍ ବନ୍ଦ ହେବାରୁ ମାନ୍ୟବର ଲେପ୍ଟେନାଣ୍ଟ ଦୁଃଖ ପ୍ରକାଶ କରିଅଛନ୍ତି । କମିଶ୍ନରସାହେବ ପ୍ରସ୍ତାବ କରିଅଛନ୍ତି କି ରେଲୱାଇ ପ୍ରସ୍ତୁତ ହେଲେ ଓଡ଼ିଶାର ଯେଉଁ ସଡ଼କ ପୁରୀ ଓ ଗଞ୍ଜାମକୁ ଯାଇଅଛି ତାହା ଜିଲ୍ଲା ବୋର୍ଡଙ୍କ ଅଧୀନରେ ରହିବ । ମାନ୍ୟବର ଲେପ୍ଟେନାଣ୍ଟ ଏପ୍ରସ୍ତାବକୁ ଅନୁମୋଦନ କରିଅଛନ୍ତି । ନ କରିବେ ଅବା କାହିଁକି ? କାରଣ ତଦ୍ଦ୍ୱାରା ଏହି ସଡ଼କ ରକ୍ଷା କରିବାର ବ୍ୟୟ ସରକାରଙ୍କ ହାତରୁ ନ ପଡ଼ି ବୋର୍ଡଙ୍କୁ ଯୋଗାଇବାକୁ ହେବ ।

ସ୍ଥାନୀୟ ସ୍ୱାୟତ୍ତଶାସନ ସମ୍ବନ୍ଧରେ ଶ୍ରୀଯୁକ୍ତ ଷ୍ଟିଭେନସସାହେବ ଲେଖିଅଛନ୍ତି କି "ଅଦ୍ୟାପି ଓଡ଼ିଶାରେ ଏଥିର ନେର ଲାଗି ନାହିଁ । ସାଧାରଣ ହିତ ନିମନ୍ତେ ମିଶି ଚେଷ୍ଟା କରିବାର ଶକ୍ତି ଓଡ଼ିଆମାନଙ୍କର ନାହିଁ ଏବଂ ସେମାନଙ୍କ ମଧ୍ୟରେ ଯଥୋଚିତ ପରିମାଣରେ ନିସ୍ୱାର୍ଥବାନ୍ ନିର୍ଭୀକ ଉତ୍ସାହିତ ଓ ଚତୁର ଲୋକ ନାହାନ୍ତି ଯେ ସମସ୍ତଙ୍କୁ ଜାଗ୍ରତ କରିବେ । ସାଧାରଣତଃ ସରକାରୀ ଚେଅରମ୍ୟାନଙ୍କ ପ୍ରସ୍ତାବ ସଭାରେ ଧାର୍ଯ୍ୟ ହୁଏ । କେବଳ ସୁଖର ବିଷୟ ଏତେକ ଯେ ବଙ୍ଗଳାପରି ବୃଥା ଆପତ୍ତିର ପ୍ରାଦୁର୍ଭାବ ନାହିଁ ମାତ୍ର ପରନ୍ତୁ ଏଠା ଲୋକେ ସାଧାରଣ କାର୍ଯ୍ୟରେ ପ୍ରକୃତ ମନୋଯୋଗୀ ହେବାର ଚିହ୍ନ ଦେଖା ଯାଇ ନାହିଁ । ଆଶା ହୁଅଇ ଶିକ୍ଷା ଓ ରେଲୱାଇର ବିସ୍ତାର ହେଲେ ଏଠା ଲୋକଙ୍କର ରାଜନୈତିକ ଜୀବନ ସଞ୍ଚାର ହେବ" । କମିଶ୍ନରସାହେବଙ୍କର ଏହି ମନ୍ତବ୍ୟ ସମ୍ପୂର୍ଣ୍ଣ ଯଥାର୍ଥ ଅଟଇ । ବାସ୍ତବରେ ଓଡ଼ିଶାବାସିଙ୍କର ବର୍ତ୍ତମାନ ନିଶ୍ଚେଷ୍ଟଭାବ ଦେଖି ବଡ଼ ଦୁଃଖ ହୁଅଇ ।

ବନ୍ଦୋବସ୍ତ ସମ୍ପର୍କରେ ଲୋକଙ୍କର ମାନସିକ ଭାବ ଉଲ୍ଲିଖିତରୂପେ ଶ୍ରୀଯୁକ୍ତ କମିଶ୍ନରସାହେବ ପ୍ରକାଶ କରିଅଛନ୍ତି, ଯଥା; "ଓଡ଼ିଶା ବନ୍ଦୋବସ୍ତ କାର୍ଯ୍ୟ ଏବର୍ଷ ସର୍ବତ୍ରେ ଲାଗିବାରୁ ପ୍ରତ୍ୟେକ ଲୋକର ଆଲୋଚନାରେ ଆସିଅଛି । ଯଦ୍ୟପି ଆମ୍ଭେ ଏପରି କହିବାକୁ ସମର୍ଥ ନୋହୁଁ ଯେ ଏ କାର୍ଯ୍ୟ ଜନା ଅପରିଚିତ ଅଜ୍ଞତାର ଓ ବିବାଦରେ ପୂର୍ଣ୍ଣଅଛି ତଥାଚ ସନ୍ତୋଷର ବିଷୟ ଏହି ଯେ ସରକାରୀ କର୍ମଚାରୀମାନେ କୌଣସି ପ୍ରକାଶ୍ୟ ଅଥବା ସଂଗତ ବାଧା ପାଇ ନାହାନ୍ତି ଏବଂ ଜନା ବାଧାରେ ଏକାର୍ଯ୍ୟ ଶେଷ ହେବାର ସୂଚନା ଦେଖାଯାଉଅଛି । କିନ୍ତୁ ଓ ବନ୍ଦୋବସ୍ତରେ ଲୋକଙ୍କ ମନ ଅସ୍ଥିର ହୋଇଅଛି ସତ୍ୟ ମାତ୍ର ଜମି ଭିତରେ ସେମାନଙ୍କର ଏପରି ବିଶ୍ୱାସର ଯୋଗ କହୁଅଛି କି ନ୍ୟାଯ୍ୟ ରାଜକର ଧାର୍ଯ୍ୟ ହେବ ଏବଂ ବନ୍ଦୋବସ୍ତ ସଂପୃକ୍ତ ବିବାଦମାନ ସୁବିଚାର ପୂର୍ବକ ନିଷ୍ପତ୍ତି ହେବ" । ଏଥିକୁ ଆମ୍ଭେମାନେ କହୁଁ କି କମିଶ୍ନରସାହେବଙ୍କର ଏହି ଉକ୍ତି କେବଳ ଅତିରଞ୍ଜିତ ଅଟଇ । କିପରି କର ଧାର୍ଯ୍ୟ ହେବ ଅଦ୍ୟ ଜଣାଯାଇ ନାହିଁ ମାତ୍ର ଜରିବ କାଗଜ ପ୍ରତି ଲୋକଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ହୋଇ ନାହିଁ ଏବଂ ନାନାପ୍ରକାରେ ଭଣ୍ଡ ହେଇ ଓ ଖଞ୍ଜାନ୍ତ ହୋଇ ଲୋକେ ବ୍ୟସ୍ତ ହୋଇଅଛନ୍ତି । ସାହେବପ୍ରଶଂସିତ ଯେବେ ବନ୍ଦୋବସ୍ତ ମହକୁମାର ମୋଫସଲର କାର୍ଯ୍ୟ ଭଲରୂପେ ଅନୁସନ୍ଧାନ କରି ଦେଖିଥାନ୍ତେ ତେବେ ତାହାଙ୍କର ଭ୍ରମଧାରଣା ହୋଇଥାନ୍ତା । ଓଡ଼ିଆମାନେ ବଡ଼ ନମ୍ର ଓ ଦୁଃଖୀ ଲୋକ ଓ ସେମାନଙ୍କର ରାଜଭକ୍ତି ପ୍ରବଳ । ଏଣୁ କର୍ମକୁ ଆଦର ପ୍ରଶଂସନୀୟ ସହିଷ୍ଣୁତାକୁ ଅବଲମ୍ବନ କରି ରହିଅଛନ୍ତି । ଗୁହାରି କଲେ କିଛି ଫଳ ହେବ ନାହିଁ ଏହି ଧାରଣା ସେମାନଙ୍କର ପ୍ରବଳ । ଏଥି ପାଇଁ ନୀରବ ରହିବାରୁ ହାକିମମାନେ ଗବର୍ଣ୍ଣମେଣ୍ଟଙ୍କୁ ବୁଝାଇ ଦେଉଅଛନ୍ତି ଯେ ଲୋକଙ୍କର ଆଦୌ ଦୁଃଖ ନାହିଁ ।

ପରିଶେଷରେ କମିଶ୍ନରସାହେବ କହୁଅଛନ୍ତି କି ସେ ବ ୨୫।୨୬ ବର୍ଷ ପୂର୍ବ ଓଡ଼ିଶାକୁ ପ୍ରଥମେ ଆସିଥିଲେ । ସେ କାଳ ପ୍ରତି ବର୍ତ୍ତମାନ ଓଡ଼ିଶାର ଅନେକ ଉନ୍ନତି ହୋଇଅଛି ଏବଂ ସୌଭାଗ୍ୟର ଲକ୍ଷଣ ଚିହ୍ନ ଦେଖାଯାଉଅଛି । ମାତ୍ର ଭିତରେ ଦେଖିବାକୁ ଗଲେ ଓଡ଼ିଆଙ୍କର ଆଶା ଓ ଉତ୍ସାହର କିଛି ପରିବର୍ତ୍ତନ ହୋଇ ନାହିଁ । ସାଧାରଣ ଓଡ଼ିଆ ନିଶ୍ଚିନ୍ତ ରହିବାକୁ ସୁଖ ପାଏ, ଆପଣାର ଉନ୍ନତି ଲୋଡ଼ଇ ନାହିଁ । ଆପଣା ଅର୍ଜନର ଅଧିକାଂଶ ସାମାଜିକ ଓ ପରମାର୍ଥ କାର୍ଯ୍ୟରେ ବ୍ୟୟ କରେ ଓ ଆପଣା ଗ୍ରାମର ସୀମା ବାହାରର କୌଣସି କଥା ଚିନ୍ତା କରଇ ନାହିଁ ଏହାର ପ୍ରତିକାରର ଏକମାତ୍ର ଉପାୟ ରେଲୱାଇ ଅଟଇ । ଅତଏବ ଅମ୍ଭେମାନେ ରେଲୱାଇକୁ ଚାହିଁ ରହିଲୁ । ମାତ୍ର ଆମ୍ଭମାନଙ୍କର ଭୟ ହେଉଅଛି କାଲେ ରେଲ୍‌ୱାଇ ଫିଟିଲେ ବିଦେଶୀୟ ପୁରୁଷସିଂହମାନେ ଓଡ଼ିଶାର ସବୁ ବ୍ୟବସାୟ ମାଡ଼ିବସି ଅକର୍ମଣ୍ୟ ଏବଂ ଉଦ୍ୟମଶୂନ୍ୟ ଓଡ଼ିଆଙ୍କୁ ଆଉ ଉଠିବାକୁ ଦେବେ ନାହିଁ । ତାହା ହେଲେ ହିତେ ବିପରୀତ ଘଟିବ । ରେଲବାଇ ହେବା ପୂର୍ବରୁ ସଚେତ ହେବା ଉଚିତ ।

---

## ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଏଠାରେ ଶୀତ ଉତ୍ତମରୂପେ ଅନୁଭୂତ ହେଉଅଛି । ବେଳେ ୨ ଓସରଠା ଏବଂ କୁହୁଡ଼ି ଘେରଇ ଲୋକଙ୍କ ହରବର କରୁଥିଲେହେଁ ସାଧାରଣସ୍ୱାସ୍ଥ୍ୟ ବେଶ୍ ଭଲ ଅଛି ।

ଏ ଜିଲ୍ଲାର ପଞ୍ଚାୟତରେ ଅଦ୍ୟାବଧି ଅନ୍ନକଷ୍ଟ ଅନୁଭୂତ ହେଉଥିବାର ପ୍ରତ୍ୟକ୍ଷ ପ୍ରମାଣ ସଦ୍ୟ ଗୋଟିଏ ମୋକଦ୍ଦମାରୁ ମିଳୁଅଛି । ଧାନ କାଟିନେବା ଅପରାଧରେ ଅଭିଯୁକ୍ତ କେଣାହାଡ଼ ପରଗନାର ଜଣେ ଲୋକ ଗତ ମଙ୍ଗଳବାର ମୋକଦ୍ଦମା ବିଚାର ସମୟରେ ଜବାବ ଦେଲା "ମୋହର ପାଞ୍ଚପ୍ରାଣୀ କୁଟୁମ୍ବ ଉଦରକୁ ଖାଇବାକୁ ନ ପାଇବାରୁ ଅନ୍ୟ ଉପାୟ ନ ଦେଖି ଧାନ କାଟି ନେଇଥିଲି ।" ଆସାମୀ ତା ୧୪ ଦିନ କାରଦଣ୍ଡ ପାଇଲା; ତାହାର ଜବାବ କୃତ୍ରିମ ନୁହେଁ ବୋଲି ବିଚାରକର୍ତ୍ତା ହୃଦୟଙ୍ଗମ କରିଥିବାର ଜଣାଗଲା ।

### କଲିକତା-ଗେଜେଟ ।

ଡେପୁଟୀମାଜିଷ୍ଟ୍ରେଟ ଓ ଡେପୁଟୀକଲେକ୍ଟର ବାବୁ ଜଗନ୍ନାଥ ଦାସ ରେଜିଷ୍ଟ୍ରାରଙ୍କ ଅବସରକାଳରେ ୧୮୯୬ ସାଲର କାର୍ତ୍ତିକ ୨୧ ତାରିଖ ୪ ସପ୍ତାହରେ ବାଲେଶ୍ୱର ଜିଲ୍ଲାରେ କଲେକ୍ଟରଙ୍କ ଅନୁପସ୍ଥିତିରେ କାର୍ଯ୍ୟକରଣାର୍ଥ ନିଯୁକ୍ତ ହେଲେ ।

ଛୁଟୀପ୍ରାପ୍ତ ସବଳ ଡେପୁଟୀମାଜିଷ୍ଟ୍ରେଟ ଓ ଡେପୁଟୀକଲେକ୍ଟର ବାବୁ କେଦାରନାଥ ଦତ୍ତ ମେଦିନୀପୁର ଜିଲ୍ଲାର ସଦର ମହକୁମାକୁ ସ୍ଥାନାନ୍ତରିତ ହେଲେ ।

ବାବୁ ଏବଂ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ

Split by PDF Splitter

Digitized by srujanika@gmail.com

କଲେକ୍ଟର ବାବୁ ଭୁବନେଶ୍ୱରନାଥ ବସୁ ଦୁଇ ମାସର ସକଲ ଛୁଟିକୁ ସ୍ଥାନାନ୍ତରିତ ହେଲେ

ବାଲେଶ୍ୱର ଜିଲ୍ଲାନ୍ତର୍ଗତ ଭଦ୍ରକର ଅତିରିକ୍ତ ଡେପୁଟୀ ମାଜିଷ୍ଟ୍ରେଟ ଶ୍ରୀଯୁତ ଇ, ଏଚ୍, ଡାମନ ସାହେବ ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଲେ ।

ବାବୁ ଯୋଗେନ୍ଦ୍ରନାଥ ମୁଖୋପାଧ୍ୟାୟ ଛୁଟିରେ ଅନୁପସ୍ଥିତ ସମୟମଧ୍ୟରେ କଟକ ଫ୍ୟାକ୍ଟରି ଦେବାପର୍ଯ୍ୟନ୍ତ ବାବୁ ସୁରେନ୍ଦ୍ରନାଥ ଘୋଷ ବି, ଏଲ, କଟକ ଜିଲ୍ଲାରେ ମୁନସଫସ୍ୱରୂପ କାର୍ଯ୍ୟକରଣାର୍ଥ ନିଯୁକ୍ତ ହୋଇ ସଦରମୁକାମରେ ଅବସ୍ଥାପିତ ହେଲେ ।

ବାଲେଶ୍ୱର ଜିଲ୍ଲାନ୍ତର୍ଗତ ଭଦ୍ରକର ସବ-ଡେପୁଟୀ କଲେକ୍ଟର ବାବୁ କାର୍ତ୍ତିକଚନ୍ଦ୍ର ବସୁ ତୃତୀୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଲେ ।

ପଦତ୍ୟାଗୀ ବାବୁ ସତୀଶଚନ୍ଦ୍ର ଘୋଷଙ୍କ ସ୍ଥାନରେ ବାଲେଶ୍ୱର ଡିଷ୍ଟ୍ରିକ୍ଟବୋର୍ଡର ଜଣେ ସଭ୍ୟପଦରେ ଡେପୁଟୀମାଜିଷ୍ଟ୍ରେଟ ବାବୁ ରକ୍ଷାଲଚନ୍ଦ୍ର ବାନର୍ଜୀ ନିଯୁକ୍ତ ହେଲେ ।

ପଦତ୍ୟାଗୀ ସତୀଶଚନ୍ଦ୍ର ଘୋଷଙ୍କ ବଦଳରେ ବାଲେଶ୍ୱର ମିଉନିସିପାଲିଟୀର ଜଣେ କମିଶନରପଦରେ ବାଲେଶ୍ୱରର ଡେପୁଟୀ ମାଜିଷ୍ଟ୍ରେଟ ବାବୁ ରକ୍ଷାଲଚନ୍ଦ୍ର ବାନର୍ଜୀ ନିଯୁକ୍ତ ହେଲେ ।

— ——

ଗୌଡ ରାଜାଙ୍କର କନିଷ୍ଠ ଭ୍ରାତା ଶ୍ରୀଯୁକ୍ତ ବାବୁ ବୈଦ୍ୟନାଥ ରାୟ ଗତ ମାସ ତା ୨୨ ଦିନରେ ମାନବଲୀଳା ସମ୍ବରଣ କଲେ । ଏ ଦୁର୍ଘଟନାରେ ରାଜା ଓ ପ୍ରଜା ବିଶେଷ ଦୁଃଖିତ ଅଛନ୍ତି ।

ଦକ୍ଷିଣ ମାଲବାରର ସବଜଜ ଓଲାକ ଏକ ମୋକଦ୍ଦମା ତଦାରକିବାକୁ ଯାଇ କାଲିକଟଠାରେ ଗତମାସ ତା ୧୬ ଦିନରେ ଗୁଳିଦ୍ୱାରା ପ୍ରାଣ ହରାଇଥିବାର ସମ୍ବାଦ ମିଳଇ । ଏବେ ଗୁଳି କିଏ ଚଳାଇଁଲା ସନ୍ଧାନ ହୋଇ ମିଳି ନାହିଁ । ଖୁଣି ମୋକଦ୍ଦମା ତଦାରଖକୁ ଯାଇ ଖୁଣି ହେବା ବଡ ଆଶ୍ଚର୍ଯ୍ୟର କଥା ଅଟଇ ।

ବୋମ୍ବାଇପ୍ରାନ୍ତ ଡାହ ଓସମାନ ଷ୍ଟେସନର ଘରଠାରେ ଜଣେ ମୁସଲମାନର ପଶୁର ଅତି ଅଲ୍ପ ସୋଇଥିଲା । ଅଙ୍ଗାର ମୁକ୍ତିଭଣ୍ଡିର ଏ ପକ୍ଷର ଅତଶ ଭଲଦେଖଣରେ ରାଜ ଲୁହାର ଛଡ଼ିର ବାଜ ଲଗିଥିଲା । ପଶୁର କେତେକଦିନ ଦହିର ଗରର ଅତଶ ଓଜନରେ ଜ ୪ ଏ ତୋଳ ଓ ଅନେକ ତଳେ ଦ୍ରବ୍ୟ ରହିବାରୁ ତାହା ବଢ଼ିବା ତାହା ଦେଖିବାରୁ ଅକ୍ଷମ ହୋଇ ସେ ତାହାର ନ ଭିଡ଼ିବାରୁ ମୁଖରେ ଫାଟକରୁ କାଢ଼ିଦେବାକାରଣ ଏଠାରେ ଦେଇଅଛି । ଫଳତ ବୋମ୍ବାଇ ସ୍ଥଳବାକୁ ନାହିଁ ଏବଂ ସେଠାରେ ମସଜିଦ ନିର୍ମାଣ କରି ରହିବାବାରଣ କୋଣ୍ଡଏହାକାର ମୁଦ୍ରା ଦାବୀ କରେ । ବେନ୍ତେ ଫକୀରଙ୍କ ଦାବୀ ନିତାନ୍ତ ଅନ୍ୟାୟ ହୋଇ ପଡ଼େ ଏବଂ ଏହିଦୋଷରେ ଲୋକଙ୍କର ଧର୍ମାଚରଣରେ ବଡ଼ ଅନର୍ଥ ଜାତ ହୁଏ ।

ଅମୃତବଜାରପତ୍ରିକାରେ ଗୋଟିଏ ଜନଶ୍ରୁତି କଥା ବାହାରି ଅଛି । ମାଦ୍ରାଜସ୍ଥର ଦେଲଅଚ କାଦୂମାନଙ୍କ ପରିବାରର ଦେଉଥିବା ଲୋକଙ୍କ ନାମରେ ଗୋଟିଏ ଖୁଣି ମୋକଦ୍ଦମା ଉପସ୍ଥିତ ହୋଇଥିଲା ନାହିଁ ବର୍ଷରେ ଅସାମିମାନେ ଜର୍ଜେଙ୍କଠାରେ ମୁକ୍ତିଲାଭ କଲେ । ଯେତେବେଳେ ସେ ଅଲ୍ପ-ଶାସରେ ଅସାମାନଙ୍କର ବର୍ତ୍ତମାନ ଲେଫ୍ଟେନାଣ୍ଟ ମହୋଦୟ ସେ ଅଞ୍ଚଳରୁ ରହିଲେ ହେଲେ ହୋଇଥିଲେ ସେତେବେଳେ ସେମାନେ ଲେଫ୍ଟେନାଣ୍ଟ ସ୍ୱତନ୍ତ୍ରମନ ପୂରଣାର୍ଥ ତାହାଙ୍କ କା-

ର୍ଯ୍ୟରେ ବାଧ୍ୟ କରିବା କାରଣ ଅନେକ ଟଙ୍କା ଖରଚିଥିଲେ । ଲେଫ୍ଟେନାଣ୍ଟ ବାହାଦୁର ତାହା ନ ନେଇ ସେମାନଙ୍କୁ କହି-ବାକୁ ଦ୍ୱାରା କହିଥିଲେ ଯେ ଅଦାଲତରୁ ସେମାନେ ମୁକ୍ତି ପାଇଲେ ସତ୍ୟ ମାତ୍ର ଲେଫ୍ଟେନାଣ୍ଟ ସମକ୍ଷରେ ସେମାନେ ଖାଲି ହେବା ମଙ୍ଗଳ ନାହାନ୍ତି । ଏକଥା ସତ୍ୟ ହୋଇଥିଲେ ବାସ୍ତବରେ ବଡ଼ ଦୁଃଖକଥାର ଅଟଇ । ଲେଫ୍ଟେନାଣ୍ଟ ମହୋଦୟ ବାଳୁଙ୍କ ପ୍ରାର୍ଥନା ଗ୍ରହଣ କରିଥିଲେ ତାଙ୍କ ମହତ୍ତ୍ୱର ସମଧିକ ପରିଚୟ ମିଳିଥାନ୍ତା ।

କଲବାର ସୁକୁମାର ଗତମାସ ତା ୨୧ ଦିନରେ ଶ୍ରୀମତୀ ଭଗବତୀଶ୍ୱରଙ୍କ ନିକଟ ସାକ୍ଷାତ୍ କରିଥିବାର ସମ୍ବାଦ ମିଳଇ । ପୂର୍ଣ୍ଣଦୈନିକ ସମ୍ମାନ ସହିତ ଏହାଙ୍କ ସମାଦର କରାଯାଇଥିଲା । ଭଗବତୀଶ୍ୱରୀ କଲବାର ମହାରାଣୀଙ୍କ ହୃଦୟ ଦେଖାଦେଇ ତାଙ୍କ ଅର୍ଦ୍ଧ ଅଙ୍ଗ ପି ଜାନୁର ଅଙ୍ଗ ଉତ୍ତ୍ତମରେ ଭୂଷିତ କରିଅଛନ୍ତି ।

ଦାହୋମି ରାଜ୍ୟରେ ଫରାସିସ୍‌ମାନେ ଦଳ ବାଧିରେ ଏକାନ୍ତ କରିବା ଅଧିକାର କରିଥିବାର ସମ୍ବାଦ ମିଳଇ ଏବଂ ସେଠା ରାଜା ଅଧୀନତା ସ୍ୱୀକାର କରିଅଛନ୍ତି ।

ଲର୍ଡ ଲବଟସଙ୍କ ସୈନ୍ୟ କାର୍ଯ୍ୟ ସମ୍ବନ୍ଧରେ ଅପଗାନିସ୍ଥାନରୁ ଅବଶ୍ୟ କୌଣସି ସମ୍ବାଦ ଆସି ନାହିଁ ଏବଂ ଅଗାମୀ ଜାନୁଆରୀମାସରେ ଲର୍ଡ ଲବର୍ଟସ୍ ସୈନ୍ୟକାର୍ଯ୍ୟରେ ଯାତ୍ରା କରିବାର ଏଠାରେ କଥାବାର୍ତ୍ତା ଚଳିଅଛି ।

କୋଣ୍ଡାର ସବଇନ୍‌ସ୍ପେକ୍ଟର ସ୍ମିଥ୍ ସାହେବ ସେଠା ଜେଲଖାନାର ଜଣେ ଦୁର୍ଦ୍ଦାନ୍ତ କଏଦୀ କର୍ତ୍ତୃକ ଆକ୍ରମିତ ହୋଇ ମସ୍ତକ ଓ ବାହୁରେ ଗୁରୁତର ପୀଡ଼ା ପାଇଥିବାର ସମ୍ବାଦ ମିଳଇ । ଉକ୍ତ କଏଦୀ ବଡ଼ ଅଲସୁଅ ଓ କାର୍ଯ୍ୟ କରିବାକୁ ନିତାନ୍ତ ଅନିଚ୍ଛୁକ ଥାଇ ଏପରି କାଣ୍ଡ କରିଅଛି ।

କଟଉଣ୍ଟ ଦାଦାଭାଇ ନୌରୋଜୀ ସାହେବ ନାଗପୁରସମ୍ମିଳିତ ଅଗାମୀ ଅଧିବେଶନରେ ଦଳଗତରୁ ଅସି ଉପସ୍ଥିତ ହୋଇ ନ ପାରିଲେ ସମ୍ଭବତଃ ଅସ୍ମମାନଙ୍କର ପଦେଉ ଭୂତପୂର୍ବ ହାଇକୋର୍ଟ ଜଜ ସର ରମେଶଚନ୍ଦ୍ର ମିତ୍ର ମହାଶୟ ସଭାପତିର ଆସନ ଗ୍ରହଣ କରିବେ ।

ବୋମ୍ବାଇଠାରେ ଏକ ମୁସଲମାନଯୁବତୀ ସ୍ୱାମୀଗୃହେ ଜଳହରଣ ଅପଣା ଲୁଗାରେ କିରୋସିନତେଲ ଢାଳି ନିଆଁ ଲଗାଇ ପୋଡ଼ିହୋଇ ମରିଥିବାର ସମ୍ବାଦ ମିଳଇ । କିରୋସିନତେଲ ଏହିପରି ବ୍ୟବହୃତ ହେବାର ଏହା ନୂତନ ଉଦାହରଣ ।

ଚାକିରିର ହୁବାଦାସପ୍ରାନ୍ତରୁ ପ୍ରକାଶ କରାଯାଉଛି ଯେ ଶୁଳଗୋତପୁରର ଜଣେ ଅସ୍ଥ ଜମିଦାର ଲକ୍ଷେ ଜଣା ଦାନବସରେ ଦୁର୍ଗାପୂଜା ଦିଅନ୍ତି । ଦବନାଗ୍ଯାର ହୁଲଅଙ୍ଗର ଜମିଦାର ଅଟମୁତିର ଭୈଠବଙ୍କ ଘରେ ମଞ୍ଚ ଏ ପୂଜା ହୁଏଇ ।——ଅଥ ଏ ଦେଶରେ ମଧ୍ୟ ଦୁର୍ଗା ପ୍ରଭୃତି ଦେବ ଭକ୍ତ ଶାକତାଶ ମୁସଲମାନଙ୍କ ଘରେ ଠାକୁରପୂଜା ହେଉଅଛି ।

ସେଣ୍ଟପିଟର୍ସବର୍ଗରୁ ସମ୍ବାଦ ମିଳଇ ଯେ ଅଗାମୀ ଶୀତ-କାଳରେ ରୁସିଆରେ ପୁଣି ଦୁର୍ଭିକ୍ଷ ପଡ଼ିବ ବୋଲି ଅନେକ ଲୋକ ଭବିଷ୍ୟବାଣୀ କରୁଅଛନ୍ତି ।

## ଯାଜପୁର-ସମ୍ବାଦ ।

ଅନେକଦିନ ଏଠାରେ ଦୁରନ୍ତରର ବିଶେଷ ପ୍ରବଳ ହୋଇଅଛି. ଏମନ୍ତ କି ଏକ ଦିନରେ ପାଞ୍ଚଗଣ୍ଡ ସେବ ଗ୍ରୁପରେ ଶଯ୍ୟାଶାୟୀ ହୋଇଥିବାରୁ ଗୁରୁବେତନାନେ ସେମାନଙ୍କର ଚିକିତ୍ସାରତ କରୁଅଛନ୍ତି ।

ଅସ୍ମମାନଙ୍କର ସବଡ଼ିଭିଜନ ମାଜିଷ୍ଟ୍ରେଟ ମହୋଦୟ ମଫସଲସ୍ଥଳରେ ଭ୍ରମଣ କରୁଥିବାରୁ ତାଙ୍କର ସମଦର୍ଶୀତାର ଅଧିକାଂଶ ଅମଲ ମୋକ୍ତାର ଓ ମୋକଦ୍ଦମାକାରୀମାନଙ୍କ ସମ୍ପ-ର୍କରେ ଦୂର ଦୂର ସ୍ଥଳରେ ଗମନ ପୀଡ଼ିତ ହେବା ଓ ତାଙ୍କର ନଫସଲରେ ଭ୍ରମଣ ପର୍ଯ୍ୟନ୍ତ ହେବାରୁ ତାଙ୍କ ୮୧୦ ଜଣ ଥିବାରୁ ୮୪ ଅଥବା ମୋକ୍ତାରମାନଙ୍କ ପୀଡ଼ାରେ ଅତ୍ୟନ୍ତ ପୀଡ଼ିତ ହୋଇ ରହିଲେ ମଧ୍ୟ ସେ ସଦରସ୍ଥ କାର୍ଯ୍ୟ ବନ୍ଦ କରିଅଛନ୍ତି ।

ବଡ଼ ଆଜନରେ ବସନ୍ତଟୀକା ଦେବାର ଆରମ୍ଭ ହୋଇ ଅଛି ଏଠାକାର ଲୋକମାନେ ବସନ୍ତ ଟୀକାର ଉପକାରିତା ଭଲମନ୍ଦରେ ଅବଗତ ନ ଥିବାରୁ ଅପଣା ପୁତ୍ର କନ୍ୟାମାନଙ୍କ ଟୀକା ଦେବା ପକ୍ଷେ ଚେଷ୍ଟା କରନ୍ତି ନାହିଁ ତାଙ୍କର ପିଲାମାନଙ୍କୁ ଭ୍ୟାକସିନେଟରଙ୍କଠାରେ ଉପସ୍ଥିତ କରାଇ ନ ଥିବାରୁ ଭ୍ୟାକସିନେଟର ପିଲାମାନଙ୍କର ଅଭିଭାବକମାନଙ୍କ ନାମରେ ରିପୋର୍ଟ ଦେଇ ମକଦ୍ଦମା ଦାୟର କରୁଅଛନ୍ତି ।

ଗତ ବୈତରଣୀମେଳା ସମୟରେ ଜୀବନରେ ଏକ ଦ୍ୱିତୀୟ କୃଷ୍ଣର ଜାତିଅଛି ଏଠାରେ ବସ୍ତଦ୍ରବ୍ୟ ଅନ୍ତ-ରେ ନର ଉପରେ ଅନ୍ୟ କରିବାରୁ ଏକଜଣ ଦଶଜଣ ଶିକାର ପକ୍ଷ ନିଶ୍ଚିତ ଚୁରି କରିବାରେ ସେ ସୁଧା ଗାଳ ଏଠାରୁ ଥିମାଇଲ ଅନ୍ତର ମିଲିଟରୀ ପୀଡ଼ାରେ ମଧ ଖଞ୍ଜି ବାକୁ ଗ୍ରାମଖାଇ ମାନେ ତାକୁ ଜଗରୁ ଉଠାଇ ମାଡ଼ କରି କାଢ଼ି ସେ ତା ୧୮ ତ ଲମ୍ବ ଥିବା ଏବେକଣ ଦେବେ ଏଠାକୁ ଦେଖା ନ ଥିଲ ।

ଗତ ନଭେମ୍ବରମାସ ତା ୨୮ ରୁ କ ଯୋମବାରଠାରୁ ଏଠା ଇଂରାଜୀସ୍କୁଲରେ ମାଇନର ପରୀକ୍ଷାର ଓ ଭର୍ଣ୍ଣାକୁଲାର ପରୀକ୍ଷା ଆରମ୍ଭ ହୋଇ ଅଛି ଏବଂ ମଧ୍ୟ ଇଂରାଜୀ ୧୯୦ଣ ଭର୍ଣ୍ଣାକୁଲାରରେ ଜ ୪ ୫ ଓ ଛାତ୍ରବୃତ୍ତି ନେଇରେ ଜ ୨୭ ଣ ଏଲ୍ସପ୍ରେ ଜ ୪୦ ଣ ଛାତ୍ର ପରୀକ୍ଷା ଦେଉଅଛନ୍ତି ।

ଏଥିପୂର୍ବରେ ସେଣ୍ଟ ବର୍ଣ୍ଣାର୍ଡ଼ଙ୍କ ତାଲୁ ମଦନମୋହନ କଣ୍ଠ ଲେଖିଥିଲୁ ମାତ୍ର ବର୍ତ୍ତମାନ ଉକ୍ତ ନରହରି ଜମସ ହୋଇ ତାହାର ସେଠା ଶ୍ରୀବର୍ଦ୍ଧନାଥ ଦାସ କମମାଳୀ ମହାନ୍ତ ଦେବୀରୁଦ୍ର ଜଗନ୍ନାଥ ମହାପାତ୍ର ପ୍ରଭୃତି ନେତ୍ରାନନ୍ଦ ମହାପାତ୍ର ଓ କମେଣ୍ଡମହାପାତ୍ରଙ୍କଠାରୁ ସେ ଦମସଦେଇ ନ ଥାଇ କମଳାଦାସୀ ଏବଂ ନିଷ୍ଟର ଏକ ଦେଇଥିବାରୁ ଦମ୍ପତ୍ତିର ସେମାନଙ୍କ ନାମରେ ଟାଙ୍କିବାର ଅଲଜର ତ ୧୯୭ ଧାରାରେ ମକଦ୍ଦମା ଦାୟର କରିବା କାରଣ ଦରଖାସ୍ତ ପ୍ରାର୍ଥନା କରିଥିବାରୁ ତଦନ୍ତପର ସେମା-ନଙ୍କ ନାମରେ ଜଗନ୍ନାଥ ତ ୧୯୭ ଧା ମକଦ୍ଦମା ଦାୟର ନ ହେବା ଏପରି କାରଣ ଦର୍ଶାଇବାପାଇଁ ସେମାନଙ୍କ ନାମରେ ନୋଟିସ ଜାରି କରିଅଛନ୍ତି ।

------

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

------

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ପୁରୀଜିଲାର ଖୋର୍ଦ୍ଧା ସ: ଡି: ଅନ୍ତର୍ଗତ ବା-ଣପୁର ଗୋଟିଏ ପ୍ରଧାନ ଶଣ୍ଡଗ୍ରାମ ଅଟେ ଅଚିରୁ ଷୁରବର୍ଷ ହେଲା ଏ ସ୍ଥଳେ ଗୋଟିଏ ସବ୍‌କାସ୍ଥ

Digitized by srujanika@gmail.com

Split by PDF Splitter



...ବ୍ୟ ଚିକିତ୍ସାଳୟ ହୋଇଅଛି ଏ ପ୍ରଦେଶର ଅଧିକାଂଶ ମନୁଷ୍ୟମାନେ ଚିକିତ୍ସାଳୟ ଔଷଧ ସେବନ ଓ ଅସ୍ତ୍ରଚିକିତ୍ସା କରାଉ ଅଛନ୍ତି ଗତ ବୁଧବାର ଦିବସରେ ବାଣପୁର ନିକଟବର୍ତ୍ତୀ ବଡ଼ପଦ୍ମଅଡ଼ ମୌଜାରେ ଉତ୍କଳାପୃକ ଜାତିଓଡ଼ିଆ ଉଷ୍ଟାଙ୍କ ଗୋଟିଏ ବାଳକ ଜନ୍ମ ହୋଇ ଅଛି ସେ ବାଳକର ଗୁହ୍ୟଦ୍ୱାର ନ ଥାଇ ଥିବାରୁ ଦଶ ଦିନ ପର୍ଯ୍ୟନ୍ତ ଜୀବିତ ଥିବାରେ ସେ ବାଳକର ପିତା ଦାତବ୍ୟ ଚିକିତ୍ସାଳୟର ଡାକ୍ତର ସତ୍ୟେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ମହାଶୟଙ୍କୁ କହିବାରେ ସେ ସ୍ୱୟଂ ସେହି ଗ୍ରାମରେ ଉପସ୍ଥିତ ହୋଇ ଉକ୍ତ ବାଳକର ଅସ୍ତ୍ର ଚିକିତ୍ସାଦ୍ୱାରା କୃତ୍ରିମ ମଳଦ୍ୱାର କରି ଦେବାରେ ସେ ବାଳକ ସ୍ୱଚ୍ଛନ୍ଦରେ ମଳତ୍ୟାଗ କଲା ଜନ୍ମଦିନଠାରୁ ପର୍ଯ୍ୟନ୍ତ ମଳତ୍ୟାଗ ନ ହେବାରେ ଉକ୍ତ ବାଳକର ପେଟଫମ୍ପା ବାନ୍ତି ସଙ୍ଗେ ମଳ ବମନ ହେଉଥିଲା ମଳତ୍ୟାଗ ହେବାରେ ସେ ବାଳକ ସୁସ୍ଥ ଓ ଜୀବିତ ଅଛି । ଏହିପରି ଘଟନା ଅତି ବିରଳ ଏ ସ୍ଥଳରେ ଯଦି ଦାତବ୍ୟ ଚିକିତ୍ସାଳୟ ହେବାରେ କେତେ ପ୍ରାଣିମାନେ ଅକାଳମୃତ୍ୟୁ ଓ ଦାରୁଣଯନ୍ତ୍ରଣାରୁ ରକ୍ଷା ପାଉ ଅଛନ୍ତି ଉକ୍ତ ଡାକ୍ତର ବାବୁ ମହାଶୟ ଯେପରି ଯୋଗ୍ୟତା ପରିଶ୍ରମ ଓ ଦୟାଳୁତା ଭାବରେ କାର୍ଯ୍ୟ କରୁଅଛନ୍ତି ସେଥିରେ ଶୀଘ୍ର ମଧ୍ୟ ଏଠାର ଡାକ୍ତରଖାନାର ଉନ୍ନତି ହେବ ସରକାରବାହାଦୁରଙ୍କର ବର୍ତ୍ତମାନ ଉଦାରଗୃହସ୍ଥଙ୍କର ଟଙ୍କା ବ୍ୟୟ ହୋଇ ଗୋଟିଏ ପକ୍କା ଡାକ୍ତରଖାନା ପ୍ରସ୍ତୁତ ହେଉ ଅଛି ଡାକ୍ତରଖାନା ପ୍ରସ୍ତୁତ ହୋଇ ଗଲେ ରୋଗିମାନେ ଚିକିତ୍ସାଳୟରେ ରହି ଚିକିତ୍ସା ପାଇ ପାରିବେ ଏଥିରେ ଶ୍ରୀ ଶ୍ରୀମତୀମହାରାଣୀ ଭାରତେଶ୍ୱରୀଙ୍କର କେତେ ପୁଣ୍ୟସଞ୍ଚାର ହେଉ ଅଛି ତାହା ବର୍ଣ୍ଣନାତୀତ ଗରିବପ୍ରଜାଙ୍କପ୍ରତି ଦୟା କରି ଏ ଅରଣ୍ୟମଧ୍ୟରେ ଯେପରି ଗୋଟିଏ ଚିକିତ୍ସାଳୟ କରି ଅଛନ୍ତି ଏଥିରେ ଏ ପ୍ରଦେଶର ପ୍ରଜାମାନେ ସଦାସର୍ବଦା ଶ୍ରୀ ଶ୍ରୀମତୀମହାରାଣୀଙ୍କର ଗୁଣ କୀର୍ତ୍ତନ କରୁ ଅଛନ୍ତି ଉପସଂହାରରେ ଆମ୍ଭେମାନେ ଏହି ଆଶା କରୁଁ ଉକ୍ତ ଡାକ୍ତରବାବୁଙ୍କର ଉନ୍ନତି ବିଷୟରେ ଉପରୋକ୍ତ ହାକିମମାନେ କୃପାଦୃଷ୍ଟି କଲେ ଆମ୍ଭେମାନେ ଅତ୍ୟନ୍ତ ସୁଖୀ ହେବୁଁ ।

ବଶମ୍ବଦ
ଶ୍ରୀ ଅନାଥବନ୍ଧୁମହାନ୍ତି । ସା । ଖଣ୍ଡାବାଟପୁର
ଡି । ବାଣପୁର ।

---

ମହାଶୟ !

ଅଙ୍କୁଡ଼ାପ୍ରଗନାର ପ୍ରଜାମାନଙ୍କ ଅବସ୍ଥା ।
“ ସର୍ବନାଶର ପୂର୍ବଲକ୍ଷଣ ” “ କାଟିଣିଉପରେ ପ୍ରହାର”

ଆମ୍ଭେମାନେ ଦୁଃଖରସହିତ ପ୍ରକାଶ କରୁଅଛୁଁ ଯେ କରକଚ ଲବଣ ଅଧିକ ବିକ୍ରୀହେବା ଆଶାରେ ନିମକଇଲାକାର ପୋଲିସ କର୍ମଚାରୀମାନେ ଗ୍ରେସ ପୋଲାକ ହେଉ ଥିବାର ଦାବି କରି ଅତ୍ର ପ୍ରଗନାର ଅନେକ ଗରିବ ପ୍ରଜାଙ୍କୁ ଚାଲାଣ ଦେଇ ଅନେକ ଟଙ୍କା ପୁରସ୍କାର ପାଇଲେଣି ଅଜି କାଲି ଏମାନେ ଏପରି ଅତ୍ୟାଚାର କରିବାକୁ ବସିଲେଣି ତାହା ଆଉ ଆମ୍ଭେମାନେ ସହ୍ୟ କରି ପାରୁ ନାହୁଁ କି ଅନ୍ୟାୟ ଧର୍ମ୍ମ ଥିଲେ ଶ୍ରୁତିକପାରିତୋଷିକ ପାଇବା ଲାଳସାରେ ଘର ଭୁବାଇବାକୁ ବସିଲେ ତଥାତ ଆମ୍ଭମାନଙ୍କର ଗୁହାରିତ କେହି ଶୁଣିଲେ ନାହିଁ । ଇନ୍ଦ୍ରରାଜାଙ୍କ ଅଶୁଭଦୃଷ୍ଟିରୁ ଆଜିକୁ ବ ବର୍ଷ ହେଲା ଏ ଅଞ୍ଚଳରେ ଧାନ ଫସଲ ଉତ୍ତମରୂପେ ହେଉ ନ ଥିବାରୁ ପ୍ରାୟ ଦିନରେ ଏକବାର ଖାଇ ବା କୌଣସି ଦିନରେ ଅନାହାରରେ କଟାଇ ଅଛୁଁ । ଏଥି ଉପରେ ପୁନର୍ବାର ନିମକସମ୍ପ୍ରଦାୟଙ୍କର ଅତ୍ୟାଚାର “ ଚୋଡ଼ ଉପରେ ନଳିତାବଡ଼ା ” ଏ ଅଞ୍ଚଳରୁ ଯେତେ ନିମକ ମକଦମା ଚାଲାଣ ହେଉଅଛି ସେଥିର ଆସାମିମାନେ ପ୍ରାୟ ଗଉଡ଼ ଗୋଷ୍ଠୀ କାରଣ ଏମାନେ ପ୍ରତ୍ୟହ ସମୁଦ୍ର ପଥାକୁ ଯାତାୟାତ କରନ୍ତି ସେଥିପାଇଁ ସେମାନଙ୍କ ଉପରେ ସନ୍ଦେହ କରି ଅର୍ଥଲିପ୍ସୁ ନିମକପୋଲିସ ବିନା ଦୋଷରେ ଦୋଷୀ କରି ସେମାନଙ୍କୁ ଚାଲାଣ ଦେଉଛନ୍ତି । ବର୍ତ୍ତମାନ ଶ୍ରୀଯୁକ୍ତ ନବୀନଚନ୍ଦ୍ର ବାବୁ ଡେପୁଟି ମାଜିଷ୍ଟ୍ରେଟ ପ୍ରକୃତ ବିଚାର କରି ଏବଂ ସୂକ୍ଷ୍ମ ପ୍ରମାଣଦ୍ୱାରା ଏକ ନିମକଆସାମିକୁ ଖଲାସ ଦେଇଅଛନ୍ତି ।

ଏ ଅଞ୍ଚଳର ମହାମାନ୍ୟ ଜମିଦାରବର୍ଗମାନେ ମଧ୍ୟ ଏ ଅତ୍ୟାଚାରପ୍ରତି ଭ୍ରୂକ୍ଷେପ କରୁ ନାହାନ୍ତି । କାରଣ ଉକ୍ତ ନିମକପୋଲିସମାନେ ଜମିଦାରମାନଙ୍କୁ ମଧ୍ୟ ଉକ୍ତ ଦୋଷରେ ଚାଲାଣ ଦେବାନିମନ୍ତେ ଧମକାଉଅଛନ୍ତି । ଏହି ବଡ଼ ବିଷମ କାଣ୍ଡ । ଯଦି ନିମକଇଲାକାର କର୍ତ୍ତୃପକ୍ଷମାନେ ଏ ବିଷୟର ପ୍ରକୃତ ତତ୍ତ୍ୱ ଅନୁସନ୍ଧାନ ନ କରିବେ ତାହା ହେଲେ ଉକ୍ତ ଇଲାକାର ଅଧସ୍ତନ କର୍ମଚାରୀମାନେ ଆମ୍ଭମାନଙ୍କର ସର୍ବନାଶ ଘଟାଇବେ । ଆମ୍ଭମାନଙ୍କର ଶ୍ରୀଯୁତ କଲେକ୍ଟର ସାହେବ ଓ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ନିବେଦନ କରୁଅଛୁଁ । ଯଦି ସେମାନେ ଆମ୍ଭମାନଙ୍କର ନିବେଦନ ନ ଶୁଣିବେ ତାହା ହେଲେ ଆମ୍ଭେମାନେ ଅଗାଧ ସମୁଦ୍ରରେ ବୁଡ଼ିବୁଁ । ଗତବର୍ଷ ହେଲା ମଧ୍ୟେ ଅନ୍ନକଷ୍ଟ ଏଥିଉପରେ ନିମକପୁଲିସଙ୍କ ଅତ୍ୟାଚାରବଶତଃ ଅର୍ଥଦଣ୍ଡ ଦେଇ ମରିଗଲୁଁ ।

ସମ୍ପାଦକ ମହାଶୟ ଆପଣ ଅନୁଗ୍ରହ କରି ଆପଣଙ୍କର ମନ୍ତବ୍ୟସହିତ ଏହା ପ୍ରକାଶକଲେ ଆମ୍ଭେମାନେ ଚିରବାଧିତ ହେବୁଁ ।

ଇରମ ⎫ ଇରମ ନିବାସୀ କେତେକ-
ତା ୧୭।୧୧।୯୨ ⎭ ଜଣ ପ୍ରଜା ।

---

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ବନ୍ଧୁଧର ପଣ୍ଡା | ଟ ୧୯ |
| „ ରଜନୀକୁମାର ଦଗ୍ଧାଲ କାଳେକ୍ଟର | ଟ ୩୯ |

---

# ବିଜ୍ଞାପନ ।

## ନୂତନ ପୁସ୍ତକ

### ବୃନ୍ଦାବନ ।

କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଚାରି ଅଣା । ମୋଫସଲକୁ ଡାକମାସୁଲ ଖଣ୍ଡକୁ ଦୁଇପଇସା ।

*Extract from a letter of Babu Radhanath Roy dated 14th October 1892 addressed to the author.*

( Need I repeat that as a comedy I consider it quite a finished piece. )

---

ଚନ୍ଦ୍ରଧର ଅଗ୍ରଯାଜୀଙ୍କର ସରଳକ୍ଷେତ୍ର-ପରିମାଣ ମୂଲ୍ୟ ଟ ୦/୧୦

କବିତା କୁସୁମ ଦ୍ୱିତୀୟ ସଂସ୍କରଣ ଅପର ପ୍ରାଇମେରୀ-ପରୀକ୍ଷାର ପାଠ୍ୟ ଟ ୦ ।/

ପ୍ରବନ୍ଧମାଳା ନୂତନସଂସ୍କରଣ ୧୮୯୩।୯୪-ସାଲର ପାଠ୍ୟ ଟ ୦ ।

ସେକେଣ୍ଡବୁକ୍ ଅବ୍ଦୁଲଗଫୁରଙ୍କର ଓଡ଼ିଆ ମାନେ ଟ ୦। ଏହାବାଦ ଅନ୍ୟାନ୍ୟ ପାଠ୍ୟପୁସ୍ତକ ସବୁ ପ୍ରକାର ଆମ୍ଭଠାରେ ପ୍ରାପ୍ତବ୍ୟ ଅଛି ।

ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟ ।
ବୁକ ଏଜେଣ୍ଟ କଟକ ।

Digitized by srujanika@gmail.com

# ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆ-ଯାଉଅଛି ଯେ ଓଡିଶାବିଭାଗର ଉଭୟ ଦାଖଲ-ଖାରଜ ଓ ଉତ୍ତର ରେଜିଷ୍ଟ୍ରାରୀମାନଙ୍କରେ ଭୂମ୍ୟଧିକାରର ସ୍ୱତ୍ୱର ପରିମାଣ ଦର୍ଶାଇବା-ନିମନ୍ତେ ନିମ୍ନଲିଖିତ ଗଣନାର ପରିମାଣ (ଟେବୁଲ) ବଙ୍ଗଦେଶର ନିମ୍ନ ପ୍ରଦେଶର ମହା-ମାନ୍ୟ ରେବିନ୍ୟୁ ବୋର୍ଡ ମଞ୍ଜୁର କରିଅଛନ୍ତି । କିନ୍ତୁ ଯେ ପର୍ଯ୍ୟନ୍ତ ଉକ୍ତ ରେଜେଷ୍ଟ୍ରୀମାନ-ଙ୍କରେ ବର୍ତ୍ତମାନ ଥିବା ଲେଖାମାନ ସମ୍ପୂର୍ଣ୍ଣ-ରୂପେ ପୁନଃସ୍ପୃ ଲେଖା ନ ହେବ, ସେତେଦି-ନପର୍ଯ୍ୟନ୍ତ ସେ ଲେଖାମାନ ବଦଳିବ ନାହିଁ ।

୪ ରେଣ = ୧ କଡ଼ା
୪ କଡ଼ା = ୧ ଗଣ୍ଡା
୨୦ ଗଣ୍ଡା = ୧ ଭଗ୍ନ
୧୬ ଭଗ୍ନ = ୧ କ୍ରାନ୍ତି
୨୦ କ୍ରାନ୍ତି = ୧ ପାହି
୧୨ ପାହି = ୧ ଅଣା
୧୬ ଅଣା = ୧ ଟଙ୍କା

G. B. Dos
*Personal Asstt, to Commissioner.*
*For Offg. Commissioner.*




TRADE MARK REGISTERED.
BEWARE SPURIOUS AND VILE IMITATIONS ARE OUT.

THE best patent yet discovered, approved and certified as an experimentally invaluable specific by eminent physicians.

Hæmatic Syrup is a marvellous remedy for complete loss of Manhood, Nervous Debility, Prostration, caused by extreme over-strain and labour or by any other cause, such as intemperance, inordinate indulgence of indiscretionary habits excessive grief or the like; and for diseases contracted by vice.

Don't use quack medicines, while the above is available at the cheapest price. They only make the case worse and in many cases the disease is difficult to cure. But Hæmetic Syrup gives Vigour, improves the Strained Powers of the Intellect and understanding, makes the mind Imagintive and active, and improves Retentive Powers.

Hæmatic Syrup is a miraculous preparation for the Purification of Blood, for the Renovation of Deranged and Broken Constitutions, is a Rebuilder of Health and a Resuscitator of Life.

Hæmatic Syrup strengthens the System of the Fair Sex, restores all ages the sound and Robust Health, removes any obstruction or Irregularity of the System.

Hæmatic Syrup is an infaliable remedy for Bilious disorders of any kind such as Indigestion, Dyspepsia, Loss of Appetite, Acididity, Costiveness, Head ache, Disturbed Sleep, Frightful dreams and long standing Diarrhœa, &c.

Value returned in case of failure in efficacy. Innumerable testimonials are at hand.

Price per phial Rs. 2; dozen Rs 20 postage and V. P. P. charge Annas 10 and Rs. 2-4 only.

Apply to
Dr. P. MARTIN,
41. Bhawani Charan Dutta's Lane,
Calcutta.

## NOTICE.

Wanted a clerk for the Executive Engineer's office of Akhoyapada-Jajpur Division at Akhoyapada, on a salary of Rs. 30 per month for 3 months; no one need apply who does not possess a fair knowledge of English and is not experienced in the Works of correspondence Branch of an office; applications with copies of testimonials, will be received by the undersigned up to 8th December, 1892.

The person selected will have to join his appointment at once.

Akhoyapada
25—11—92.

J. W. ARNOTT
*Executive Engineer,*
Akhoyapada Jajpur Dn.

୧୮୯୩ ଓ ସନ ୧୮୯୪ ସାଲର ଅପର-ପ୍ରାଇମେରୀ ପରୀକ୍ଷାର ପାଠ୍ୟ ଉତ୍କଳକୁସୁମର ସଂଶୋଧିତ ତୃତୀୟସଂସ୍କରଣ ପ୍ରକାଶିତ ହୋଇ-ଅଛି । ମୂଲ୍ୟ ଦୁଇଅଣା । ଏହି ସଂସ୍କରଣରେ ଭ୍ରମମାନ ସଂଶୋଧିତ ଓ ସ୍ଥଳବିଶେଷ ଅବଶ୍ୟକ ବୋଧରେ ପରିବର୍ତ୍ତିତ ଏବଂ ଶେଷାଂଶ ବାହୁଲ୍ୟଭୟରେ ଅର୍ଥ, ଶବ୍ଦପାଠ ଓ ... କରଣ ବନ୍ଦ ପ୍ରଦତ୍ତ ହୋଇଅଛି ।

ଉକ୍ତ ପରୀକ୍ଷାର ପାଠ୍ୟ ଚୂଡ଼ାମଣିପାଠ ଏବଂ ବିଜ୍ଞାନପ୍ରବେଶର ସଂଶୋଧିତ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି । ଚୂଡ଼ାମଣିପାଠର ମୂଲ୍ୟ ଟ ୦।୵ ଏବଂ ବିଜ୍ଞାନପ୍ରବେଶର ମୂଲ୍ୟ ଟ ୦।୵୬ ।

ସନ ୧୮୯୩ ଓ ୧୮୯୪ ସାଲର ଛାତ୍ରବୃତ୍ତି ଓ ମାଇନର ପରୀକ୍ଷାର ପାଠ୍ୟ ସଂଶୋଧିତ ଓ ପରି-ବର୍ଦ୍ଧିତ ପ୍ରାକୃତିକଭୂଗୋଳପାଠ ଓ ସୂଳଭ-ପଦ୍ଧତିର ନୂତନସଂସ୍କରଣ ପ୍ରକାଶିତ ହୋଇଅଛି । ପ୍ରାକୃତିକଭୂଗୋଳପାଠର ମୂଲ୍ୟ ଟ ୦।୵ ଏବଂ ସୁଲଭପଦ୍ଧତିର ମୂଲ୍ୟ ଟ ୦।୵ ।

ଶୀତାନାଥଗୁପ୍ତଙ୍କ ପ୍ରଣୀତ ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ପ୍ରକାଶିତ ହୋଇଅଛି । ମୂଲ୍ୟ ଏକଅଣା ମାତ୍ର । ଏହି ପୁସ୍ତକ ଷଣ୍ଠିକ ବାଳକ-ମାନଙ୍କ ସୁଖପାଠ୍ୟ ହେବାରୁ ଅଳ୍ପଦିନ ମଧ୍ୟରେ ପ୍ରଥମ ସଂସ୍କରଣ ନିଃଶେଷ ପ୍ରାୟ ହୋଇଅଛି । ଏହା ଏପରି ଉପଯୋଗୀ ହୋଇଅଛି ଯେ ଅନେକ ଶିକ୍ଷକ ସ୍ୱାସ୍ଥ୍ୟସାଧନ ପରିବର୍ତ୍ତରେ କେ-ବଳ ଏହି ପ୍ରଶ୍ନୋତ୍ତର ବାଳକମାନଙ୍କ ପାଠ୍ୟ ଅଗ୍ରସ୍ଥ ହିଁକି କରୁଅଛନ୍ତି ।

ସଂକ୍ଷିପ୍ତ ଗ୍ରେଭ୍ରଲହରୀରଭାରର ସୂଚକ ୪ର୍ଥ-ସଂସ୍କରଣ ଯନ୍ତ୍ରସ୍ଥ ହୋଇଅଛି ଶୀଘ୍ର ପ୍ରକାଶିତ ହେବ । ମୂଲ୍ୟ ଟ ୦୵୴ ଅଣା ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କୋ-ମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

ଉଦ୍ଧାର ପ୍ରାପ୍ତ ଏକମାତ୍ର ଜଣା ।
ବ, ରାଧେନ୍ଦ୍ର ଏଣ୍ଡ କୋମ୍ପାନିଙ୍କର
ଅଭୂ ଭୌଷଧୀ ଓ ନେତ୍ର ପ୍ରଚୋତ୍ତମ ଏକମାତ୍ର ମଦ୍ୱୋଷଧ ।

## ଚିଦିନିଟି ଓଷଧ ।

ଆଜିକାଲି, କଟକ ସହର ଯେଉଁ ନେତ୍ରରୋଗକୁ ଅସାଧ୍ୟ ବୋଲି ସ୍ଥିର କରିଅଛେ । ଅତଏବ ୨୦ ରେ ବର୍ଷ ହେବ ଇଉରୋପ ଓ ଅମେରିକା ଦେଶର ସୁପ୍ରସିଦ୍ଧ ଡାକ୍ତରମାନଙ୍କର ... ଥାଉକରି ଯାହାର ଅଦ୍ଭୁତ ଔଷଧ ... ସ୍ଥିର ... ଥିଲେ ସେ ଅଦ୍ଭୁତ ... ଅଦ୍ଭୁତ । ସେମାନେ ଧାତୁଗତ ... ଏବଂ ଆବୁର୍ବେଦିକ ଓ ନେତ୍ର ... ହୁଏ ନାହିଁ ବୋଲି ... କିନ୍ତୁ ସେମାନେ ... ଔଷଧ ପରୀକ୍ଷାକରି ... ଏହା ... ଥିବୁ ... ( ... ) ... 

ସ୍ୱପ୍ନଦୋଷ ଦୁର୍ବଳତା ଉତ୍ପନ୍ନ ହୋଇଥିବା ନାନା ପୀଡ଼ା, ମେହ ପ୍ରମେହଥିବା ୨୦ ପ୍ରକାର ମେହ, ବହୁମୂତ୍ର ଧାତୁ ଶୀଘ୍ର, ଧ୍ୱଜଭଙ୍ଗ ଇତ୍ୟାଦି ନ୍ତ୍ରୈଣ୍ୟ, ସ୍ତ୍ରୀସହବାସରେ ଅକ୍ଷମତା ଶୁକ୍ର ତରଳତା, ଅଳ୍ପ ବା ବହୁ ଉତ୍ତେଜନାରେ ରେତଃସ୍ରାବ, ରକ୍ତ କଲେ ଅନୁତାପ, ସ୍ୱପ୍ନଦୋଷ, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତେ ଲାଳାଗେ ମୂତ୍ରଦ୍ୱାରରୁ ବା ସପ୍ନରୁ ଥାଉ ଧର୍ମ, ଜଳରେ ସଡ, ପ୍ରସ୍ରାବରେ ଜ୍ୱାଳାକର, ମୂତ୍ରମୁଖ ପ୍ରସ୍ରାବ ଓ ଲହୁ ର ବର୍ଣ୍ଣ ଲଲ ବା ଗେରୁଆ । ତଳପେଟରେ ବେଦନା, ସବଦା ଅଳସ୍ୟ, ଗ୍ଲାନି, କୋଷ୍ଠବଦ୍ଧ, ଶିରଃପୀଡ଼ା, ମସ୍ତକଘୂର୍ଣ୍ଣନ, ଉଦ୍ବେଗ, ମନଚିନ୍ତା, ଦୃଷ୍ଟିହୀନତା, ନ୍ୟୁନ, ଜ୍ଞାତଯୋଗ୍ୟ ଜ୍ୱାଳା ଇତ୍ୟାଦି ।( ସ୍ତ୍ରୀ ଓ ପୁରୁଷଙ୍କ ) ଦୁର୍ବଳ, ଜାତଯୋଗ୍ୟ ଜ୍ୱାଳା ଇତ୍ୟାଦି କଠିନ ବ୍ୟାଧି, କହୁଥିବାରୁ ମୂତ୍ରର ଖରଣୀପ୍ ଯାବତୀୟ କଠିନ ବ୍ୟାଧି, ଶେଷରେ ନୂତନ ଓ ପୁରାତନ ଏକମାତ୍ର ସେବନ କଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ରକ୍ତ, ମାଂସ, ଶୁକ୍ର, ବଳ ବୀର୍ଯ୍ୟ ବୃଦ୍ଧି ହେବ । ଅପଥ୍ୟ ଅଭ୍ୟାସରେ ଥାଉଥିବା ପୀଡ଼ା ଅଭ ହେବ ନାହିଁ । ଏକମାସ ସେବନୋପଯୋଗୀ ମୂଲ୍ୟ ତିନି ଟ ୨ ଡ଼ାକମାସୁଲ ।୦ ଅଣା । ସବଅଣା ।। ଔଷଧପାପ୍ତି ଠିକଣା, ।—

ଚ, ଭାଣ୍ଡେଟ ଏଣ୍ଡ କୋ

୧୧ ନମ୍ବର କଲେଜଷ୍ଟ୍ରିଟ, କଲିକତା ।

---

ବିଜ୍ଞାପନ

ମଧ୍ୟନାରାୟଣତୈଳ

ଅନୁଗ୍ରହମାଣ ଆମ୍ଭ ନିକଟରେ ବିକ୍ରୟାର୍ଥେ ଅଛି ।

ମୂଲ୍ୟ ଏକଭରଟାକାକୁ ଟ ୧୮ ଙ୍କା

ଏକଟା ଏକସେର ତେଲର ଟ ୧୨ ଙ୍କା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଲୋକଲେ ମିଳିପାରିବ !

୧୭।୧୮।୧୯୨

---

ଅଶ୍ଚର୍ଯ୍ୟ ବ୍ୟାପାର, ଅପୂର୍ବ ଉପହାରକାଣ୍ଡ ।

ଘଡ଼ି ପୁରସ୍କାର !



ଆମ୍ଭେମାନେ ଉପରୋକ୍ତ ଘଡ଼ିକୁ କେବଳ ଏକପ୍ରକାରରେ ଏକଜଣକରେ ଦେଉଛୁ ଏପରି ଅର୍ଥାତ୍ ୧୨ ଗୋଟା ବସ୍ତୁ କ୍ରୟ କଲେ ସେମାନଙ୍କୁ ଗୋଟିଏ ଘଡ଼ି ମିଳିବ ଲେଜାର ଓ ଅନ୍ୟ ବଡ ଉପହାର ବଣ୍ଟାଯିବ ଏବଂ ଅର୍ଦ୍ଧ ଡଜନ

ଅର୍ଥାତ୍ ୬ ଗୋଟା କ୍ରୟ କଲେ ଗୋଟିଏ ଟାଇମ୍‌ପିସ୍ ଘଡ଼ି ଉପହାର ଦିଆଯିବ । ମୂଲ୍ୟ ଅଗ୍ରୀମ ପଠାଇଲେ, ଅଥବା ସ୍ୱାକ୍ଷରରେ ନାମଧାମ ସହ ପତ୍ର ଲେଖିଲେ ମଫସଲକୁ ଭିଃ ପିଃ ଡାକରେ ଦ୍ରବ୍ୟ ଓ ଉପହାର ପ୍ରେରଣ କରି ମଲ୍ୟ ଆଦାୟ କରିବୁ ।

ଭାରତରେ ଅଦ୍ୱିତୀୟ ଓ ଅତ୍ୟାଶ୍ଚର୍ଯ୍ୟ

“ମ୍ୟାଜିକ ଲେମ୍ପ ।”

ଏହି ଲେମ୍ପ ଅନେକଙ୍କୁ କଲିକତାକୁ ଅଦ୍ଭୁତ ନୂତନ ଆସିଅଛି । ଏପୂର୍ବେ ଏପରି ଦ୍ରବ୍ୟ ଏଦେଶକୁ କେବେହେଁ ଆମଦାନି ହୋଇ ନ ଥିଲା । ଏହା ନିକେଲ ଧାତୁରେ ନିର୍ମିତ, ଦେଖିବାକୁ ଅକାରରେ ଠିକ ଜେବ ଘଡ଼ିପରି ଏହାକୁ ପକେଟରେ ରଖାଯାଇ ପାରେ । ଏହା ଦେଖିବାକୁ ଅତି ସୁନ୍ଦର । ଆଶ୍ଚର୍ଯ୍ୟର କଥା ଏହି ଯେ, ଏ ଲେମ୍ପ ଜାଳିବା ନିମନ୍ତେ ଦିଆସିଲି ବା ଅନ୍ୟ କୌଣସି ପ୍ରକାର ଅଗ୍ନି ଦରକାର ନାହିଁ । ଲେମ୍ପର ପଛପାଖେ ଥିବା ଘୋଡ଼ା ଟିପିଲେ ତତ୍‌କ୍ଷଣାତ୍ ଜଳିଉଠେ ଏବ ଇଚ୍ଛାନୁସାରେ ଲିଭିଯାଏ । ପ୍ରତ୍ୟେକ ଗୃହରେ ଏ ଲେମ୍ପକୁ ଗୋଟିଏ ରଖିବା ଉଚିତ । ପତ୍ର ଲେମ୍ପର ମୂଲ୍ୟ ଟ ୧୮ ଙ୍କା । ଗୋ ୭ ଥାକ ଟ ୨୪ ଙ୍କା ଗୋ ୧୨ ଥାକ ଟ ୪୦ ଙ୍କା ।

ପକେଟ ଷ୍ଟିକ ( ବାଡ଼ି )

ଏହି ବାଡ଼ି ଜର୍ମାନଦେଶୀୟ ରୂପାରେ ପ୍ରସ୍ତୁତ ହୋଇ କଲିକତାକୁ ନୂତନ ଆମଦାନି ହୋଇଅଛି । ଏହା ଦେଖିବାକୁ ସୁନ୍ଦର ଏବଂ ଧାରଣର ଉପଯୋଗୀ । ଏହି ବାଡ଼ି ଏପରି କୌଶଳରେ ନିର୍ମିତ ଯେ, ଏହା ପକେଟରେ ରଖାଯାଇ ପାରିବ । ପ୍ରୟୋଜନ ହେଲେ ତେଷ ସଞ୍ଚଳନେ ବାଡ଼ି ଦସ୍ତୁର ହେବ । ପ୍ରତ୍ୟେକ ବାଡ଼ିର ମୂଲ୍ୟ ୨ ଟ ଡାକମାସୁଲ [illegible]

“ସ୍ୱୀଟପ୍ରଣି ଅଙ୍ଗୁଷ୍ଠି ।”

ଏହି ଅଙ୍ଗୁଷ୍ଠି ( ମୁଦି ) ଜର୍ମାନଦେଶରୁ ଆଗତ, କେନେଡ଼ିଅନ ସ୍ୱର୍ଣ୍ଣରେ ଗଠିତ, ଗୋଲ୍ଡସ୍ମିଥ୍‌ଦ୍ୱାରା ନିର୍ମିତ, ଦେଖିବାକୁ ମନୋହର, ରଙ୍ଗ ଚିରସ୍ଥାୟୀ, ବ୍ୟବହାରରେ ଉଜ୍ଜ୍ୱଳତା ବର୍ଦ୍ଧି ହୁଏ, କହିଲେ ୧୭।୧୮ ଟଙ୍କା ଭରିର ସୁନା ସହିତ ଐକ୍ୟ ହେବ । ଏହା ଦେଖିଲେ କେହିଁ ଟଙ୍କା ଖର୍ଚ୍ଚ କରି ଅସଲ ସୁନାର ମୁଦି ବ୍ୟବହାର କରିବାକୁ ଇଚ୍ଛା କରିବେ ନାହିଁ, ଏହି ଜନମନୋହର ଅଙ୍ଗୁଷ୍ଠିର ସୁଲଭ ମୂଲ୍ୟ ଟ ୧୫ ଙ୍କା ଅର୍ଦ୍ଧ ଡଜନକୁ ଟ ୮ ଙ୍କା ଏକ ଡଜନକୁ ଟ ୧୫ ଙ୍କା ମାତ୍ର ।

ଉପରୋକ୍ତ ସମସ୍ତ ଦ୍ରବ୍ୟ ପ୍ରାପ୍ତିର ଏକମାତ୍ର ଠିକଣା ।

ପି, ଲେଜାର୍ସ ଏଣ୍ଡ କୋମ୍ପାନୀ

୪୧—୧ ନମ୍ବର ଭବାନୀଚରଣ ଦତ୍ତସ୍ ଲେନ

କଲିକତା ।

P. LEZARS & Co.

41—1 Bhawani Ch. Dattas Lane

Calcutta.

---

ନୂତନ ନାମାବଳୀ ।

ହିନ୍ଦୁ ମାନଙ୍କର ପ୍ରାତ୍ୟହିକ ପୂଜାସମୟରେ ଅଙ୍ଗରେ ଧାରଣ କରିବାର ମନୋହରଚିତ୍ରବସ୍ତ୍ର ପରମାରାଧ୍ୟ ଶ୍ରୀକୃଷ୍ଣଙ୍କର ପାଦପଦ୍ମ ଏବଂ ଓଡ଼ିଆ ଓ ବଙ୍ଗଳା ଅକ୍ଷରରେ ଅନେକନାମ ଓ ମହାମ-

ମୁଦ୍ରିତ ପକ୍କା ନୀଳରଙ୍ଗରେ ଛପାହୋଇ ଏଠାରେ ବିକ୍ରୟ ହେଉଅଛି ଓଡ଼ିଶାରେ ଏହା ନୂତନପ୍ରକାଶିତ । ବୃନ୍ଦାବନରୁ ଆସୁଥିବା ନାମାବଳୀଠାରୁ ଉତ୍କୃଷ୍ଟ, ଦେଖିବା ମାତ୍ରକେ ଜଣାଯିବ ଏଥିପୂର୍ବେ ଯେ କଳା ଓ ମାଟିଆରଙ୍ଗରେ ଛପା ହେଉଥିଲା ଗ୍ରାହକେ ଏହାକୁ ସେରୂପ ଥିବାର ମନେ କରିବେ ନାହିଁ । ଲମ୍ବ ଗଜ୍ୟକ ଓସାର ଦୁଇହାତ, ମୂଲ୍ୟ ଗ ୧ ଖଣ୍ଡ ଟ ୧୮ ମୋଫସଲ ଗ୍ରାହକମାନଙ୍କୁ ଖଣ୍ଡପ୍ରତି ଟ ୦ । ଲେଖାଏଁ ଡାକଖର୍ଚ୍ଚା ପଡ଼ିବ । ଭେଲ୍ୟୁପେବଲ୍ ଡାକରେ ପଠାଯାଇପାରେ ।

କଟକପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟ କଟକ } ଶ୍ରୀ ଭଗୀରଥୀସାଠିଆ

---

ଘଡ଼ିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ନାନାପ୍ରକାର ପକେଟ ବଡ଼ ଗୃହଘଡ଼ି ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

---

ବିଚ୍ଚମସାହେବଙ୍କ ବଟିକା

( BEECHAM'S PILL. )

ଫଲ ବିବେଚନାରେ ଏକ୨ ଫରୁଆର ମୂଲ୍ୟ ଏକ୨ ମୋହରକୁ ଶସ୍ତା ବୋଲାଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଚର୍ବି ଇତ୍ୟାଦି କଷାକ୍ତ ବା ଧର୍ମହାନିକର ଦ୍ରବ୍ୟ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ଫୀତତା, ନିଦ୍ରାଳୁତା, ଶୈତ୍ୟ, ଚାପେ

Split by PDF Splitter



ଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବହୁବିଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି-ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫରୁଆ ଆକାର ଅନୁସାରେ ଟ ୦୫ ଟ ୦·୫ ଓ ଟ ୦ ୫୬ ଅଟଇ । ଡାକଖର୍ଚ୍ଚା ପୃଥକ୍ ଦେବାକୁ ହେବ ।

---

ସଦର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଅଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ମଫସଲବାସୀ ଅନେକ ଅନେକ ବଡ଼ ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ବିବରଣ ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଉଅଛୁଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ଯେଉଁ-ମାନେ ଆମ୍ଭମାନଙ୍କ ଅତଃପର ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୁଲନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ସ୍ୱୀକାର କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କଣେ ପଠାଇବାର ପରି-ଶ୍ରମନିମନ୍ତେ ଶତକରା ଟ ୨। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ଷ୍ଟାମ୍ପ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେୟରିଂ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଦୁଇଅଣିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ଟଙ୍କା, କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

### ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ପାଚନାର ତୈଳ—ଏହା ବ୍ୟବହାର କଲେ ମସ୍ତକର କଣ୍ଡୁ ଓ ଘାଆ ଜନିତ ଦୋଷ ଦୂର ହୋଇ କେଶ ଓ ମସ୍ତିଷ୍କ ଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତକୁଠାର ଚୂର୍ଣ୍ଣ—ଦାନ୍ତ ବ୍ୟଥାରେ ଏହା ପ୍ରୟୋଗ କଲେ ଜ୍ୱାଳା ଯନ୍ତ୍ରଣା କହିମାତ୍ର ଜଣାଯାଏ ନାହିଁ । ପ୍ରତିଡ଼ିବିଆର ମୂଲ୍ୟ ଗୋଟିଏଅଣା ମାତ୍ର ।

୩ । ଶୂଳହାରିଣୀ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁଶୂଳ ( ଗ୍ୟାଷ୍ଟ୍ରାଲଜିଆ ) ଓ ବମନାଦି ସମସ୍ତ ଉପସର୍ଗ ଦୂର ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଶୋଧକ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ଉଦରରେ ବିଦାହୀତା ଓ ଦୁର୍ବଳତା ନିବାରଣ ହୁଏ ।

ଏହା ଉତ୍କୃଷ୍ଟ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏବଂ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଚୂନଚେଇର ଅମୃତ—ଏହା ସେବନ କଲେ ମଧ୍ୟ ଲେଡ଼ପା ବା ତୁଷିତ ଜଳବାୟୁଜନିତ ଜ୍ୱର, ସର୍ବପ୍ରକାର ପାଳିଜ୍ୱର, ପୁରାତନ ଓ କମ୍ପ ଓ ପାଳସାସ୍ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅଗ୍ନିମାନ୍ଦ୍ୟ ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ବଳ ବୃଦ୍ଧି ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଅତିମାତ୍ରାରେ ଅତ୍ୟଧିକ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାର କ୍ଷତ, ଖଉରା, ଗାତ୍ର ବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଏହା ବ୍ୟବହାର କଲେ ଉପଶମ ହୋଇ ନବଜୀବନ ଲାଭ ହୁଏ ଓ ଶୋଣିତଶୁଦ୍ଧ ହୁଏ । ଗ୍ରୀଷ୍ମକାଳରେ ମଧ୍ୟ ବ୍ୟବହାରନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବ୍ୟାଧି ଓ ଜ୍ୱରାଦି ଏହା ସେବନରେ ଆରୋଗ୍ୟ ହୁଏ । ପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

କାଳୁବଜାର, କଟକ ଔଷଧାଳୟ । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

---

## ବାଲିକାଗଜ ।

ଉପନିଷଦ ବସ୍ତ୍ର ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋପାଳଙ୍କର ସ୍ୱୟଂ କର୍ମ ନିର୍ମିତ ବାବୁ ଅପେକ୍ଷାକୃତ କମ ଦର ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୦ ଦିସ୍ତା | ବାଲି | ଦ ୧୬ ଟ ୦୧୬ | ୦୧୬ ଟ ୦୬୦ | |
| ୧୨ ଦିସ୍ତା | " | " ଟ ୦୧ | " ଟ ୦୬୦ | |
| ୧୨ ଦିସ୍ତା | " | " ଟ [illegible] | " ଟ ୦ [illegible] | |
| ୨୨ ଦିସ୍ତା ଉଇଣ୍ଡପେପର | " ଟ ୩। | | " ଟ ୦ [illegible] | |

---

ଶ୍ରୀଯୁତ ବାବୁ ଗୋପାଳଙ୍କର ସ୍ୱପ୍ରକାଶ ଉତ୍କୃଷ୍ଟତାରି ଦର ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚଉପଦୋଳା ଓ ମର୍ସିଆ ଓ ରେସମୀ ଓ ରେଶମୀ ଲୁଗା ଓ ଷ୍ଟେସନରୀ ଓ ବହି କଳ ଇତ୍ୟାଦି ସବୁପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅ[illegible] । ଏତଦ୍‌ଭିନ୍ନ ଅନେକପ୍ରକାର ପୋଷାକ ଇତ୍ୟାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ତାହା ଆବଶ୍ୟକ ଥିବ ଦୋକାନରେ ଅନୁ-ସନ୍ଧାନ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ ।

## ପିତଛାର !

ଏ ଛାରକୁ କେଉଁଠାରେ ପାଣିରେ ଘଷି ଦାଦ ରେ ଲଗାଇ ଦୋପାଟିଏର ଫାଟକେ ଦେଲେ ପାଣିଗଲା ବଳ ହେବ ଏଥିର ମଧ୍ୟ ଅନେ କେତେ ଦେଲେ ମଙ୍ଗଳ ହେବ ଓ ଭଲ ହେବ ନାହିଁ ।

ବଟେଲ ଡମଡ଼ା ଓ ସାକରେ ଲଗାଇବାର ଗୁଣ ମଧ୍ୟ ଅଛି ।

ଅଭିରାମଙ୍କର ଦାଦ ଜଳ ଦକ୍ଷାଣ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୬ |
| ଅର୍ଦ୍ଧସ୍ତମ୍ଭକୁ | ଟ ୫ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୮ ୯ |

ଗୋଟିଏ ବିଜ୍ଞାପନ ଯେତେଥର ଛପା ହେଲେ ନ୍ୟୁନ ଖର୍ଚ୍ଚ ଟ ୦୫ ରୁ ଉଣା ହେବ ନାହିଁ ।

ଫ୍ରେମ୍ ଓ ଇତ୍ୟାଦିର ସକାଶେ ଖର୍ଚ୍ଚ ପ୍ରଥମେ ଅଲଗା ହେବ ଓ ଦ୍ୱିତୀୟ ପକ୍ଷରେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରେ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ ।

---

ଏହି ପତ୍ର କଟକ ନଗରସ୍ଥ ଉତ୍କଳ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୭ | ତା ୧୦ ଦିନ ମାହେ ଡିସେମ୍ବର ସନ ୧୮୯୨ ମସିହା । ମୁ । ମାର୍ଗଶିର ୨୬ ଦିନ ସନ ୧୩୦୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ସଂଖ୍ୟା ୪୮ | | ପଶ୍ଚାଦ୍ଦେୟ ଟ ୬

ବଡ଼ଲାଟ ମହୋଦୟ ଅଲ୍ପଦିନତଳେ ମାନ୍ଦ୍ରାଜକୁ ଗସ୍ତରେ ଯାଇଥିବା ସମୟରେ ସେଠା ବଣିକସଭାରୁ ଯେଉଁ ଆବେଦନପତ୍ର ତାଙ୍କଠାରେ ଅର୍ପିତ ହୋଇଥିଲା ତହିଁର ଉତ୍ତରରେ ଇଷ୍ଟକୋଷ୍ଟ ରେଲବାଟସମ୍ବନ୍ଧରେ ସେ ଯାହା କହିଅଛନ୍ତି ତହିଁର ନୂତନ କଥା କିଛି ନାହିଁ । ସେ କହିଲେ ରେଲବାଟରୁ ଯେ ଲାଭ ହେବ ଗବର୍ଣ୍ଣମେଣ୍ଟଙ୍କୁ ତାହା ବିଦିତ ଅଛି ମାତ୍ର ବର୍ତ୍ତମାନ ଆର୍ଥିକ ଅବସ୍ଥା ଦୃଷ୍ଟିରେ ଯେ ପରିମାଣ ରେଲବାଟରେ ଖର୍ଚ୍ଚ ହେଉଅଛି ତହୁଁ ଅଧିକ ହୋଇ ନ ପାରେ ।

---

କଟକ ମିଉନିସିପାଲଟୀର କମିଶନର ମୃତ ବାବୁ ସୁଧାବିନୋଦ ବସୁଙ୍କ ସ୍ଥାନରେ ଅନ୍ୟ ଏକଜଣ କମିଶନର ନିର୍ବାଚନ ନିମନ୍ତେ ଆଗାମୀ ଜାନୁଏରିମାସ ତା ୯ ରଖ ଧାର୍ଯ୍ୟ ହୋଇଅଛି ଏତଦ୍ବିଷୟର ବିଜ୍ଞାପନ ଗତ କଲିକତାଗେଜେଟରେ ପ୍ରକାଶିତ ହୋଇ ଅଛି । ଟାକ୍ସଦାତାମାନେ ଯାହାଙ୍କୁ କମିଶନରପଦରେ ମନୋନୀତ କରିବାକୁ ଇଚ୍ଛା କରନ୍ତି ତାଙ୍କ ନିମନ୍ତେ ଦରଖାସ୍ତ ଶୀଘ୍ର ମାଜିଷ୍ଟ୍ରେଟ ସାହେବଙ୍କ ନିକଟକୁ ପ୍ରେରଣ କରନ୍ତୁ । ବିଜ୍ଞାପନ ପ୍ରକାଶ ହେବାର ତିନିସପ୍ତାହ ମଧ୍ୟରେ ଏରୂପ ଦରଖାସ୍ତ ମାଜିଷ୍ଟ୍ରେଟଙ୍କ ନିକଟକୁ ପ୍ରେରଣ କରିବାର ନିୟମ । ଅତଏବ ଟାକ୍ସଦାତାମାନେ ତତ୍ପର ହେଉନ୍ତୁ ।

---

ସ୍ଥାନାନ୍ତରେ ପ୍ରକାଶିତ ଇଂରାଜୀପତ୍ରିକାରୁ ପାଠକମାନେ ଅବଗତ ହେବେ ଯେ ଆମ୍ଭମାନଙ୍କର ବର୍ତ୍ତମାନ ବନ୍ଦୋବସ୍ତକର୍ତ୍ତା ଶ୍ରୀଯୁକ୍ତ ମଡ଼ ସାହେବ ମୋଫସଲରେ ଅମୀନ ଓ ମୋହରରମାନଙ୍କ ଅତ୍ୟାଚାର ନିବାରଣାର୍ଥେ କଡ଼ା ନିୟମମାନ ପ୍ରସ୍ତୁତ କରି କଲେକ୍ଟରମାନଙ୍କ ନିକଟକୁ ସାଧାରଣଙ୍କ ଗୋଚରାର୍ଥେ ପ୍ରେରଣ କରିଅଛନ୍ତି । ଏପ୍ରକାର କାର୍ଯ୍ୟନିମନ୍ତେ ମାନନୀୟ ମଡ଼ ସାହେବ ପ୍ରଶଂସାର୍ହ ଶ୍ରୀଯୁକ୍ତ ଓ୍ୱାଲସ୍ ସାହେବ ବନ୍ଦୋବସ୍ତକାର୍ଯ୍ୟର ଭାର ନେଇଥିବା ସମୟରେ ଏହି ବିଷୟରେ ବିଶେଷ ଦୃଷ୍ଟିପାତ କରିଥିଲେ । ବୋଧ ହୁଏ ସେହି ବୀଜରୁ ଏହା ଅଙ୍କୁରିତ ହେଲା ।

---

ଦିନକୁଦିନ କେତେ ନୂତନ ରହସ୍ୟ ଦେଖା ଯାଉଅଛି । ବନାରସ ନଗରର ମିଉନିସିପାଲ କମିଶ୍ନରମାନେ କାଶୀ କ୍ଷେତ୍ରର ଅନ୍ନପୂର୍ଣ୍ଣାମନ୍ଦିରରେ ଏବଂ ଅନ୍ୟତ୍ରରେ ଟିକସ ବସାଇଅଛନ୍ତି । ଧର୍ମାଳୟମାନ ଆଇନାନୁସାରେ ଟିକସରୁ ଖଲାସ ବୋଲି ସେ ନଗରସ୍ଥ ଖ୍ରୀଷ୍ଟାନଙ୍କ ଗିର୍ଜା ଓ ମୁସଲମାନମାନଙ୍କ ମସଜିଦ ଉପରେ ଟିକସ ବସି ନାହିଁ । କେବଳ ହିନ୍ଦୁଙ୍କର ଏହି ଅନ୍ୟାୟକାର୍ଯ୍ୟ ଦେଖି ହିନ୍ଦୁଙ୍କପକ୍ଷରୁ ପ୍ରତିବାଦ ଆରମ୍ଭ କରିଅଛନ୍ତି । କମିଶ୍ନରମାନଙ୍କ ମଧ୍ୟରେ ଅନେକ ହିନ୍ଦୁ ଥାଇ ଟିକସ ବସାଇବା ଓ ଖ୍ରୀଷ୍ଟାନ ତହିଁର ପ୍ରତିବାଦ କରିବା ନୂତନ ଦୃଶ୍ୟ ନୁହେ କି ? ଏହା କେବଳ ହିନ୍ଦୁମାନଙ୍କ ଦୁର୍ଗତିର ଲକ୍ଷଣ ଅଟଇ ।

---

ଭାରତୀୟ ଅଫିମବ୍ୟବସାୟର ବିରୁଦ୍ଧବାଦୀମାନେ ଅଲ୍ପଦିନତଳେ ଆମ୍ଭମାନଙ୍କ ଷ୍ଟେଟ-ସେକ୍ରେଟାରୀଙ୍କ ନିକଟକୁ ଗୁହାରି କରିବା କାରଣ ଯିବାରେ ସେମାନଙ୍କୁ ସେକ୍ରେଟାରୀ ମହୋଦୟ ଯାହା ଉତ୍ତର ଦେଇ ଥିଲେ ତାହା ପାଠକମାନଙ୍କୁ ଜଣାଇ ଅଛୁଁ । ବିରୁଦ୍ଧବାଦୀମାନେ ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ ମନ୍ତ୍ରିବର ଗ୍ଲାଡ଼ଷ୍ଟୋନ ସାହେବଙ୍କୁ ସେ ସମ୍ବନ୍ଧରେ ପତ୍ର ଲେଖିଥିଲେ । ମନ୍ତ୍ରିବର ତହିଁ ଉତ୍ତରରେ ଷ୍ଟେଟ୍-ସେକ୍ରେଟାରୀଙ୍କ ଉତ୍ତରର ସବୁ କଥା ସମର୍ଥନ କରି ପତ୍ର ଲେଖିଅଛନ୍ତି । —ଉତ୍ତମ । ଅଫିମବ୍ୟବସାୟସମ୍ବନ୍ଧରେ ବର୍ତ୍ତମାନ ଭାରତଗବର୍ଣ୍ଣମେଣ୍ଟରୁ ଯେତେଦୂର ଆଇନ ହୋଇଅଛି ତହିଁରେ ବିରୁଦ୍ଧବାଦୀମାନେ ସନ୍ତୁଷ୍ଟ ରହିବା ଉଚିତ । ସର୍ବମତ୍ୟନ୍ତଗର୍ହିତମ୍ ।

---

ଆମ୍ଭମାନଙ୍କର କମିଶ୍ନର ବାଲେଶ୍ୱରଠାରୁ ନୀଳଗିରି ଓ ମୟୂରଭଞ୍ଜ ପରିଦର୍ଶନ କରି ଡିସେମ୍ବର ତା ୧୦ ରିଖରେ ପହୁଞ୍ଚିବେ ଓ ସେଠାରୁ କେଉଁଝର ଅଭିମୁଖେ ତା ୧୭ ରିଖରେ ଯାତ୍ରା କରିବେ । କେଉଁଝରର ଭୂୟାଁମାନେ ଦସରା ସ୍ୱୀକାର କଲେ ନାହିଁ । ନବମ୍ବର ମାସ ଶେଷତାରଖ ପର୍ଯ୍ୟନ୍ତ ସେମାନଙ୍କୁ ମିଆଦ ଦଆହୋଇଥିଲା । ଉକ୍ତ ତାରଖରେ ତତ୍ରସ୍ଥ ଗବର୍ଣ୍ଣମେଣ୍ଟ-ଏଜେଣ୍ଟ ରାୟ ନନ୍ଦକିଶୋର ଦାସ ବାହାଦୂରଙ୍କ ନିକଟରେ ଉପସ୍ଥିତ ହୋଇଥିଲେ ସେମାନେ ଖ-

Split by PDF Splitter

Digitized by srujanika@gmail.com

Split by PDF Splitter



ମା ପାଇଥାନ୍ତେ ଓ ଗଡ଼ମଧ୍ୟ ଅଶାନ୍ତିରୁ ରକ୍ଷା ପାଇ ଆନ୍ତା କିନ୍ତୁ ଭୂମ୍ୟାମାନେ ଯେଉଁରୂପ ଅବୁଝା ହେଲେ ସେଥିର ଫଳ ଅଚିରେ ପାଇବେ । ଯୁଦ୍ଧ ଅନିବାର୍ଯ୍ୟ ହେବାରୁ ସୁପ୍ରିଡ଼ଣ୍ଟ ଦେବ କଷ୍ଟାକୁ ଗମନ କରୁଅଛନ୍ତି । ବିଶେଷ କାରଣ ଏଥିଅନ୍ତେ ଜଣାପଡିବ ।

---

ଇଷ୍ଟକୋଷ୍ଟ ରେଲ ମଧ୍ୟସ୍ଥ ବେଜୁଆଡାଠାରୁ ରାଜମହେନ୍ଦ୍ରି ପର୍ଯ୍ୟନ୍ତ ବାଟ ନିଜାମଙ୍କ ରେଲଗାଡ଼ାରୁ ଉତ୍ତମରୂପେ ନିର୍ମିତ ହେଉଥିବାର ସମ୍ବାଦ ମିଳଇ । ରାଜମହେନ୍ଦ୍ରିଠାରୁ ବିଜୟନଗରପର୍ଯ୍ୟନ୍ତ ରେଲବାଟରେ ଆଗାମୀ ବସନ୍ତକାଳକୁ ରେଳଦ୍ୱାରା ମାଲ ଯିବା ଆସିବା କରିବ । ଏହି ରେଲବାଟର କଟକଠାରୁ କଲିକତାପର୍ଯ୍ୟନ୍ତ ଯେଉଁ ବାଟ ନିର୍ମିତ ହେବାର ପ୍ରସ୍ତାବ ହେଉଅଛି ତାହା ମଞ୍ଜୁର ହୋଇ କାର୍ଯ୍ୟାରମ୍ଭ ନିମିତ୍ତ ପ୍ରସ୍ତୁତ ରହୁଅଛି । ମେଦିନୀପୁରଠାରୁ ବଙ୍ଗଳା ନାଗପୁର ରେଲବାଟ ପର୍ଯ୍ୟନ୍ତ ରେଲ ଗଡ଼ାଯିବାର ବାଟ ସ୍ଥିର ହୋଇ ମାପଜୋଖ ଲାଗିଅଛି । ଶୀଘ୍ର ଶେଷ ହେବ । ଅମ୍ଭେମାନେ ରେଲବାଟର କଥା ଶୁଣି ବ୍ୟସ୍ତ ହୋଇ ଯାଇଅଛୁଁ ମାତ୍ର ଦେଖେ ଯେ କପାଳକୁ ଏଠାରେ ରେଲବାଟ ଘଟିବ ବୋଲିବା କଠିନ ।

---

ମିଃ ଡି, ବି, ଅଲେନ ସାହେବଙ୍କର ବଦଳରେ ଆମ୍ଭମାନଙ୍କର ବିଶେଷ ପରିଚିତ ମିଃ ଜି, ଇ, ମାନଷ୍ଟି ପୁରୀ ମାଜିଷ୍ଟ୍ରେଟପଦରେ ନିଯୁକ୍ତ ହୋଇଥିଲେ । ଏହି ସଂଯୋଗରେ କେହି୨ ଆନନ୍ଦିତ ଥିଲେ ଓ କେହି୨ ଭୀତ ହୋଇଥିଲେ । ସାହେବ ମହୋଦୟ କଟକରେ ଥିବା ସମୟରେ ଅନେକେ ବ୍ୟସ୍ତ ହୋଇଥିଲେ । ସୁତରାଂ ପୁରୀଲୋକେ ଭୀତ ହେବା ଅସମ୍ଭବ ନୁହେ । ବର୍ତ୍ତମାନ ତାଙ୍କର ଆଗମନ ସ୍ଥଗିତ ହେଲା ସେ କୁମ୍ପଳର ମାଜିଷ୍ଟ୍ରେଟ ହେଲେ କିନ୍ତୁ ମିଃ ଏ, ସି, ସେନ ପୁରୀରେ ରହି ପାରିଲେ ନାହିଁ । ବୋଧ ହୁଏ ବନ୍ଦୋବସ୍ତ ତାଙ୍କୁ ରଖି ଦେଲା ନାହିଁ । ମିଃ ଇ, ଏଚ୍, ସି ଓ୍ୱାଲସ୍ ଯେ ପୂର୍ବରେ ସହକାରୀ ବନ୍ଦୋବସ୍ତକର୍ମଚାରୀ ଥିଲେ ଓ ଗତମାସରେ କଟକର ଡେପୁଟିମାଜିଷ୍ଟ୍ରେଟପଦରେ ନିଯୁକ୍ତ ଥିଲେ ସେ ପୁରୀ ମାଜିଷ୍ଟ୍ରେଟପଦରେ ନିଯୁକ୍ତ ହୋଇଅଛନ୍ତି । ଓ୍ୱାଲସସାହେବ ଜଣେ କାର୍ଯ୍ୟଦକ୍ଷ ଲୋକ ଓ ତାଙ୍କର ବନ୍ଦୋବସ୍ତକାର୍ଯ୍ୟରେ ଲୋକେ ପ୍ରୀତ ହୋଇଥିବାର ଶୁଣିଅଛୁଁ । ପୁରୀବାସୀମାନେ ଏପରି ସୁଦକ୍ଷ ହାକିମଙ୍କୁ ପାଇ ଆନନ୍ଦିତ ହେବେ ।

---

କଲିକତାରୁ ଆସିଥିବା ସମ୍ବାଦମାନଙ୍କରୁ ପ୍ରକାଶ ଯେ ଆମ୍ଭମାନଙ୍କର ଷ୍ଟେଟ ସେକ୍ରେଟରୀଙ୍କ ସମୀପକୁ ଗତମାସ ତା ୨୨ ଦିନରେ ଦାଦାଭାଇ ନଉରୋଜୀ ଓ ହ୍ୱିଲର ସାହେବ ପ୍ରଭୃତି ଡେପୁଟେସନ ମାନ୍ୟ କରି ନେଇ ପୁନାର ବାଳିକାବିଦ୍ୟାଳୟରୁ ବୋମ୍ବାଇଗବର୍ଣ୍ଣମେଣ୍ଟ ସାହାଯ୍ୟ ଉଠାଇ ନେଇଥିବା ସମ୍ବନ୍ଧରେ ଗୁହାରି କରିବାକୁ ଯାଇଥିଲେ । ସେକ୍ରେଟରୀ ମହୋଦୟ ତାଙ୍କର ଗୁହାରି ଶୁଣି ସେମାନଙ୍କ ଆବେଦନପତ୍ର ବୋମ୍ବାଇଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଇ ଦେବାକାରଣ ପ୍ରତିଶ୍ରୁତ ହୋଇ କହିଲେ ଯେ ଏ ବିଷୟ ସମ୍ପୂର୍ଣ୍ଣ ଆୟ ବ୍ୟୟ ଉପରେ ନିର୍ଭର କରଇ । ତଥାପି ଭାରତବର୍ଷରେ ସ୍ତ୍ରୀ-ଶିକ୍ଷାର ସମର୍ଥନ ଉତ୍ସାହ ପ୍ରଦାନ କରିବା ବିଷୟରେ ତାଙ୍କଠାରେ ଯେଉଁରୂପ ଉକ୍ତ ହେଲା ତହିଁରେ ସେ ସମ୍ପୂର୍ଣ୍ଣ ଏକମତ ଅଛନ୍ତି । ଅଳ୍ପ କାଳ ଭିନ୍ନ୨ ଗବର୍ଣ୍ଣମେଣ୍ଟ ଶିକ୍ଷାବିଷୟରୁ ସାହାଯ୍ୟ ଉଠାଇ ନେବାର ଦେଖି ଅମ୍ଭେମାନେ ବାସ୍ତବରେ ବଡ଼ ଦୁଃଖିତ ହୋଇଅଛୁଁ । ଯେବେ ସୀମାନ୍ତ ପ୍ରଦେଶର ଲଢ଼ାଇ ନିମିତ୍ତ ଭାରତବର୍ଷରେ ଶିକ୍ଷାପ୍ରତି ଅନାଦର ପ୍ରଦର୍ଶିତ ହୁଏ ତାହା ହେଲେ ଇଂରାଜଗବର୍ଣ୍ଣମେଣ୍ଟଙ୍କ ପ୍ରତି ଘୋର କଳଙ୍କର କଥା ନ ହେବ କି ?

---

କଟକ ଡିଷ୍ଟ୍ରିକ୍ଟବୋର୍ଡର ଅଧୀନର ପାଉଣ୍ଡ ଅର୍ଥାତ କାଞ୍ଜି ହାଉସ ପରିଦର୍ଶନକାର୍ଯ୍ୟ ନିମନ୍ତେ ଜଣେ ସ୍ୱତନ୍ତ୍ର ଇନସ୍ପେକ୍ଟର ଥିଲା ବର୍ତ୍ତମାନ ଉକ୍ତ କାର୍ଯ୍ୟ ଶିକ୍ଷାବିଭାଗର ସବଇନସ୍ପେକ୍ଟରଙ୍କ ଦ୍ୱାରା ସମାଧା ହେବ ବୋଲି ସ୍ଥିର ହୋଇଅଛି ଓ ଇନସ୍ପେକ୍ଟର କାର୍ଯ୍ୟ ଉଠିଯାଇଅଛି । ଶିକ୍ଷାବିଭାଗର କର୍ମଚାରୀମାନଙ୍କୁ ଶିକ୍ଷାକାର୍ଯ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟରେ ପ୍ରେରଣ କଲେ ସେମାନଙ୍କର ଶିକ୍ଷାକାର୍ଯ୍ୟପ୍ରତି ଆଂଶିକ ବ୍ୟାଘାତ ହୁଏ । ଶିକ୍ଷାକାର୍ଯ୍ୟ ଅନ୍ୟାନ୍ୟ କାର୍ଯ୍ୟାପେକ୍ଷା ଗୁରୁତର ଓ ଅଧିକତର ଦାୟିତ୍ୱଜନକ । ଏପ୍ରକାର କାର୍ଯ୍ୟସହିତରେ ଅନ୍ୟ କାର୍ଯ୍ୟ ମିଶ୍ରିତ କଲେ ଶିକ୍ଷାବିଭାଗରେ ଦୁର୍ନୀତି ଉପସ୍ଥିତ ହେବାର ସମ୍ଭାବନା ସୁତରାଂ ପାଉଣ୍ଡପରିଦର୍ଶନ କାର୍ଯ୍ୟ ଶିକ୍ଷାବିଭାଗକର୍ମଚାରୀମାନଙ୍କଠାରେ ଅର୍ପିତ ନ କରି ଅନ୍ୟ ବିଭାଗର କର୍ମଚାରୀ ଉପରେ ଅର୍ପିତ କରିବା ଉଚିତ ହେଉଅଛି । ଶିକ୍ଷାବିଭାଗରେ କଳଙ୍କ ଉପସ୍ଥିତ ହେଲେ ଫଳ ବଡ଼ ବିଷମୟ ହେବ ଦେଶର ଅବସ୍ଥା ବଡ଼ ଶୋଚନୀୟ ହେବ । କୌଣସି୨ ସ୍କୁଲର ଶିକ୍ଷକଙ୍କୁ ମଧ୍ୟ ପାଉଣ୍ଡର ଭାର ଦିଆ ହୋଇଥାଏ ସେଥିପାଇଁ ସେମାନଙ୍କୁ କିଛି ବୃତ୍ତି ମିଳେ । ଏବିଷୟର ମଧ୍ୟ ଅମ୍ଭେମାନେ ପକ୍ଷପାତୀ ନୋହୁଁ । ସାଧାରଣ ଶିକ୍ଷାବିସ୍ତାରରେ ଅଳ୍ପ ଖର୍ଚ୍ଚ କରି ଶିକ୍ଷାର ଫଳ ବିଷମୟ କରିବା ଅନୁଚିତ ।

---

ବଡ଼ଲାଟ ମହୋଦୟଙ୍କ ସଙ୍କେତକ୍ରମେ ଆମ୍ଭମାନଙ୍କର ଛୋଟଲାଟ ମହାଶୟ ଏକ ସରକ୍ୟୁଲାର ଦ୍ୱାରା ଜଣେ ଯେପରି ସପ୍ରସଙ୍ଗ ଭାବରେ ବଙ୍ଗପ୍ରଦେଶର କୁଲିପ୍ରଥା ଉଠାଇ ଦେଇ ଅଛନ୍ତି କଲିକତାସମ୍ବାଦପତ୍ରମାନ ତାହାକୁ ଅନୁମୋଦନ କରୁ ନାହାନ୍ତି । ଏବଂ ସେମାନେ କହୁଅଛନ୍ତି ଯେ ଷ୍ଟେଟସେକ୍ରେଟରୀ ଯାହା ଏ ସରକ୍ୟୁଲାରର ରଦ ନ କଲେ ପାର୍ଲିୟାମେଣ୍ଟର ଆଗାମୀ ଅଧିବେଶନରେ ଏଥିପାଇଁ ଭୁମୁଳକାଣ୍ଡ ଲାଗିବ ମଧ୍ୟ ଦାଦାଭାଇ ନାଉରୋଜି ମହାଶୟ ପାର୍ଲିୟାମେଣ୍ଟର ମେମ୍ବର ହୋଇଥିବା ସ୍ଥଳେ ତାଙ୍କର ପ୍ରଥମ ବକ୍ତୃତାରେ ସେ ଏ ବିଷୟ କହିବାକୁ ଭୁଲିବେ ନାହିଁ । ବର୍ତ୍ତମାନ ଉନ୍ନତିଶୀଳ ସମ୍ପ୍ରଦାୟ ପାର୍ଲିୟାମେଣ୍ଟରେ ବଳବାନ୍ ହୋଇ ଅଛନ୍ତି ଏବଂ ଅନୁନ୍ନତ ଭାରତର ଉନ୍ନତିର ମୂଳରେ ଏଠା କର୍ତ୍ତୃପକ୍ଷମାନେ ଏପରିଭାବରେ କୁଠାରାଘାତ କରିବା ଯଦ୍ୟପି ପାର୍ଲିୟାମେଣ୍ଟକର୍ତ୍ତୃକ ଅନୁମୋଦିତ ହେବ ନାହିଁ । ପୁଣି ଏଠା ଜାତୀୟସମିତିର ଅଧିବେଶନ ନିକଟରେ ହେବ ଏବଂ ଏ ବିଷୟରେ ଜାତୀୟସମିତିରେ ଯେ ମହାଆନ୍ଦୋଳନ ଲାଗିବ ତହିଁରେ ସନ୍ଦେହ ନାହିଁ । ମଧ୍ୟ ଜାତୀୟ ସମିତିର ପ୍ରସ୍ତାବ ପାର୍ଲିୟାମେଣ୍ଟକର୍ତ୍ତୃକ ଅନୁମୋଦିତ ହେବାର ସମ୍ପୂର୍ଣ୍ଣ ଆଶା ଅଛି । ସୁତରାଂ ଏହି କଥା ଦେଖି ଜାତୀୟ ସମିତି ଯେ ପ୍ରକୃତ ବଳ ପ୍ରାପ୍ତ ହେବ ସନ୍ଦେହ ନାହିଁ । ନ୍ୟାୟବାନ୍ ଇଂରାଜଙ୍କ ସୁନୀତିମୂଳକ ଶାସନାଧୀନରେ ଆଉ ସ୍ୱଭାବତଃ ଅମ୍ଭେମାନେ ଅନେକ ଉନ୍ନତିର ଆଶା କରୁଁ ମାତ୍ର ବେଳେ୨ କର୍ତ୍ତୃପକ୍ଷମାନେ ଜାଣି ବା ଭୁଲରେ ମାତ୍ର ଛତ୍ରଭଙ୍ଗକରର ବିପକ୍ଷାଚରଣ କରି ଇଂରାଜଶାସନରେ କଳଙ୍କ ଲଗାଇବା ବଡ଼ ଦୁଃଖର ବିଷୟ ଅଟଇ । ଭରସାରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଅନୁମୋଦିତ ହେଉ ନ ଥିବା-

Digitized by srujanika@gmail.com

Split by PDF Splitter



ସ୍ଥଳେ ବର୍ତ୍ତମାନ ଅମ୍ଭମାନଙ୍କର ଲେପ୍ଟେନାଣ୍ଟ ମ- ହୋଦୟ ମାନ୍ଦ୍ରାଜରେ କଣ୍ଡ୍ରାକ୍ଟ ଦେବା ବିଷୟରେ ପ୍ରକାଶ କରିଅଛନ୍ତି ଯେ କୁଳୀପ୍ରଥା ଉଠାଇ ଦେବା ସମ୍ବନ୍ଧରେ ସମୁଦାୟ କାଗଜପତ୍ର କଲି- କତା ଗଜେଟରେ ଯାହା ପ୍ରକାଶିତ ହୋଇଅଛି ତହିଁରୁ ଲୋକେ ଆପଣାର ଭ୍ରମ ଦୂରୀଭୂତ କରି ପାରିବେ ! ଅମ୍ଭେମାନେ କହୁଁ ଯେଉଁ କାର୍ଯ୍ୟଟି ମୂଳରୁ ଅନ୍ୟାୟ ଏବଂ ଭ୍ରମପୂର୍ଣ ଗଭର୍ଣ୍ଣମେଣ୍ଟଙ୍କ ତହିଁ ଉପରେ ଯେତେ କାଗଜ କଲମ ବ୍ୟୟ କଲେ କି କଳଙ୍କ ଅପନୋଦିତ ହେବ ?

---

ଲୁଷ୍ଟାଶ୍ରମର କଳ୍ପନା ।

ଗତ ଦୁଇବର୍ଷ ହେଲା କୁଷ୍ଠରୋଗିଙ୍କ ଶୋ- ଚନୀୟ ଅବସ୍ଥାପ୍ରତି ସର୍ବସାଧାରଣଙ୍କର ଅଧିକ ସହାନୁଭୂତି ଓ ମନୋଯୋଗ ଆକର୍ଷିତ ଏବଂ ସେହି ଅସାଧ ଏବଂ ଅତ୍ୟନ୍ତକଷ୍ଟଦାୟକ ପୀଡ଼ାର ନାନାବିଧ ଫଳାଫଳ ବାଡ଼ିବାର ଚେଷ୍ଟା ହେବାର ଅଥଚ ଏନଗରର କୋଢ଼ି ଭିଖାରିଙ୍କ ସାହାଯ୍ୟାର୍ଥେ କୌଣସି ଉପାୟ ଅବଲମ୍ବିତ ହୋଇ ନ ଥିବାର ଦେଖି ଏ ନଗରବାସୀ ଦୁଇଜଣ ପ୍ରଧାନ ମାନ୍ୟମାନ୍ ବାବୁ ଜଗନ୍ମୋ- ହନ ରାୟ ଓ ବାବୁ ମଧୁସୂଦନ ଦାସ ମହାଶୟ- ମାନେ ଏଠାରେ ପରୀକ୍ଷାସ୍ୱରୂପ ଗୋଟିଏ କୁଷ୍ଠା- ଶ୍ରମ ସ୍ଥାପନ କରିବାର କଳ୍ପନା କରି ସନ ୧୮- ୯୧ ସାଲ ମାର୍ଚ୍ଚମାସ ତା ୩୧ ରିଖରେ ଖଣ୍ଡିଏ ଅନୁଷ୍ଠାନପତ୍ର ପ୍ରକାଶ କରିଥିଲେ । ତହିଁରେ ଏହି ପ୍ରସ୍ତାବ ହୋଇଥିଲା କି ଲାଉଥମାଷ୍ଟସୀ କୁଷ୍ଠରୋଗର ଯେଉଁ ପ୍ରଣାଳୀ ବାହାର କରି- ଅଛନ୍ତି ତଦନୁସାରେ ଆପାତତଃ ଅଳ୍ପରୋଗିଙ୍କ ଚିକିତ୍ସା ସକାଶେ ଗୋଟିଏ ଛଳପକା ଓ ଉପ- ରେ ଛପରଘର ନିର୍ମାଣ କରିବାକୁ ହେବ । ଏଥିର ବ୍ୟୟ ଏବଂ ଔଷଧ ଓ ଦୁଇତିନଜଣ ଶୁଶ୍ରୂଷାକାରିଙ୍କର ବେତନ ସକାଶେ ଆପାତତ ଏକ- ହଜାର ଟଙ୍କା ଦରକାର । ପାଦ୍ରୀ ଡେକାର ସାହେବ ଏହି ଚିକିତ୍ସାଳୟର ଭାର ଗ୍ରହଣକ- ରିବାକୁ ସମ୍ମତ ହୋଇଅଛନ୍ତି ଏବଂ ରୋଗିଙ୍କ ସେବା ସକାଶେ ଜଣେ କୁମାରୀ ପ୍ରସ୍ତୁତ ଅଛନ୍ତି । ସେ ସମୟରେ ଅମ୍ଭମାନଙ୍କର ଶ୍ରଦ୍ଧାସ୍ପଦ କମି- ଶ୍ନର ଶ୍ରୀଯୁକ୍ତ ଋସେଲ ସାହେବ ଓଡ଼ିଶାରୁ ଚାଲି ଯାଉଥିବାରୁ ତାହାଙ୍କ ନାମରେ ଏହି ଚିକିତ୍ସାଳୟ ଉତ୍ସର୍ଗିତ ହେବାର ମଧ୍ୟ ପ୍ରସ୍ତାବ ହୋଇଅଛି ।

ଅମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ଏହି ଅନୁଷ୍ଠାନପତ୍ର ପ୍ରଚାର ହେବାରେ ପ୍ରାୟ ଅଳ୍ପକାଳରେ ଆବଶ୍ୟକୀୟ ଚେନ୍ଦା ସ୍ୱାକ୍ଷ- ରିତ ହେଲା । ଦା[...]ଙ୍କ ନାମ ଯଥା— ମହାରାଜା କେଉଁଝର[...] ୩୦୦ ଙ୍କା ରାଜା ଦଶପଲ୍ଲା ଟ ୨୦୦ ଙ୍କା ରାଜା ବୈଦ୍ୟନାଥ ପଣ୍ଡିତ ଟ ୧୦୦ଙ୍କା ରାଜା ନୟାଗଡ଼ ଟ୨୦- ଙ୍କା ବାବୁ ମଧୁସୂଦନ ଦାସ ଟ ୨୦୦ ଙ୍କା ଏପର ଆଉକେତେଲୋକ ମିଶି ପଞ୍ଚାଶଟଙ୍କାର ଊର୍ଦ୍ଧ୍ୱ ସ୍ୱାକ୍ଷର କରିଅଛନ୍ତି । ଆମ୍ଭମାନଙ୍କର ବିଶ୍ୱାସ ଯେ କାର୍ଯ୍ୟାରମ୍ଭ ହେଲେ ଆହୁରି ଅନେକ ଲୋକ ଏପରି ପୁଣ୍ୟକାର୍ଯ୍ୟରେ ଚେନ୍ଦା ଦେବାକୁ ଅଗ୍ରସର ହେବେ । କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟା- ରମ୍ଭ ନ ହେବା ବଡ଼ ଦୁଃଖର ବିଷୟ ଅଟଇ । ଜଣେ ଅନୁଷ୍ଠାତା ବାବୁ ଜଗନ୍ମୋହନ ରାଏ ପ୍ରାୟ ଏକବର୍ଷ କାଳ ପୀଡ଼ାଗ୍ରସ୍ତ ହୋଇ ଦାଣ୍ଡକୁ ବାହାରି ନ ପାରିବା ବିଳମ୍ବର ଗୋଟିଏ ପ୍ରଧାନ କାରଣ ବୋଧ ହେଉଅଛି । ଭରସା କରୁଁ ଅପର ଅନୁଷ୍ଠାତାମାନେ ଏ ବିଷୟରେ ଅଧିକ ଯତ୍ନବାନ୍ ହୋଇ ଶୀଘ୍ର କାର୍ଯ୍ୟ କରିବେ । ଓଡ଼ିଶାର ବର୍ତ୍ତ- ମାନ ଅବସ୍ଥାରେ କୌଣସି ସାଧାରଣ ହିତକର କାର୍ଯ୍ୟ ସକାଶେ ଆବଶ୍ୟକୀୟ ଅର୍ଥ ହସ୍ତଗତ ହେବା ସହଜ ନୁହଇ । କୁଷ୍ଠାଶ୍ରମ ନିମନ୍ତେ ଯେଉଁସ୍ଥଳେ ତାହା ହୋଇଅଛି ସେସ୍ଥଳେ ଶୀଘ୍ର କାର୍ଯ୍ୟ ଦେଖାଇବା ନିତାନ୍ତ ଦରକାର । ତାହା ନ ହେଲେ ଦାତାମାନଙ୍କର ପ୍ରତ୍ୟୟ ଊଣା ହୋଇଯିବ ।

---

ବଙ୍ଗଳାର ଲବଣକର ।

ବଙ୍ଗପ୍ରଦେଶର ସନ ୧୮୯୧।୯୨ ସାଲ ଓ ତହିଁ ପୂର୍ବବର୍ଷର ନିମକମହକୁମାର ଆୟ ବ୍ୟୟ ନିମ୍ନେ ପ୍ରକାଶିତ ହେଲା । ଯଥା,

ଆୟ

| | ସନ ୧୮୯୦।୯୧ | ସନ ୧୮୯୧।୯୨ |
|---|---|---|
| ବିଦେଶୀୟ ଲବଣକର | ଟ ୨,୩ ,୭୭,୭୫୨ | ଟ ୨,୩୯,୩୪,୦୧୯ |
| ଦେଶୀୟ ଲବଣକର | ଟ ୩,୨୧,୦୪୪ | ଟ ୪୪,୩୭୨ |
| ବାକି | ଟ ୧,୨୯,୪୪୪ | ଟ ୧,୧୧,୭୨୪ |
| ଟଂ | ଟ ୨,୩୫,୧୭,୧୪୫ | ଟ ୨,୪୦,୯୦,୧୧୫ |

ବ୍ୟୟ

| | | |
|---|---|---|
| ଫରାସି ଗଭର୍ଣ୍ଣମେଣ୍ଟଙ୍କୁ | | |
| କ୍ଷତିପୂରଣ ଦେବା | ଟ ୨୦,୦୦୦ | ଟ ୨୦,୦୦୦ |
| ଆମଦାନି କର ଫେରତ | | |
| ଦେବାରେ | ଟ ୨୦୯୩୭୪ | ଟ ୧,୯୭୯୭୪ |
| କର୍ମଚାରୀଙ୍କ ବେତନ ଓ | | |
| ଗାଡ଼ି ଭଡ଼ା | ଟ ୬୮୨୪୮ | ଟ ୫୧୬୦୮ |
| ଓଡ଼ିଶା ନିମକମହ- | | |
| କୁମାର ଖରଚ | ଟ ୧୧୦୪୫୭ | ଟ ୧,୩୩,୦୦୩ |
| ଟଂ | ଟ ୪,୦୮,୧୧୮ | ଟ ୪,୦୧,୬୩୫ |

ଉପରଲିଖିତ ଅଙ୍କମାନଙ୍କରୁ ପ୍ରକାଶ ଯେ ଆୟ ଟ ୫,୭୨୯୭୦୧ଙ୍କା ବୃଦ୍ଧି ହୋଇଥିବା ପ୍ରତ୍ୟକ୍ଷେ ବ୍ୟୟ ଟ ୬୫୩୮୧ଙ୍କା ଊଣା ହୋଇ ନିଟ ଲାଭ ଟ ୨୯୫୦୮୧ଙ୍କା ବୃଦ୍ଧି ହୋଇଅଛି ! ଏ ବର୍ଷର ଆୟ ଗତ ବର୍ଷଠାରୁ ଅଧିକ ହେ- ବାରୁ ବଡ଼ ସନ୍ତୋଷଜନକ ହୋ[...] । କେବଳ ଓଡ଼ିଶାର ଆୟ ଊଣା [...]ବ୍ୟୟ ଅଧିକ ହୋଇଅଛି । ଏଥିର କା[...] ଅମ୍ଭେମାନେ ପୃଥକ୍‌ରୂପେ ପାଠକମାନ[...]ଇ ଥିବାରୁ ଏଠାରେ ପୁନର୍ବାର ଲେଖି[...]ର ପ୍ରୟୋଜନ ନାହିଁ ।

ବଙ୍ଗଳାମଧ୍ୟରେ କେବଳ ଓଡ଼ିଶାରେ ଲବଣ ପ୍ରସ୍ତୁତ ହୁଅଇ ଓ ତହିଁର [...]ାଣ ଅତ୍ୟନ୍ତ ଊଣା ଅବଶିଷ୍ଟ ଲୁଣ ବିଦେଶରୁ କଲିକତା ଓ ଚଟ୍ଟଗ୍ରାମକୁ ଆମଦାନୀ ହୁଅଇ । ଗତ ଦୁଇବର୍ଷରେ ନିମ୍ନଲିଖିତ ପରିମାଣ ଲବଣ ଆମଦାନୀ ଓ ପ୍ରସ୍ତୁତ ହୋଇଥିଲା । ଯଥା

| | ସନ ୧୮୯୦।୯୧ | ସନ ୧୮୯୧।୯୨ |
|---|---|---|
| ଆମଦାନି | ମ ୯୭୭୨୮୩୫ ହଣ | ମ ୯୦,୫୨,୯୯୭ ହଣ |
| ପ୍ରସ୍ତୁତ କଟକରେ | ମ ... ... | ମ ... ... |
| ପୁରୀରେ | ମ ୭୧୭୮୦ | ମ ୮୫୫୪ |
| ବାଲେଶ୍ୱରରେ | ମ ୯୯୦ | ମ ୪୩୧ |
| | ମ ୯୮୨୫୭୦୫ | ମ ୯୦୭୧୯୮୨ |

ଅତଏବ ଗତବର୍ଷ ଅପେକ୍ଷା ଅଳ୍ପ ଲୁଣ ଆସିଅଛି । ଆୟ ବୃଦ୍ଧି ହେବା ପ୍ରତ୍ୟକ୍ଷେ ଦ୍ରବ୍ୟ ଊଣା ହେବାର କାରଣ ଏହି କି ପୂର୍ବବର୍ଷର ଅନେକ ଲବଣ ଗୋଦାମରେ ଜମା ଥିଲା । ନଭୂବା ଖରଚ ଅନ୍ୟାନ୍ୟ ବର୍ଷ ପରି ୯୩୯ ମହଣ ଏବଂ ସନ ୧୮୯୧ ସାଲର ଲୋକସଂଖ୍ୟା ଅନୁସାରେ ଜଣପ୍ରତି ପ୍ରାୟ ସେ ୭ ର ହୋଇ- ଅଛି । ଏଥିରୁ ଲୋଣାସ୍ଥାନର ଖରଚ ଜଣପ୍ରତି ସେ ୫୲ ଏବଂ ଅପର ସ୍ଥାନର ଖରଚ ଜଣପ୍ରତି ସେ ୫୵ ପଡ଼ିବା ବଡ଼ ଆଶ୍ଚର୍ଯ୍ୟ ଅଟଇ । ଓଡ଼ି- ଶାର ଲବଣମହକୁମା ମାନ୍ଦ୍ରାଜକୁ ଯିବା ଦିନଠାରୁ ଲବଣ ଖରଚ ଜଣପ୍ରତି ସେ ୫୲ ଠାରୁ ସେ ୫୵ କୁ ଓହ୍ଲାଇ ଆସିଅଛି ଏବଂ କେତେକ ସ୍ଥାନରେ ସେ ୧୲ ର ସୁଦ୍ଧା ପଡ଼ିଅଛି । ପୁଲିସର ଅଯୋଗ୍ୟତା ଏଥିର କାରଣ ବୋଲି ଗଭର୍ଣ୍ଣ- ମେଣ୍ଟ ସ୍ଥିର କରି ଅଛନ୍ତି ।

Digitized by srujanika@gmail.com

Split by PDF Splitter



ଗତବର୍ଷ ପୂର୍ବେ ବିଲାତି ଲୁଣ ପ୍ରାୟ ୬୪ ଲକ୍ଷମହଣ ଏବଂ କର୍ମୀଙ୍କ ଲବଣ କେବଳ ଏକ ଲକ୍ଷ ମହଣ ଆମଦାନୀ ହୋଇ ଥିଲା । ବର୍ତ୍ତିତ ବର୍ଷରେ ବିଲାତି ଲବଣ ୭୦ ଲକ୍ଷ ୮୦ ହଜାର ମହଣ କର୍ମୀଙ୍କ ଲବଣ ୧୩ ଲକ୍ଷ ୩୮ ହଜାର ମହଣ ଏବଂ ଏଡ଼େନ ଲବଣ ଏକଲକ୍ଷ ୭୧ ହଜାର ମହଣ ଆମଦାନୀ ହୋଇଅଛି । ବିଲାତି ଲବଣର ଆଦର ଊଣା ହେବା ଅବଶ୍ୟ ସନ୍ତୋଷଜନକ ଅଟଇ ମାତ୍ର ତହିଁ ସଙ୍ଗେ ଦେଶୀୟ ଲବଣର ଖରଚ ନ ବଢ଼ିବାରୁ ଲାଭ ନାହିଁ ।

[illegible]ର ୧୦୪୮ କୁ ଏ ବର୍ଷ ୧୪୪୫ ଜଣ [illegible]ଲବଣ ପୁଲିସ ଧରିଅଛନ୍ତି ମାତ୍ର ଲ[illegible]ଣ ଗତବର୍ଷ ୨୪ ମହଣ ଥିଲା ଏବଂ [illegible] ୩୧ ମହଣ ହୋଇଅଛି । ଏଥିର କାରଣ ଅନୁସନ୍ଧାନରେ ଜଣା ଯାଉଅଛି କି [illegible] ଦ୍ୱେଷ ବ୍ୟବସାୟିଙ୍କ ପେଟରେ ପୁଲିସ ରହି କେବଳ କାର୍ଯ୍ୟ ଦେଖାଇବାପାଇଁ କେତେକଣ ସାମାନ୍ୟ ଲୋକଙ୍କୁ ଗ୍ରେପ୍ତାର କରି ସେମାନଙ୍କ ଛଉମାଳା ଟଙ୍କା ହାତରୁ ଦେଇ ଉଦ୍ଧାର ଅଣନ୍ତି । ଏ ସବୁ ବିବେଚନାରେ ମାନ୍ୟବର ଷ୍ଟେଟଲଟ ଏହି ମନ୍ତବ୍ୟ ପ୍ରକାଶ କରୁଅଛନ୍ତି କି ଅବୈଧ ଲବଣ ପ୍ରସ୍ତୁତ ଏକାବେଳକେ ନିଷେଧ କରିବା ବାଞ୍ଛନୀୟ ହେଲେ ମଧ୍ୟ ଅସମ୍ଭବ ଅଟଇ ଏବଂ ଯେଉଁ କଟକାନ୍ତ ଗରିବଲୋକମାନେ ଆପଣା ଘରଖରଚ ସକାଶେ ଅଳ୍ପ ଲବଣ ପ୍ରସ୍ତୁତ କରନ୍ତି ସେମାନଙ୍କୁ ଛାଡ଼ିଦେଇ ବ୍ୟବସାୟ ସକାଶେ ଯେଉଁମାନେ ବସ୍ତୁର ପ୍ରସ୍ତୁତ କରନ୍ତି ସେମାନଙ୍କୁ କଠିନ ଦଣ୍ଡ ଦେବା ଉଚିତ । ଏଥିର ବନ୍ଦୋବସ୍ତ କରିବାକାରଣ ରେଭିନ୍ୟୁ ବୋର୍ଡଙ୍କ ପ୍ରତି ଆଦେଶ ହୋଇଅଛି । ଗରିବ ଲୋକଙ୍କପ୍ରତି ଦୟା କରିବାରୁ ମାନ୍ୟବର ଷ୍ଟେଟଲଟଙ୍କୁ ଅମ୍ଭେମାନେ ଧନ୍ୟବାଦ ଦେଉଅଛୁଁ ଭରସା କରୁଁ ରେଭିନ୍ୟୁ ବୋର୍ଡ ସେହିପରି ଦୟା ପ୍ରକାଶ ପୂର୍ବକ ସୁପରାମର୍ଶ ଦେବେ ।

# ସାପ୍ତାହିକ ସମ୍ବାଦ ।

ଏବର୍ଷର ଓଡ଼ିଶାର ମାଇନର ଭର୍ଣ୍ଣାକୁଲର ଓ ଅପର ପ୍ରାଇମେରୀ ପରୀକ୍ଷା ଗତ ସପ୍ତାହରେ ହୋଇଥିଲା ।

ଅନୁଗୁଳର ଡେପୁଟିକମିସନର ଓ ସେଟଲମେଣ୍ଟ ଅଫିସରେ ପାଲଲହଡ଼ାର ମାନେଜର ବାବୁ ଗୌରଚନ୍ଦ୍ର ସେନ ନିଯୁକ୍ତ ହୋଇଅଛନ୍ତି ପାଲଲହଡ଼ାରେ କେହି ନିଯୁକ୍ତ ହୋଇ ନାହାନ୍ତି । ଅନୁଗୁଳର ନୂତନ ଡେପୁଟି [illegible] ଶ୍ରୀଯୁକ୍ତ ବାବୁ [illegible] ଏଯାଏ କର୍ମ ଅଛନ୍ତି ।

ସୁଡ଼ିଆମିତାଙ୍କ ଚଳନ୍ତା ମାନେଜର ବାବୁ ରଥିକାପ୍ରସାଦ [illegible] ଶୀଘ୍ର କାର୍ଯ୍ୟଗ୍ରହଣ କରିବେ ।

## କଲିକତା-ଗେଜେଟ ।

କଟକର ଆଃ ମାଜେଷ୍ଟ୍ରେଟ ଓ କଲେକ୍ଟର ମିଃ ଏଚ୍ ମାକ୍ଫର୍ସନ ଡେପୁଟୀ କଲେକ୍ଟ[illegible] ଶ୍ରେଣୀର ମାଜେଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହୋଇଛନ୍ତି ।

ବାଲେଶ୍ୱରର ଜଏଣ୍ଟ ମାଜେଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ମିଃ [illegible] କଟକର ସବର [illegible] ସ୍ଥାନାପନ୍ନ ହୋଇଛନ୍ତି ।

[illegible] ନୂତନ ବାବୁ [illegible] ମୁନସଫପଦରେ ନିଯୁକ୍ତ ହେଲେ ।

କଟକର ମୁନସଫ ବାବୁ ଗୋପେନ୍ଦ୍ରନାଥ [illegible] ତା ୩୭ ଦିନ ଛୁଟୀ ପ୍ରାପ୍ତ ହେଲେ ।

କଲିକତାଠାରେ ଏକ ହୋମଡ଼ାକ ଘୋଡ଼ାର ଗାଡ଼ିର ଉପରେ ଅଲକ୍ଷିତ ଯୁବକ ସ୍ତ୍ରୀ ଲୋକ ଓ ଜଣେ ପୁରୁଷ ବାହାରେ ଯାଉଥିବା ଏକ ଘୋଡ଼ା ଦେଖିଲ । ଏମନ୍ତ ସମୟରେ [illegible] ପଡ଼ିଗଲେ । ପୁରୁଷଟି ଏବଂ ଜଣେ ସ୍ତ୍ରୀ [illegible] ପଡ଼ିଥିବା ସମୟରେ ସେମାନଙ୍କ [illegible] ଏବଂ ସେଠାରେ ସେମାନେ ଅଚେତନ ଅବସ୍ଥାରେ ପଡ଼ି ଅଛନ୍ତି । ଅବଶିଷ୍ଟ ଜଣେ ସ୍ତ୍ରୀ ଲୋକ ଅନ୍ୟ ଯୁବକଙ୍କ ଉପରେ ପଡ଼ି କୌଣସି ପୀଡ଼ା ନ ପାଇ ବଞ୍ଚି ଯାଇଅଛି । ଯାହାଙ୍କ [illegible] ଅଛନ୍ତି ଡାକ୍ତରଖାନାରେ ରଖିଗଲେ ।

ମିଶରଦେଶର ଖୁଅଦିବ ଠାରୁ କୌଣସି ନିଶ୍ଚିତ ସମ୍ବାଦ ଅମ୍ଭେମାନେ ଅଦ୍ୟ ପାଇ ନାହୁଁ । ଓଁସମାନ ଦିଗନା ଯେଉଁ ସ୍ଥାନକୁ ଆକ୍ରମଣ କରିବା କାରଣ ଧମକାଇ ଥିଲେ ସେ ସ୍ଥାନକୁ କର୍ଣ୍ଣେଲ ଡଡେନର ସାହେବ ପେଷ ଅଛି ଅଛନ୍ତି । ବୃଟିଶ ଠାରୁ ସୁଅଦିନ ଆଡ଼କୁ ମିଶରଦେଶୀୟ ଏକପଲ୍ଟନ ସେନା ଯାତ୍ରା କରି ଅଛନ୍ତି ।

ମହୀଶୂର ଷ୍ଟେଟଟସମ୍ବନ୍ଧୀୟ ନୂତନ ଅଭିନ ଅନୁଯାୟୀ ଦୋକାନଦାର ସ୍ୱାଧୀନାଥ ସ୍ୱର୍ଣ୍ଣକାର ନାମରେ ମୋକଦ୍ଦମା ଅଣା ଯାଇଥିବାର ଗେଜେଟମାନରେ ପ୍ରକାଶିତ ହୋଇଅଛି । ସ୍ୱାଧୀନାଥ ନୂତନ ହୋଇ ପୁଣି ବିବାହ ହୋଇଥିଲେ ଏବଂ ସପତ୍ନୀ ଫରିଯାଦ ହୋଇ ମୋକଦ୍ଦମା ଅଣା ଯାଇଅଛି । ତାହାର ଦ୍ୱିତୀୟ ସ୍ତ୍ରୀର ବୟସ କ ୧୧ ବର୍ଷ । ଅଭିଯୁକ୍ତ ସ୍ୱଭାବ ଡେପୁଟାଇରେ ବାହାର ବର୍ତ୍ତମାନ ଦରଖାସ୍ତ ଦେଇଅଛି । କଥାରେ କହନ୍ତି, ସରଳ ପକ୍ଷେ ନବ ସକଳସା ଦଣ୍ଡ ହେଲ ।

ବୋମ୍ବାଇର ମୃତ କସେଲ୍ଲଅଛି ମାଣିକଙ୍କ ପଣ୍ଡିତଙ୍କ ବିଧବା ଭାର୍ଯ୍ୟା ବାଇସାହେବ ଆପଣା ସ୍ୱାମିଙ୍କ କାନ୍ଥଧର ଶ୍ରାଦ୍ଧ ଦିବସରେ ଯାନପେଷ୍ଟ ନଦେଇଅଛି ପଣ୍ଡିତ ନାମକ ଅନାଥାଶ୍ରମକୁ ଅନ୍ୟୂନ ଦୁଇଲକ୍ଷଟଙ୍କା ଦାନ କରି ଥିବାର ସମ୍ବାଦ ମିଳିଛି । ପାଶ୍ଚିମ୍ୟ ସମ୍ବଳରେ ଏ ଦେଶୀୟ ଦାତା ଥିବାର ଏଥିରୁ ପ୍ରକୃଷ୍ଟ ପରିଚୟ ମିଳୁ ନାହିଁ କି ?

ରାଜକ୍ଷେତ୍ର ଷେତ୍ରଚନ୍ଦ୍ରର, ଯେଉଁ ଅଧ୍ୟାପକ ତଡ଼ ଯାଇ ଅଛି ତାହା ସ୍ୱଦେଶଲକ୍ଷଣରେ ଜୟପୁର ମହାରାଜାଙ୍କ ସ୍ୱତ୍ୱାଧିକାରରେ ଅଛି ।—ସ୍ୱଦେଶଲକ୍ଷଣରେ କ ଏସ ଏମନ୍ତ କି ଅଛି ?

ଗତ ନବେମ୍ବର ମାସ ତା ୨୪ ରାତ୍ରିରେ କଲିକତାର ମୃତ ମହାତ୍ମା ଈଶ୍ୱରଚନ୍ଦ୍ରବିଦ୍ୟାସାଗରଙ୍କ ଘରଠାରେ ତାଙ୍କର ଯୋଗ୍ୟ ପୁତ୍ର ବାବୁ ନାରାୟଣଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ

ଇତ୍ୟାଦିରେ ଏକ ଟେଲିଗ୍ରାଫ କମ୍ପାନିଙ୍କର ହୋଇ ଯାଇଥିବାର ସମ୍ବାଦ ମିଳିଛି । ଗାନ୍ଧି ଇଣ୍ଡିଆର ଓକିଲ ବାବୁ [illegible] ଅନାଥାଶ୍ରମବାସୀ ଏହାରେ [illegible] ଚର୍ଚ୍ଚ କରିଛନ୍ତି । ଗାନ୍ଧି [illegible] ଶ୍ରୀମତୀ ରାଜରାଣୀ । ଏହାର ତତ୍ତ୍ୱ ନେବାକଥାର ସ୍ଥାନ ଅଛି ଏବଂ ତାଙ୍କପ୍ରତି ପିତାଙ୍କ ସହାନୁଭୂତିରେ ନରୋତ୍ତମ ହେବା ବଡ଼ ଅନୁଭବ କଥା ।

ଗତ ନବେମ୍ବର ମାସ ତା ୨୪ ଦିନରେ ଅପରାହ୍ନରେ ହାଇକୋର୍ଟର ଜଜ ମାନ୍ୟବର ସାହେବ ଅଭିଷେକ ସାହେବଙ୍କ ମୃତ୍ୟୁ ହୋଇଥିବାର ସମ୍ବାଦ ମିଳିଛି । ମାନ୍ୟବର ସାହେବଙ୍କ ସ୍ଥାନରେ କୌଣସି ଦେଶୀୟ ଲୋକଙ୍କୁ ଜଜ ପଦରେ ନିଯୁକ୍ତ କରିବା ବେଶୀ ନଷ୍ଟ ହେଲ ନାହିଁ ।

ବର୍ଦ୍ଧମାନ ଅଞ୍ଚଳରେ ଏକ ପ୍ରକାର ଦୁର୍ଭିକ୍ଷ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳିଛି । ସରକାର ସାହାଯ୍ୟ କାର୍ଯ୍ୟ ସେଠାରେ ଆରମ୍ଭ ହୋଇ ଅଛି ।

ଗାଞ୍ଜାମର ହିଞ୍ଜିଳି କଟୁ ସ୍ଥାନରେ ଗୋଟିଏ ସୁରଙ୍ଗ ଦୃଷ୍ଟ ଅଛି । ସେହି ଦୃଶ୍ୟ ଗୋଟିଏ ଅଦ୍ଭୁତ ବୃକ୍ଷର ଚେରରୁ ପାଣି ବାହାରୁଥିବାର ଦେଖା ଯାଏ । ଜଣେ ତାହା ଦେଖି ସେହି ବୃକ୍ଷର ଗୋଟିଏ ଚେରକୁ ହାଣି ଦେବାରୁ ମାଟିରେ ରକ୍ତ ହୋଇଥିବା ତାହାରୁ ଜଳ ଝରିବା ଦେଖା । ଗ୍ରାମବାସିମାନେ ଏ ଉକ୍ତ ବୃକ୍ଷ ଦେବ ବସ୍ତୁଥିବାର ହୋଇ ବୋଲି ଏପରି ଘୋଷ କେଲ ଅଛନ୍ତି । ଜଳଟି ସ୍ୱାଦ ଏବଂ ବାଲୁକାର ମିଶ୍ରିତ । କଥାଏ ଦୁଏ ଏହା ଖାଇ ରୁଗ ଏବଂ ଅନ୍ୟାନ୍ୟ ରୋଗମାନ ଉପଶମ ହେଉଅଛି ଧନ୍ୟଜନ ଅଦ୍ଭୁତ ସୃଷ୍ଟିର ନାହିଁ କିସ ?

ମାନ୍ରାଜ ଜେଲଖାନାର ଜଣେ କଏଦୀ ବେତ୍ର ପ୍ରହାରରେ ଏମନ୍ତ ପୀଡ଼ିତ ହୋଇଥିଲା ଯେ ତାହାର ପିଠିରେ ଘା ହୋଇ ତହିଁ ଯୋଗେ ପ୍ରାଣ ହରାଇ ଅଛି । ଏହା ସତ୍ୟ ହେଲେ କଏଦୀଙ୍କ ପ୍ରତି ଜେଲକର୍ମଚାରୀମାନେ କି ରୂପ ବ୍ୟବହାର କରନ୍ତି ତହିଁ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ରଖିବା ଉଚିତ ।

ପାଲାମା ନାମ ସେହି ପ୍ରାନ୍ତରେ ବଡ଼ ଗୋଳମାଳ ଉପସ୍ଥିତ ହୋଇ ଥିବାର ସମ୍ବାଦ ମିଳିଛି । ସେଠା ଚନ୍ଦ୍ରପାଳୀ ଦଳ ପଦ ତ୍ୟାଗ କରି ଅଛନ୍ତି ଏବଂ ନୂତନ ମନ୍ତ୍ରୀ ଦଳ ଗଠିତ ହେବାର ଉଦ୍ୟୋଗ ଲାଗିଅଛି ।

ନୂତନ ପାର୍ଲିମେଣ୍ଟ ଆଗାମୀ ଜାନୁଆରି ମାସ ତା ୩୧ ରେ ବସିବାର ସ୍ଥିର ହୋଇ ଅଛି ।

ଲର୍ଡ ଲବଟସ୍ ସ୍ଥାନରେ ଭାରତର ପ୍ରଧାନ ସେନାପତି କାର୍ଯ୍ୟରେ ସର ଜର୍ଜ ହ୍ୱାଇଟ ସାହେବ ସ୍ଥାନରେ ଗଭର୍ଣ୍ଣରଙ୍କ କର୍ତ୍ତୃକ ମନୋନୀତ ହୋଇଥିବାର ସମ୍ବାଦ ମିଳିଛି ।

ମାନ୍ଦ୍ରାଜର ଠାରେ ଗତ ନବେମ୍ବର ମାସ ତା ୨୭ ରିଖରେ ସାମାନ୍ୟ ଭୂମିକମ୍ପ ଅନୁଭୂତ ହୋଇ ଥିବାର ସମ୍ବାଦ ମିଳିଛି । କୌଣସି ପ୍ରାଣୀ ବା ଦ୍ରବ୍ୟ ନଷ୍ଟ ହୋଇ ନାହିଁ ।

ବାଲେଶ୍ୱର ଠାରେ କେତେଗୁଡ଼ିଏ ବନ୍ୟା ଗୋଟିଏ ବନ୍ଦ ବଜାରରେ ପାଇ ତାଙ୍କୁ ଦ୍ୱାରରେ ଅଣି ପକାଇଲେ । ସେ ବନ୍ଦଟି ଏପରି ଭାବରେ ଗୋଟିଏ ଘେ ତହିଁରେ ଜଣେ କଞ୍ଚ ଓ ଜଣେ ଗ୍ରାମବାସୀ ଏବଂ ତ ୨ ଣ ଗୁରୁତର ପୀଡ଼ା ପାଇ ଅଛନ୍ତି । ଦୁର୍ଭାଗ୍ୟକୁ କେତେ ଲୋକେ ଏହିପରି ଡ.ର ଅଛନ୍ତି ।

ପାଲାମାପୋଲକରେ ନାମ ଘୋଷ ଭଲପ୍ରାର୍ଥୀଙ୍କ ସମ୍ମତକୁ ଯୋଗ କରିବାର ସେହି କାର୍ଯ୍ୟ ହେଉଅଛି ତାହାର

Digitized by srujanika@gmail.com

ମୁନିସର ଏକ ବୃତ୍ତାନ୍ତ କରୁଅଛନ୍ତି । ବର୍ତ୍ତମାନ ସମ୍ବାଦ ଯେ ଉକ୍ତ କୃଷ୍ଣାଙ୍କର ଡାଇରେକ୍ଟରଙ୍କ ନାମରେ ତାହାଙ୍କଠାରୁ ଏମାନଙ୍କ ମଧ୍ୟରୁ ବୈତନଭୋଗୀ ନାମକ ମେକ ହଠାତ୍ ମୃଗୀରୋଗରେ ପ୍ରାଣ ହରାଇଅଛନ୍ତି । ପ୍ରାକ୍ତନ ଡିରେକ୍ଟରଙ୍କ ରାପୋର୍ଟଅନୁସାରେ ଜଣେ ରିପୋର୍ଟ ଜାଣ କଲେ ଯେ ସାମାନ୍ୟ ନାଲ କୃଷ୍ଣାଙ୍ଗମଣ୍ଡଳୀ, ରିପୋର୍ଟ, ବନ୍ଧୁ ଏବଂ ସମ୍ବାଦପତ୍ରମାନଙ୍କ ଲକ୍ଷ ମୁଦ୍ରା ଉତ୍କୋଚ ପ୍ରଦାନ କରିଅଛନ୍ତି । ସେ ତାହାଙ୍କନାମ କହୁଲେ ନାହିଁ ମାତ୍ର ୧୫୦ ଣ ଏପରି ଲୋକ ଉତ୍କୋଚ ନେଇଅଛନ୍ତି ପ୍ରକାଶ କଲେ । ଏ ସମ୍ବନ୍ଧରେ ତଦନ୍ତ ହେବାର ପ୍ରସ୍ତାବ ଧାର୍ଯ୍ୟ ହେଲା ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଗତ ତା ୨୬ ରଖ ଉତ୍କଳଦୀପିକାରେ ଜଣେ ପତ୍ରପ୍ରେରକ "ଶ୍ରୀ ଅ" ବ୍ରାହ୍ମଧର୍ମ ପ୍ରଚାରକ ବାବୁ ଶଶିଭୂଷଣ ଘୋଷଙ୍କ ବକ୍ତୃତା-ବିଷୟରେ ଯାହା ଲେଖିଅଛନ୍ତି ସେ ବିଷୟରେ ଅମ୍ଭମାନଙ୍କର କିଛି ବକ୍ତବ୍ୟ ଅଛି । ଅନୁଗ୍ରହପୂର୍ବକ ପ୍ରକାଶ କରି ବାଧିତ କରିବା ହେବେ ।

୧ମ କଥା, ସେ ଲେଖିଅଛନ୍ତି ଯେ ବକ୍ତା ଅନ୍ୟ ଧର୍ମକୁ ଆକ୍ରମଣ କରିଥିଲେ । ଏ କଥାଟି ସତ୍ୟ ? ସେ ଅନ୍ୟ ଧର୍ମକୁ ଆକ୍ରମଣ କରିଅଛନ୍ତି କି ନା, ଏ ବିଷୟରେ ଆପଣ ସାକ୍ଷୀ । ତେବେ ବ୍ରାହ୍ମଧର୍ମର ପ୍ରଶଂସା କଲେ ଅନ୍ୟ ଧର୍ମର ନିନ୍ଦା ହେଲା, ଏପରି ଯେବେ କେହି କହେ ତେବେ ଅମ୍ଭେମାନେ ନାଚାର । ବକ୍ତା ସାଧାରଣ ଭାବରେ ବର୍ତ୍ତମାନ ଏ ଦେଶୀୟ ଶିକ୍ଷିତ ସମ୍ପ୍ରଦାୟର ଧର୍ମ ଓ ନୀତିସମ୍ବନ୍ଧୀ ଓ କପଟାଚାରର ବିଷୟ ବ୍ୟକ୍ତ କରିଥିଲେ ଏବଂ ତହିଁର କେତେଗୁଡିଏ ଦୃଷ୍ଟାନ୍ତ ଦେଇଥିଲେ । ସେ କଥା କି ମିଥ୍ୟା ? ନା ତାହା କହିଲେ କି ଧର୍ମବିଶେଷକୁ ନିନ୍ଦା କରିବାର ହେଲା ?

୨ୟ, ହିନ୍ଦୁଧର୍ମରେ ଅନେକ ପାଷାଣ୍ଡ ଅଛନ୍ତି, 'ବ୍ରାହ୍ମଧର୍ମରେ ନାହାନ୍ତି' ଏକଥା ପତ୍ରପ୍ରେରକ କାହୁଁ ପାଇଲେ ? ବୃଥାରେ ଜଣେ ଲୋକନାମରେ ଏପରି ଦୋଷାରୋପ କରିବା କି ପ୍ରକାର ଭଦ୍ରତାର ଲକ୍ଷଣ ?

୩ୟ, ପତ୍ରପ୍ରେରକ ମହାଶୟ ଅଦ୍ଭୁତ କୌଶଳ ଓ ଅକାଟ୍ୟ ଯୁକ୍ତିର ସହିତ ବକ୍ତାଙ୍କୁ ମିଥ୍ୟାବାଦୀ ବୋଲି ପ୍ରମାଣିତ କରିଅଛନ୍ତି । ସେପରି ଯୁକ୍ତିବିରୁଦ୍ଧରେ କଥା କହିବା ନିଷ୍ପ୍ରୟୋଜନ । ତାଙ୍କ ପ୍ରମାଣଟା କିପରି ଯୁକ୍ତିସଙ୍ଗତ ତାହା ପାଠକମାନେ ବୁଝିପାରିଥିବେ ।

ପରିଶେଷରେ ସମ୍ପାଦକ ମହାଶୟ, ଆପଣ ନିରପେକ୍ଷ ଭାବରେ ବକ୍ତୃତାର ସମାଲୋଚନା କରି ଯେପରି ଉଦାରତା ଓ ସହୃଦୟତା ପ୍ରକାଶ କରିଅଛନ୍ତି, ସେଥି ପାଇଁ ଅମ୍ଭେମାନେ ଆପଣଙ୍କୁ ଅନ୍ତରର ସହିତ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଇତି ।

୩୦।୧୧।୯୨ }
କଟକ } ଶ୍ରୀ ବିଶ୍ୱନାଥ କର

☞ ଅମ୍ଭମାନେ ଯେଉଁ ବିଷୟରେ ସନ୍ଦେହ କରିବାରୁ ପ୍ରାର୍ଥିତ ହୋଇଅଛୁଁ ତାହା ସମର୍ଥନ କରି ପାରୁ ନାହୁଁ । ସମ୍ପାଦକ ।

To The Editor of the Utkal Dipika.

Sir,

I shall feel obliged if you will kindly publish the following few lines in your Utkal Dipika.

The Zemindars and tenants of the Cuttack District were and are now suffering to some extent from various causes in the hands of the Amins and Attestation mohurirs. We are thankful to Mr. Maud, present settlement officer, Orissa, for his framing and issuing a set of stringent rules for the guidance of the Amins and Mohurirs preventing them from taking illegal gratifications, and sending the same to the Collector for wide circulation to the general public. During this short time of his taking charge he has done much to the relief of the people. We are also glad to hear that he has deputed an experienced officer Babu Chandra Nath Ghose to the Tangy Circle and within whose jurisdiction he has included the Matkat Nagur Pargana the abode of many rich and respectable Bengali, Karan, Khota and Badya Zamindars. We have heard that this officer discharges his duties very conscienciously and regularly visits every village or plot of land, inspects the work of the Amins thoroughly and thereby relieves the poor tenants of Orissa from falling into the jaws of the tyrant Amins. This officer unlike many of his brother officers does not like to come to Cuttack every now and then leaving the fate of the helpless tenants at the mercy of his subordinates.

We hope the Babu will with his usual justice go on with his work of his new circle in the same way as he was doing at Jagatsinghpur.

Cuttack }
1—12—92. } Paramananda Bose.

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ପଣ୍ଡିତ ଶ୍ରୀ ଗୋବିନ୍ଦରଥ | କଟକ | ଟ ୩୧ |
| ବାବୁ ଶ୍ୟାମସୁନ୍ଦର ସାହୁ | " | ଟ ୪ |
| " ଶାରଦାଚରଣ ଦାସ | ଜଗତସିଂହପୁର | ଟ ୨ |
| " ଜନ ସାମନ୍ତ | କଟକ | ଟ ୧୧ |
| ମୁନସି ଗଫୁରମହମ୍ମଦଖାଁ | ବାଲେଶ୍ୱର | ଟ ୧। |
| ବାବୁ ବଳରାମରାଉତ | କଟକ | ଟ ୨୧ |
| " ମଧୁସୂଦନ ପଟ୍ଟନାୟକ | ମହେଶ୍ୱର | ଟ ୩୧ |
| " ଗୁଣନିଧି ଦାସ | କଟକ | ଟ ୧୧ |
| " ଭଗବାନ ଦାସ | " | ଟ ୧୮ |

# ବିଜ୍ଞାପନ ।

### ପୁରୀଧାମର ଶ୍ରୀଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ସଂସ୍କରଣବିଷୟକ ଚାନ୍ଦା ।

| | | | |
|---|---|---|---|
| ପୂର୍ବଗୃହୀତ ସମଷ୍ଟି | | ଟ | ୮୪୩୦୬୮୵୬ |
| ଶ୍ରୀ ରାଜା ସୁରଗଡ଼ | | ଟ | ୧୫୦ |
| ଡାକ୍ତର ପ୍ରମଥନାଥ ବାନର୍ଜ୍ଜୀ | ବୋହୂମା | ଟ | ୧୦ |
| ବାବୁ କୈଳାସଚନ୍ଦ୍ର ରାୟ | ଛତରପଡ଼ା | ଟ | ୨ |
| " ପ୍ରସନ୍ନକୁମାର ଚୌଧୁରି | ବୋଲଗଡ଼ | ଟ | ୩ |
| " ଭଗୀରଥ ପାଠକ | କଟକ | ଟ | ୧ |
| ଶ୍ରୀ ରାଜା କଡାମ୍ବା ଓଡ଼ିଶା | | ଟ | ୧୦୦ |
| ବାବୁ ଉପେନ୍ଦ୍ରନାଥ ବସୁ | କେନ୍ଦୁଝର | ଟ | ୧୩୧ |
| " ଜଗନ୍ନାଥ ଚନ୍ଦ୍ର | ମେଦିନୀପୁର | ଟ | ୫ |
| " ଦର୍ଶନନାୟକ | ଭଞ୍ଜନଗର | ଟ | ୨୫ |
| ଶ୍ରୀମତୀ ଧୀରବାଲା ଦେବୀ | କଲିକତା | ଟ | ୨ |
| ଶ୍ରୀମନ୍ଦିର ଡାକଘରେ ଦେବା ଫଣ୍ଡ | | ଟ | ୨୮୵ |
| ବାବୁ ଏ, ସି, ମୁଖର୍ଜ୍ଜୀ | ପାଟଣା | ଟ | ୫ |
| " ଶ୍ରୀଧର ମୁଖର୍ଜ୍ଜୀ | ଗୁହାଳପଡ଼ା | ଟ | ୫ |
| ଶେଠ କୃଷ୍ଣ ରାମ | ହାଇଦ୍ରାବାଦ | ଟ | ୫୨୧ |
| " ଲଛମନ ଦାସ ଭୁଲଣୀରାମ | " | ଟ | ୨୫ |
| " ଲଛମନ ଦାସ | " | ଟ | ୧୫ |
| ବାବୁ ବାଲୁରାମ ପଟେଲ | ବାଣପୁର | ଟ | ୨୫ |
| " ବୀରପ୍ରସାଦ ଚୌଧୁରି ଶୁଲିଆ | | ଟ | ୫ |
| " କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରି ସେକ୍ରେଟେରି ବ୍ରାଞ୍ଚ କମିଟୀ ଉଦଭଗ | | ଟ | ୭୨। |
| " ତାରାପଦ ବାନର୍ଜ୍ଜୀ ଭୁବନେଶ୍ୱର | | ଟ | ୫ |
| " ଦେବେନ୍ଦ୍ରନାଥ ରାୟ ଚୌଧୁରି | ଲକ୍ଷଣପୁର | ଟ | ୫ |
| " ମହେନ୍ଦ୍ରନାଥ ନାଥ | ସମ୍ବଲପୁର | ଟ | ୧ |

Digitized by srujanika@gmail.com

| | | |
|---|---|---|
| „ ବାଳଗୋଇ ଗଜପତି ମାହଥାଡା ବନ୍ଧନ | ଟ | ୨ |
| „ ଭାଗବତଚନ୍ଦ୍ର ଚୌଧୁରୀ ଶିବସାଗର | ଟ | ୫ |
| „ ଛତର ମଲ୍ଲ ବୃନ୍ଦାବନ | ଟ | ୧୦ |
| „ ମାଧବଚନ୍ଦ୍ର ଦାସ ଜଣୋଇ | ଟ | ୫ |
| „ ସମସଲ ସ୍ୱେତବରନ ହୋସଙ୍ଗାବାଦ | ଟ | ୭ |
| ସେଠ ବୈଜନାଥ | ଟ | ୪ |
| „ ରାମନାରାୟଣ ଓଜଲ | ଟ | ୫ |
| „ ବମଲଲ ମୂଳନ | ଟ | ୫ |
| ବାବୁ ଅନନ୍ତଚନ୍ଦ ପଟେଲ | ଟ | ୩ |
| ସେଠ ଜୀବନ ଦାସ, ମୋଦଲ୍ଲଲ | ଟ | ୨ |
| „ ଦେଉ ଭଞ୍ଜନ ଦୟଦାସ | ଟ | ୨ |
| ବାବୁ ଲଛନ ଓ ଛିକାକୁହ୍ଲାର | ଟ | ୨ |
| „ ସମର୍ଥ ଭଜ ଦଜାଦମଲ | ଟ | ୧୫ |
| „ ଶିଦ୍ଧାର୍ଥ ଜାସ୍ୱଳ | ଟ | ୧ |
| „ ମନସୁଖ ଦାସ ଓଡ଼ା | ଟ | ୧ |
| „ ସମସଲ ଦେବୀଦାସ ପଟେଲ | ଟ | ୧ |
| „ ନଣିରାମ ବାଲମୁକୁନ୍ଦ | ଟ | ୧ |
| „ ଜଥୁରାମ ସମସଲ ମୋହେନ୍ଦ୍ର | ଟ | ୧ |
| „ ଛୁଲୁଦତ୍ତ ମୋହେନ୍ଦ୍ର | ଟ | ୧ |
| „ ବଲଭ ମୂଲଜ ଭଟିଅ | ଟ | ୧ |
| „ ମଲଜମଦଚଜଭଟିଅ | ଟ | ୧ |
| „ ଭେରସିଂହ ଦାସ ପନ୍ନାଲ | ଟ | ୧ |
| „ ଗୋବର୍ଦ୍ଧନ, ଯମୁନା ଦାସ | ଟ | ୧ |
| „ ଶ୍ରୀନାଥ ମୋହେନ୍ଦ୍ର | ଟ | ୧ |

କ୍ରମଶଃ ।

# ନୂତନ ପୁସ୍ତକ

## ବୁଢ଼ାବର ।

କଟକପ୍ରିଣ୍ଟିଂକୁମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି। ମୂଲ୍ୟ ପ୍ରତିଖଣ୍ଡକୁ ଚାରିଅଣା । ମୋଫସଲକୁ ଡାକମାସୁଲ ଖର୍ଚ୍ଚକୁ ଦୁଇପଇସା ।

*Extract from a letter of Babu Radhanath Roy dated 14th October 1892 addressed to the author.*

( Need I repeat that as a comedy I consider it quite a finished piese. )

୧୮୯୩ ଓ ସନ ୧୮୯୪ ସାଲର ଅପରପ୍ରାଇମେରୀ ପରୀକ୍ଷାର ପାଠ୍ୟ କବିତାକୁସୁମର ସଂଶୋଧିତ ଚତୁର୍ଥସଂସ୍କରଣ ପ୍ରକାଶିତ ହୋଇଅଛି । ମୂଲ୍ୟ ଚାରିଅଣା । ଏହି ସଂସ୍କରଣରେ ଭ୍ରମମାନ ସଂଶୋଧିତ ଓ ସ୍ଥାନବିଶେଷ ଅବଶ୍ୟକ୍ୟବୋଧରେ ପରିବର୍ତ୍ତିତ ଏବଂ ଶେଷାଂଶରେ ବାହୁଲ୍ୟଭାବରେ ଅର୍ଥ, କବିତାପାଠ ଓ ଅନ୍ୱୟକରଣ ବିଧି ପ୍ରଦତ୍ତ ହୋଇଅଛି ।

ଉକ୍ତ ପରୀକ୍ଷାର ପାଠ୍ୟ ଭୂଗୋଳପାଠ ଏବଂ ବଙ୍ଗଳାପ୍ରଦେଶର ସଂଶୋଧିତ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି । ଭୂଗୋଳପାଠର ମୂଲ୍ୟ ଟ୦।୵ ଏବଂ ବଙ୍ଗଳାପ୍ରଦେଶର ମୂଲ୍ୟ ଟ୦୵୬ ।

ସନ ୧୮୯୩ ଓ ୧୮୯୪ ସାଲର ଛାତ୍ରବୃତ୍ତି ଓ ମାଇନର ପରୀକ୍ଷାର ପାଠ୍ୟ ସଂଶୋଧିତ ଓ ପରିବର୍ଦ୍ଧିତ ପ୍ରାକୃତିକଭୂଗୋଳପାଠ ଓ ସୁଲଭପରିମିତିର ନୂତନସଂସ୍କରଣ ପ୍ରକାଶିତ ହୋଇଅଛି। ପ୍ରାକୃତିକଭୂଗୋଳପାଠର ମୂଲ୍ୟ ଟ ୦।୵ ଏବଂ ସୁଲଭପରିମିତିର ମୂଲ୍ୟ ଟ ୦।୵ ।

ସୀତାନାଥଘୋଷଙ୍କ ପ୍ରଣୀତ ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ପ୍ରକାଶିତ ହୋଇଅଛି । ମୂଲ୍ୟ ଏକଅଣା ମାତ୍ର । ଏହି ପୁସ୍ତକ ଶିଶୁଙ୍କ ବାଳକମାନଙ୍କ ସୁଖପାଠ୍ୟ ହେବାରୁ ଅଳ୍ପଦିନ ମଧ୍ୟରେ ପ୍ରଥମ ସଂସ୍କରଣ ନିଃଶେଷ ପ୍ରାୟ ହୋଇଅଛି । ଏହା ଏପରି ଉପଯୋଗୀ ହୋଇଅଛି ଯେ ଅନେକ ଶିକ୍ଷକ ସ୍ୱାସ୍ଥ୍ୟସାଧନ ପରିବର୍ତ୍ତରେ କେବଳ ଏହି ପ୍ରଶ୍ନୋତ୍ତର ବାଳକମାନଙ୍କୁ ପଢ଼ାଇ ଅଭୀଷ୍ଟ ସିଦ୍ଧ କରୁଅଛନ୍ତି ।

ସଂକ୍ଷିପ୍ତ ଭାରତବର୍ଷର ଇତିହାସର ସମୂଳ ଅର୍ଥସଂସ୍କରଣ ଯନ୍ତ୍ରସ୍ଥ ହୋଇଅଛି ଶୀଘ୍ର ପ୍ରକାଶିତ ହେବ । ମୂଲ୍ୟ ଟ ୦୵ ଅଣା ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।





TRADE MARK REGISTERED.
BEWARE SPURIOUS AND VILE IMITATIONS ARE OUT.

The best patent yet discovered, approved and certified as an experimentally invaluable specific by eminent physicians.

Hæmatic Syrup is a marvellous remedy for complete loss of Manhood, Nervous Debility, Prostration, caused by extreme over-strain and labour or by any other cause, such as intemperance, inordinate indulgence of indiscretionary habits excessive grief or the like; and for diseases contracted by vice.

Don't use quack medicines, while the above is available at the cheapest price. They only make the case worse and in many cases the disease is difficult to cure. But Hæmetic Syrup gives Vigour, improves the Strained Powers of the Intellect and understanding, makes the mind Imagintive and active, and improves Retentive Powers.

Hæmatic Syrup is a miraculous preparation for the Purification of Blood, for the Renovation of Deranged and Broken Constitutions, is a Rebuilder of Health and a Resuscitator of Life.

Hæmatic Syrup strengthens the System of the Fair Sex, restores all ages the sound and Robust Health, removes any obstruction or Irregularity of the System.

Hæmatic Syrup is an infaliable remedy for Bilious disorders of any kind such as Indigestion, Dyspepsia, Loss of Appetite, Acididity, Costiveness, Head ache, Disturbed Sleep, Frightful dreams and long standing Diarrhœa, &c.

Value returned in case of failure in efficacy. Innumerable testimonials are at hand.

Price per phial Rs. 2; dozen Rs 20 postage and V. P. P. charge Annas 10 and Rs. 2-4 only.

Apply to
Dr. C. MARTIN,
41. Bhawani Charan Dutta's Lane,
Calcutta.



ଡଜନ ଗ୍ରାସର ଏକଶତ ଅଣା ।
ଜି, ଗାଲେଟ ଏଣ୍ଡ କୋମ୍ପାନୀଙ୍କର
ଧାତୁ ଦୌର୍ବଲ୍ୟ ଓ ମେହ ପ୍ରମେହର ଏକମାତ୍ର ମହୌଷଧ ।

# ଭିଟାଲିଟି ଡ୍ରପ୍ସ ।

ଡାକ୍ତର, କବିରାଜ ପ୍ରଭୃତି ସେହି ମେହରୋଗର ଅସାଧ୍ୟ ରୋଗ ସ୍ଥିର କରିଥିଲେ । ଅତଏବ ୨୦ ୫୦ ବର୍ଷ ହେଲା ଇଉରୋପ ଓ ଆମେରିକା ଦେଶର ସୁପ୍ରସିଦ୍ଧ ଚିକିତ୍ସକମାନଙ୍କର ମହାଯୋଗରେ ଧାତୁଗତ ପୀଡ଼ାର ପ୍ରକୃତ ଔଷଧ ଯାହା ସ୍ଥିର ହୋଇଅଛି ସେ ସବୁର ସାହାଯ୍ୟରେ ଏହି ମହୌଷଧ ଅଦ୍ଭୁତ । ଯେଉଁମାନେ ଧାତୁସମ୍ପର୍କୀୟ ପୀଡ଼ାରେ କଷ୍ଟ ପାଉଅଛନ୍ତି ଏବଂ ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହ ଅରୋଗ୍ୟ ନୁହେଁ ବୋଲି ଯାହାଙ୍କର ହୃଦୟରେ ଦୃଢ଼ବିଶ୍ୱାସ ଜନ୍ମିଅଛି ସେମାନେ ଥରେ ଏ ଔଷଧ ପରୀକ୍ଷାକରି ଦେଖନ୍ତୁ ଏହା ସେବନକଲେ ଧାତୁ ଦୌର୍ବଲ୍ୟ ( ଅତିରିକ୍ତ ପରିଶ୍ରମ ବା ଅତ୍ୟାଚାରଜନିତ ) ଶୌବନରେ ମାନାବିଧ

Split by PDF Splitter



ଇତ୍ୟାଦିର ଶକ୍ତି ଦୁର୍ବଳତାହେତୁ ଉତ୍ପନ୍ନ ନାନା ପୀଡ଼ା, ମେହ ପ୍ରମେହ ଅର୍ଥାତ୍ ୨୦ ପ୍ରକାର ମେହ, ବହୁମୂତ୍ର ଧାତୁ- ପୀଡ଼ା, ଧ୍ୱଜଭଙ୍ଗ ଇନ୍ଦ୍ରିୟ ଦୁର୍ବଳତା, ସ୍ତ୍ରୀସହବାସରେ ଅକ୍ଷମତା ଶୁକ୍ର ତରଳତା, ଅଳ୍ପ ବା ବିନା ଉତ୍ତେଜନାରେ ରେତଃପାତ, ଇଚ୍ଛା କଲେ ଅନୁଦ୍ଗମନ, ସ୍ୱପ୍ନଦୋଷ, ପ୍ରସ୍ରାବର ଆଗ ବା ପଛରେ ବୀର୍ଯ୍ୟସଙ୍ଗେ ମୂତ୍ରଗ୍ରନ୍ଥିର ରସ ବା ସ୍ୱପ୍ନରୁ ନିର୍ଗତ, ଲିଙ୍ଗରେ କ୍ଷତ, ପ୍ରସ୍ରାବରେ ଜ୍ୱାଳାଜଳ, ମୁହୁର୍ମୁହୁ ପ୍ରସ୍ରାବ ଓ ତହିଁର ବର୍ଣ୍ଣ ଲାଲ ବା ଘୋଳିଆ । ତଳପେଟରେ ବେଦନା, ସର୍ବଦା ଆଳସ୍ୟ, କ୍ଷୁଧାମାନ୍ଦ୍ୟ, କୋଷ୍ଠବଦ୍ଧ, ଶିରଃ- ପୀଡ଼ା, ମସ୍ତକଘୂର୍ଣ୍ଣନ, ବକ୍ଷଦାହ, ମୂର୍ଚ୍ଛା, ଦୃଷ୍ଟିକ୍ଷୀଣତା, କୁଷ୍ଠ, ହାତଗୋଡ଼ ଜ୍ୱାଳା ଇତ୍ୟାଦି (ସ୍ତ୍ରୀ ଓ ପୁରୁଷଙ୍କ) ନୂତନ ଓ ପୁରାତନ ସମସ୍ତ ପ୍ରକାର କଠିନ ବ୍ୟାଧି, ଭଲୁଥିବୁ ମୂତ୍ରଯନ୍ତ୍ର ସମ୍ବନ୍ଧୀୟ ଯାବତୀୟ କଠିନ ବ୍ୟାଧି, ଯେତେଦିନର ନୂତନ ଓ ପୁରାତନ ହେଉ ଏକମାସ ସେବନ କଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ତନୁ, ମାଂସ, ଶୁକ୍ର, ବଳ ବୀର୍ଯ୍ୟ ବୃଦ୍ଧି ହେବ । ଅସଥା ଅତ୍ୟାଚାରରେ ଧାତୁଗତ ପୀଡ଼ା ଆଉ ହେବ ନାହିଁ । ଏକମାସ ସେବନୋପଯୋଗୀ ଏକ ଶିଶି ଟ ୨ ଦୁଇଟଙ୍କା । ପ୍ୟାକିଂ ୮ ॰ । ମହଅଣା ।

ଅଥପ୍ରାପ୍ତି ଠିକଣା, ।—

ଡ, ଗାରେଟ ଏଣ୍ଡ କୋ

୧୧ ନମ୍ବର କଲେଜଷ୍ଟ୍ରିଟ, କଲିକତା ।

---

# ବିଶୁଦ୍ଧ

## ମଧ୍ୟନାରାୟଣତୈଳ

ଅଳ୍ପପରିମାଣ ଆମ୍ଭ ନିକଟରେ ବିକ୍ରୟାର୍ଥେ ଅଛି ।

ମୂଲ୍ୟ ଏକଛଟାଙ୍କକୁ ଟ ୧୮ ଙ୍କା

ଏକଥରେ ଏକସେର ନେଲେ ଟ ୧୬ ଙ୍କା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ମିଳିପାରିବ !

୧୭।୧୧।୯୬

---

ଅଭିନବ ବ୍ୟାପାର, ଅପୂର୍ବ ଉପହାରଦାନ ।

## ଘଡି ପୁରସ୍କାର ।



ଉକ୍ତପଦାର୍ଥ ମଧ୍ୟରୁ କେହି ଏକତ୍ରରେ ଏକସ୍ଥାନରେ ଏକ ପ୍ୟାକେଟରେ ଏକଭିତର ଅର୍ଥାତ୍ ୧୨ ଗୋଟା ବସ୍ତୁ କ୍ରୟ କରିଲେ ତାହାଙ୍କୁ ଗୋଟିଏ ଲକ୍ଷ୍ମୀ ଲେଭରଟ ରେଷ୍ଟ- ଲେସର ଔଡ ସଡ ଉପହାର ଦିଆଯିବ ଏକ ଅର୍ଦ୍ଧ ଡଜନ ଅର୍ଥାତ୍ ୬ ଗୋଟା କ୍ରୟ କଲେ ଗୋଟିଏ ଷ୍ଟାରଲିଂ ଘଡି ଉପହାର ଦିଆଯିବ । ମୂଲ୍ୟ ଅଗ୍ରୀମ ପଠାଇଲେ, ଅଥବା ସ୍ପଷ୍ଟାକ୍ଷରରେ ନାମଧାମ ସହ ପତ୍ର ଲେଖିଲେ ମଫସଲକୁ ଭିଃ ପିଃ ଡାକରେ ଦ୍ରବ୍ୟ ଓ ଉପହାର ପ୍ରେରଣ କରି ମୂଲ୍ୟ ଆଦାୟ କରାଯିବ ।

### ଭାରତରେ ଅଦ୍ୱିତୀୟ ଓ ଅତ୍ୟାଶ୍ଚର୍ଯ୍ୟ

## "ମ୍ୟାଜିକ ଲେମ୍ପ ।"

ଏହି ଲେମ୍ପ ଅନେକଙ୍କୁ ନୂଆ କରିବାକୁ ସମ୍ପୂର୍ଣ୍ଣ ନୂତନ ଆସିଅଛି । ଏଥିପୂର୍ବେ ଏପରି ଦ୍ରବ୍ୟ ଏଦେଶକୁ କେବେହେଁ ଆମଦାନୀ ହୋଇ ନ ଥିଲା । ଏହା ନିକେଲ ରୌପ୍ୟରେ ନିର୍ମିତ, ଦେଖିବାକୁ ଆକାରରେ ଠିକ ଜେବ ଘଡ଼ିପରି ଏବଂ ପକେଟରେ ରଖାଯାଇ ପାରେ । ଏହା ଦେଖିବାକୁ ଅତି ସୁନ୍ଦର । ଆଶ୍ଚର୍ଯ୍ୟର କଥା ଏହି ଯେ, ଏ ଲେମ୍ପ ଜାଳିବା- ନିମନ୍ତେ ଦିଆସିଲିର କିମ୍ବା ଅନ୍ୟ କୌଣସି ପ୍ରକାର ଅଗ୍ନିର ଦରକାର ନାହିଁ । ଲେମ୍ପର ପଛପାଖେ ଥିବା ସେହି ଟିପି- ଲେ ହଠାତ୍ ଜଳିଉଠେ ଏବଂ ଛାଡ଼ିଦେଲେ ଲିଭିଯାଏ । ପ୍ରତ୍ୟେକ ଗୃହରେ ଏ ଲେମ୍ପର ଗୋଟିଏ ଲେଖାଏଁ ରହିବା ଉଚିତ । ପ୍ରତି ଲେମ୍ପର ମୂଲ୍ୟ ଟ ୫୮ ଙ୍କା । ଗୋ ୭ ଟାକୁ ଟ ୨୫ ଙ୍କା ଗୋ ୧୨ ଟାକୁ ଟ ୪୦ ଙ୍କା ।

### ପକେଟ ଷ୍ଟିକ (ବାଡ଼ି)

ଏହି ବାଡ଼ି ଜର୍ମନଦେଶୀୟ ରୂପାରେ ପ୍ରସ୍ତୁତ ହୋଇ କଲିକତାକୁ ନୂତନ ଆମଦାନୀ ହୋଇଅଛି । ଏହା ଦେଖିବାକୁ ସୁନ୍ଦର ଏବଂ ଧାରଣର ଉପଯୋଗୀ । ଏହି ବାଡ଼ି ଏପରି କୌଶଳରେ ନିର୍ମିତ ଯେ, ଏହା ପକେଟରେ ରଖାଯାଇ ପାରିବ । ପ୍ରୟୋଜନ ବେଳେ ଟାଣି ଲମ୍ବାକଲେ ବାଡ଼ି ପ୍ରସ୍ତୁତ ହେବ । ପ୍ରତ୍ୟେକ ବାଡ଼ିର ମୂଲ୍ୟ ଟ ୩, ଛଅଗୋଟାକୁ ଟ ୨୦୮ ଙ୍କା ୧୨ ଗୋଟାକୁ ଟ ୩୮ ଙ୍କା ।

### "ଗ୍ରାହକ ପ୍ରିୟ ଅଙ୍ଗୁଷ୍ଠି ।"

ଏହି ଅଙ୍ଗୁଷ୍ଠି (ମୁଦି) ଜର୍ମନଦେଶରୁ ଆଗତ, କେନେଡ଼ିଆନ ସ୍ୱର୍ଣ୍ଣରେ ଗଠିତ, ଯୋଡ଼ମିଷ୍ଟିହାର ନିର୍ମିତ, ଦେଖିବାକୁ ମନୋହର, ରଙ୍ଗ ଚକଚକ, ବ୍ୟବହାରରେ ଉଜ୍ଜ୍ୱଳତା ବୃଦ୍ଧି ହୁଏ, କଷିଲେ ୧୨୦ ଟଙ୍କା ଭରିର ସୁନା ସହିତ ସାମ୍ୟ ହେବ । ଏହା ଦେଖିଲେ କେହି ଟଙ୍କା ଖର୍ଚ୍ଚ କରି ଅସଲ ସୁନାର ମୁଦି ବ୍ୟବହାର କରିବାକୁ ମନ କରିବ ନାହିଁ, ଏହି ଜନମନୋହର ଅଙ୍ଗୁରୀୟ ସୁନ୍ଦର ମୂଲ୍ୟ ଟ ୧୪ ଙ୍କା ଅର୍ଦ୍ଧ ଡଜନକୁ ଟ ୮୮ ଙ୍କା ଏକ ଡଜନକୁ ଟ ୧୪୮ ଙ୍କା ମାତ୍ର ।

ଉପରୋକ୍ତ ସମସ୍ତ ଦ୍ରବ୍ୟ ପ୍ରାପ୍ତିର ଏକମାତ୍ର ଠିକଣା ।

ପି, ଲେଜାର୍ସ ଏଣ୍ଡ କୋମ୍ପାନୀ

୪୧—୧ ନମ୍ବର ଭବାନୀଚରଣ ଦତ୍ତସ୍ ଲେନ

କଲିକତା ।

P. LEZARS & Co.

41—1 Bhawani Ch. Dattas Lane

Calcutta.

---

## ନୂତନ ନାମାବଳୀ ।

ହିନ୍ଦୁ ମାନଙ୍କର ପ୍ରାତ୍ୟହିକ ପୂଜାସନୟରେ ଅଙ୍ଗରେ ଧାରଣକରିବାର ମନୋହରଚିତ୍ରବସ୍ତ୍ର ପରମାରାଧ୍ୟ ଶ୍ରୀକୃଷ୍ଣଙ୍କର ପାଦପଦ୍ମ ଏବଂ ଓଡ଼ିଆ ଓ ବଙ୍ଗଳା ଅକ୍ଷରରେ ଅନେକନାମ ଓ ମହାମ- ନ୍ତ୍ରସହିତ ପକ୍କା ନାଲରଙ୍ଗରେ ଛାପାହୋଇ ଏଠାରେ ବିକ୍ରୟ ହେଉଅଛି ଓଡ଼ିଆରେ ଏହା ପ୍ରଥମପ୍ରକାଶିତ । ବୃନ୍ଦାବନରୁ ଆସୁଥିବା ନାମାବ- ଳୀଠାରୁ ଉତ୍କୃଷ୍ଟ, ଦେଖିବା ମାତ୍ରକେ ଜଣାଯିବ ଏଥିପୂର୍ବେ ଯେ କଳା ଓ ମାଟିଆରଙ୍ଗରେ ଛାପା ହେଉଥିଲା ଗ୍ରାହକେ ଏହାକୁ ସେରୂପ ଥିବାର ମନେ କରିବେ ନାହିଁ । ଲମ୍ବ ଗଜେକ ଓସାର ଦୁଇହାତ, ମୂଲ୍ୟ ଖଣ୍ଡ ୧ ପ୍ରତି ଟ ୧୮ ମୋଫସଲ ଗ୍ରାହକମାନଙ୍କୁ ଖଣ୍ଡପ୍ରତି ଟ ॰ । ଲେଖାଏଁ ଡାକଖର୍ଚ୍ଚା ପଡ଼ିବ । ଭେଲ୍ୟୁପେବଲ ଡାକରେ ପଠାଯାଇପାରେ ।

କଟକପ୍ରିଣ୍ଟିଂ କମ୍ପାନୀ
ଯନ୍ତ୍ରାଳୟ
କଟକ
} ଶ୍ରୀ ଭଗୀରଥୀ ସାଠିଆ

---

## ଘଡିମରାମତି ।

Watches! Clocks! Time pieces

Repaired by an efficient workman the premises of the Cuttack Printing Company Charge moderate.

ନାନାପ୍ରକାର ଜେଷ୍ଟ ବଡ଼ ଘୁଣ୍ଟାଘଡ଼ି ଉତ୍ତମରୂପେ ମରାମତି ହେବା ଓ ମଧ୍ୟ ସମ- ୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

---

## ବିଚ୍ମସାହେବଙ୍କ ବଟିକା

## ( BEECHAM'S PILL. )

ଫଳ ବିବେଚନାରେ ଏକ୨ ବାକ୍ସର ମୂଲ୍ୟ ଏକ୨ ମୋହରକୁ ଶସ୍ତା ବୋଲିଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରଦ ଇତ୍ୟାଦି ବିଷାକ୍ତ ବା ଧର୍ମହାନିକର ଦ୍ରବ୍ୟ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରି- ପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପ

Digitized by srujanika@gmail.com

Split by PDF Splitter



ଦୃଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବିବିଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି-ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫାରୁଆ ଆକାର ଅନୁସାରେ ଟ ୦୵ ଟ ୦୷ ଓ ଟ ୦ ୷୵ ଅଟଇ । ଡାକଖର୍ଚ୍ଚା ପୃଥକ୍ ଦେବା-କୁ ହେବ ।

---

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଅନେକ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ବ୍ୟବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁ-ମାନେ ଆମ୍ଭଦ୍ୱାରା ଔଷଧ ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୂଲକ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରଭୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବାକୁ ସ୍ୱୀକାର କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରି-ଶ୍ରମନିମନ୍ତେ ଶତକରା ଟ ୬। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । କେଉଂ ବା ଇନସପିସିଏନ୍ସ ପଞ୍ଚ ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଡୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ଟଙ୍କା, କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

## ପରୀକ୍ଷିତ ଓ ପ୍ରୟୋଜନୀୟଔଷଧ ।

୧ । ପାରିଜାତ ତୈଳ—ଏହା ବ୍ୟବହାର କଲେ ମସ୍ତ-କର ଜଣ୍ଡ ଓ ଉଷ୍ଣତାନିବନ୍ଧନ ହୋଇ କେଶ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ଚାରିଅଣା ମାତ୍ର ।

୨ । ଦନ୍ତଶୂଳାରଣ—ଦାନ୍ତ ଶୂଳାରଣ ସବୁ ଶଳ୍କ ପ୍ର-ୟୋଗ କାଲେ ଜ୍ୱାଳା ଯନ୍ତ୍ରଣା କ୍ଷଣମାତ୍ରକେ ଜଣା ଯାଏ ନାହିଁ । ପ୍ରତିଶିଶିର ମୂଲ୍ୟ ଦୁଇଅଣା ମାତ୍ର ।

୩ । ଶୂଳସଂହାରଣୀ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁଶୂଳ ( ଅମାବାତ ) ଓ ତନ୍ନିବନ୍ଧ ଅନ୍ୟ ଯନ୍ତ୍ରଣାଦାୟକ-ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷ-ଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଶୋଧକ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ଚକ୍ଷୁଗତ ପିତ୍ତରୋଗ ଓ ଦୁର୍ବଳତା ନିବାରିତ ହୁଏ ।

ଏହା ନିର୍ଦ୍ଦୋଷ ଜଳେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ୨ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବ-ନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜମସାଗର ଅରିଷ୍ଟ—ଏହା ସେବନ କଲେ ନୂଆ ଦେଶୀୟ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଲାଜ୍ୱର, ପୁରାତନ ଓ ଜଙ୍ଗଲ ଓ ପାର୍ବତୀୟ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିଦ୍ରାଜନିତ କ୍ଳାନ୍ତି, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ବଳ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଅତିଶୁଦ୍ଧ ଆହା-ର, କଦାହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାରକ୍ଷତ, କଣ୍ଡୁରା, ଗାତ୍ର ଗଣ୍ଡିବେଦନା, କେତୁ ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦିରୋଗ ଓ ଲକ୍ଷଣମାନ ଏହା ବ୍ୟବହାର କଲେ ନିରୋଗିତ ହୋଇ ମାନବଦେହ ନବ-ଯୌବନ ଲାଭ ଓ ଶୋଭାଯୁକ୍ତ ହୁଏ । ଗ୍ରୀଷ୍ମପ୍ରଧାନରେ ମଧ୍ୟ ବଳା-ଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବ୍ରଣ ଓ କ୍ଷତାଦି ଏହା ସେବନେ ଆରୋଗ୍ୟ ହୁଏ । କାଳ ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା

କାଲୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

---

## ବାଲିକାଗଞ୍ଜ ।

ଉଲିନ୍ଦଶିତ ରାସ୍ତା ଦକ୍ଷିଣରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବାଣୀ ନଳଙ୍କଠୁ ବାବୁ ଅନ୍ତର୍ଗତ କର ଜମାରାଜ ଯୋଗାଣରେ ବିକ୍ରୟ ହେବ ଅଛି ଯଥା—

| | | | | |
|---|---|---|---|---|
| ୧୧ | ପଟି | ଚାଉ | ୦ ୧୯ । ୧୩ | ୫୧୯ । ୧୫ |
| ୧୨ | ପଟି | " | " । ୨ | " । ୧୧ |
| ୧୨ | ପଟି | " | " । ୨ | " । ୦ |
| ୨୧ | ପଟି ଉଲିନ୍ଦପ୍ରଦେଶର | " । ୮ | | " । ୦ । ୦ |

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ପ୍ରତିଷ୍ଠିତ ବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ତନ୍ତୁବଣ୍ଟା ଓ ଭଲ ୨ ରେଶମୀଓଳେର ଲୁଗା ଓ ଷ୍ଟେସନେରୀ ଓ ଜନ-ରଲ ଗୁଡ୍ସ ଇତ୍ୟାଦିର ବିକ୍ରୟ ହେଉ ଅଛି ଛାତ୍ରା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଉଚିତ ଅଛି । ତଦ୍ଭିନ୍ନ ଅନେକପ୍ରକାର ପୈତ୍ରିକ ଭିଟାରାଜ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ହୁଏ ଦୋକାନରେ ଅନେ-ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ଥାଉଛେ ।

## ବିଜ୍ଞାପନ ।

ଏ ଜାଗାରୁ କେଉଁଠାରି ଯାଇଁରେ ଭଜି ନିଅଁ ରେ ଭିଡ଼ିଯାଉ ଭୋଜାଖଙ୍କର ଫାଟକେ ଦେଲେ ପାଣିଗଲା ଭଳି ହେବ ଭରିଷ ନାହିଁ ଅଲେ ଲେପିଦେଲେ ମଜିବୁର ହେବ ଓ ଭରି ଧରିବ ନାହିଁ ।

ତରିଲ ଉମଭା ଓ ଥାନରେ କଣାଇବାକୁ ଜାନ ମଧ୍ୟ ଅଛି ।

ଅନନ୍ତକୃତ ଦାଶ ବଣାନ୍ତ

---

ଉତ୍କଳଦୀପିକାର ଅଗ୍ରିମ ମୂଲ୍ୟଦାତାଙ୍କ ଅର୍ଥ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରତିବର୍ଷର ସହିତ

| | |
|---|---|
| ଆଗିମ୍ବ୍ରିତ | ଟ ୩୷ |
| ଅର୍ଦ୍ଧମ୍ବ୍ରୁ | ଟ ୨୷ |
| ବର୍ଷ ଏକ ସ୍ତୁମ୍ବୁ | ଟ ୩୵ |

ମାତ୍ର କୌଣସି ଗ୍ରାହକ ଯେବେ ଅଗ୍ରିମ ଦେଲେ ଡାକଖର୍ଚ୍ଚା ଟ ୦୵ ର ଭଣା ଦେବ ନାହିଁ ।

ଦ୍ୱୀପ ଓ ଜଳପଥର ସକାଶେ ଖର୍ଚ୍ଚା ପ୍ରତି-ଅଗ୍ରିମ ଦେବା ଓ ଦ୍ୱିଗୁଣ ଯଥାନିୟମେ ହେବ ।

ଅଗ୍ରିମ ଦାନର ସକାଶେ ସୁବିଧା ବନ୍ଦୋବସ୍ତ ହୋଇଥାଉଛି ।

ଗ୍ରାହକର ମୂଲ୍ୟ ଡାକ୍ତରମାନଙ୍କ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୭ ଶ
ସଂ ୩୯ ସଂଖ୍ୟା

ତା ୧୭ ଦିନ ମାହେ ବୃଷଭ ଅଙ୍କ ୧୮୧୨ ଶକାବ୍ଦ । ମୂ । ପୌଷ ଦ ୮ ଜୁନ ୧୮୦୦ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦ୍ଦେୟ ଟ ୬୯

ସମ୍ପ୍ରତି ଶଶିଭୂଷଣ ସର୍ବାଧିକାରୀ ନାମଧେୟ ଏକଜଣ ବିଲାତପ୍ରତ୍ୟାଗତ ଯୁବକ ପ୍ରାୟଶ୍ଚିତ୍ତ କରି ହିନ୍ଦୁସମାଜରେ ପ୍ରବେଶ କରିଅଛନ୍ତି ଓ ଶୋଭାବଜାରସ୍ଥ ମୃତ ଡେପୁଟୀ ମାଜିଷ୍ଟ୍ରେଟ ବାବୁ ଜ୍ଞାନେନ୍ଦ୍ରନାଥଙ୍କ କନ୍ୟାଙ୍କୁ ହିନ୍ଦୁମତରେ ବିବାହ ହୋଇଅଛନ୍ତି । ଯୁବକ ବାବୁ ବିଲାତରେ ଇଞ୍ଜିନିୟରିଂ ଓ ବାରିଷ୍ଟରୀ ପାଶ କରି ଏବଂ ଆମେରିକା ଓ ଇଉରୋପର ନାନାସ୍ଥାନ ଭ୍ରମଣ କରି ଲାହୋରରେ ବାରିଷ୍ଟରୀ କାର୍ଯ୍ୟ କରୁଅଛନ୍ତି ।

---

ଅଲ୍ଲାହାବାଦର ଜାତୀୟ ମହାସମିତି ଚଳିତ ମାସ ତା ୨୮ ରିଖରେ ଆରମ୍ଭ ହେବ । ମାନ୍ଦ୍ରାଜର ପ୍ରତିନିଧିମାନଙ୍କ ଆଗମନରେ ବିଳମ୍ବ ହେବାହେତୁ ଦୁଇଦିନ ପଛକୁ ଘୁଞ୍ଚିଗଲା । ଏଥର ଅଧିବେଶନରେ ପାର୍ଲିୟାମେଣ୍ଟର ସଭ୍ୟ ସ୍ମାର୍ଟ ସାହେବ ଉପସ୍ଥିତ ହେବେ । ଶ୍ରୀଯୁକ୍ତ ଦାଦାଭାଇ ନୌରଜି ବିଲାତରୁ ଆସି ପାରିବା ଅସମ୍ଭବ ହେତୁ ସଭାପତି ହେବାକୁ ନାରାଜ ହେଲେ । ଶ୍ରୀଯୁକ୍ତ ସାର ରମେଶଚନ୍ଦ୍ର ମିତ୍ରଙ୍କ ଶାରୀରିକ ଅସୁସ୍ଥତାହେତୁ ସେ ସଭାପତି ହେବାକୁ ଅସମର୍ଥ ଥିବାର ଜଣାଇଛନ୍ତି ବର୍ତ୍ତମାନ ଶ୍ରୀଯୁକ୍ତ ଡବ୍ଲ୍ୟୁ, ସି, ବନର୍ଜି ମହାଶୟ ଉକ୍ତ ପଦଗ୍ରହଣରେ ଅନୁରୁଦ୍ଧ ହୋଇ ଅଛନ୍ତି ।

---

କୃଷ୍ଣବଲ୍ଲଭସମ୍ବନ୍ଧରେ ବଙ୍ଗଦେଶରେ ଟିକା ଲାଗିଲ ପଡ଼ିଅଛି । ଜୁରି ପ୍ରଚଳିତ ସ୍ଥାନମାନଙ୍କରେ ପ୍ରତିବାଦସଭାମାନ ହୋଇ ଗଲାଣି କେବଳ କଲିକତାସହରରେ ସଭା ହେବାର ଆୟୋଜନ ଲାଗିଅଛି । ମାତ୍ର ଶୁଣାଯାଏ ଆୟୋଜନ "ଷ୍ଟେଟ୍ସମ୍ୟାନ୍" ପ୍ରାପ୍ତ ହୋଇଅଛି । ମହାରାଜା ସାର ଯୋତୀନ୍ଦ୍ରମୋହନ ଓ ମହାରାଜା ଦୁର୍ଗାଚରଣ ଲାହା ବଡ଼ଲାଟ ବାହାଦୁରଙ୍କ ସାକ୍ଷାତ କରିବାକୁ ଯାଇ କିଛି ଆଶ୍ୱାସନା ପ୍ରାପ୍ତ ହୋଇଅଛନ୍ତି । ବଡ଼ଲାଟ ବାହାଦୁର ପୁନର୍ବିବେଚନା କରିବାକୁ ଇଚ୍ଛା ପ୍ରକାଶ କରିଅଛନ୍ତି ଓ ବଙ୍ଗବାସୀ ତାଙ୍କ ବାକ୍ୟରେ ସନ୍ତୁଷ୍ଟ ଅଛନ୍ତି । ଫଳରେ ଇଲ୍‌ବର୍ଟ ବିଲର ଶେଷ ମୀମାଂସାପରି ହେବକି ?

---

ବାହୁବାରୁ ଅବଗତ ହେଲୁଁ ଯେ ଅମ୍ଭମାନଙ୍କର ମାନନୀୟ କମିଶନର ବାଲେଶ୍ୱରସ୍ଥ ଦୁଃଖି-ଲୋକଙ୍କ ଗୁହାରରେ ତତ୍ରସ୍ଥ ମିଉନିସିପାଲିଟୀରେ ଯେଉଁମାନଙ୍କର ପାଏଖାନା ନାହିଁ ସେମାନଙ୍କ ଉପରେ ପାଏଖାନା ଟାକ୍ସ ଧାର୍ଯ୍ୟ ହେବା ଉଚିତ ନୁହେ ଏହି ମନ୍ତବ୍ୟ ମିଉନିସିପାଲ ଅଫିସ ତଦନ୍ତ କରି ଲେଖିଅଛନ୍ତି । ବାସ୍ତବିକ ପାଏଖାନା ନ ଥିବା ଗରିବମାନଙ୍କପ୍ରତି ଏ ଟାକ୍ସ କଷ୍ଟଜନକ ହୋଇଅଛି ସେମାନେ ଏ ଟାକ୍ସରୁ ଅବ୍ୟାହତି ପାଇବାର ଯୋଗ୍ୟପାତ୍ର । ଅଥଚ ଅବ୍ୟାହତି ନ ହେଲେ ସୁଦ୍ଧା ମିଉନିସିପାଲ କମିଶନରମାନଙ୍କର ବିଚାରକ୍ଷମତା ଓ ସହୃଦୟତା ଅଛି । କଟକରେ ଲୋକେ ତଦନୁରୂପ କଷ୍ଟ ଅନୁଭବ କରୁଛନ୍ତି କି ନ ଖବର କାହିଁ ?

---

ଏବର୍ଷ ସେଣ୍ଟ ଏଣ୍ଡ୍ରୁ ଭୋଜ ଯଥାରୀତିରେ କଲିକତାସ୍ଥ ଟାଉନହଲରେ ସମ୍ପନ୍ନ ହୋଇଅଛି । ବଡ଼ଲାଟ ଦପ୍ତରର ସେକ୍ରେଟରୀ ଲାୟାଲ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ରାଜପୁରୁଷ ସଭାପତି ହେଲେ ରାଜନୈତିକ ବିଷୟର ନିରପେକ୍ଷ ଭାବରେ ଆଲୋଚନା ହେବା ଅସମ୍ଭବ । ବେସରକାରୀ ଲୋକ କେହି ପୂର୍ବ ବର୍ଷ ପରି ସଭାପତିର ଆସନରେ ଉପବିଷ୍ଟ ହୋଇଥିଲେ ଛୋଟଲାଟ ବାହାଦୁରଙ୍କ ମୁଖରୁ ନିତାନ୍ତ ପକ୍ଷେ ଜୁରି ବିଚାରସମ୍ବନ୍ଧୀୟ କଥା କିଛି ଶୁଣା ଯାଇ ଥାନ୍ତା କିନ୍ତୁ ସମାଗତ ଲୋକେ ତାହା ଶୁଣିବାକୁ ଉତ୍ସୁକ ଥିଲେ ହେଁ ହେବ ନିରାଶ ହେଲେ । ଭୋଜରେ କୌଣସି ବିଶେଷ ରାଜନୈତିକ କଥା ନ ଥିବାରୁ ସାଧାରଣ କୌଣସି ଆଲୋଚ୍ୟ ବିଷୟ ପାଇ ଗଲା ନାହିଁ ।

---

ବାଲେଶ୍ୱରସ୍ଥ ଫସିଡ଼ଙ୍ଗାସମ୍ବନ୍ଧରେ ଯେଉଁ ମୋକଦ୍ଦମା ରାଜା ବୈକୁଣ୍ଠନାଥଦେ ବାହାଦୁରଙ୍କ ନାମରେ ଆଗତ ହୋଇଥିଲା କାର୍ଯ୍ୟବିଧି ଅଇନର ଦ ୨୦୩ ଧାରାନୁସାରେ ଉକ୍ତ ମୋକଦ୍ଦମା ଡିସମିସ ହେଲା । ରାଜା ବାହାଦୁରଙ୍କ ନିକଟରୁ କେବଳ କୈଫିୟତ ତଲବ ହୋଇ ଥିଲା । ଇଜାରାଦାରଙ୍କର କୌଣସି ବିଚାରକ୍ଷମତା ନ

Digitized by srujanika@gmail.com

ଥିବାର ଚନ୍ଦନନଗରସ୍ଥ ଫରାସୀସଗବର୍ଣ୍ଣମେଣ୍ଟଙ୍କ ଠାରୁ ଯେଉଁ ଟେଲିଗ୍ରାମ ଆସିଥିଲା ସେଥିର କାର୍ଯ୍ୟ କ'ଣ ହେଲା କିଛି ଜଣାଗଲା ନାହିଁ । ଇଜଗବାର ଯେଉଁ ସ୍ଥାନରେ ଧୃତ ହୋଇଥିଲା ତାହା ଇଂରାଜରାଜ୍ୟ ଥିବାର ପ୍ରମାଣ ହେବାରୁ ଆସାମିମାନେ ମୁକ୍ତିଲାଭ କଲେ । ରାଜା ବାହାଦୁରଙ୍କର ଧାରଣା ଯେ ତାହା ଫରାସିସରାଜ୍ୟଭୁକ୍ତ । ଭୁଲରେ ଆପଣାକୁ ଆଇନମୂଳକ ବାଧ ଜାଣି କାର୍ଯ୍ୟ କରିଥିବାରୁ ଅପରାଧ ଦଣ୍ଡବିଧିଆଇନର ଦ ୭୭ ଫାନୁସାରେ ଆସିବା ହାକିମ କ୍ଷମା କରି କାର୍ଯ୍ୟବିଧି ଆଇନର ଦ ୨୦୩ ଦଫାନୁଯାୟୀ ମୋକଦ୍ଦମା ଡିସମିସ କରିଅଛନ୍ତି । ରାଜାବାହାଦୁର ମାଇନର ଏବଂ ଅଜ୍ଞ ଲୋକ ଥିବାସ୍ଥଳେ ତାଙ୍କପ୍ରତି ଏପରି ବିଚାର ହେବା ଆମ୍ଭମାନଙ୍କୁ ନ୍ୟାୟସଙ୍ଗତ ବୋଧ ହେଉ ନାହିଁ ।

---

କଲିକତା-ଗେଜେଟରେ ଯେଉଁ ବିଜ୍ଞାପନ ପ୍ରକାଶକର ଲେଫ୍ଟେନାଣ୍ଟ ସାର ଚାର୍ଲସ ଇଲିୟଟ ଜୁଆ ପ୍ରଥା ରହିତ କରିଅଛନ୍ତି ସେହି ଆଦେଶ-ବିରୁଦ୍ଧରେ ପ୍ରତିବାଦ କରିବାନିମନ୍ତେ କଲିକତାରେ ଏକ ମହତୀ ସଭାର ଆୟୋଜନ ହେଉଅଛି । କଲିକତାର ବଡ଼ ବଡ଼ ବାରିଷ୍ଟର ଏଟର୍ଣ୍ଣି ଅନ୍ୟାନ୍ୟ ଦେଶୀ ଓ ଇଂରେଜ ଭଦ୍ରଲୋକମାନେ ଏଥିରେ ଯୋଗ ପ୍ରଦାନ କରିଅଛନ୍ତି । ପାର୍ଲିୟାମେଣ୍ଟର ଜଣେ ସଭ୍ୟଠାରୁ ଅମୃତବଜାର ପତ୍ରିକା ନିମ୍ନଲିଖିତଭାବରେ ଏକଖଣ୍ଡ ପତ୍ର ପାଇଅଛନ୍ତି । କଲିକତାସ୍ଥ ଭାରତହିତାକାଂକ୍ଷୀମାନେ କଲିକତାସ୍ଥ ଭାରତବର୍ଷର ସମ୍ପାଦକଙ୍କଠାରୁ ଓ ଟାଇମସ୍ ପତ୍ର ଜୁଆପ୍ରଥା ଉଠିଯିବାର କଥା ଅବଗତ ହୋଇ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛନ୍ତି । କଲିକତାସ୍ଥ ଡେଲିନିଉସ ଓ ଅନ୍ୟାନ୍ୟ ପ୍ରଧାନ କାଗଜମାନ ଏଥି ବିରୁଦ୍ଧରେ ମତ ପ୍ରକାଶ କରିଅଛନ୍ତି । ଓ ପାର୍ଲିୟାମେଣ୍ଟ ବସିଲେ ସାର ଚାର୍ଲସ ଇଲିୟଟଙ୍କ ଅନୁପଯୁକ୍ତତା ବିଷୟର ପ୍ରମାଣସ୍ୱରୂପ ପାର୍ଲିୟାମେଣ୍ଟଙ୍କୁ ଜଣାଇବାକୁ ହେବ । ଜୁଆପ୍ରଥା ରହିତ କରି ଲେଫ୍ଟେନାଣ୍ଟବାହାଦୁରଙ୍କ କୀର୍ତ୍ତି ଚତୁର୍ଦ୍ଦିଗେ ଘୋଷିତ ହେଉଅଛି । ପୁଣି ଶୁଣାଯାଉଅଛି ଯେ ସମ୍ବାଦପତ୍ର-ସମ୍ବନ୍ଧରେ ସେ ଏକ ପାଣ୍ଡୁଲିପି ପ୍ରସ୍ତୁତ କରୁଅଛନ୍ତି । ଏହା ସତ୍ୟ ହେଲେ ବର୍ତ୍ତମାନ ଶାସନକର୍ତ୍ତାଙ୍କ କୀର୍ତ୍ତି ଅନେକଗୁଣରେ ହେବ ଓ ମଧ୍ୟ ଇତିହାସରେ ସଞ୍ଚିତ ହୋଇ ରହିବ ।

---

କାପ୍ତାନ ହ୍ୟାର୍ସେଙ୍କ ପରିଚୟ ବିଶେଷ ଜଣାଇବାର ପ୍ରୟୋଜନ ନାହିଁ । ଏ ମହାତ୍ମା କାଶୀର ଦେବାଳୟ ଓ ଜେଗର ମିଉନିସିପେଲ ଟାକ୍ସରୁ ଅବ୍ୟାହତି ନିମନ୍ତେ ଯତ୍ନ କରିଥିଲେ । ଏହି ଉପଲକ୍ଷରେ ଉତ୍ତର ପଶ୍ଚିମ ପ୍ରଦେଶର ଲେଫ୍ଟେନାଣ୍ଟ ବାହାଦୁର ସାର ଅକଲଣ୍ଡ କଲଭିନ କାର୍ଯ୍ୟରୁ ଅବସର ଗ୍ରହଣ କରି କାଶୀ ପରିତ୍ୟାଗ କାଳରେ କାପ୍ତେନ ହ୍ୟାର୍ସେଙ୍କ ବିରୁଦ୍ଧରେ କିଛି କହିଥିବାରୁ କାପ୍ତେନ ମାନହାନିର ମୋକଦ୍ଦମା ଦାଏର କରି କାଶୀର ମାଜିଷ୍ଟ୍ରେଟଙ୍କ ନିକଟରେ ୱାରେଣ୍ଟଦ୍ୱାରା ସାର ଅକଲଣ୍ଡଙ୍କୁ ଗ୍ରେପ୍ତାର କରିବାର ପ୍ରାର୍ଥନା କରିଥିଲେ କିନ୍ତୁ ମାଜିଷ୍ଟ୍ରେଟ ପ୍ରାର୍ଥନା ଅଗ୍ରାହ୍ୟ କଲେ । କାପ୍ତାନ ନାଛୋଡ଼ବନ୍ଦା ମାଜିଷ୍ଟ୍ରେଟଙ୍କ ଆଦେଶ ବିରୁଦ୍ଧରେ ହାଇକୋର୍ଟରେ ଅପିଲ ଦାଏର କଲେ ହାଇକୋର୍ଟର ପ୍ରଧାନ ବିଚାରପତି ମୀମାଂସା କଲେ ସାର ଅକଲଣ୍ଡ କପ୍ତାନଙ୍କ ବିରୁଦ୍ଧରେ କହିଥିବା କଥାର ବିଶିଷ୍ଟ ପ୍ରମାଣ ପ୍ରୟୋଗ ହୋଇ ନ ଥିବାରୁ ବିଚାରକ ଦଣ୍ଡବିଧି ଆଇନର ୪୯୯ ଓ ୫୦୪ ଧାରାର ମୋକଦ୍ଦମା ଅଗ୍ରାହ୍ୟ କରିଛନ୍ତି କେଣେ ସର ଅକଲଣ୍ଡ ଭୟରେ ଇଂରେଜଙ୍କ ଜାହାଜରେ ଆରୋହଣ ନ କରି ଅଷ୍ଟ୍ରିୟା-ଦେଶୀୟ ଜାହାଜରେ ଗମନ କରିଅଛନ୍ତି କାରଣ ଗବର୍ଣ୍ଣମେଣ୍ଟଙ୍କ କୌଣସି କର୍ମଚାରୀ ୱାରେଣ୍ଟ ଜାରି କରି ପାରିବେ ନାହିଁ । କାପ୍ତାନ ହ୍ୟାର୍ସେ କାଶୀର ମାଜିଷ୍ଟ୍ରେଟଙ୍କ ସାକ୍ଷ୍ୟ କରି ପୁନର୍ବାର ହାଇକୋର୍ଟରେ ନାଲିଶ ଦାଏର କରିବାକୁ ମନ କଲାଇଛନ୍ତି । ବାସ୍ତବିକ କପ୍ତାନ ନାଛୋଡ଼ବନ୍ଦା ।

---

ଭାରତସୀମାନ୍ତ ଚିତ୍ରାଲରାଜ୍ୟରେ ଗୋଳମାଳ ଉପସ୍ଥିତ ହୋଇ ଥିବାର ସମ୍ବାଦ ମିଳଇ । ସେଠା ଅଧିପତିଙ୍କୁ ମେହତର ବୋଲନ୍ତି । ବର୍ତ୍ତମାନ ମେହତର ଆଫଜୁଲ ଉଲମୁଲ୍କ ହତ ହୋଇ ଅଛନ୍ତି ଏବଂ ତାଙ୍କର ଖୁଡ଼ୁତା ସେର ଅଫଜୁଲ ଚିତ୍ରାଲର ଗଦି ଅଧିକାର କରି ଅଛନ୍ତି । ସେର ଅଫଜୁଲ ଆଫଗାନିସ୍ତାନରେ ଆଶ୍ରୟ ନେଇ ଥିଲେ ଏବଂ ରୁଦାକ୍ଷ୍ୟାକରୁ ସେ ଚିତ୍ରାଲକୁ ଆସୁଥିବା ବିଷୟ ଅଫଜୁଲ ମୁଲ୍କଙ୍କୁ ଜଣାଇ ଦିଆ ଯାଇ ଥିଲେହେଁ ସେ ତହିଁରେ ଦୃକ୍‌ପାତ କଲେ ନାହିଁ ସେର ଅଫଜୁଲ ବିଶ୍ୱାସଘାତକତା ଆଚରଣ କରି ହଠାତ୍ ସହରେ ଚିତ୍ରାଲନଗରରେ ଉପସ୍ଥିତ ହୋଇ ଭ୍ରାତୁଷ୍ପୁତ୍ରଙ୍କୁ ମାରି ଗଦି ଅଧିକାର କରିଅଛନ୍ତି । ମୃତ ମେହତରଙ୍କ ଭାଇ ଗୋଲାମ ବେନୁଅର ଠାରୁ ପଳାଇଯାଇ ଉମରାଖାଁଙ୍କ ସାହାଯ୍ୟ ଲୋଡ଼ୁ ଅଛନ୍ତି । ଇଂରାଜ ରେସିଡେଣ୍ଟ ଏ ସମୟରେ ସେଠାରେ ଉପସ୍ଥିତ ଥିଲେ । ତାଙ୍କ ରିପୋର୍ଟ ପହୁଞ୍ଚିଲେ ଗବର୍ଣ୍ଣମେଣ୍ଟ କ'ଣ କରିବେ ଦେଖାଯିବ ।

ଏଥିଉତ୍ତାରୁ ଯେ ସମସ୍ତ ସମ୍ବାଦ ପାଆଯାଉଅଛି ତାହା ସନ୍ତୋଷଜନକ ନୁହଇ । ଗିଲଗିଟ-ଠାରୁ ବସିଥିବା ତାର କଙ୍ଗାଲଜାତିମାନେ ଠାବେ ଠାବେ କାଟି ଦେଇଥିବାରୁ ନିଶ୍ଚିତ ସମ୍ବାଦ ଶୀଘ୍ର ମିଳୁ ନାହିଁ । କଥିତ ହେଉଏ ନିଜାମ ଉଲ୍‌ମୁଲ୍କ ପ୍ରବୃତ୍ତବଳରେ ପ୍ରଧାନନଗର ଅଭିମୁଖେ ଯାତ୍ରା କରିଥିଲେ କେହି କେହି କହୁଅଛନ୍ତି ସେର ଅଫଜୁଲ ନଗର ଛାଡି ପଳାଇ ଯାଇଅଛନ୍ତି ଏବଂ ନିଜାମ ଗଦି ଅଧିକାର କରିଅଛନ୍ତି । ମାଷ ଏଥିର ନିଷ୍ଟ ସମ୍ବାଦ କିଛି ପାଆ ଯାଉ ନାହିଁ । କେଣେ ଝାନୋଲର ଉମରାଖାଁ ଦରୋଷ ଦୁର୍ଗ ଆକ୍ରମଣ କରିଥିଲେ ମାତ୍ର କୃତାର୍ଥ ହୋଇ ପାରି ନାହାନ୍ତି । ସେର ଅଫଜୁଲ ଚିତ୍ରାଲଗଦି ଅଧିକାର କରିବାର ଶୁଣି କଲିକତାର ଟାଇମସ୍-ପତ୍ରିକା ଲେଖିଥିଲେ ଯେ ସେର ଅଫଜୁଲ ଭାରତଗବର୍ଣ୍ଣମେଣ୍ଟଙ୍କ ପକ୍ଷପାତୀ ହେଲେ ସେଠା ବିଷୟରେ ହସ୍ତକ୍ଷେପ କରିବା ଉଚିତ ନୁହଇ । ନିଜାମ ଉଲମୁଲ୍କ ମଧ୍ୟ ଇଂରାଜଗବର୍ଣ୍ଣମେଣ୍ଟଙ୍କ ପକ୍ଷପାତୀ ଅଟନ୍ତି । ଅଫଜୁଲ ଉଲମୁଲ୍କଙ୍କ ପରେ ତାଙ୍କପୁତ୍ର ନିଜାମଗଦି ପାଇବାର ହକଦାର ହେଲେହେଁ ସେର ଅଫଜୁଲ ଇଂରାଜଙ୍କ ଶରଣାପନ୍ନ ଲୋକ ଅଟନ୍ତି । ଦେଖାଯାଉ କଥା କେତେ ଦୂର ଯାଉଅଛି ।

---

ବ୍ରିଟିସ୍ ଇଣ୍ଡିଆନସଭାର ପ୍ରାର୍ଥନାନୁସାରେ ଗବର୍ଣ୍ଣମେଣ୍ଟ ହରିଦ୍ୱାରମେଳାର ଅତ୍ୟାଚାର ତଦାରଖ ନିମନ୍ତେ ଏକ କମିଶନ ବସାଇଥିଲେ । କମିଶନ ବିଗତ ଅଗଷ୍ଟମାସର ତା ୫ ରିଖଠାରୁ ସେପ୍ଟେମ୍ବର ତା ୨୩ ରିଖ ପର୍ଯ୍ୟନ୍ତ ୧୯୨ ଜଣ ସାକ୍ଷିଙ୍କ ଜବାନବନ୍ଦୀ ଗ୍ରହଣ କରିଅଛନ୍ତି । ଏମାନଙ୍କ ମଧ୍ୟରୁ ଜ ୧୬୩ ଣ ବ୍ରିଟିସ୍ ଇଣ୍ଡିଆନ ସଭାର ଓ ଜ ୨୯ ଣ ସରକର୍ମଚାରୀଙ୍କ ସପକ୍ଷ ସାକ୍ଷୀ ଥିଲେ । ମେଳାର ଅତ୍ୟାଚାର ବିଶେଷରୂପେ ବର୍ଣ୍ଣନା କରିବାର ପ୍ରୟୋଜନ ନାହିଁ । ଏହା ପାଠକମାନେ ପୂର୍ବରୁ ଅବଗତ

Digitized by srujanika@gmail.com

ଅଛନ୍ତି । ଦେବମୂର୍ତ୍ତି ଓ ଶ୍ରୀକର ଘଣ୍ଟ ପଦାଘାତରେ ଦଳନ କରି ଓ ଅନ୍ୟାନ୍ୟ ପ୍ରକାର ଅତ୍ୟାଚାରଦ୍ୱାରା ରାଜକର୍ମଚାରୀମାନେ ଯାତ୍ରୀମାନଙ୍କୁ ଦଣ୍ଡ ଦେଇଥିବାରୁ ଏହି ବିଷୟ ତଦନ୍ତ ନିମନ୍ତେ କମିଶନ ବସିଥିଲା । ଯାତ୍ରିମାନଙ୍କ ପକ୍ଷରୁ ବ୍ରିଟିସ ଭାରତସଭା ବାଦୀ ଅତ୍ୟାଚାରକାରୀ ରାଜକର୍ମଚାରୀଙ୍କ ପକ୍ଷ ସରକାର ବାହାଦୂର ପ୍ରତିବାଦୀ ଓ ନିଦନ୍ତକାରୀ ସରକାରଙ୍କଦ୍ୱାରା ପ୍ରେରିତ ରାଜକର୍ମଚାରୀ କମିଶନ । ସୁତରାଂ ତଦନ୍ତର ଫଳ ଯାହା ହେବ ପାଠକେ ଅନୁମାନ କରନ୍ତୁ । କମିଶନଙ୍କ ରିପୋର୍ଟରେ ପ୍ରକାଶ ଯେ ସମସ୍ତ ଅଭିଯୋଗ ମିଥ୍ୟା ଓ ଅମୂଳକ । ରିପୋର୍ଟର ଆଭାସ ଗୋଟିଏ ଦୃଷ୍ଟାନ୍ତରୁ ପାଠକେ ବୁଝିବେ । ସରଦାର ଲଛମନସିଂହର ମାଡରେ ଚରଣସିଂହର ମୃତ୍ୟୁ ହେବା ଅଭିଯୋଗ ମିଥ୍ୟା । ଚରଣସିଂହ କଥା ଶୁଣିନା ନାହିଁ । ଏଣୁକରି ଲଛମନ ତାକୁ ଗୁଳିକରେ ପ୍ରହାର କରିଥିଲା ପ୍ରହାରରେ ଦୁଇସ୍ଥାନରେ ଦାଗ ବସିଥିଲା ସତ୍ୟ କିନ୍ତୁ ସେଥିରେ ମରି ନାହିଁ, ମଲା ଝାଡ଼ାବାନ୍ତିରେ । ଚରଣସିଂହର ବାପ, ଭାଇ ଓ ଅନ୍ୟ ଦୁଇଜଣ ପ୍ରହାରରେ ଚରଣ ମରିଥିବା କଥା କହୁଥିଲେ କିନ୍ତୁ ପୋଲିସର ଚୌକିଦାର ଦୁଇଜଣ ଚରଣ ଝାଡ଼ାବାନ୍ତିରେ ମରିଥିବା କଥା ପୋଲିସରେ ଲେଖାଇଥିଲେ । ଚୌକିଦାରଙ୍କ କଥା ଅଖଣ୍ଡନୀୟ । ଅତଏବ ଅଭିଯୋଗ ମିଥ୍ୟା ?

କମିଶନ ରିପୋର୍ଟରେ ଉତ୍ତରପଶ୍ଚିମାଞ୍ଚଳର ଲେପ୍ଟେନାଣ୍ଟ ସାର ଅକଲଣ୍ଡକଲଭିନ ସନ୍ତୋଷ ପ୍ରକାଶ କରି ମେଲା ଅତ୍ୟାଚାର ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଥିବାର କହି ବ୍ରିଟିସସଭାକୁ ଭର୍ତ୍ସନା କରିଅଛନ୍ତି । ଫଳ ଯାହା ହେବାର ତାହା ପୂର୍ବରୁ ଅନୁମିତ ହୋଇଥିଲା । ଯାହା ହେଉ ସଭାର କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସାର୍ହ । ସରକାରଙ୍କ ବିରୁଦ୍ଧରେ ଏପରି ମୋକଦମା ଚଳାଇବା ସତ୍ତ୍ୱ ସାହସର କଥା ତହିଁରେ ପୁଣି ସଭା ପ୍ରତିନିଧି ପ୍ରେରଣକର ବହୁଦୂରସ୍ଥିତ ଅପରିଚିତ ସ୍ଥାନରେ ମୋକଦମା ଚଳାଇବାରେ ଅଧିକତର କାର୍ଯ୍ୟତତ୍ପରତା ପ୍ରଦର୍ଶାଇ ଥିଲେ ।

---

ବଙ୍ଗଳର ଅବକାରୀର ଜମା ଗତବର୍ଷ ଟ ୧,୧୧,୨୫୮୧୦୯ ଙ୍କା ଓ ଅବକାରୀ ମହଲ୍ଲୁମାର ବ୍ୟୟ ଟ ୬୬୭୫୨୦୯ ଙ୍କା ସୁତରାଂ ନିଟ ଲାଭ ଟ ୧୦୪୬୨୨୯୦୯ ଙ୍କା ହୋଇଥିଲା । ତହିଁ ପୂର୍ବବର୍ଷ ଅପେକ୍ଷା ଗତବର୍ଷର ଆୟ ୬୦ ଲକ୍ଷ ୬୮ ହଜାର ଟଙ୍କା ଅଧିକ ଅଟଇ । କେଉଁ ମାଦକଦ୍ରବ୍ୟର ଆୟ କେତେ ନିମ୍ନେ ପ୍ରଦର୍ଶିତ ହେଲା । ଯଥା

| | ସନ ୧୮୯୦।୯୧ | ସନ ୧୮୯୧।୯୨ |
|---|---|---|
| ଦେଶିମଦ | ଟ ୪୫୮୬୭୨୨ | ଟ ୫୮୧୫୬୪୩ |
| ରମ | ଟ ୯୮୩୮୩ | ଟ ୨୨୯୯୭୨ |
| [illegible] | ଟ ୨୩୧୦୯୫ | ଟ ୨୨୩୬୪୪ |
| ତାଡି | ଟ ୮୪୫୫୮୬ | ଟ ୯୫୬୪୦୫ |
| ପଚୁଇ | ଟ ୨୬୨୨୮୮ | ଟ ୩୦୪୧୬୫ |
| [illegible] | ଟ ୪୪୮୪୭ | ଟ ୪୮୪୬୪ |
| ମଦକ | ଟ ୮୧୪୬୭ | ଟ ୪୬୩୩୩ |
| ଗଞ୍ଜେଇ | ଟ ୨୩୧୧୭୧୩ | ଟ ୨୨୯୨୫୬୮ |
| ଅଫୁ | ଟ ୧୯୯୫୩୧୨ | ଟ ୨୧୧୮୮୨୫ |

ଉପରଲିଖିତ ତାଲିକାରୁ ପ୍ରକାଶ ଯେ କେବଳ କଲଛମଦ ଓ ଗଞ୍ଜେଇ ଊଣା ପଡ଼ିଅଛି ନଚେତ୍ ଆଉ ସମସ୍ତ ମାଦକଦ୍ରବ୍ୟର ବ୍ୟବହାର ବୃଦ୍ଧି ହୋଇଅଛି । ଫସଲ ନୋକସାନ ହେତୁ ଲୋକେ ଖାଇବାକୁ ନ ପାଉଥିବା ସ୍ଥଳେ ମାଦକଦ୍ରବ୍ୟର ଏପରି ବୃଦ୍ଧି ଅବଶ୍ୟ ଚମତ୍କାର ଅଟଇ ଏବଂ ଏଥିରୁ ଏତିକି ଜଣାଯାଉଅଛି ଯେ ଲୋକେ ଭାତ ନ ପାଉନ୍ତୁ ପଛକେ ଅମଳ ଛାଡ଼ିବେ ନାହିଁ । ଏପରି ଅବସ୍ଥାରେ ଅମ୍ଭମାନଙ୍କର ଦୁଃଖ କାହିଁକି ନ ହେବ ? ପୁଣି ସବୁ ନିଶା ମଧ୍ୟରେ ଦେଶୀମଦ ଶ୍ରେଷ୍ଠ ହୋଇଅଛି । ଆଫୁଠାରୁ ମଦର ଖରଚ ଦ୍ୱିଗୁଣରୁ ଅଧିକ ଏବଂ ଆଫୁଠାରୁ ମଦ ଅଧିକ ଅନିଷ୍ଟକର । ଅଥଚ ଆଫୁର କଟକଣା କରିବାପାଇଁ ହିତୈଷିମାନେ ଯେପରି ବ୍ୟସ୍ତ କିନ୍ତୁ ମଦସମ୍ବନ୍ଧରେ ସେପରି କେହି ନାହିଁ । ଦେଶିମଦ ଦୁଇପ୍ରକାରରେ ପ୍ରସ୍ତୁତ ହେଉଅଛି ଯଥା ସଦରଭାଟୀରେ ଓ ମୋଫସଲ ଭାଟୀରେ । ଗତବର୍ଷ ସଦରଭାଟୀର ଆୟ ଊଣା ଏବଂ ମୋଫସଲ ଭାଟୀର ଆୟ ଅଧିକ ହୋଇଅଛି । ଓଡ଼ିଶା ମଧ୍ୟରେ ଏକା କଟକଜିଲ୍ଲାରେ ଦେଶିମଦର ଖରଚ ଊଣା ପଡ଼ିଅଛି । କଣ୍ଟକଡ଼ିଅଛି ଗଡ଼ଜାତରୁ ଗେଲାମଦ ଆସି ବିକ୍ରୟ ହେବା ଏଥିର କାରଣ ଅଟଇ । ଏଥିକୁ ଓଡ଼ିଶାର ସ୍ଥାନବିଶେଷରେ ମୋଫସଲ ଭାଟୀ ତାଙ୍କୁ ବଢ଼ାଇବାକୁ ଗବର୍ଣ୍ଣମେଣ୍ଟ ବିଚାର କରୁଅଛନ୍ତି । ଅମ୍ଭମାନଙ୍କ ବିବେଚନାରେ ମୂଲ୍ୟବୃଦ୍ଧି ହେବାରୁ ଦେଶିମଦର ବ୍ୟବହାର ଊଣା ହୋଇଅଛି ଏବଂ ଏହା ଆନନ୍ଦର ବିଷୟ ଅଟଇ । ମୋଫସଲ ଭାଟୀ ହେଲେ ସରକାରଙ୍କର ଲାଭ ହେବ ମାତ୍ର ପାନଦୋଷ ବୃଦ୍ଧି ହେବ ଲୋକେ ଅଧିକ ଦରିଦ୍ର ହେବେ । ଭରସା କରୁଁ ସରକାର ଏପରି ଲାଭର ଅନିଷ୍ଟକାରିତା ବିଚାର କରି ତହିଁରୁ କ୍ଷାନ୍ତ ହେବେ ।

---

## ଓଡ଼ିଶା-ଗଡ଼ଜାତ ।

ଅନିବାର୍ଯ୍ୟ କାରଣରୁ ଓଡ଼ିଶାଗଡ଼ଜାତ ବା କରଦମହାଲବିଭାଗର ବାର୍ଷିକ ବିବରଣର ସମାଲୋଚନା କଲିକତାଗେଜେଟରେ ପୂର୍ବେ ଛପା ହୋଇଥିଲା । ଗତବର୍ଷଠାରୁ ସେ ନିୟମ ଉଠିଯାଇ ଅଛି କାରଣ ଗଡ଼ଜାତମାନ ସାକ୍ଷାତ୍ ଶାସନାଧୀନ ହେବାରୁ ତହିଁ ସଙ୍ଗରେ ଗବର୍ଣ୍ଣମେଣ୍ଟଙ୍କର ବୈଦେଶିକ ସମ୍ବନ୍ଧ ଓ ସେ ସମ୍ବନ୍ଧୀୟ ସକଳ ସମୟରେ ପ୍ରକାଶର ଯୋଗ୍ୟ ନୁହଇ । ଯାହା ହେଉ ଗେଜେଟରେ ପ୍ରକାଶ ନ ହେଲେ ମଧ୍ୟ ଅମ୍ଭମାନଙ୍କ ଲେପ୍ଟେନାଣ୍ଟ ଗଡ଼ଜାତସମ୍ବନ୍ଧୀୟ ଆପଣାର ବାର୍ଷିକ ନିର୍ଦ୍ଧାରଣ କଲିକତାର ପ୍ରଧାନ ସମ୍ବାଦପତ୍ରମାନଙ୍କୁ ଜଣାଇବାରେ କୁଣ୍ଠିତ ହୋଇ ନାହାନ୍ତି ଏବଂ ଅମ୍ଭେମାନେ ତହିଁରୁ ଗତବର୍ଷର ବିବରଣ ଯାହା ଅବଗତ ହୋଇଅଛୁଁ ପାଠକମାନଙ୍କୁ ଉପହାର ଦେଉଅଛୁଁ ।

ଗଡ଼ଜାତର ରାଜାମାନେ ବାର୍ଷିକବିବରଣ ପ୍ରସ୍ତୁତ କରିବାର ପ୍ରୟୋଜନୀୟ ସମ୍ବାଦମାନ ଗଡ଼ଜାତର ସୁପ୍ରଣ୍ଟ ସାହେବଙ୍କୁ ଅଗ୍ରହପୂର୍ବକ ଯୋଗାଇ ଅଛନ୍ତି । କେବଳ ଆଠଗଡ଼ର ରାଜା ଯେକି ମାନ୍ୟବର ଲେପ୍ଟେନାଣ୍ଟଙ୍କ ଓଡ଼ିଶା-ଦର୍ଶନ ସ୍ମରଣାର୍ଥେ ଲେଡି ଡଫରିନ ଫଣ୍ଡର ଓଡ଼ିଶାଶାଖାକୁ ଅନେକ ଟଙ୍କା ଦାନ କରି ବଦାନ୍ୟତା ଦେଖାଇ ଅଛନ୍ତି ସେ ଏ ବିଷୟରେ ବଡ଼ ବାଧା ଦେଉଅଛନ୍ତି । ସୁପ୍ରଣ୍ଟ ସାହେବ ତାହାଙ୍କୁ ସମ୍ବାଦସକାଶେ ପୁନଃ ପୁନଃ ଲେଖିବାରୁ ପରିଶେଷରେ ସେ ଉତ୍ତର ଦେଲେ କି ପ୍ରତି ବର୍ଷଠାରୁ ଅଧିକ ସମ୍ବାଦ ଯୋଗାଇବା ତାହାଙ୍କ ପକ୍ଷରେ ବଡ଼ ଅସୁବିଧାଜନକ ଅଟଇ । ଛୋଟ ଗଡ଼ଜାତ ସକାଶେ ମଧ୍ୟ ନୀରବକ୍ଷେତ୍ରରେ ଏହିପରି ବାଧା ଦେଇଅଛି । ଏଥିରେ ମାନ୍ୟବର ଲେପ୍ଟେନାଣ୍ଟ ଦୁଃଖିତ ହୋଇ କହୁଅଛନ୍ତି କି ଭବିଷ୍ୟତରେ ଗଡ଼ଜାତ ରାଜାମାନେ ଆପଣା କର୍ତ୍ତବ୍ୟକାର୍ଯ୍ୟରେ ଏପରି ହେଲା କଲେ ଶକ୍ତ ଜବାବଦେହିରେ ଆସିବେ । ଯଦ୍ୟପି ଅନ୍ୟସମସ୍ତ ଉପାୟ ବିଫଳ ହବ ତେବେ ଶ୍ରୀଯୁକ୍ତ ସୁପ୍ରଣ୍ଟ ସାହେବେ

ଆବଶ୍ୟକୀୟ ସମ୍ବାଦ ସଂଗ୍ରହ କରିବା କାରଣ ଆପଣା ମହକୁମାର ଜଣେ କର୍ମଚାରୀଙ୍କୁ ପଠାଇଦେବେ ଓ ଯେଉଁ ଗଡ଼ଜାତରୁ ସେ କର୍ମଚାରୀ ପ୍ରେରିତ ହେବେ ସେହି ଗଡ଼ଜାତରୁ ତାହାର ବେତନ ଆଦାୟ ହେବ।

ବାମଣ୍ଡା ଏବଂ ଅନୁଗୁଳ ମିଶି ଗୋଟିଏ କମିସ୍ୱରୀ କରିବା ଉପଯୁକ୍ତ। ଅନ୍ୟ କୃଷିସଂକ୍ରାନ୍ତରେ ଯୋଗ ଦେବା, କାଳାହାଣ୍ଡିର ରାଜା ରଘୁକେଶରୀ ଦେବ, ଧେଙ୍କାନାଳ ରାଜା ଶ୍ରୀ ଶ୍ରୀ ... ମହାରାଜଙ୍କ ମୃତ୍ୟୁ ଏବଂ କେଉଁଝରର ବିଦ୍ରୋହ ଗତ ବର୍ଷର ପ୍ରଧାନ ଘଟନା ଅଟଇ। ତାଳଚେରର ଉତ୍ତରାଧିକାରୀ ନାବାଳଗ ଥିବାରୁ ମାହାଲ ସରକାରଙ୍କ ତତ୍ତ୍ୱାବଧାନରେ ଅଛି। କେଉଁଝରର ବିଦ୍ରୋହୀ ଭୂୟାଁମାନଙ୍କୁ ଘୋଷଣାଦ୍ୱାରା ଜଣାଇ ଦିଆଯାଇ ଅଛି କି ସେମାନେ ଶାନ୍ତପ୍ରଜାପ୍ରାୟ ବ୍ୟବହାର ନ କଲେ ଏହି ଶୀତକାଳରେ ସେମାନଙ୍କ ବଳପୂର୍ବକ ଦମ କରିବାର ଏବଂ ସେମାନଙ୍କ ସରଦାରଙ୍କୁ ସ୍ଥାନାନ୍ତରକୁ ପଠାଇବାର ଉପାୟ ଅବଲମ୍ବିତ ହେବ।

ରାଜାମାନଙ୍କର ସାଧାରଣ ଚରିତ୍ରସମ୍ବନ୍ଧରେ କଥିତ ହୋଇଅଛି କି ସେମାନଙ୍କ ଶାସନକାର୍ଯ୍ୟରେ ବିଶେଷ ଦୋଷ ଲକ୍ଷିତ ହୋଇ ନାହିଁ। ଯଦ୍ୟପି କି ପ୍ରଜାମାନେ ସମୟ୨ରେ ଅତ୍ୟାଚାରହେତୁ ଦୁଃଖ ପାଆନ୍ତି ଏବଂ ଯଦ୍ୟପି କି ରାଜାମାନେ ସର୍ବଦା ବୁଝିପାରନ୍ତି ନାହିଁ ଯେ ସେମାନଙ୍କର ନିଜର ହିତ ସେମାନଙ୍କ ପ୍ରଜାଙ୍କ ହିତରୁ ଭିନ୍ନ ନୁହଇ ମାତ୍ର ଉଣାଦରର ଖଜଣା ଏବଂ ଜଙ୍ଗଲସମ୍ପର୍କୀୟ ସଂକ୍ରାନ୍ତ ଅଧିକାରହେତୁ ଗଡ଼ଜାତ ପ୍ରଜାଙ୍କ ଅବସ୍ଥା ବ୍ରିଟିସପ୍ରଜାଙ୍କଠାରୁ ଭଲ ଅଟଇ। ଅତ୍ୟାଚାରର ଉଦାହରଣ ଅତି ବିରଳ ଏବଂ ପ୍ରପୀଡ଼ିତ ପ୍ରଜା ମନଇଚ୍ଛିତ ବସ୍ତିରୁ ସ୍ୱଇଚ୍ଛିତ ବସ୍ତିକୁ ଉଠିଯାଇ ପାରେ। ଗଡ଼ଜାତର ସ୍ୱତନ୍ତ୍ରତା ସାହେବ ଯଥାର୍ଥ କହିଅଛନ୍ତି କି ପ୍ରଜାଙ୍କ କୁଶଳକାମନାରେ ସଦା ଗଡ଼ଜାତର ଅଭ୍ୟନ୍ତରିକ ଅବସ୍ଥାରେ ହସ୍ତକ୍ଷେପ କରିବା ବାଞ୍ଛନୀୟ ନୁହଇ।

ଆଠମଲ୍ଲିକ ଓ ହିନ୍ଦୋଳ ରାଜାମାନଙ୍କ ଶାସନକାର୍ଯ୍ୟର ପ୍ରଶଂସିତ ଗୁଣେ ମାନ୍ୟବର ଲେଫ୍ଟେନାଣ୍ଟ ବଡ଼ ଆନନ୍ଦିତ ହୋଇ ଅଛନ୍ତି। ହିନ୍ଦୋଳ ରାଜା ନାନା ସାଧାରଣ ହିତ ଏବଂ ଉନ୍ନତି କାର୍ଯ୍ୟ କରିବା ଛଡ଼ା ଆପଣା ବସ୍ତିରୁ ଭୁଣ୍ଡିକ ବେଠିପ୍ରଥା ଏକାବେଳକେ ଉଠାଇ ଦେଇଅଛନ୍ତି।

ଆମ୍ଭମାନଙ୍କର ଧାରଣା ଥିଲା ଯେ ଗଡ଼ଜାତରୁ ବେଠିପ୍ରଥା ସମ୍ପୂର୍ଣ୍ଣରୂପେ ଉଠିଗଲେ ଚଳିବ ନାହିଁ। ତାହା ବ୍ୟର୍ଥ ହେବାର ଦେଖି ଆନନ୍ଦିତ ହେଲୁଁ। ମାତ୍ର କି ଉପାୟରେ ଏ ପ୍ରଥା ଉଠିଯାଇ ଅଛି ପ୍ରକାଶ ହୋଇଥିଲେ ଅନ୍ୟାନ୍ୟ ରାଜାଙ୍କର ଶିକ୍ଷା ହୁଅନ୍ତା।

## ସାପ୍ତାହିକ ସମ୍ବାଦ।

ଏ ସପ୍ତାହରେ ଶୀତ ଅତ୍ୟନ୍ତ ପ୍ରବଳ ହୋଇଅଛି। ଏପରି ଶୀତ କେତେକବର୍ଷ ହେଲା ଦେଖା ଯାଇ ନ ଥିଲା। ଦିନ ଦ୍ୱିପ୍ରହର ସମୟରେ ମଧ୍ୟ ହାତଗୋଡ଼ ଶୀତଳ ହୋଇ ଯାଉଅଛି। କୌଣସି ରୋଗ ବିଶେଷ ପ୍ରାଦୁର୍ଭାବ ନାହିଁ ଶୁଣିବା ବିଷୟ।

ଆମ୍ଭମାନଙ୍କର ମାନନୀୟ ଜଜ ଗୁପ୍ତ ସାହେବ କାଲେଜ୍‌ର ପୌଷକାର୍ଯ୍ୟ ଶେଷକରି ଅଛି ଗତ ମଙ୍ଗଳବାରଠାରୁ ଏଠାରେ କଚେରୀ କରୁଅଛନ୍ତି।

### କଲିକତା-ଗେଜେଟ୍।

ମିଃ ଅର୍ଣ୍ଣିବାଡରଣ ସେନ ପୁଣି ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରୁ ମୁକ୍ତି ପାଇଲେ ପୁନଃ ବନ୍ଦୋବସ୍ତକାର୍ଯ୍ୟରେ ଉପସ୍ଥିତ ହେବେ।

ମିଃ ଜି ଟଏଲର ଗତ ନଭେମ୍ବରମାସ ତା ୭ ରିଖରେ ସ୍ୱଗତ ପରିତ୍ୟାଗ କଲେ।

ମିଃ କର୍ତ୍ତିସଙ୍କ ଅନୁପସ୍ଥିତକାଳରେ ମିଃ ଏଚ, ଏମ୍ ପାଇସ୍ କଟକ ପୋଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହୋଇଅଛନ୍ତି।

ମିଃ ବାଲ୍‌ଟର ମଡ଼ ଓଡ଼ିଶାର ବନ୍ଦୋବସ୍ତକର୍ତ୍ତାଙ୍କ କାର୍ଯ୍ୟରେ ନିଯୁକ୍ତ ହୋଇ ସନ ୧୮୬୬ ମସିହାର ୬ ରେଗୁଲେସନ ଓ ସନ ୧୮୧୭ ମସିହାର ୧୨ ରେଗୁଲେସନ ଅନୁସାରେ କଲେକ୍ଟରି କ୍ଷମତା ପ୍ରାପ୍ତ ହେଲେ ଓ ସର୍ଭେ କାର୍ଯ୍ୟ ଚଳାଇବା ନିମନ୍ତେ ସର୍ଭେ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହୋଇଅଛନ୍ତି।

ପୁରୀ, କଟକ ଓ ବାଲେଶ୍ୱର ଡିଷ୍ଟ୍ରିକ୍ଟ ସର୍ଭେ ନିମନ୍ତେ ଲେଫ୍ଟେନେଣ୍ଟ ଅର ଟି, କ୍ରିକ୍ସନ୍ ସନ ୧୮୭୫ ମସିହାର ୫ ୬ ଇତ ୪।୫ ଧାରାରେ କଲେକ୍ଟରି କ୍ଷମତା ପ୍ରାପ୍ତ ହେଲେ।

ସ୍ଥାନାନ୍ତରିତ ବାବୁ କମଳହାସ ନାୟକଙ୍କ ପରିବର୍ତ୍ତରେ ଡେପୁଟି କଲେକ୍ଟର ବାବୁ ଗୋପାଳଚନ୍ଦ୍ର ଚାଟାର୍ଜ୍ଜି କଟକର ଇନ୍‌କମ୍ ଟାକ୍ସ ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି।

ମହାନଦୀର ଏକଜିକ୍ୟୁଟିଭ ଇଞ୍ଜିନିୟର ମିଃ କାର୍ଲୋ ପରୀକ୍ଷା ନିମନ୍ତେ ଅନୁମତି ଛୁଟି ପ୍ରାପ୍ତ ହୋଇଅଛନ୍ତି।

କଟକ ରେଭେନ୍ସା କଲେଜର ଅଧ୍ୟାପକ ବାବୁ ଚନ୍ଦ୍ରଶେଖର ଭଟ୍ଟ ଏମ, ଏ, ଗତ ଜୁନମାସ ତା ୧୪ ରିଖଠାରୁ ପଞ୍ଚମ ଶ୍ରେଣୀକୁ ଉନ୍ନତ ହୋଇ କରିଅଛନ୍ତି।

ବାଲେଶ୍ୱର ଡିଷ୍ଟ୍ରିକ୍ଟ ବୋର୍ଡର ସ୍କୁଲ ସବ୍‌ଇନ୍‌ସ୍ପେକ୍ଟର ସନ ୧୮୯୧ ମସିହା ନଭେମ୍ବରମାସ ତା ୨୨ ରିଖରୁ ଗତ ଅପ୍ରେଲମାସ ତା ୧୬ ରିଖ ପର୍ଯ୍ୟନ୍ତ ଓ ବଡ଼ ଜୁଲାଇ ପହିଲାଠାରୁ ଅଗଷ୍ଟ ତା ୬ ରିଖ ପର୍ଯ୍ୟନ୍ତ ୫ମ ଶ୍ରେଣୀରେ ନିଯୁକ୍ତ ହୋଇଥିଲେ।

ବାଲେଶ୍ୱର ଡିଷ୍ଟ୍ରିକ୍ଟ ବୋର୍ଡର ସ୍କୁଲ ସବ୍‌ଇନ୍‌ସ୍ପେକ୍ଟର ବାବୁ ରଘୁନାଥ ଦାସ ଗତ ଅପ୍ରେଲମାସ ତା ୧୬ ରିଖଠାରୁ ୬ଷ୍ଠ ଶ୍ରେଣୀରେ ନିଯୁକ୍ତ ହୋଇଅଛନ୍ତି।

ସୁବାହାଟର ହାଟିବାଟର ନିମନ୍ତେ ଦେଠାରୁ ଚାରି ଲକ୍ଷ ଟଙ୍କା ମଞ୍ଜୁର ହୋଇଅଛି ନିମନ୍ତେ ଚାରି ହେବାର ସମ୍ଭାବନା ପ୍ରକାଶିତ ହୋଇଅଛି।

---

ଚୀନ ମହାରାଜଙ୍କ ଉପରେ ବାଣିଜ୍ୟର ଉତ୍କର୍ଷ ଚିନ୍ତାକରି ଭାରିତ ଯେଉଁ ଏମିତ ପାର୍ଲିଆମେଣ୍ଟରେ ବସିଅଛି ସେହି କମିଟିର ସଭାପତିଙ୍କ ମନ୍ତବ୍ୟ ପ୍ରକାଶ କରିଅଛନ୍ତି। ଭାରତବର୍ଷ ଚଳାଚଳ ହେବାରେ ଯେତେ ଅର୍ଥ ବ୍ୟୟ ହୋଇଅଛି ଏହା ତାହାର ଅଂଶମାତ୍ର। ଚଳାଚଳ ଖର୍ଚ୍ଚଙ୍କ ମଧ୍ୟରେ ଅଧିକ ଦେଶୀୟ ଓ ଅନ୍ୟଦେଶୀ ସାଦର ଆଦରର ମୂଲ୍ୟ।—କପ୍ର କାର୍ଯ୍ୟରେ କଡ଼ା ହେବେ ବାଣିଜ୍ୟ ଚଳାଚଳ ସ୍ଥଗିତ କଲେ ହୋଇଥାନ୍ତା କି ?

ଲଣ୍ଡନଠାରୁ ଅଷ୍ଟବାଁ ଡିସେମ୍ବରମାସ ତା ୧ ରିଖର ସମ୍ବାଦକୁ ପ୍ରକାଶ ଯେ ଜର୍ମାନୀରେ କେତେକ ଜାହାଜ ସମୁଦ୍ରରେ ବୁଡ଼ିଯାଇ ନାହିଁ ତାହାର ସବୁ ଜାହାଜ ଧରା ଯାଇ ବନ୍ଦ ହୋଇଅଛି। ସେ ଜାହାଜରେ ଥିବା ଲୋକଙ୍କ ମଧ୍ୟରୁ ଅନେକ ଲୋକ ମରି ଯାଉଅଛନ୍ତି। କେତେକ ଜାହାଜ ଅନେକ ସ୍ଥାନରେ ଭଗ୍ନ ହୋଇ ଯାଇଅଛି ଏବଂ ସେଥିରେ ଯୋ ଯାତ୍ରୀମାନେ ଅନ୍ୟ ଜାହାଜକୁ ଗତ ହୋଇ ରକ୍ଷା ପାଇଅଛନ୍ତି।

ବଉଦାର ସୁଲତାନ ଡିସେମ୍ବର ତା ୧ ରିଖରେ ଲଣ୍ଡନ ଯାତ୍ରାକର ଗ୍ରହଣ କଲେ ଯାତ୍ରା କରିଥିବାର ସମ୍ବାଦ ମିଳିଲା।

ଇଙ୍ଗଲଣ୍ଡରେ ଅଳ୍ପଦିନ ହେଲେ ସେଠା ଅଧ୍ୟକ୍ଷଙ୍କରେ କଲ୍ପନା ହେବା ସମ୍ବନ୍ଧରେ ପାର୍ଲିମେଣ୍ଟରେ କଥା ଉଠିଥିଲା। ପ୍ରଧାନ କର୍ତ୍ତା ଲର୍ଡ ଡୁକ୍ସ ଉଠିଥିବାର ଦେଖିଲେ ଅତ୍ୟନ୍ତ ଆନନ୍ଦିତ ହେବାର ପ୍ରକାଶ କଲେ।—ପାର୍ଲିମେଣ୍ଟର ସମସ୍ତଙ୍କ ଦୃଷ୍ଟି ହୋଇଅଛି ମାତ୍ର ଗବର୍ଣ୍ଣମେଣ୍ଟ ଉତ୍ତର ଏକାନ୍ତ ପକ୍ଷପାତ ଥିବାରୁ ସେ ବିଲ ସମ୍ବନ୍ଧରେ ଉଠିଯାଇ ନାହିଁ।

ସମ୍ପ୍ରତି ଭାରତରେ ସେକ୍ରେଟାରୀ ଗାର ଏବଂ ଔଷଧ ବଢ଼ାଇବାର ଧାରା ପ୍ରଚଳନ କରିବା କାରଣ ଗବର୍ଣ୍ଣମେଣ୍ଟ ଚେଷ୍ଟା କରୁଅଛନ୍ତି।—କଥାଟା ଶୁଣିବାକୁ ଭଲ ମାତ୍ର ସହଜସାଧ୍ୟ ନୁହଇ।

କେଉଁଝରର ଭୂୟାଁ ଓ ଜନ୍ମମାନଙ୍କ ଶାସନକରିବାର୍ଥ କର୍ଣ୍ଣେଲ ଅଷ୍ଟିନ ସୁପରିଣ୍ଟେଣ୍ଡେଣ୍ଟ ନ ୧୨୦ ଜଣ ପୁଲିସସିପାହୀ ସେଠା କେଉଁଝରକୁ ଯାଇଅଛନ୍ତି। ଆମ୍ଭମାନଙ୍କର କମିସ୍ନର ସାହେବ ଓ ୨୫ ଜଣ ସିପାହୀ, ସହିତ କେଉଁଝରକୁ ଯାଉଅଛନ୍ତି।—ଇହାଉତ୍ତାର ଜମକ ବଡ଼ ହେଲପ୍ରାୟ ଲାଗୁ ନାହିଁ।

ବୋମ୍ବାଇଠାରେ ଭାରତବର୍ଷ ପ୍ରବେଶିକା ପରୀକ୍ଷା ଦେବା କାରଣ ୫୧ ଜଣ ସ୍ତ୍ରୀଲୋକ ପରୀକ୍ଷାର୍ଥୀ ହୋଇଅଛନ୍ତି। ଏମାନଙ୍କମଧ୍ୟରୁ ଜଣେ ବିବାହିତା ମହାରାଷ୍ଟ୍ରୀୟା ରମଣୀ ଅଟନ୍ତି।—ଏଥିରୁ ବୋମ୍ବାଇବାସୀଙ୍କର ସ୍ତ୍ରୀଶିକ୍ଷାର ଗୌରବ ବିଲକ୍ଷଣ ପ୍ରକାଶ ପାଉଅଛି।

ବୋମ୍ବାଇପ୍ରଦେଶର ଅନୁସୂୟାବାଇ ନାମକ ଏକ ହିନ୍ଦୁ ରମଣୀ ଡାକ୍ତରୀ ବିଦ୍ୟାରେ ଉପସ୍ଥିତ ହୋଇ ହିନ୍ଦୁସ୍ତ୍ରୀଲୋକଙ୍କ ବ୍ୟାଖ୍ୟା କରୁଅଛନ୍ତି। ସେ ଜଣେ ସଂସ୍କୃତଭାଷାରେ ସୁପଣ୍ଡିତା ଓ ହିନ୍ଦୁଧର୍ମଶାସ୍ତ୍ରରେ ମଧ୍ୟ ଅଭିଜ୍ଞା ଅଟନ୍ତି। ଇତିମଧ୍ୟରେ ହାଇକୋର୍ଟର ମାନନୀୟ ଜଜ ରାନାଡ଼ଙ୍କ ସଭାପତିତ୍ୱରେ ଉପାଧ୍ୟାୟଙ୍କ ସୂତ୍ରରେ ପୁରାଣବ୍ୟାଖ୍ୟା କରିଥିଲେ।

Digitized by srujanika@gmail.com

ମନ୍ଦଠାରୁ ଅଟକ ପର୍ଯ୍ୟନ୍ତ ବସୁଅବା ରେଲବାଟର ଖର୍ଚ୍ଚ-କମିଭ୍ର ଅସ୍ମାକଙ୍କର ଷ୍ଟେଟସେକ୍ରେଟେରି ୧୧୮ ଲକ୍ଷ ଟଙ୍କା ମଞ୍ଜୁର କରିଅବାର ସମ୍ବାଦ ମିଳଇ ।—ପଞ୍ଜାବସୀମା ରେଲ ଗବର୍ଣ୍ଣମେଣ୍ଟ ଯେମନ୍ତ ବଂସ୍ତ ତେମନ୍ତ ଧନବ୍ୟୟ ଅଧିକରେ ହେଉଅଛି ।

ଶକସ୍ଥାନଠାରେ ବଶନ୍ତରୋଗର ଅତ୍ୟନ୍ତ ପ୍ରାଦୁର୍ଭାବ ହୋଇଥିବାର ସମ୍ବାଦ ମିଳଇ ।

ଭାରତବର୍ଷ ରେଲଓଏବାର ଅସ୍ତଗତବର୍ଷ ତୁଳନାରେ ଏପର୍ଯ୍ୟନ୍ତ ଏକ କୋଟି ଟଙ୍କା ଊଣା ହୋଇଥିବାର କଥିତ ହୁଏ । ଉତ୍ତରପଶ୍ଚିମ ରେଲରେ ଏକା ୪୨ ଲକ୍ଷ ଟଙ୍କା କମ ହୋଇଅଛି । ବଙ୍ଗଳା ନାଗପୁର ରେଲର ମଧ୍ୟ ୩ ଲକ୍ଷ ଟଙ୍କା ତୁଟ ପଡ଼ିଅଛି ।

କଲିକତାର କଲକଲରୁ ଖାଦ ବାହାରୁଥିବାର ନଳରେ ଜଳ ହୋଇ ଯାଇଥିଲା ମାତ୍ର ପୁଣି ଖାଦ ବାହାରିବାର ଆରମ୍ଭ ହୋଇଅଛି ।—କଲକଲ ଭଲ ଯେଉଁବ ନାହିଁ ଦେଖିବ ।

ରାଜପୁତାନାରେ ଏଥର ଅକ୍ଟୋବରମାସରେ କେବଳ ଏକ-ଦିନ ଛଡ଼ା ଅନ୍ୟ ଦିନରେ ବର୍ଷା ହୋଇନଥିବାର ସମ୍ବାଦ ମିଳଇ । କଥିତ ହୁଏ ଏପରି ଘଟଣା ଗତ ୧୨୩ ବର୍ଷ ମଧ୍ୟରେ ଘଟି ନାହିଁ ।

ଅଷ୍ଟ୍ରେଲିଆଦ୍ୱୀପର ଭିକ୍ଟୋରିଆ ଅତ୍ୟନ୍ତ ସ୍ୱାସ୍ଥ୍ୟକର ଏବଂ ପଶ୍ଚିମଅଷ୍ଟ୍ରେଲିଆ ନିତାନ୍ତ ଅସ୍ୱାସ୍ଥ୍ୟକର ଅଟେ ।

ଆମେରିକାର ସିକାଗୋନଗରରେ ଯେଉଁ ବୃହତ୍ ପ୍ରଦର୍ଶନୀ ହେଉଅଛି ତହିଁ ସହିତ ସଂଯୁକ୍ତ ଏକ ପ୍ରତ୍ୟେକ ଷ୍ଟେସନରେ ଅଥବା ରେଲଗାଡ଼ି ଚଳାଇବାର ବନ୍ଦୋବସ୍ତ ହେଉଅଛି । ଗୃହ ନିର୍ମାଣଠାରେ ଏତେରୁ ସର୍ବସୁଦ୍ଧା ୧୪ ଲକ୍ଷ ପାଉଣ୍ଡ ଅଥବା ଖର୍ଚ୍ଚ କରୁଅଛନ୍ତି । ଅନ୍ୟ ମଧ୍ୟ ଏହି ପରିମାଣରେ ଅଧିକ ହେବ ।

## ପୁରୀ–ସମ୍ବାଦ ।

ସ୍ଥାନୀୟ ଡିଷ୍ଟ୍ରିକ୍ଟ ସ୍କୁଲର ୨ୟ ଶିକ୍ଷକ କାର୍ଯ୍ୟ ଶୂନ୍ୟ ଥିବା କଥା ପତ୍ରିକାରେ ପ୍ରକାଶିତ ହୋଇଥିଲା । ଉକ୍ତ କାର୍ଯ୍ୟରେ ନ୍ୟାୟ-ଶାସ୍ତ୍ରର ସମ୍ପର୍କ ପଣ୍ଡିତ ଶ୍ରୀ ହରିହର ଦାସ ୨୦ ଟଙ୍କା ବେତନରେ କମେଣ୍ଟୀଙ୍କାର ନିଯୁକ୍ତ ହୋଇଅଛନ୍ତି । ବର୍ତ୍ତମାନ ସ୍କୁଲରେ ଛାତ୍ରସଂଖ୍ୟା ନିତାନ୍ତ ଅଳ୍ପ ଥିବାରୁ ଏବେ ବର୍ଗୀୟ ଡାଇରେକ୍ଟରଙ୍କଦ୍ୱାରା ଉତ୍କର୍ଷ ଲାଭିତ ହେଉଅଛି ।

ଜଣକ ପୋଲିସସାହେବ ଏଠାରୁ ଆସନ୍ନ କରି ଶ୍ରୀ କ୍ଷେତ୍ରର ଏବଂ କୋଣାର୍କ ମନ୍ଦିରର ନବଗ୍ରହପ୍ରତିମା-ମାନଙ୍କର ଫଟୋଗ୍ରାଫ ନେଇ ଗତ ରବିବାର ଏଠାରୁ ଯାତ୍ରା କରିଅଛନ୍ତି ।

ଅସ୍ମାକଙ୍କର ପୂର୍ବପରିଚିତ ନୂତନ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଲୁଅଲ୍ ସାହେବ ଗତ ଶନିବାରଦିନ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି । ବନ୍ଦୋବସ୍ତକାର୍ଯ୍ୟରେ ଥିବା ସମୟରେ ଦକ୍ଷତା ଓ ତତ୍ପରତା ସହିତ କାର୍ଯ୍ୟ କରିଥିବାରୁ ଏହାଙ୍କ ଉପରରେ ସାଧାରଣଲୋକେ ସନ୍ତୁଷ୍ଟ ଅଛନ୍ତି ।

ଗତକାଲ ମଙ୍ଗଳବାର ଦିନଠାରୁ ଶ୍ରୀ ଜଗନ୍ନାଥ ମହା-ପ୍ରଭୁଙ୍କର ପହଣ୍ଡବେଶ ଆରମ୍ଭ ହୋଇ ଦଶରୁ ଶ୍ରୀଅଙ୍ଗର ଅଙ୍ଗୀ ଅବକାଶାଦ ହେବାପାଇଁ ପ୍ରକାରପୂର୍ବରୁ ପହଣ୍ଡବେଶ ବନ୍ଦ ହେବ । ସନ ୧୨୯୯ ସାଲ ସମୟ ମଧ୍ୟରେ ଏହି ଧୂପପର୍ଯ୍ୟନ୍ତ ସମସ୍ତ ଉତ୍ସବାଦି କ୍ରମଶଃ ହୋଇ ଶ୍ରୀ-ଅଙ୍ଗର ପଟ୍ଟ ହେବ । ଏହିଅନୁସାରେ ମକରସଂକ୍ରାନ୍ତି-ପର୍ଯ୍ୟନ୍ତ ଦେବାର ଦଶ ଅଛି ।

ଏଠାର ପ୍ରଧାନମଠ ବଡ଼ଓଡ଼ିଆମଠର ମହନ୍ତ ଶ୍ରୀ ଉଦ୍-

ନନ୍ଦନ ରାମାନୁଜଦାସ ବୃନ୍ଦାବନରେ ପରଲୋକଗତ ହେବାରୁ ଉକ୍ତମଠର ପ୍ରଧାନ ନାମରେ ଉଦୟନାମା ହୋଇଅଛି ।

ଅଳ୍ପଦିନ ଏଠାରେ ଶୀତ ବିଶେଷରୂପେ ଅନୁଭୂତ ହେଉଅଛି ।

## ପତ୍ରପ୍ରେରକଙ୍କ ପ୍ରଶ୍ନ ।

Probono publico—ପୁରୀଜିଲ୍ଲା ସ୍କୁଲର ହେଡମାଷ୍ଟର ତାଙ୍କର ଅଧୀନସ୍ଥ କୌଣସି ଶିକ୍ଷକ ଛୁଟିଦିନ ବାଲମ କଲେ ଏକଦିନର ବେତନ କର୍ତ୍ତନ କରିବେ ଏହିପ୍ରକାର ନିୟମ ଜାରି କରିଥିବାର ଲେଖିଅଛନ୍ତି । ଏପରି ତାଙ୍କର ଅଧିକାର ଅଛି କି ନା ଶିକ୍ଷାବିଭାଗର କର୍ତ୍ତାଙ୍କୁ ଆବେଦନ କଲେ ଜାଣି ପାରିବେ । ହେଡ-ମାଷ୍ଟରଙ୍କ ଆଦେଶ ଯଦ୍ୟପି ବେଆଇନୀ ହୋଇ-ଥାଏ ତେବେ ପୀଡ଼ିତ ଶିକ୍ଷକ ପ୍ରତୀକାର ନିମନ୍ତେ ଶିକ୍ଷାବିଭାଗର ଇନ୍‌ସ୍ପେକ୍ଟରଙ୍କୁ ପ୍ରାର୍ଥ-ନା କରି ପାରନ୍ତି । ଆମ୍ଭେମାନେ ଏପ୍ରକାର ପତ୍ର ପ୍ରକାଶ କରିବା ଅନାବଶ୍ୟକ ମନେ କରୁ ଏଣୁକରି ଆପଣଙ୍କ ପତ୍ର ଉପେକ୍ଷା କଲୁଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।

To The Editor of the Utkal Dipika

Sir,

The Peary Mohun Academy which was founded with a noble object in view by one of the departed princes of men whose name it bears is now adding more lustre to its fame by tolerating or ignoring the infliction of severe corporal punishments on students of tender age than by the failure of hundred per cent of cadidates in the University Examination. For instance it may be mentioned that two respectable guardians one of whom is believed to be disposed to minimize rather than exaggerate any severity in school discipline complain that their young wards were belaboured almost diabolically. Such mode of punishment is productive of more harm than good and condemned by eminent authorities. A good teacher should never have recourse to a whip. Teachers who are so wanting in *self-control* that the slightest annoyance makes their wrath surpass that of Achilles and leads them to crush the bones of their students never deserve our commendation. While warning students of the false hope that may be raised in their minds that every instance of corporal punishment will be declared injustifiable and agitated in the columns of newspapers we entreat the authorities of the institution concerned to adopt measures to remove all grounds for complaint and dissatisfaction.

Cuttack
The December 8th, 1892.

*Argus.*


# ବିଜ୍ଞାପନ ।

## ପୁରୀଧାମର ଶ୍ରୀଶ୍ରୀ ଜଗନ୍ନାଥଜୀଉଙ୍କ ମନ୍ଦିରର ସଂସ୍କରଣବିଷୟକ ଚାନ୍ଦା ।

| | | |
|---|---|---|
| ,, ସୁନ୍ଦର ସୂରାମଲ | ,, ଟ | ୧ |
| ,, ଦାମୋଦର ଦାସ ଲକ୍ଷ୍ମୀଚନ୍ଦ | ,, ଟ | ୧ |
| ,, ରାମଗୋପାଲ ମୋହେଶ୍ରି | ,, ଟ | ୧ |
| ,, କମଲ କମଦଲାସ ମୋହେଶ୍ରି | ,, ଟ | ୧ |
| ,, ରାମରତନ ମଣ୍ଡ | ,, ଟ | ୧ |
| ,, ବାଲକୃଷ୍ଣ ମଣ୍ଡ | ,, ଟ | ୧ |
| ,, ନାରାୟଣ ଲଦାନ | ,, ଟ | ୧ |
| ,, ଅନୁର ଦାସ ଜଏଲ ପୁରମଳ | ,, ଟ | ୧ |
| ,, ଘଲନ ରାମ, ହରଲାଲ | ,, ଟ | ୧ |
| ,, ଚେଉଁର ପୁରମଣ୍ଡ | ,, ଟ | ୧ |
| ,, ସଧାକୃଷ୍ଣ ପୁରମଣ୍ଡ | ,, ଟ | ୧ |
| ,, ଉଦାଲ ରାମ ଭଗ ରାମ | ,, ଟ | ୧ |
| ,, ଚନ୍ଦଣଲାଲ ପୁରମଣ୍ଡ | ,, ଟ | ୧ |
| ,, ଗୁଲ ମଣ୍ଡ ପୁରମଣ୍ଡ | ,, ଟ | ୧ |
| ,, ଘେଟେ ମଣ୍ଡ ମୋହେଶ୍ରି | ,, ଟ | ୧ |
| ,, ଜବନ ପୁରମଣ୍ଡ | ,, ଟ | ୧ |
| ,, ଲଛମନ ରାମ, ଲାଲ ପୁରମଣ୍ଡ | ,, ଟ | ୧ |
| ,, ମନସା ରାମ ଅମ୍ବା ପୁରମଣ୍ଡ | ,, ଟ | ୧ |
| ,, ଛେଟ ପୁରୀଆ | ,, ଟ | ୧ |
| ,, ଇନ୍ଦ୍ରଜନ ମୋହେଶ୍ରି | ,, ଟ | ୧ |
| ,, ଭଗବାନ ପୁରୀଆ | ,, ଟ | ୧ |
| ,, ଚେଓଁ ଭଜ ପଟେଲ | ,, ଟ | ୧ |
| ,, ଚନ୍ଦ୍ରା ପ୍ରସାଦ | ,, ଟ | ୧ |
| ,, ନାରାୟଣ ଦାସ ମଥୋର | ,, ଟ | ୧ |
| ,, ଠାକୁରପ୍ରସାଦ ମନ୍ତ୍ରୀର | ,, ଟ | ୧ |
| ,, ମିଶ୍ର | ,, ଟ | ୧ |
| ,, ଭବାନୀପ୍ରସାଦ ମନ୍ତ୍ରୀର | ,, ଟ | ୧ |
| ,, ଲଲୁ ପଟେଲ | ,, ଟ | ୧ |
| ,, ଦୟାରାମ ଜଦରାମ | ,, ଟ | ୧ |
| ,, କାଲୁରାମ ପଟେଲ | ,, ଟ | ୨୫ |
| ,, ନାରାୟଣ ସିଂହ | ,, ଟ | ୧ |
| ,, ସୀତାରାମ | ,, ଟ | ୧ |
| ,, ସିଆରାମ | ,, | ୧ |

ପୁସ୍ତକ ଅବଦ ଯାଉ ବିଶ୍ୱାକ୍ଷରଦ୍ୱାରା
ଅଙ୍କ ସ୍କୁଲ ସ୍ଥିତ ଟ ୩୩।
ଅନ୍ୟ ସ୍କୁଲର ଗଡା ସ୍ଥିତ ଟ ୮୬
ଏଠ ଟ ୮୬୦।୨୫୬୬

ଲଗନ୍ନ ମଲ୍ଲିକ
ହରବଲ୍ଲଭ ଘୋଷ
ଅବୈତନିକ ସେକ୍ରେଟରୀ

ତା ୧ ଏଠ ଡିସେମ୍ବର ସନ ୧୮୯୨ ମସିହା ।

---

ନୟାଗଡ଼ର ନଜଗଡ଼ ମଧ୍ୟ ଇଂରେଜି ବିଦ୍ୟାଳୟରେ ମାସିକ ଟ ୧୦ ବେତନରେ ହେଡ୍ ପଣ୍ଡିତ ପଦ ଶୂନ୍ୟ ଅଛି । ଏହି ସ୍କୁଲରେ ମାସିକ ୱେତନ ଟ ୮ ଓ ଗସ୍ତଖର୍ଚ୍ଚ ଟ ୨ ରେ ଗୋଟିଏ ଇନ୍ସପେକ୍ଟିଂ ପଣ୍ଡିତ ପଦ ମଧ୍ୟ ଶୂନ୍ୟ ଅଛି । କାର୍ଯ୍ୟ ପ୍ରାର୍ଥିମାନେ ସେମାନଙ୍କର ସ୍ୱ ସ୍ୱ ପ୍ରଶଂସାପତ୍ରର ପ୍ରତିଲିପି ସହିତ ଚଳିତ ମାସ ତା ୩୧ ରଖ ମଧ୍ୟରେ ନିମ୍ନ ସ୍ୱାକ୍ଷରତଙ୍କଠାରେ ଅବେଦନ କରିବେ । ଯେଉଁମାନେ ପଣ୍ଡିତଗିରି ୩ ୟ ବର୍ଷୀୟ ଶ୍ରେଣୀରେ ଛାତ୍ର ବା ମଧ୍ୟମ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହୋଇଥିବେ ସେମାନଙ୍କର ଅବେଦନ ପତ୍ର ଅଗ୍ରାହ୍ୟ ହେବ ।

8—12—92. Nayagurh

MAGUNI DAS,
*Sub-Inspector of schools*
South-Malanody Circle
Kantilo.

---

# ନୂତନ ପୁସ୍ତକ

## ବୁଢ଼ାବର ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଚାରିଅଣା । ମୋଫସଲକୁ ଡାକମାସୁଲ ଖଣ୍ଡକୁ ଦୁଇପଇସା ।

*Extract from a letter of Babu Radhanath Roy dated 14th October* 1892 *addressed to the author.*

( Need I repeat that as a comedy I consider it quite a finished piece. )

---

୧୮୯୩ ଓ ସନ ୧୮୯୪ ସାଲର ଅପର-ପ୍ରାଇମେରୀ ପରୀକ୍ଷାର ପାଠ୍ୟ ଜଗତାନ୍ତ୍ରମର ସଂଶୋଧିତ ଚତୁର୍ଥସଂସ୍କରଣ ପ୍ରକାଶିତ ହୋଇଅଛି । ମୂଲ୍ୟ ଚାରିଅଣା । ଏହି ସଂସ୍କରଣରେ ଭ୍ରମମାନ ସଂଶୋଧିତ ଓ ସ୍ଥଳବିଶେଷ ଅବଶ୍ୟ-କୋଧ୍ୟଟର ପରିବର୍ତ୍ତିତ ଏବଂ ଶେଷାଂଶରେ କାଠିନ୍ୟ ଶବ୍ଦରେ ଅର୍ଥ, ଟିପ୍ପଣୀ ଓ ଅନ୍ୱୟ-କରଣ ବଧି ପ୍ର... ଦତ୍ତ ହୋଇଅଛି ।

ଉକ୍ତ ପରୀକ୍ଷାର ପାଠ୍ୟ ଚୂଡ଼ାମଣିପାଠ ଏବଂ ବଙ୍କାନପ୍ରବେଶର ସଂଶୋଧିତ ନୂତନ ସଂସ୍କରଣ ପ୍ରକାଶିତ ହୋଇଅଛି । ଚୂଡ଼ାମଣିପାଠର ମୂଲ୍ୟ ଟ୦।୬ ଏବଂ ବଙ୍କାନପ୍ରବେଶର ମୂଲ୍ୟ ଟ୦।୬ ।

ସନ ୧୮୯୩ ଓ ୧୮୯୪ ସାଲର ଛାତ୍ରବୃତ୍ତି ଓ ମାଇନର ପରୀକ୍ଷାର ପାଠ୍ୟ ସଂଶୋଧିତ ଓ ପରିବର୍ଦ୍ଧିତ ପ୍ରାକୃତିକଭୂଗୋଳପାଠ ଓ ସ୍ଥୂଳକ୍ଷେତ୍ରମିତିର ନୂତନସଂସ୍କରଣ ପ୍ରକାଶିତ ହୋଇଅଛି । ପ୍ରାକୃତିକଭୂଗୋଳପାଠର ମୂଲ୍ୟ ଟ ୦।୬ ଏବଂ ସ୍ଥୂଳକ୍ଷେତ୍ରମିତିର ମୂଲ୍ୟ ଟ ୦।/ ।

ସୀତାନାଥବସୁଙ୍କ ପ୍ରଣୀତ ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ପ୍ରକାଶିତ ହୋଇଅଛି । ମୂଲ୍ୟ ଏକଅଣା ମାତ୍ର । ଏହି ପୁସ୍ତକ ଖଣ୍ଡିକ ବାଳକମାନଙ୍କ ସୁଖପାଠ୍ୟ ହେବାରୁ ଅଳ୍ପଦିନ ମଧ୍ୟରେ ପ୍ରଥମ ସଂସ୍କରଣ ନିଃଶେଷ ପ୍ରାୟ ହୋଇଅଛି । ଏହା ଏପରି ଉପଯୋଗୀ ହୋଇଅଛି ଯେ ଅନେକ ଶିକ୍ଷକ ସ୍ୱାସ୍ଥ୍ୟସାଧନ ପରିବର୍ତ୍ତରେ କେବଳ ଏହି ପ୍ରଶ୍ନୋତ୍ତର ବାଳକମାନଙ୍କୁ ପଢ଼ାଇ ଶିକ୍ଷା ଦିଅନ୍ତୁଅଛନ୍ତି ।

ସଂକ୍ଷିପ୍ତ ଭାରତବର୍ଷର ସଂସ୍କୃତ ୪ର୍ଥ-ସଂସ୍କରଣ ଯନ୍ତ୍ରସ୍ଥ ହୋଇଅଛି ଶୀଘ୍ର ପ୍ରକାଶିତ ହେବ । ମୂଲ୍ୟ ଟ ୦୩ ଅଣା ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

---





TRADE MARK REGISTERED.
BEWARE SPURIOUS AND VILE IMITATIONS ARE OUT.

THE best patent yet discovered, approved and certified as an experimentally invaluable specific by eminent physicians.

Hæmatic Syrup is a marvellous remedy for complete loss of Manhood, Nervous Debility, Prostration, caused by extreme over-strain and labour or by any other cause, such as intemperance, inordinate indulgence of indiscretionary habits excessive grief or the like; and for diseases contracted by vice.

Don't use quack medicines, while the above is available at the cheapest price. They only make the case worse and in many cases the disease is difficult to cure. But

Hæmetic Syrup gives Vigour, improves the Strained Powers of the Intellect and understanding, makes the mind Imagintive and active, and improves Retentive Powers.

Hæmatic Syrup is a miraculous preparation for the Purification of Blood, for the Renovation of Deranged and Broken Constitutions, is a Rebuilder of Health and a Resuscitator of Life.

Hæmatic Syrup strengthens the System of the Fair Sex, restores all ages the sound and Robust Health, removes any obstruction or Irregularity of the System.

Hæmatic Syrup is an infalible remedy for Bilious disorders of any kind such as Indigestion, Dyspepsia, Loss of Appetite, Acidity, Costiveness, Head ache, Disturbd Sleep, Frightful dreams and long standing Diarrhœa, &c.

Value returned in case of failure in efficacy. Innumerable testimonials are at hand.

Price per phial Rs. 2; dozen Rs 20 postage and V. P. P. charge Annas 10 and Rs. 2-4 only.

Apply to
Dr. P. MARTIN,
41. Bhavani Charan Dutta's Lane,
Calcutta.

---

ଡ଼ାକ ମାସୁଲ ଏକମାତ୍ର ଅଣା ।
ଡା, ରାଧେଶ୍ୟାମ ବୋସ୍ଙ୍କର
ଧାତୁ ଦୌର୍ବଲ୍ୟ ଓ ମେହ ପ୍ରମେହର ଏକମାତ୍ର ମହୌଷଧ ।

# ଚିବିଲିଟି ଡ୍ରପ ।

ଯୁବକ, ବୃଦ୍ଧ ଓ ଛାତ୍ର ଯେଉଁ ମେହରୋଗର ପ୍ରବାଧ ହେବାଦ୍ଦ୍ୱାରା କଷ୍ଟ ପାଉଥିଲେ । ଅତଏବ ... ବର୍ଷ ହେଲା ... ଓ ଅନେକ ... ସୁବିଖ୍ୟାତ ଡାକ୍ତରମାନଙ୍କର ସହାୟତାରେ ଆବିଷ୍କୃତ ... ଔଷଧ ଯାହା ... ହୋଇଅଛି ... ଏହି ମହୌଷଧ ... । ଯେଉଁମାନେ ଧାତୁକ୍ଷୀଣ ପୀଡ଼ାରେ କଷ୍ଟ ପାଉଅଛନ୍ତି ଏବଂ ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହ ଅଭ୍ୟେତ, ... ଯାହାଙ୍କର ... ଯେମାନେ ଥରେ ଏ ଔଷଧ ପରୀକ୍ଷାକରି ଦେଖନ୍ତୁ ଏହା ସେବନକଲେ ଧାତୁ ଦୌର୍ବଲ୍ୟ ( ... ବା ମଧୁମେହ ... ) ... ଶୀଘ୍ର ...

Split by PDF Splitter



ଅତ୍ୟାସ୍ତର କମ୍ବା ହସ୍ତମୈଥୁନାଦ କଶତଃ ନାନା ପୀଡ଼ା, ମେହ ପ୍ରମେହଆଦ ୨୦ ପ୍ରକାର ମେହ, କଡୁମୂଳ ଧାତୁ- ପୀଡ଼ା, ଧ୍ୱଜଭଙ୍ଗ ଇନ୍ଦ୍ରିୟ ଶୈଥିଲ୍ୟ, ସ୍ତ୍ରୀସହବାସରେ ଅକ୍ଷମତା ଶୁକ୍ର ତରଳତା, ଅଳ୍ପ ବା ବିନା ଉତ୍ତେଜନାରେ ରେତଃପାତ, ଇଚ୍ଛା କଲେ ଅନୁଦମନ, ସ୍ୱପ୍ନଦୋଷ, ପ୍ରସ୍ରାବର ଅଗ୍ର ବା ପଛରେ ବାହ୍ୟରେ ଶୁକ୍ରକଣ୍ଡିକା ବା ଶୁକ୍ରଧାତୁ ନିର୍ଗତ, ନଇଲେ କ୍ଷତ, ପ୍ରସ୍ରାବରେ ଜ୍ୱାଳାକର, ମୁହୁର୍ମୁହୁ ପ୍ରସ୍ରାବ ଓ ତହିଁର ବର୍ଣ୍ଣ ଲାଲ ବା ଗୋଳିଆ । ତଳପେଟରେ ବେଦନା, ସର୍ବଦା ଆଳସ୍ୟ, କ୍ଷୁଧାମାନ୍ଦ୍ୟ, କୋଷ୍ଠବଦ୍ଧ ଶିରଃ- ପୀଡ଼ା, ମସ୍ତକଘୂର୍ଣ୍ଣନ, ଚକ୍ଷୁଦାହ, ମୁଖଶୋଷ, ଦୃଷ୍ଟିକ୍ଷୀଣତା, ହୃଦ୍‌କମ୍ପ, ହାତଗୋଡ଼ ଜ୍ୱାଳା ଇତ୍ୟାଦି ( ସ୍ତ୍ରୀ ଓ ପୁରୁଷଙ୍କ ) ବହୁତଥାନ୍ତୁ ମୂତ୍ରଯନ୍ତ୍ର ସମ୍ବନ୍ଧୀୟ ଯାବତୀୟ କଠିନ ବ୍ୟାଧି, ସେବେତେଜନର ନୂତନ ଓ ପୁରାତନହେଉ ଏକମାସ ସେବନ କଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ରକ୍ତ, ମାଂସ, ଶୁକ୍ର, ବଳ ବୀର୍ଯ୍ୟ ବୃଦ୍ଧି ହେବ । ଅଯଥା ଅତ୍ୟାଚାରରେ ଧାତୁଗତ ପୀଡ଼ା ଆଉ ହେବ ନାହିଁ । ଏକମାସ ସେବନୋପଯୋଗୀ ପ୍ରତ ଶିଶି ଟ ୨ ଦୁଇଟଙ୍କା । ପ୍ୟାକିଂ ଟ ୦ । ଚାରିଅଣା । ଔଷଧପ୍ରାପ୍ତି ଠିକଣା, ।—

ଡ, ଗାର୍ଡେଟ ଏଣ୍ଡ କୋ

୯୯ ନମ୍ବର କଲେଜଷ୍ଟ୍ରିଟ, କଲିକତା ।

---

## ବିଜ୍ଞାପନ

## ମଧ୍ୟନାରାୟଣତୈଳ

ଅଳ୍ପପରିମାଣ ଆମ୍ଭ ନିକଟରେ ବିକ୍ରୟାର୍ଥେ ଅଛି ।

ମୂଲ୍ୟ ଏକଛଟାଙ୍କର ଟ ୧୧ ଙ୍କା

ଏକତ୍ରେ ଏକସେର ନେଲେ ଟ ୧୬ ଙ୍କା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ମିଳିପାରିବ !

୧୭।୧୧।୯୬

---

## ଅଭାବନୀୟ ବ୍ୟାପାର, ଅପୂର୍ବ ଉପହାରକାଣ୍ଡ ।

## ଘଡ଼ି ପୁରସ୍କାର ।



ଲିମ୍ନୋକ୍ତପଦାର୍ଥ ମଧ୍ୟରୁ କେହି ଏକତ୍ରରେ ଏକନାମରେ ଏକଦ୍ୟାକେଟରେ ଏକଭଜନ ଅର୍ଥାତ ୧୨ ଗୋଟା ବସ୍ତୁ କ୍ରୟ କରିଲେ ତାହାଙ୍କୁ ଗୋଟିଏ ଉତ୍କୃଷ୍ଟ ରୋଲଡଏ ରେଗୁ- ଲେଟାର ଓ୍ୱାଚ ଘଡ଼ି ଉପହାର ଦିଆଯିବ ଏବଂ ଅର୍ଦ୍ଧ ଡଜନ ଅର୍ଥାତ ୬ ଗୋଟା କ୍ରୟ କରିଲେ ଗୋଟିଏ ଷ୍ଟାଇମ୍‌ପିସ୍ ଘଡ଼ି ଉପହାର ଦିଆଯିବ । ମୂଲ୍ୟ ଅଗ୍ରୀମ ପଠାଇଲେ, ଅଥବା ଷ୍ଟାମ୍ପରେ ନାମଧାମ ସହ ପତ୍ର ଲେଖିଲେ ମଫସଲକୁ ଭିଃ ପିଃ ଡାକରେ ଦ୍ରବ୍ୟ ଓ ଉପହାର ପ୍ରେରଣ କରି ମୂଲ୍ୟ ଆଦାୟ କରି ହୁଏ ।

### ଭାରତରେ ଅଦ୍ଭୁତ ଓ ଆଶ୍ଚର୍ଯ୍ୟ

## "ମ୍ୟାଜିକ ଲେମ୍ପ ।"

ଏହି ଲେମ୍ପ ଆମେରିକାରୁ ହାଲକତାରୁ ଆମ୍ଭର ନୂତନ ଆଣିଅଛି । ଏଥିପୂର୍ବେ ଏପରି ଦ୍ରବ୍ୟ ଏଦେଶକୁ କେବେହେଁ ଆମଦାନୀ ହୋଇ ନ ଥିଲା । ଏହା ନିକଲ ଧାତୁରେ ନିର୍ମିତ, ଦେଖିବାକୁ ଆକାରରେ ଠିକ ଜେବ ଘଡ଼ିପରି ଥିବାରୁ ପକେଟରେ ରଖାଯାଇ ପାରେ । ଏହା ଦେଖିବାକୁ ଅତି ସୁନ୍ଦର । ଆଶ୍ଚର୍ଯ୍ୟର କଥା ଏହି ଯେ, ଏ ଲେମ୍ପ ଜାଳିବା- ନିମନ୍ତେ ଦିଆସିଲିର କିମ୍ବା ଅନ୍ୟ କୌଣସି ପ୍ରକାର ଅଗ୍ନିର ଦରକାର ନାହିଁ । ଲେମ୍ପର ପଛପାଖେ ଥିବା ପେଞ୍ଚ ଟିପି- ଲେ ତତ୍‌କ୍ଷଣାତ ଜଳିଉଠେ ଏବଂ ଲିଭାଇ ଦେଲେ ଲିଭିଯାଏ । ପ୍ରତ୍ୟେକ ଗୃହରେ ଏ ଲେମ୍ପକୁ ଗୋଟିଏ ଲେଖାଏଁ ରହିବା ଉଚିତ । ପ୍ରତି ଲେମ୍ପର ମୂଲ୍ୟ ଟ ୬୧ ଙ୍କା । ଗୋ ୬ ଟାକୁ ଟ ୨୬ ଙ୍କା ଗୋ ୧୨ ଟାକୁ ଟ ୬୦ ଙ୍କା ।

## ପକେଟ ଷ୍ଟିକ ( ବାଡ଼ି )

ଏହି ବାଡ଼ି ଜର୍ମାନଦେଶୀୟ ରୂପାରେ ପ୍ରସ୍ତୁତ ହୋଇ କଲିକତାରୁ ନୂତନ ଆମଦାନୀ ହୋଇଅଛି । ଏହା ଦେଖିବାକୁ ସୁନ୍ଦର ଏବଂ ଧାରଣର ଉପଯୋଗୀ । ଏହି ବାଡ଼ି ଏପରି କୌଶଳରେ ନିର୍ମିତ ଯେ, ଏହା ପକେଟରେ ରଖାଯାଇ ପାରିବ । ପ୍ରୟୋଜନ ବେଳେ ପେଞ୍ଚ ଘୁରାଇଲେ ବାଡ଼ି ବର୍ଦ୍ଧିତ ହେବ । ପ୍ରତ୍ୟେକ ବାଡ଼ିର ମୂଲ୍ୟ ଟ ୪, ଡଜନଗଣ୍ଡକୁ ଟ ୨୪୧ ଙ୍କା ୧୨ ଖଣ୍ଡକୁ ଟ ୪୮୧ ଙ୍କା ।

## "ଫ୍ୟାସନେବଲ ଅଙ୍ଗୁଳି ।"

ଏହି ଅଙ୍ଗୁଳି ( ମୁଦି ) ଜର୍ମାନଦେଶରୁ ଆଗତ, କେନେଡିଅନ ସ୍ୱର୍ଣ୍ଣରେ ଗଠିତ, ଜୋରମିଶୀଦ୍ୱାରା ନିର୍ମିତ, ଦେଖିବାକୁ ମନୋହର, ରଙ୍ଗ ଚିରସ୍ଥାୟୀ, ବ୍ୟବହାରରେ ଉଜ୍ଜ୍ୱଳତା ବୃଦ୍ଧି ହୁଏ, କଷିଲେ ୧୬।୧୮ ଟଙ୍କା ଭରିର ସୁନା ସହିତ ସାମ୍ୟ ହେବ । ଏହା ଦେଖିଲେ ବେଶିଟଙ୍କା ଖର୍ଚ୍ଚ କରି ଅସଲ ସୁନାର ମୁଦି ବ୍ୟବହାର କରିବାକୁ ମନ ବଳିବ ନାହିଁ, ଏହି ଜନମନୋହର ଅଙ୍ଗୁଳିର ସୁଲଭ ମୂଲ୍ୟ ଟ ୧୪ ଙ୍କା ଅର୍ଦ୍ଧ ଡଜନକୁ ଟ ୮୧ ଙ୍କା ଏକ ଡଜନକୁ ଟ ୧୬୧ ଙ୍କା ମାତ୍ର ।

ଉପରୋକ୍ତ ସମସ୍ତ ଦ୍ରବ୍ୟ ପ୍ରାପ୍ତିର ଏକମାତ୍ର ଠିକଣା ।

ପି, ଲେଜାର୍ସ ଏଣ୍ଡ କୋମ୍ପାନୀ

୪୧—୧ ନମ୍ବର ଭବାନୀଚରଣ ଦତ୍ତସ୍ ଲେନ

କଲିକତା ।

P. LEZARS & Co.

41—1 Bhawani Ch. Dattas Lane

Calcutta.

---

## ନୂତନ ନାମାବଳୀ ।

ହିନ୍ଦୁ ମାନଙ୍କର ପ୍ରାତ୍ୟହିକ ପୂଜାସମୟରେ ଅଙ୍ଗରେ ଧାରଣକରିବାର ମନୋହରଚନ୍ଦ୍ରବସ୍ତ୍ର ପରମାରାଧ୍ୟ ଶ୍ରୀକୃଷ୍ଣଙ୍କର ପାଦପଦ୍ମ ଏବଂ ଓଡ଼ିଆ ଓ ବଙ୍ଗଳା ଅକ୍ଷରରେ ଅନେକନାମ ଓ ମହାମ- ନ୍ତ୍ରସହିତ ପକ୍କା ନୀଳରଙ୍ଗରେ ଛପାହୋଇ ଏଠାରେ ବିକ୍ରୟ ହେଉଅଛି ଓଡ଼ିଶାରେ ଏହା ନୂଆପ୍ରକାଶିତ । ବୃନ୍ଦାବନରୁ ଆସୁଥିବା ନାମାବ- ଳୀଠାରୁ ଉତ୍କୃଷ୍ଟ, ଦେଖିବା ମାତ୍ରକେ ଜଣାଯିବ ଏଥିପୂର୍ବେ ଯେ କଳା ଓ ମାଟିଆରଙ୍ଗରେ ଛପା ହେଉଥିଲା ଗ୍ରାହକେ ଏହାକୁ ସେରୂପ ଥିବାର ମନେ କରିବେ ନାହିଁ । ଲମ୍ବ ଗମ୍ୟଜ ଓସାର ଦୁଇହାତ, ମୂଲ୍ୟ ଗ ୧ ଖଣ୍ଡ ଟ ୧

ମୋଫସଲ ଗ୍ରାହକମାନଙ୍କୁ ଖଣ୍ଡପ୍ରତି ଟ ୦ । ଲେଖାଏଁ ଡାକଖର୍ଚ୍ଚା ପଡ଼ିବ । ଭେଲ୍ୟୁପେବଲ୍ ଡାକରେ ପଠାଯାଇପାରେ ।

କଟକପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟ କଟକ } ଶ୍ରୀ ଭାଗୀରଥୀ ସାଠିଆ

---

## ଘଡ଼ିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ନାନାପ୍ରକାର ଘେଷ୍ଟ ବଡ଼ ଘୁଲ୍ୟଘଣ୍ଟି ଉତ୍ତମରୂପେ ମରାମତ ହେବା ଓ ଯଥା ସମ- ୟରେ ପାଇପାରିବାର କଳ କଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

---

## ବିଚ୍ଚମସାହେବଙ୍କ ବଟିକା

## ( BEECHAM'S PILL. )

ଫଳ ବିବେଚନାରେ ଏହା ଫରୁଆର ମୂଲ୍ୟ ଏହା ମୋହରକୁ ଶସ୍ତା ବୋଲାଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାର ତବି ଇତ୍ୟାଦି ଧାତୁ ବା ଧର୍ମହାନିକର ଦ୍ରବ୍ୟ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରି- ପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତଂ ତାପେ

Digitized by srujanika@gmail.com

Split by PDF Splitter



ଉଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବହୁଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ଉକ୍ତ ପରସ୍ପର ଓ ଦେହପୁଷ୍ଟି-ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫାଇଲ ଆକାର ଅନୁସାରେ ଟ ୦।୵ ଟ ୦।୷ ଓ ଟ ୦ ୷୵ ଅଟଇ । ଡାକଖର୍ଚ୍ଚା ପୃଥକ୍ ଦେବାକୁ ହେବ ।

---

ସହର ଓ ମଫସଲବାସି ମାନଙ୍କ ସୁବିଧାର୍ଥ ଅନେକ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତି ମାନଙ୍କଠାରୁ ସର୍ବଦା ରୋଗର ଅବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗୀର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବାକୁ ଯତ୍ନ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ପ୍ରକୃତ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମ ନିମନ୍ତେ ଶତକଡ଼ା ଟ ୬। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପୋଷ୍ଟେଜ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଏବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରଙ୍ଗ ବା ଇନସଫିସିଏଣ୍ଟ ପତ୍ର ଗ୍ରହଣ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା କୁଇପନସିଅ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

## ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ପାରିଜାତ ତୈଳ—ଏହା ବ୍ୟବହାର କଲେ ମସ୍ତକର କଣ୍ଡୁ ଓ ଖଣ୍ଡୁଆ ଦୂର ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁଦ୍ରାବଣ—ନାମ ଶୁଣାଇବା ସତ୍ୟ ଜଳ୍ପ ପ୍ରୟୋଗ କାଲେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ପ୍ରତିକୌଟାର ମୂଲ୍ୟ ଚାରିଅଣା ମାତ୍ର ।

୩ । ଶୂଳହାରିଣୀ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁଶୂଳ ( ଅମାଶୟ ) ଓ ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଦୃଷ୍ଟିହୀନ ନିବାରିତ ହୁଏ ।

ଏହା ଅମୋଘ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ସଙ୍ଗେ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଚୂନସାଗର ଅବଲେହ—ଏହା ସେବନ କଲେ ମାଂସ ଲେଉଟା ବା କୃଶିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଣ୍ଡୁର, ପୁରାତନ ଓ ଜଙ୍ଗଲ ଓ ପାଙ୍କସମ୍ଭୂତ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନଗ୍ନିମାନ୍ଦ୍ୟ, କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ବଳ ବର୍ଦ୍ଧିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାରକ୍ଷତ, କଣ୍ଡୁ, ଗାତ୍ର ଜଳିବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦିରୋଗ ଓ ଲକ୍ଷଣମାନ ଏହା ବ୍ୟବହାର କଲେ ଦୂରୀଭୂତ ହୋଇ ମାନବଦେହ ନିର୍ମଳ ସ୍ୱାସ୍ଥ୍ୟ ଓ ଶୋଭାଯୁକ୍ତ ହୁଏ । ଗ୍ରୀଷ୍ମଋତୁରେ ସ୍ୱଚ୍ଛ କରିବା ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବ୍ୟାଧି ଓ ସନ୍ଧିବାତ ଏହା ସେବନରେ ଆରୋଗ୍ୟ ହୁଏ । ବାର ଦିନ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

---

## ବାଲିକାଗଜ ।

ଚଳନ୍ତିଶିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କାର୍ଯ୍ୟାଳୟର ଅନ୍ତରଙ୍ଗ କଳ କର୍ମାଗାର ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୭ ଓଜି | ଖାତା | ଟ ୧।୵ | ଟ ୦।୷ |
| ୧୫ ଓଜି | „ | „ ଟ [illegible] | „ ଟ ୦।୷ |
| ୧୨ ଓଜି | „ | „ ଟ [illegible] | „ ଟ ୦।୵ |
| ୨୨ ଓଜି ଡବଲଫୁଲସ୍କେପ୍ | „ ଟ [illegible] | | „ ଟ ୦।୷ |

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ତତ୍ତ୍ୱାବଧାନରେ ଚଳୁଥିବା ଆମ୍ଭମାନଙ୍କ ଦୋକାନରେ ଇଂରାଜୀ ଜୋତା ଓ ନୂଆ ଓ ଲେସ୍‌ମୀଡିଆର ଜୁତା ଓ ଗ୍ଲୋବ ଇତ୍ୟାଦି ନାନା ଜିନିଷ ସର୍ବଦାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଏତଦ୍ଭିନ୍ନ ଅନେକପ୍ରକାର ଫେନ୍ସି ଜିନିଷାଦି ବିକ୍ରୟ ନିକଟରେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ତାହା ଦୋକାନରେ ଅନୁସନ୍ଧାନ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ ।

## ଚିତ୍ତହାର ।

ଏ ହାରକୁ କେହିଅବି ଯତ୍ନରେ ଉଠି ଦେଖିଲେ ଉଜ୍ଜ୍ୱଳ ହୋଇଥିବାର ଜାଣିବେ କେବଳ ଯାହାଙ୍କ ବଡ ହେବ ପରିଷ୍କାର ଅଛେ ଲେପିଦେଲେ ନଷ୍ଟ ହେବ ଓ ରଙ୍ଗ ଧରିବ ନାହିଁ ।

ଜରିଲି ଜମିଡ଼ା ଓ ଧାତରେ ଲଗାଇବାର ଜାଗ ମଧ୍ୟ ଅଛି ।

ଅନନ୍ତକଟର ବନ ଜଣାଉ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦/ |
| ଅର୍ଦ୍ଧସ୍ତମ୍ଭକୁ | ଟ ୬ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୧୦ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଖର୍ଚ୍ଚ ଟ ୦।୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମର ଅର୍ଦ୍ଧେକ ଏବଂ ତୃତୀୟ ପରଠାରୁ ଦେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀ ବଜାର କଟକ ପ୍ରିଣ୍ଟିଂକମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୭ ଶ
ସଂଖ୍ୟା ୫୦ ସଂଖ୍ୟା
ତା ୨୪ ଶେ ମାହେ ଡିସେମ୍ବର ସନ ୧୮୯୨ ମସିହା । ମୂ । ପୌଷ ୯ ଇ ସନ ୧୩୦୦ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦ୍ଦେୟ ଟ ୬୯

## ବିଜ୍ଞାପନ ।

ଓଡ଼ିଆ
ସନ ୧୮୯୩।୯୪ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ପୂର୍ବ-ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।
ବଡ଼ ଖଂଲୁ ଟ୦।୵ ଡାକମସୁଲ ଟ୦୵
ଛୋଟ ଖଂଲୁ ଟ୦୵ ଡାକମାସୁଲ ଟ୦୬

ଜଳ ଅଭାବରୁ ମାନ୍ଦ୍ରାଜଅଞ୍ଚଳର ଫସଲ ବିଶେଷ ନଷ୍ଟ ହେବାର ଅଶଙ୍କା ହୋଇଥିଲା । ଈଶ୍ୱରଙ୍କ କୃପାରୁ ଚଳିତମାସ ତା ୧୫ ଓ ୧୬-ରଣରେ ବୃଷ୍ଟି ହୋଇଅଛି ।

———

ଇଂରାଜୀ ରୀତି ଅନୁକରଣରେ ଶିଶୁମାନଙ୍କୁ କଳଯନ୍ତ୍ରଯୁକ୍ତ ବୋତଲଦ୍ୱାରା ଦୁଧ ଖୁଆଇବାର ନାନା ଦୁର୍ଗୁଣ ମଧ୍ୟରେ ଗୋଟିଏ ପ୍ରଧାନ ଅନିଷ୍ଟ ଏହି କି ଏଥିରେ ଦନ୍ତ ଶୀଘ୍ର ନଷ୍ଟ ହୁଅଇ ବୋଲି ଜଣେ ପ୍ରଧାନ ଜର୍ମାନ ଡାକ୍ତର ସ୍ଥିର କରିଅଛନ୍ତି ।

—✻○✻—

ଇଷ୍ଟକୋଷ୍ଟ ରେଲବାଟ ସକାଶେ ଗୋଦାବରୀ ନଦୀ ଉପରେ ଯେଉଁ ସେତୁ ନିର୍ମାଣ ହେଉଅଛି ତହିଁରେ ଏକକୋଟି ୩୦ ଲକ୍ଷ ଟଙ୍କା ବ୍ୟୟ ହେବ । ଏ କାର୍ଯ୍ୟ ଅଗାମୀବର୍ଷ ମଧ୍ୟରେ ଶେଷ ହେବାର ଥିଲା । ମାତ୍ର ଅର୍ଥାଭାବ ହେତୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏହାକୁ ବର୍ଷେ ସ୍ଥଗିତ ରଖିବାର ମନସ୍ଥ କରିଅଛନ୍ତି ।

———

ଗବର୍ଣ୍ଣମେଣ୍ଟ ନିୟମ କରିଅଛନ୍ତି ସ୍କୁଲ-ପରିଦର୍ଶକମାନେ ମୋଫସଲ ଭ୍ରମଣ ସମୟରେ ବିଦ୍ୟାଳୟ ପରିଦର୍ଶନ ସଙ୍ଗେ ସଙ୍ଗେ କାଞ୍ଜି ହାଉସମାନ ତଦାରକ କରିବେ । ଅନେକ ସ୍ଥଳରେ କାଞ୍ଜିହାଉସର ଭାର ଏକା ଜଣ ଶିକ୍ଷକଙ୍କୁ ଅର୍ପିତ ହୋଇଅଛି ଓ ସରକାର ମଧ୍ୟ ଏକପ୍ରକାର ଠିକ ବୁଝିଅଛନ୍ତି ଯେ ସ୍କୁଲ ଓ କାଞ୍ଜିହାଉସ ଏକଶ୍ରେଣୀର କାରଖାନା !

————

ଜାତୀୟ ମହାସମିତିର ଅଧିବେଶନ ଏଲାହାବାଦଠାରେ ଆଗାମୀ ସୋମବାରେ ହେବାର ପୂର୍ବରୁ ଧାର୍ଯ୍ୟ ହୋଇଥିଲା । ମାତ୍ର ମାନ୍ଦ୍ରାଜ ପ୍ରତିନିଧିଙ୍କ ଅସୁବିଧା ଦୃଷ୍ଟିରେ ତୁଇଦିନ ଘୁଞ୍ଚିଯାଇ ଆଗାମୀ ବୁଧବାର ସଭା ବସିବାର ସ୍ଥିର ହୋଇଅଛି । ଭାରତବର୍ଷର ସ୍ତୁରଅଞ୍ଚ ପ୍ରତିନିଧିମାନେ ସେଠାକୁ ଯାଉଅଛନ୍ତି । ଓଡ଼ିଶାର ଭାଗ୍ୟରେ ଏ ସଭାରେ ଯୋଗଦେବା ଘଟିଲା ନାହିଁ । ଏହାଇକି ଓଡ଼ିଶାଉନ୍ନତିର ପରିଚୟ ?

—○※○—

ହାବଡ଼ାଠାରୁ କଟକ ପର୍ଯ୍ୟନ୍ତ ରେଲବାଟ କରିବାର କଳ୍ପନା ଗବର୍ଣ୍ଣମେଣ୍ଟଙ୍କ ମନରେ ପୁନରୁଦିତ ହୋଇଅଛି । ଏହି ରେଲବାଟ ହାବଡ଼ାଠାରୁ ଗଙ୍ଗାନଦୀର ବାମକୂଳରେ ବଜବଜିଆ ପର୍ଯ୍ୟନ୍ତ ଆସି ସେଠାରୁ ପକ୍କା ସଡକ ଉପରେ ମେଦିନୀପୁର ଅସିବ ଓ ଦାନ୍ତଣ, ଜଲେଶ୍ୱର ଓ ବାଲେଶ୍ୱର ବାଟେ ଅସି ବନାଲିନକଟରେ ବୈତରଣୀ ପାରହୋଇ ନରସିଂଘାଟରେ ଲଗିବ । ଏହି ଲାଇନର ତଦନ୍ତ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ।

———

କଲ୍ଲିକୁଜଙ୍ଗର ପ୍ରଜାମାନେ ସେଠାର କୋର୍ଟ ଅଫ ଵାର୍ଡ୍ସ ମ୍ୟାନେଜରଙ୍କ ବ୍ୟବହାରରେ ଭାରି ଅସନ୍ତୁଷ୍ଟ ହୋଇ ପୁନଃ ପୁନଃ କଲେକ୍ଟର ଓ କମିଶ୍ନର ସାହେବଙ୍କଠାରେ ଅବେଦନ କଲେ ସୁଦ୍ଧା ଅଦ୍ୟାପି କିଛି ନିଷ୍ପତ୍ତି ହୋଇ ନାହିଁ । ଆମ୍ଭେମାନେ ଏ ସମ୍ବନ୍ଧରେ ପ୍ରେରିତପତ୍ର ପାଉଅଛୁଁ । ପ୍ରାର୍ଥନା କଲେକ୍ଟର ସାହେବ କୁଜଙ୍ଗରେ ଦି ଚାରି ଦିନ ରହି ପ୍ରଜାଙ୍କ ଗୁହାରମାନ ସାକ୍ଷାତରେ ମୀମାଂସା କରିଦେଲେ ଭଲ ହେବ । ଅସନ୍ତୋଷ ବୃଦ୍ଧି କରିବା କୌଣସିମତେ ଭଲ ନୁହଇ ।

———

ପଞ୍ଜାବର ନୂତନ ଲେଫ୍ଟେନାଣ୍ଟ ଗଭର୍ଣ୍ଣର ସାର ଡେନିସ ଫିଜ ପାଟ୍ରିକ ମୋଫସଲ ଭ୍ରମଣର ଭିନ୍ନରୀତି ଅବଲମ୍ବନ କରିଅଛନ୍ତି । ପୂର୍ବରୁ ସମାଦ ନ ଦେଇ ସେ ଏଥିମଧ୍ୟରେ ଫିରୋଜପୁରରେ ହଠାତ୍ ଏକଦିନ ଉପସ୍ଥିତ ହୋଇ ସେ ନଗ-

Digitized by srujanika@gmail.com

Split by PDF Splitter



ରର ସ୍ୱାସ୍ଥ୍ୟର ଦୁରବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କଲେ । ସ୍ଥାନୀୟ ହାକମମାନେ ପୂର୍ବରୁ ଜାଣିଥିଲେ ସବୁଦୋଷ ଘୋଡ଼ାଇ ନେଇଥାନ୍ତେ ମାତ୍ର ତହିଁର ଅବକାଶ ପାଇଲେ ନାହିଁ । ଏହିପରି ଭ୍ରମଣରେ ପ୍ରକୃତ କାର୍ଯ୍ୟ ହୁଅଇ । ଭରସା ହେଉଅଛୁ ନୂତନ ପଞ୍ଜାବଲାଟ ସୁଯଶ ରଖିବେ ।

---

କୃଷିବିଗ୍ରହସମ୍ବନ୍ଧୀୟ ଅବେଶ ବଙ୍ଗୀୟ-ଗବର୍ଣ୍ଣମେଣ୍ଟ ପୁନର୍ବିଗ୍ରହ କରିବାର ଶୁଣି କଲିକତାବାସିମାନେ ପ୍ରତିବାଦସଭା ସ୍ଥଗିତ ରଖିଥିଲେ । ମାତ୍ର ତହିଁଉତ୍ତାରୁ ଜଣାଗଲା ଯେ ଗବର୍ଣ୍ଣମେଣ୍ଟ ତାହା କରିବେ ନାହିଁ । ସୁତରାଂ ପ୍ରତିବାଦସଭା କରିବାର ନିଶ୍ଚୟ ହୋଇ ଗତ ମଙ୍ଗଳବାରକୁ ଦିନ ଧାର୍ଯ୍ୟ ହୋଇଥିଲା । ସେଦିନ ଅପରାହ୍ଣ ପାଞ୍ଚ ସମୟରେ କଲିକତାଟାଉନ-ହଲରେ ଏକ ବିରାଟସଭା ହୋଇଥିବ । ଇଉରୋପୀୟ ଏବଂ ଦେଶୀୟ ଭଦ୍ରଲୋକମାନେ ମିଶି ଏ ସଭାର କାର୍ଯ୍ୟ ନିର୍ବାହ କରିଥିବେ । ଏ ସଭାର ବିସ୍ତାରିତ ବିବରଣ ଅଦ୍ୟକାଲି ଜଣାଯିବ ଏବଂ ଆଗାମିରେ ଅମ୍ଭେମାନେ ପ୍ରକାଶ କରିବୁଁ ।

---

ଆମ୍ଭମାନଙ୍କର ବିଶେଷ ପରିଚିତ ପ୍ରେସିଡେନ୍ସି-ବିଭାଗର କମିଶନର ଶ୍ରୀଯୁକ୍ତ ବିମ୍ସ୍ ସାହେବ ଶୀଘ୍ର କାର୍ଯ୍ୟରୁ ଅବସର ଗ୍ରହଣକରୁଅଛନ୍ତି । ବୋର୍ଡର ସଭ୍ୟପଦରେ ପୁନଃ ନିଯୋଗ ହେବା ତାଙ୍କ ଭାଗ୍ୟରେ ଘଟିଲା ନାହିଁ । ତାଙ୍କ ସ୍ଥାନରେ ଅବକାଶ ବିଭାଗର କମିଶନର ଶ୍ରୀଯୁକ୍ତ ଓ୍ୱେଷ୍ଟମେକଟ ସାହେବ ନିଯୁକ୍ତ ହେବେ । ଏହାଙ୍କ ଅନ୍ତେ ଅବକାଶକମିଶନରୀପଦ କଲେକ୍ଟରୀପଦରେ ବାଚ୍ୟ ହେବ । ପୁଣି ଶୁଣିଅଛୁ ଏ ଅବକାଶ ସଦର ଅଫିସ ଢାକାନଗରରେ ସ୍ଥାପିତ ହେବ । କଲିକତାସନ୍ନିଧାନରୁ ସ୍ଥାନାନ୍ତରିତ ହୋଇ ଏକ ପ୍ରାନ୍ତଭାଗରେ ସ୍ଥାପିତ ହେବାର କାରଣ କିଛି ଜଣା ପଡ଼ୁ ନାହିଁ ।

---

ବାଲେଶ୍ୱରଜିଲ୍ଲାରେ ଯୋଡ଼ିଏ ନରହତ୍ୟା ଘଟିଥିବାର ଗତ ସମ୍ବାଦବାହିକାରେ ପାଠକ-ଙ୍କୁ । ଏକ ଘଟନା ଏହିପରି ଭଦ୍ରଖ ବାଙ୍କାବଜାରରେ ଗୁରୁଜଣ ମୁସଲମାନ ଏକ ବେଶ୍ୟାକୁ ପ୍ରଲୋଭ ଦେଖାଇ ବେଶ ଭୂଷା କରାଇ କର୍କଟ-ସ୍ଥାନକୁ ଡ଼ାକିଥିଲି ମଦ ପାନହାସ ତାହାକୁ ଅଚେତନ କରାଇ ବଧକଲେ ଓ ଅଲଙ୍କାରମାନ ଅପହରଣକରି ଶବକୁ ସଲନ୍ଦୀ ନଦୀରେ ଫିଙ୍ଗିଦେଲେ । ପୁଲିସର ଯତ୍ନରେ ସେମାନେ ଧରାପଡ଼ି ଦୌରା ସୁପର୍ଦ୍ଦ ହୋଇଅଛନ୍ତି । ଅ-ନ୍ୟଟିରେ ତିନିଜଣ ହେଉଥି ସେମାନଙ୍କ ମଧ୍ୟରେ ଦୁଇଜଣ ଗୋଷା ଓ ଜଣେ ଚଷା ଅଛନ୍ତି । ବାଲେଶ୍ୱର ନଗରନିକଟ କଣପାରଥା ଗ୍ରାମର ଏକ ବିଧବାସଙ୍ଗେ ପାପ ପ୍ରଣୟରେ ରତ ଥିଲେ । ନିଷ୍ଠକ ହେବା ଅଭିପ୍ରାୟରେ ଗର୍ଭାବସ୍ଥାରେ ଛୋଟଗୃପି ବଧବାକୁ ବଧକରି-ବାର ପୁଲିସ ତଦନ୍ତରେ ଜଣା ଯାଇଅଛି । ଆସାମୀମାନେ ଧୃତ ହୋଇ ହାଜତ୍ସାଧୀନରେ ଅଛନ୍ତି ।

---

ଇଂରାଜୀବିଦ୍ୟାଳୟର ଛାତ୍ରମାନଙ୍କର ଶାରୀରିକ ଦୁର୍ବଳତା କାରଣ ଓ ସ୍ୱାସ୍ଥ୍ୟୋନ୍ନତି ବିଷୟରେ କଲିକତା ବିଶ୍ୱବିଦ୍ୟାଳୟ ମନୋଯୋଗୀ ହୋଇଅଛନ୍ତି । ସମ୍ପ୍ରତି ଉକ୍ତ ବିଶ୍ୱବିଦ୍ୟାଳୟର ୫୧ ଜଣ ମାନ୍ୟ ଗଣ୍ୟ ସଭ୍ୟ ପ୍ରସ୍ତାବ କରି ଅଛନ୍ତି ଯେ କୌଣସି ଛାତ୍ର ପ୍ରତି-ସପ୍ତାହରେ ଅନ୍ୟୂନ ଦୁଇ ଘଣ୍ଟା ବିଶ୍ୱବିଦ୍ୟାଳୟ-କର୍ତ୍ତୃକ ନିର୍ଦ୍ଧାରିତ କୌଣସି ବ୍ୟାୟାମ ଅଭ୍ୟାସ କରି ଥିବାର ସର୍ଟିଫିକଟ ନ ଦେଲେ ପ୍ରବେଶିକା ବା ଏଫ, ଏ, ପରୀକ୍ଷା ଦେବାକୁ ସମର୍ଥ ହେବେ ନାହିଁ । ମାତ୍ର ଯେଉଁ ଛାତ୍ରମାନେ ଶାରୀରିକ ପରିଶ୍ରମ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ବୋଲି ଡାକ୍ତର ସାର୍ଟିଫିକଟ ଦେବେ, ସେମାନେ ଛଡ଼ ପାଇବେ । ଏହି ପ୍ରସ୍ତାବ ସିଣ୍ଡିକେଟ ସଭାର ବିଚାରାଧୀନରେ ଅଛି । ମାନସିକ ପରିଶ୍ରମ ସହିତ ଶାରୀରିକ ପରିଶ୍ରମ ଅତ୍ୟନ୍ତ ପ୍ରୟୋଜନୀୟ । ସନ୍ଦେହ ନାହିଁ ତେବେ ବିଶ୍ୱବିଦ୍ୟାଳୟର ଏପରି ନିୟମ କରିବା ଅନଧିକାରଚର୍ଚ୍ଚା ପ୍ରାୟ ଜଣା ଯାଉଅଛି ।

---

ଲେଫ୍‌ଟେନାଣ୍ଟ ବାହାଦୁର ସାର ଚାର୍ଲସ ଇଲିଅଟଙ୍କ କ୍ରିୟାକଲାପ ଏକପ୍ରକାରର । ବିଦ୍ୟାଳୟର ଛାତ୍ରମାନଙ୍କ ସହିତ ସଦ୍ଭାବ ରଖିବା ଏହାଙ୍କର ସ୍ୱଭାବ । ଇତିମଧ୍ୟରେ ଲେଫ୍‌ଟେନାଣ୍ଟ ମହୋଦୟ ପ୍ରେସିଡେନ୍ସି କଲେଜ ପରିଦର୍ଶନ କରିବାକୁ ନିମନ୍ତ୍ରିତ ହୋଇଥିଲେ । କଲେଜର କର୍ତ୍ତୃ-ପକ୍ଷମାନେ ସମ୍ମାନ ପ୍ରଦର୍ଶନ ମଧ୍ୟରେ ନାଟକାଭିନୟ ଦେଖାଇଥିଲେ । କଲେଜର ୩ୟ ବାର୍ଷିକ ଶ୍ରେଣୀର ଛାତ୍ରବୃନ୍ଦ "ଜୁଲିୟସ ସିଜାର" ନାଟକର ୩ୟ ଅଙ୍କ ଏବଂ ୧ମ ବାର୍ଷିକ ଶ୍ରେଣୀର ଛାତ୍ରବୃନ୍ଦ "ମର୍ଚ୍ଚାଣ୍ଟ ଅବ୍ ଭେନିସ" ର ଶେଷ ଅଙ୍କ ଅଭିନୟ କରିଥିଲେ । ଲେଫ୍‌ଟେନାଣ୍ଟ ଅଭିନୟରେ ମୁଗ୍ଧ ହୋଇ ପ୍ରତିବର୍ଷ ଏହି ପ୍ରକାର ଅଭିନୟ କରିବାର ଅନୁରୋଧ କରିଅଛନ୍ତି ଓ ଆଗାମୀ-ବର୍ଷରେ ଯେଉଁ ଛାତ୍ର ସର୍ବୋତ୍କୃଷ୍ଟ ଅଭିନୟ ଦେଖାଇବ ତାକୁ ଲେଫ୍‌ଟେନାଣ୍ଟ ବାହାଦୁର ସ୍ୱର୍ଣ୍ଣପଦକ ପୁରସ୍କାର ପ୍ରଦାନ କରିବେ । ଅନ୍ୟାନ୍ୟ କଲେଜରେ ଏହି ଦୃଷ୍ଟାନ୍ତର ଅନୁସରଣ ହେଲେ ଛାତ୍ରମାନଙ୍କର ବିଶେଷ ଉପକାର ହେବ । ନାଟକାଭିନୟ ନିର୍ଦ୍ଦୋଷ ଆମୋଦ ଓ ବଙ୍ଗଦେଶରେ ବିଶେଷ ପ୍ରଚଳିତ ।

—୦ଂ୦—

ଆଜିକାଲି ବଙ୍ଗଦେଶରେ ଇଞ୍ଜିନିୟରିଂ ଓ ଶିଳ୍ପ ପ୍ରଭୃତି ବିଶେଷ ଶିକ୍ଷାର କ୍ରମଶ ଉନ୍ନତି ହେଉଅଛି କେବଳ ବି, ଏଲ ପରୀକ୍ଷାର ନିୟମ ବଦଳି-ଯିବାରୁ ଅନେକଶ୍ରେଣୀର ଛାତ୍ର ଗତବର୍ଷରୁ ଊଣା ହୋଇଅଛନ୍ତି । କଟକ ରେଭେନ୍ସା କଲେଜର ଛାତ୍ର ସଂଖ୍ୟା ୨୨ ଠାରୁ ୪୬ କୁ ଖସି ଆସିବାର ଏହି କାରଣ ପ୍ରଦର୍ଶିତ ହୋଇଅଛି କି ଯେଉଁମାନେ ପାଶ କରିଅଛନ୍ତି ସେମାନେ କାର୍ଯ୍ୟ ନ ପାଇ ବସିଅଛନ୍ତି । ଓଡ଼ିଶାରେ ବର୍ତ୍ତମାନ ବନ୍ଦୋବସ୍ତ କାର୍ଯ୍ୟ ଲାଗିଥିବାସ୍ଥଳେ ଏପରି କହିଲେ ଭବିଷ୍ୟତରେ ମାନ୍ୟବର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ଉଚିତ କଥା କହି ଅଛନ୍ତି ବଲୁ କଛି ପ୍ରତୀକାର କରି ନାହାନ୍ତି ।

ଇଉରୋପୀୟ ଏବଂ ମୁସଲମାନମାନଙ୍କ ଶିକ୍ଷା କ୍ରମଶଃ ଅଗ୍ରସର ହେଉଅଛି ଏବଂ ଆଦିମଜାତିଙ୍କ ମଧ୍ୟରେ ଶିକ୍ଷାର ବିସ୍ତାର ଦେଖାଯାଏ । ପାରସି ଆରବି ଏବଂ ସଂସ୍କୃତ ଶିକ୍ଷା କ୍ରମଶଃ ବଢ଼ୁଅଛି । ଫଳତଃ ଶିକ୍ଷା ବିଭାଗର କାର୍ଯ୍ୟ ସକଳ ବିଷୟରେ ସନ୍ତୋଷଜନକ ହୋଇଅଛି ଏବଂ ତହିଁ ପାଇଁ ଡିରେକ୍ଟର ସାହେବ ଧନ୍ୟବାଦ ପାଇଅଛନ୍ତି ।

---

ହାଓଡ଼ା ଖାନାଖାଲର ଭଗବାନଚନ୍ଦ୍ରଗୁପ୍ତଙ୍କ ବିଧବା ପତ୍ନୀ । ୧୮୭୬ ସାଲର ଅ ଆ ଅନୁସାରେ ହାଓଡ଼ା ବାବୁ ଈଶ୍ୱରଚନ୍ଦ୍ର ସେନଙ୍କ ବିବାହ ହୋଇ ସଧବା ହୋଇଅଛନ୍ତି ଭଗବାନଙ୍କର ଏକମାତ୍ର କନ୍ୟାର ନାମ ମାତଙ୍ଗିନୀ । ବର୍ତ୍ତମାନ ଭଗବାନଙ୍କ ସମ୍ପତ୍ତିରେ ମାତଙ୍ଗିନୀ ଅଥବା ହାଓଡ଼ା ଅଧିକାରିଣୀ ହେବ ଏହି ପ୍ରସଙ୍ଗ ସେନ ମୋକଦ୍ଦମା ସବ୍‌ଜଜଙ୍କ ନିକଟରେ ଉପସ୍ଥିତ ହୋଇଥିଲା ତହିଁରେ ଜଜ ଡିକ୍ରିରେ ହାଇ-କୋର୍ଟରେ ଅପିଲ୍ ହେଲା, ହାଇକୋର୍ଟରେ ପଥ-

Digitized by srujanika@gmail.com

ମତରେ ଦୁଇଜଣ ଜଜଙ୍କ ମତ ବିରୋଧ ହେବାରେ ଫୁଲବେଞ୍ଚକୁ ମୋକଦ୍ଦମା ଗଲା । ଫୁଲବେଞ୍ଚରେ ମାନ୍ୟବର ଚିଫ୍‌ଜଷ୍ଟିସ ସାର କୋମରପେଥାରାମ ଜଜ ପ୍ରିନ୍ସେପ୍, ଜଜ ଉଇଲସନ, ଜଜ ପିଗଟ ଓ ଜଜ ଚନ୍ଦ୍ରମାଧବ ଘୋଷ ଥିଲେ । ପ୍ରିନ୍ସେପସାହେବ ବ୍ୟତୀତ ଅନ୍ୟ ସମସ୍ତ ମାନଙ୍କ ମତ ଅର୍ଥାତ କନ୍ୟା ପକ୍ଷ ଅବଲମ୍ବନ କରିବାରୁ ମାନଙ୍କ ମାର ଜୟ ହେଲା । ବିଧବା ସ୍ତ୍ରୀ ଯେ କ ଦ୍ୱିତୀୟ ବିବାହରେ ସଧବା ହୋଇ ଅଛନ୍ତି ତାଙ୍କର ପରାଜୟ ହେବାରୁ କଲିକତ ପ୍ରିଭିକାଉନସିଲରେ ସେ ଅପିଲ କରିବାର ଆୟୋଜନ କରୁ ଅଛନ୍ତି । ଦେଖା ଯାଉ ଶେଷଘାଟିରୁ କି ଏ ଉତ୍ତୀର୍ଣ୍ଣ ହେବ । ବସ ପୁଣି ଦେଖା ନ ଯାଇ ଯେ-କ ଥାଇ ଜୀବନରେ ।

—————

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ଶ୍ରୀଯୁକ୍ତ ଦାଦା ଭାଇ ନୌରୋଜି ବିଲାତପାରଲମେଣ୍ଟର ସଭ୍ୟପଦରେ ସ୍ଥିର ରହିଲେ । ତାହାଙ୍କର ପ୍ରତିଦ୍ୱନ୍ଦ୍ୱୀ କପ୍ତାନ ପେଣ୍ଡନଙ୍କ ନାଲିଶମତେ ନିର୍ବାଚନକାରିଙ୍କ ସଂଖ୍ୟା ହେଉଥିଲା । ଉଭୟପକ୍ଷରୁ ଅନେକ ନିର୍ବାଚନକାରିଙ୍କ ନାମ କଟାଗଲା ଉତ୍ତାରୁ ଦେଖାଗଲା ଯେ ଦାଦା ଭାଇଙ୍କ ପକ୍ଷରେ ଦୁଇଜଣ ଅଧିକ ଥିଲେ । ପଚଦିନର ଗଣନା ଶେଷ ଉତ୍ତାରୁ ଦୁଇପକ୍ଷର ନିର୍ବାଚନକାରିଙ୍କ ସଂଖ୍ୟା ସମାନ ହେଲା । ତାଲିକାରେ ଆଉ ଅଳ୍ପଲୋକଙ୍କର ନାମ ଥିଲା । କପ୍ତାନ ପେଣ୍ଡନ ଫଳାଫଳ ଆଗ ନ ଦେଖି ଦସ୍ତବରଦାସ୍ତ ହେଲେ ଏବଂ ପ୍ରତ୍ୟେକପକ୍ଷ ଆପଣ ୨ ଖରଚ୍ଚ ସହ୍ୟ କଲେ । ସୁତରାଂ ଦାଦା ଭାଇଙ୍କ ନିର୍ବାଚନ ଅଟଳ ରହିଲା । କେବଳ ଏହି ମାମଲା ହେତୁ ସେ କିଛି ଅଧିକା ବ୍ୟୟ ସହ୍ୟ କଲେ । ଯାହା ହେଉ ଏତେଦିନେ ଭାରତବାସୀ ଏକଜଣ ପାରଲମେଣ୍ଟସଭାର ସଭ୍ୟ ହେଲେ ସାମାନ୍ୟ ଗୌରବର ବିଷୟ ନୁହଇ । ସମସ୍ତ ଭାରତବାସୀ ଏ ସୁସମ୍ବାଦ ଶୁଣି ନୃତ୍ୟ କରୁଅଛନ୍ତି । ପରମେଶ୍ୱର ଭାରତର ମଙ୍ଗଳ କରନ୍ତୁ ।

—————

ପୁରୀ ଦାମୋଦରପୁରଶାସନର ସଦ୍ଧର୍ମପ୍ରକାଶିକାସଭାର ସମ୍ପାଦକ ପଣ୍ଡିତ ଶ୍ରୀ ମାନଗୋବିନ୍ଦ ମିଶ୍ରଙ୍କ ପତ୍ରରୁ ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ପୁରୀ-ସଂସ୍କୃତ ବିଦ୍ୟାଳୟର ପ୍ରଥମାଧ୍ୟାପକ ଏବଂ ପୁରୀ-ଦେଶର ଜଣେ ଅଦ୍ୱିତୀୟ ନୈୟାୟିକ ପଣ୍ଡିତ ଗୋପୀନାଥ ମିଶ୍ର ମହାଶୟ ଚଳିତମାସ ତାଂ ୬-ରିଖର ସକାଳ ଘ ୯ ଟା ସମୟରେ କୌଣସି ପୀଡ଼ା ବିନା ସ୍ୱର୍ଗାରୋହଣ କଲେ । ତ ପୂର୍ବଦିନ ଉଦ୍ୟାପନ ପର୍ବ ଥିବାରୁ ସେ ପୁରୀ ନଗରରୁ ଆପଣା ଗୃହ ଉକ୍ତ ଶାସନକୁ ଯାଇ ଯଥାବିଧିରେ ବ୍ରତ ସମାପନ ଓ ସୁସ୍ଥଶରୀରରେ ରାତ୍ରି ଯାପନ କରି ପ୍ରାତଃକାଳରୁ ଉଠି ଦାଣ୍ଡବାରଣ୍ଡାରେ ଦୁଇଗୋଟିଜଣ ବ୍ରାହ୍ମଣଙ୍କ ସଙ୍ଗେ କଥାବାର୍ତ୍ତା କରିସାରିବା ଭୃତ୍ୟକୁ ଦନ୍ତଧାବନ-ସାମଗ୍ରୀ ଆଣିବାକୁ କହିଲେ ଓ ସେ ତାହା ଆଣିଦେବାର ଅଳ୍ପକ୍ଷଣରେ ପଣ୍ଡିତ ମହାଶୟ ହଠାତ୍ ସଜ୍ଞାହୀନ ହୋଇ ଭୂମିଶାୟୀ ହେଲେ । ଯେତେ ଶୁଶ୍ରୂଷା କଲେ ମଧ୍ୟ ଆଉ ଚେତନା ହେଲା ନାହିଁ । ଏ ମହାଶୟ ପୁରୀଜିଲ୍ଲାର ଅଦ୍ୱିତୀୟ ପୌରାଣିକ ପଣ୍ଡିତ ଥିଲେ । ଏହାଙ୍କର ବୟସ କ ୭୪ ବର୍ଷ ହୋଇଥିଲା । ଏହାଙ୍କର ପୁତ୍ର ସନ୍ତାନ ନାହିଁ କେବଳ ଦୁଇ ବିବାହିତା କନ୍ୟା ବର୍ତ୍ତମାନ ଅଛନ୍ତି । ଜାମାତାଦ୍ୱୟ ଏହାଙ୍କ ପାରଲୌକିକ କ୍ରିୟାର ବ୍ୟବସ୍ଥା କରୁଅଛନ୍ତି । ଏହାଙ୍କ ମୃତ୍ୟୁ ବଡ଼ ଚମତ୍କାର ଅଟଇ । ପରମେଶ୍ୱର ଏହାଙ୍କ ଆତ୍ମାର ଶାନ୍ତି ଏବଂ ପରିବାରବର୍ଗଙ୍କର ସାନ୍ତ୍ୱନା ବିଧାନ କରନ୍ତୁ ।

—**○**—

## ବାଲେଶ୍ୱର-ଖବର ।

ଏ ମୋକଦ୍ଦମାର ଶେଷଫଳ ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଅଛୁଁ । ଏତେ ସଙ୍ଗୀନ ମୋକଦ୍ଦମା ଏତେ ସହଜରେ ନିଷ୍ପତ୍ତି ହେବାକଥା ଅନେକ ଲୋକଙ୍କୁ ଆଶ୍ଚର୍ଯ୍ୟ ବୋଧ ହୋଇପାରେ ଏବଂ ଏଥିରେ ଅନେକଗୁଡିଏ ଗୁରୁତର ଆଇନର ମୀମାଂସା ଜଡିତ ଥିବାରୁ ବିଚାରକର୍ତ୍ତାଙ୍କ ନିଷ୍ପତ୍ତି ଅବିକଳ ଏଠାରେ ପ୍ରକାଶକଲୁଁ, ଯଥା ।

Sham Sunder Mahapater *vs.* Raja Baikantnath De Lesee of the French settlement in Balasore.

I made a full local enquiry into this case, and considering the status of Raja Baikant Nath as representative of a Foreign Government, gave him an opportunity to show cause why the present complaint against him should not be entertained by the British Court here. In his reply received yesterday several points have been raised in most of which I do not think it necessary to enter. His chief contention is that he claims the place where complaint's father Raghunath Mahapatra was arrested under his arrest, as forming part of the French settlement in Balasore of which he is the *defacto* lessee, and to this I shall have to refer later on. The facts of the case as ascertained and already reported by me are briefly as follows:—On the afternoon of the 17th ultimo there was a riot in the French settlement, Raja Baikantnath who was told by his men that Raghunath Mahapatra the late lessee of the French territory had instigated the riot, asked the help of the District Superintendent of the Police and in the presence of that officer arrested Raghunath Mahapatra near a lamp post at the eastern extremity of the Municipal road in Poorna Balasore through a man of his and a Police constable, and thence the Raja caused Raghunath Mahapatra to be taken to his French Kachery with a view to punish him for his part in the riot. I went to the place of occurrence and found it to be within the Municipal limits of British Balasore at a distance about 62 yards from the present recognized limits of French Balasore. I had nothing to do with the question of delimitation of the boundary between the French and British possession in Balasore. I simply looked into the state of things as they exist at the present moment and must say that the Raja made a mistake in thinking that the place in question to which he lays a claim was actually a French possession before the merits of such a claim were decided by competent authorities. After looking into both sides of the question, I still adhere to the opinion expressed by me in my report dated 22nd ultimo that the lessee of the French settlement acted under a bonafide mistake of fact as to his jurisdiction in making the arrest of Raghunath Mahapatra and that he believed that he was bound to prevent breach of piece

Split by PDF Splitter
Digitized by srujanika@gmail.com

Split by PDF Splitter



within his lease-hold property. The bonafide of his conduct is evident from the fact that he made no secret of it, and made the arrest after invoking the aid and in the presence of a British officer. Though the lessee does not admit the jurisdiction of British Courts and takes his stands on Internatinal law as representive of Foreign power, I do not think it necessary to go into that question. Assuming from the reasons stated above that he is amenable to British law for his conduct, I think the case prima facie comes under section 76 of the I. P. C. and so I dismiss it under sec. 203 of C. P. C.

(Sd.) Nobin Chandra Das
6—12—92. *Dy. Magistrate,*

ଏଥିର ସଂକ୍ଷେପ ମର୍ମ ଏହି ଯେ ଡେପୁଟୀମାଜିଷ୍ଟ୍ରେଟ ବାବୁ ନବୀନଚନ୍ଦ୍ର ଦାସ ଏ ମୋକଦ୍ଦମାର ସରଜମିନ ତଦାରକ କରି ରାଜା ବୈକୁଣ୍ଠନାଥ ଦେ ଭିନ୍ନ ଗବର୍ଣ୍ଣମେଣ୍ଟଙ୍କ ପ୍ରତିନିଧି ଥିବାରୁ ଇଂରାଜଙ୍କ ଅଦାଲତରେ ତାହାଙ୍କ ଦାଏର ହୋଇଥିବା ନାଲିସର ବିଚାର ନହେବାର କାରଣ ଦର୍ଶାଇବାକୁ ଆଦେଶ ଦେଲେ । ସେ ଯେଉଁ କାରଣ ଦର୍ଶାଇଲେ ତହିଁରେ ଅନ୍ୟାନ୍ୟ ଆପତ୍ତି ମଧ୍ୟରେ ଏକ ଆପତ୍ତି ଏହି କି ଫରିୟାଦିର ପିତା ରଘୁନାଥ ମହାପାତ୍ର ଯେଉଁଠାରେ ଗିରଫ୍ତାର ହେଲେ ସେ ସ୍ଥାନ ଫରାସଡିଙ୍ଗାର ଅଧିକୃତ ଏବଂ ରାଜା ଫରାସଡିଙ୍ଗାର ଇଜାରଦାର ଅଟନ୍ତି । ମୋକଦ୍ଦମାର ବିବରଣ ଅନୁସନ୍ଧାନରେ ଏହିପରି ପ୍ରକାଶ ପାଇଅଛି କି ଫରାସଡିଙ୍ଗାରେ ତା ୧୭ ରିଖ ଅପରାହ୍ଣକାଳରେ ଗୋଟାଏ ଦଙ୍ଗା ହଙ୍ଗାମା ହୋଇଥିଲା ଏବଂ ଫରାସଡିଙ୍ଗାର ପୂର୍ବ ଇଜାରଦାର ରଘୁନାଥମହାପାତ୍ରର ମନ୍ତ୍ରଣାରେ ଉକ୍ତ ହଙ୍ଗାମା ଘଟିଥିବାର ରାଜା ଆପଣା ଲୋକଠାରୁ ଅବଗତ ହୋଇ ପୁଲିସସାହାଯ୍ୟରେ ପୁରୁଣା ବାଲେଶ୍ୱରରେ ରଘୁନାଥମହାପାତ୍ରଙ୍କୁ ଗିରଫ୍ତାର କରି ଦଣ୍ଡ ଦେବାକାରଣ ଫରାସଡିଙ୍ଗାରେ ଥିବା ଆପଣା କଚେରୀକୁ ଧରାଇ ନେଇ ଗଲେ । ଗିରଫ୍ତାର କରିବା ସ୍ଥାନଠାରୁ ଫରାସଡିଙ୍ଗାର ସୀମା ୭୨ ଗଜ ଅନ୍ତର । ଡେପୁଟୀମାଜିଷ୍ଟ୍ରେଟ ବିବେଚନା କରନ୍ତି କି ଉପଯୁକ୍ତ କ୍ଷମତାପ୍ରାପ୍ତ ବ୍ୟକ୍ତିଦ୍ୱାରା ଇଂରାଜ ଓ ଫରାସୀଙ୍କ ଅଧିକାରସ୍ଥ ଭୂମିର ସୀମା ନିରୂପଣ ହେବା ପୂର୍ବରୁ ଘଟନାସ୍ଥଳକୁ ଫରାସିରାଜ୍ୟଭୁକ୍ତ ଥିବାର ସ୍ଥିର କରିବା ରାଜାଙ୍କର ଭୁଲ ଅଟଇ । ଉପସ୍ଥିତ ପ୍ରସଙ୍ଗର ଉଭୟପକ୍ଷ ବିବେଚନା କରି ଡେପୁଟୀ ମହାଶୟଙ୍କର ଧାରଣା ହୋଇଅଛି ଯେ ରଘୁନାଥମହାପାତ୍ରଙ୍କୁ ଗିରଫ୍ତାର କରିବାର ସ୍ଥାନ ସମ୍ବନ୍ଧରେ ଏବଂ ଆପଣାର ଇଜରା ମହାଲମଧ୍ୟରେ ଘଟିଥିବା ଦଙ୍ଗା ହଙ୍ଗାମା ନିବାରଣ କରିବାସମ୍ବନ୍ଧରେ ରାଜା ସରଳଭାବରେ ଭ୍ରାନ୍ତ ହୋଇ ଭୁଲ କରିଅଛନ୍ତି ଏବଂ ଇଂରାଜକର୍ମଚାରୀଙ୍କ ସାହାଯ୍ୟ ଏବଂ ସାକ୍ଷାତରେ ଗିରଫ୍ତାର କରିବାରୁ ପ୍ରକାଶ ଯେ ସେ ଏହା ଲୁଚାଇ ନାହାନ୍ତି । ରାଜା ଇଂରାଜଙ୍କ ଅଧିକାର ସ୍ୱୀକାର ନ କଲେ ମଧ୍ୟ ସେ ବିଷୟ ବିଚାର କରିବାର ଆବଶ୍ୟକ ନାହିଁ । ସେ ଇଂରାଜଅଦାଲତର ଅଧୀନ ଥିବାର ଅନୁମାନ କଲେ ସୁଦ୍ଧା ଏ ମୋକଦ୍ଦମା ଦଣ୍ଡବିଧିର ଧା ୭୬ ର ମଧ୍ୟରେ ଆସୁଅଛି । ଅତଏବ ଫଉଜଦାରୀ କାର୍ଯ୍ୟବିଧିର ଧା ୨୦୩ ର ଅନୁସାରେ ଏ ମୋକଦ୍ଦମା ଡିସମିସ ହେଲା ।

ଉପରଲିଖିତ ନିଷ୍ପତ୍ତିରୁ ପାଠକମାନେ ଅବଗତ ହେବେ ଯେ କେବଳ ଆଇନଘଟିତ କାରଣରେ ମୋକଦ୍ଦମା ଡିସମିସ ହୋଇଅଛି । ମାତ୍ର ଆଇନର ଯଥାର୍ଥବ୍ୟାଖ୍ୟା ନିଃସନ୍ଦେହ ରୂପେ ହୋଇଥିବାର ଆମ୍ଭେମାନେ କହି ନ ପାରୁଁ କାରଣ ଏହି ନିଷ୍ପତ୍ତି ସମ୍ବନ୍ଧରେ ଅନେକଗୁଡ଼ିଏ ଆଇନଘଟିତ ଆପତ୍ତି ଉପସ୍ଥିତ ହେଉଅଛି । ଯଥା ଡେପୁଟୀମାଜିଷ୍ଟ୍ରେଟ ପ୍ରାଥମିକ ଅନୁସନ୍ଧାନ କରିବା ସ୍ଥଳେ ଏ ମୋକଦ୍ଦମା ବିଚାର କରି ପାରନ୍ତି କି ନା ? ଆସାମୀର ତଳବ ଅଦାଲତରେ ନିଆ ନ ଯାଇ କେବଳ ଫରିୟାଦିର ଇଜହାର ଆଇନସଙ୍ଗତ ଅଟଇ କି ନା ? ଆସାମୀପକ୍ଷରୁ ଆପତ୍ତି ଉପସ୍ଥିତ ଓ ତହିଁର ପ୍ରମାଣ ଅଗତ ହେବା ବିନା ହାକିମ ଆପଣା ମନକୁ ଦଣ୍ଡବିଧିଆଇନର ଧା ୭୬ ର ଲିଖିତ ଭ୍ରାନ୍ତିଘଟିତ ଭୁଲ ସ୍ୱୀକାର କରି ପାରନ୍ତି କି ନା ? ଘଟନାସ୍ଥଳ ବାଲେଶ୍ୱରମିଉନିସିପାଲଟୀର ଅନ୍ତର୍ଗତ ବୋଲି ପ୍ରମାଣ ହେବା ଏବଂ ରାଜା ବାହାଦୂର ସେହି ମିଉନିସିପାଲଟୀର ଚେଆରମାନ ଅତି ଦୀର୍ଘକାଳରୁ ରହିଥିବା ଏବଂ ସେଠାର ଜଣେ ପ୍ରଧାନ ବିଚକ୍ଷଣ ଆଉ କ୍ଷମତାପନ୍ନ ବ୍ୟକ୍ତି ଥିବା ପ୍ରଯୁକ୍ତେ ତାହାଙ୍କର ସୀମାଘଟିତ ଭୁଲ ସରଳଭାବର ବୋଲିଯାଇ ପାରେ କି ନା ? ଇଜାରଦାରସ୍ୱରୂପ ତାହାଙ୍କର କି ଅଧିକାର ଅଛି ତାହା ଦର୍ଶାଇବା ବିନା ହଙ୍ଗାମା ନିବାରଣାର୍ଥେ ତାହାଙ୍କୁ ଗିରଫ୍ତାର କରିବା ଭ୍ରାନ୍ତିଘଟିତ ଭୁଲ ବୋଲିଯାଇ ପାରେ କି ନା ? ଯେବେ ସେ ସରଳଭାବରେ ଭୁଲ ବିଶ୍ୱାସ କରିଥିଲେ ତେବେ ପୁଲିସର ସାହାଯ୍ୟ ନେବା କି ପ୍ରୟୋଜନ ଥିଲା ? ପୁଲିସର କାର୍ଯ୍ୟସମ୍ବନ୍ଧରେ ଆଇନସଙ୍ଗତ ହୋଇଅଛି କି ନା ? ଏହିପରି ଆମ୍ଭେମାନେ ଦେଖୁଁ ଯେ ଏ ମୋକଦ୍ଦମା ସମ୍ବନ୍ଧରେ ଗୁରୁତର ଆଇନଘଟିତ ବିଷୟର ମୀମାଂସା ଉପସ୍ଥିତ ହେଉଅଛି ଏବଂ ଡେପୁଟୀମାଜିଷ୍ଟ୍ରେଟ ଏହା ସବୁ ନିଷ୍ପତ୍ତି କରି ନ ଥିବାରୁ ତାହାଙ୍କର ରାଏ ବଡ଼ ଅସନ୍ତୋଷଜନକ ହୋଇଅଛି । ଆଇନଘଟିତ ହେତୁରେ ଏଥିର ମୋସନ ହେବା ଉଚିତ । ମୋସନରେ ଯାହା ନିଷ୍ପତ୍ତି ହେବ ତାହା ଗୋଟିଏ ନଜିର ହୋଇ ପାରିବ ଏବଂ ତଦ୍ୱାରା ସାଧାରଣର ଉପକାର ହେବ । ଆମ୍ଭମାନଙ୍କୁ ଏ ନିଷ୍ପତ୍ତି ବାସ୍ତବରେ ନୂତନ ପ୍ରକାରର ବୋଧ ହେଉଅଛି ।

---

# ସାପ୍ତାହିକ ସମ୍ବାଦ ।

ଏଥର ଶୀତ ବଡ଼ ପ୍ରବଳ ହୋଇବାକୁ ହେବ, ପ୍ରାୟ ପୂର୍ବସପ୍ତାହରୁ ଅଧିକ ଲୋକ ପୀଡ଼ିତ ହେଉଅଛନ୍ତି । ସାଧାରଣ ସ୍ୱାସ୍ଥ୍ୟ ଭଲ ।

ଶୀତମାସର ପ୍ରାୟ ଅର୍ଦ୍ଧେ ଗତ ହେଲା ଧାନ କାଟଣ ପୂର୍ବପ୍ରାୟ ହୋଇ ଅଛି ।

ବାଲେଶ୍ୱର ପରଗଣାରେ ସରକାରୀ ଭଣ୍ଡାରଘର ଗତ ଶୁକ୍ରବାର ଠାରୁ ବନ୍ଦ ହୋଇଅଛି ଆଗାମୀ ବୁଧବାର ଫିଟିବ ।

ଆମ୍ଭମାନଙ୍କର କଲେକ୍ଟର ସାହେବ ଆଗାମୀ ସୋମବାର ମଫସଲ ଗସ୍ତରୁ ଫେରି ଆସିବେ ।

ଶୁଣାଯାଏ ପୁରୀ ଜଗନ୍ନାଥ ମନ୍ଦିରର ମ୍ୟାନେଜର ବାବୁ ରାଧିକାପ୍ରସାଦ ଶୀଘ୍ର ପଦତ୍ୟାଗ କରିବେ !

ସହରରେ ଗୋଟାଏ କଡ଼ାବାଗ ମାର୍କ ମନୁଷ୍ୟ ଓ ଘୋଡ଼ାଙ୍କୁ ନଷ୍ଟ କରୁଅଛି ।

## କଲିକତା-ଗେଜେଟ ।

ପ୍ରଥମ ଡେପୁଟୀକଲେକ୍ଟର ବାବୁ ମନମୋହନ ଦେ ୨ୟ ଶ୍ରେଣୀରେ ବାହାଲ ହେଲେ ।

ଷଷ୍ଠ ଡେପୁଟୀ କଲେକ୍ଟର ବାବୁ ମହେନ୍ଦ୍ରନାଥ ମିତ୍ର ପ୍ରଥମଶ୍ରେଣୀକୁ ଉନ୍ନତ ପାଇଲେ ।

ଡେପୁଟୀ କଲେକ୍ଟର ପ୍ରଭୃତିଙ୍କର ଗତ ଖାଣ୍ଡସିଭିଲ ପରୀକ୍ଷାରେ ଉକ୍ତ ବିଭାଗରେ ଶ୍ରୀଯୁକ୍ତ ମାକଫର୍ସନ ସାହେବ ଓଡ଼ିଆ, ହିନ୍ଦୁସ୍ଥାନୀ ଓ ହିସାବରେ, ବାବୁ ଚନ୍ଦ୍ରଚନ୍ଦ୍ର ବସୁ ଓଡ଼ିଆରେ, ବାବୁ ଶ୍ରୀ ଗୋପାଳ ଚାଟାର୍ଜ୍ଜି ଓଡ଼ିଆରେ, ଶ୍ରୀଯୁକ୍ତ କଏଡ ସାହେବ ଆଇନ ଓ ଓଡ଼ିଆରେ, ବାବୁ କଳ୍ପଦାସ ଦେବ ଓଡ଼ିଆରେ ଓ ବାବୁ ଶ୍ୟାମଚନ୍ଦ୍ର ବସୁ ହିସାବ ଓ ଆଇନରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

Digitized by srujanika@gmail.com